

ନୂତନ ଅଡିଟୋରିୟମ ଉଦ୍‌ଘାଟନ କଲେ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ପୁଣି ରୁପେଲି ପରଦାକୁ ଫେରୁଛନ୍ତି ଆକାଶ |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୧ Vol. 22 No-91 01 JULY 2025 TUESDAY, BHUBANESWAR ମଙ୍ଗଳବାର, ୦୧ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ବିଏମ୍‌ସି ଅଫିସରେ ତୁମୁଳ କାଣ୍ଡ

# ଅତିରିକ୍ତ କମିଶନରଙ୍କୁ ଘୋଷାଡ଼ି ପିଟିଲେ





- ଧାରଣାରେ ବସିଲେ ବିଏମ୍‌ସି ଅଧିକାରୀ, କର୍ମଚାରୀ
- ଜନପଥରେ ସମୂହ ଧାରଣା, ଗାଡ଼ି ଚଳାଚଳ ଠପ୍
- ବିଏମ୍‌ସି ମେୟର ଓ ବିଜେଡିର ବରିଷ୍ଠ ନେତା ଧାରଣାରେ ସାମିଲ
- ୩ଜଣଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ
- ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିରୋଧୀଦଳ ନେତା

ଭୁବନେଶ୍ୱର,୩୦।୬ (ଭାସ୍କର ନ୍ୟୁଜ): ବିଏମ୍‌ସି କାର୍ଯ୍ୟାଳୟରେ ବଢ଼ିଛି ଗୁଣ୍ଡାଙ୍କ ପତିଆରା। ଏହାର ନଜିର ସୋମବାର ଦେଖିବାକୁ ମିଳିଛି। ପ୍ରାୟ ୬ରୁ ୭ଜଣ ଦୁର୍ବୃତ୍ତ ବିଏମ୍‌ସି କାର୍ଯ୍ୟାଳୟରେ ପଶି ଅତିରିକ୍ତ କମିଶନରଙ୍କୁ ମାଡ଼ମାରି ଲହୁଲୁହାଣ କରିଥିବାର ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ ସୋମବାର ପୂର୍ବାହ୍ନରେ ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁ ଅଭିଯୋଗ ଶୁଣାଣି କରୁଥିବାବେଳେ ହଠାତ୍ କିଛି ଯୁବକ ଅଭିଯୋଗ ପ୍ରକୋଷ୍ଠରେ ପଶିଥିଲେ। କିଏ କିଛି ବୁଝିବା ଆଗରୁ ହଠାତ୍ ସେମାନେ ଉତ୍‌କ୍ଷିପ୍ତ ହୋଇ ଅତିରିକ୍ତ କମିଶନର ଶ୍ରୀ ସାହୁଙ୍କ ସହ ବଚସା କରିଥିଲେ ଓ ପରେ ତାଙ୍କୁ ତାଙ୍କ ଚାମ୍ବରରୁ ଘୋଷାଡି ଆଣି ମାଡ଼ ମାରିବା ସହ ଘୋଷାଡି ଘୋଷାଡି ପ୍ରାୟ ୫୦ ମିଟର ନେଇଥିଲେ। ଉକ୍ତ ଯୁବକଙ୍କ ମଧ୍ୟରୁ ଜଣେ ୨୯ ନମ୍ବର ୱାର୍ଡର କର୍ପୋରେଟର ଥିବା ଜୀବନ ରାଉତ ବୋଲି ଅତିରିକ୍ତ କମିଶନର ସୂଚନା ଦେଇଛନ୍ତି । ସେମାନେ ଜଗା ଭାଇକୁ କାହିଁକି ଦୁର୍ବ୍ୟବହାର କଲ ବୋଲି ପ୍ରଶ୍ନ କରି ଆକ୍ରମଣ କରିଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଏହାପରେ ବିଏମ୍‌ସି କାର୍ଯ୍ୟାଳୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ବିଏମସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣାରେ ବସିଥିଲେ। ଅତିରିକ୍ତ କମିଶନର ଶ୍ରୀ ସାହୁ ଏହି ଘଟଣାରେ ଖାରବେଳନଗର ଥାନାରେ ଏତଲା ଦେବାପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ସହ ତିନିଜଣ ଅଭିଯୁକ୍ତ ଜୀବନ ରାଉତ, ରଶ୍ମି ମହାପାତ୍ର ଓ ଦେବାଶିଷ ପ୍ରଧାନଙ୍କୁ ଗିରଫ କରିଥିବା ଭୁବନେଶ୍ୱର ଡିସିପି ଜଗମୋହନ ମିନା ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଉଚିତ ଦଣ୍ଡବିଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ମିନା କହିବା ସହ ଅନ୍ୟ ଯେଉଁମାନେ ଏଥିରେ ଅଭିଯୁକ୍ତ ଥିବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅତିରିକ୍ତ ବିଏମ୍‌ସି କମିଶନର ରତ୍ନାକର ସାହୁଙ୍କୁ ମାଡ଼ • ପୃଷ୍ଠା ୫ ଦେଖନ୍ତୁ

## ଆଇଏଏସ୍, ଓଏଏସ୍ ସଂଘର ନିନ୍ଦା

# ଆଜିଠୁ ସମୂହ ଛୁଟିରେ ଓଏଏସ୍ ଅଧିକାରୀ

ଭୁବନେଶ୍ୱର,୩୦।୬(ଭାସ୍କର ନ୍ୟୁଜ): ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଦୁର୍ବ୍ୟବହାର ଓ ମାଡ଼ମାରିବା ଘଟଣାକୁ ଦୃଢ ନିନ୍ଦା କରିଛି ରାଜ୍ୟ ଆଇଏଏସ୍ ଓ ଓଏଏସ୍ ଅଧିକାରୀ ସଂଘ। ଏକ ମିଳିତ ବୈଠକରେ ଉଭୟ ସଂଘ ତରଫରୁ ଏହି ଘଟଣାର ତୀବ୍ର ପ୍ରତିବାଦ କରାଯିବା ସହ ଜଣେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ଏଭଳି ଆକ୍ରମଣ କରିବା ନିନ୍ଦନୀୟ ବୋଲି ଦୃଢ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଉଭୟ ସଂଘ ପକ୍ଷରୁ ଦାବି କରାଯାଇଛି। ଅତିରିକ୍ତ କମିଶନର ଶ୍ରୀ ସାହୁଙ୍କ ପ୍ରତି ଉଭୟ ସଂଘ ପକ୍ଷରୁ ସମବେଦନା ଜଣାଯାଇଛି ଓ ଭବିଷ୍ୟତରେ ଏଭଳି କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କ ପ୍ରତି ଆଇନ ଅନୁଯାୟୀ ଉପଯୁକ୍ତ ପଦକ୍ଷେପ ନେବାକୁ ବୈଠକରେ ଦାବି କରାଯାଇଛି। ଅପରପକ୍ଷରେ ଘଟଣା ପରେ ଓଏଏସ୍ ଆସୋସିଏସନ ସଂଘର ଏକ ଜରୁରି



ବୈଠକରେ ଆସନ୍ତା ଜୁଲାଇ ୧ ତାରିଖରୁ ରାଜ୍ୟର ସମସ୍ତ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ କର୍ମକ୍ଷେତ୍ରରେ ଉପଯୁକ୍ତ ସୁରକ୍ଷା ଯୋଗାଇ ଦେବାକୁ ମଧ୍ୟ ସଂଘ ପକ୍ଷରୁ ଦାବି କରାଯାଇଛି । କୁହାଯାଇଛି। ଘଟଣାଟି ସମ୍ବେଦନଶୀଳ ବୋଲି ବୈଠକରେ ନିଷ୍ପତ୍ତି ନିଆଯିବା ସହ ନିରପେକ୍ଷ ଭାବେ ସରକାରୀ ଅଧିକାରୀମାନଙ୍କ କାର୍ଯ୍ୟଧାରା ଉପରେ ଏଭଳି ଆକ୍ରମଣାତ୍ମକ ସ୍ଥିତି ଏକ ସ୍ପର୍ଶକାତର ବିଷୟ ବୋଲି କୁହାଯାଇଛି। ଦୋଷୀଙ୍କ ବିରୋଧରେ

## ସଂକ୍ଷେପରେ...

### ଶରଧାବାଲି ଦଳାଚକଟା ଘଟଣା ଏସ୍‌ପି, ଜିଲ୍ଲାପାଳଙ୍କୁ ନୋଟିସ୍

ଭୁବନେଶ୍ୱର,୩୦।୬(ଭାସ୍କର ନ୍ୟୁଜ): ପୁରୀ ଶରଧାବାଲିରେ ଦଳାଚକଟା ଘଟଣାରେ ଓଡ଼ିଶା ମାନବାଧିକାର କମିଶନ ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନୋଟିସ କରିଛନ୍ତି। ଆହତମାନଙ୍କୁ ଆବଶ୍ୟକ ମୁତାବକ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଭବିଷ୍ୟତରେ ଯେପରି ଏଭଳି ଅଘଟଣ ନ ଘଟେ ସେଥିପ୍ରତି ଦୃଷ୍ଟି ଦେବାକୁ କମିଶନ କହିଛନ୍ତି। ଶନିବାର ବିଳମ୍ବିତ ରାତିରେ ତିନି ରଥରେ ଶ୍ରୀଜିଉଙ୍କ ଦର୍ଶନବେଳେ ଦଳାଚକଟା ହୋଇଥିଲା। ଏଥିରେ ୩ଜଣଙ୍କର ମୃତ୍ୟୁ ହୋଇଥିଲା।


### କେମିକାଲ ଫ୍ୟାକ୍ଟ୍ରିରେ ବିସ୍ଫୋରଣ, ୧୨ ମୃତ

ତେଲଙ୍ଗାନା,୩୦।୬: ତେଲଙ୍ଗାନାର ସାଙ୍ଗାରେଡ୍ଡି ଜିଲ୍ଲାସ୍ଥିତ ପାସାମିଲାରାମ ଶିଳ୍ପାଞ୍ଚଳରେ ଥିବା ଏକ କେମିକାଲ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଘଟିବାରୁ ୧୨ଜଣ ମୃତ୍ୟୁବରଣ କରିଥିବାବେଳେ ୧୦ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ସେହିପରି ୩୪ଜଣ କର୍ମଚାରୀ ସାମାନ୍ୟ ଆହତ ହୋଇଛନ୍ତି। ସୋମବାର ସକାଳେ ପ୍ଲାଣ୍ଟରେ ଏହି ବିସ୍ଫୋରଣ ଘଟିଥିଲା। ଏହି ଫ୍ୟାକ୍ଟ୍ରିରେ ମାଇକ୍ରୋ ସାଇଟାଲିନ ସେଲୁଲୋସ ଏବଂ ଅନ୍ୟ ଔଷଧୀୟ ସାମଗ୍ରୀ ଉତ୍ପାଦନ ହୋଇଥାଏ। ଏହି ଘଟଣା ପରେ ରାଜ୍ୟ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଥିଲା। ଘଟଣାସ୍ଥଳରେ ୧୦ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପରେ ଅନ୍ୟ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ଆହତମାନଙ୍କୁ ପାଟାନଚେରୁ, ଇସନାପୁର ଓ ଚନ୍ଦନନଗରର • ପୃଷ୍ଠା ୫ ଦେଖନ୍ତୁ

ସେନ୍‌ସେକ୍ସ: ୮୩,୬୦୬.୪୬
ସର୍ବାଧିକ: ୨୭ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୩୦।୬।୨୦୨୫ ର ମତାମତ**

ଶରଧାବାଲିରେ ଅଘଟଣ ପାଇଁ ପ୍ରଶାସନିକ କଳକୁ ଦାୟୀ କରାଯିବା ଠିକ୍ କି ?




**ଆଜିର ପ୍ରସଙ୍ଗ**

ପ୍ରଶାସନିକ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ମାଡ଼ ଘଟଣା ଅଧିକାରୀଙ୍କ ମନୋବଳ ଭାଙ୍ଗିବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ



ପୁରୀ,୩୦।୬(ଭାସ୍କର ନ୍ୟୁଜ): ଶନିବାର ବିଳମ୍ବିତ ରାତିରେ ଶରଧାବାଲିରେ ଦଳାଚକଟା ଘଟଣାରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ଦାୟିତ୍ୱରେ ଥିବା ଉନ୍ନୟନ କମିଶନର ଅନୁ ଗର୍ଗ ସୋମବାର ଶରଧାବାଲିକୁ ଯାଇ ଘଟଣାର ସରଜମିନ ତଦନ୍ତ କରିଛନ୍ତି । ସେଠାରେ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଘଟଣାସମୟରେ ଉପସ୍ଥିତ ଥିବା ଜେଟିପି ପୋଲିସ ଓ ଅନ୍ୟ ସୁରକ୍ଷା ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ଆଗାମୀ ଦିନରେ ତଦନ୍ତ ପ୍ରକ୍ରିୟା ଜାରି ରହିବା ସହ ସମସ୍ତ ଆହତ ଓ ମୃତକଙ୍କ ପରିବାର ଲୋକଙ୍କ ସହ ମଧ୍ୟ ଆଲୋଚନା କରାଯିବ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି । ତେବେ ଏହି ତଦନ୍ତର ଅବଧି ଏକମାସ ଥିବାବେଳେ ଠିକ୍ ସମୟରେ ତଦନ୍ତ ଶେଷ ହେବ ବୋଲି ସେ କହିଛନ୍ତି।

## ଶ୍ରୀଗୁଣ୍ଡିଚା ମନ୍ଦିରରେ ବାହାରିଲା ଆଡପ ଅବଢ଼ା

# ମହାପ୍ରସାଦ ପାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ପୁରୀ,୩୦।୬(ଭାସ୍କର ନ୍ୟୁଜ): ଶ୍ରୀଗୁଣ୍ଡିଚା ମନ୍ଦିରର ଆଡପ ମଣ୍ଡପରେ ଶ୍ରୀଜିଉ ବିଜେ କରିବା ପରେ ଆଜି ପ୍ରଥମ ଦିନ ବାହାରିଛି ଆଡପ ଅବଢ଼ା। ମହାପ୍ରସାଦ ପାଇବାକୁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସେପଟେ ଆଡପ ମଣ୍ଡପରେ ଶ୍ରୀଜିଉଙ୍କ ଦର୍ଶନ କରୁଛନ୍ତି ଲକ୍ଷଲକ୍ଷ ଭକ୍ତ। ଲମ୍ବା ଧାଡ଼ିରେ ଠିଆହୋଇ ଭକ୍ତମାନେ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ଲୀଳାକୁ ମନଭରି ଉପଭୋଗ କରୁଛନ୍ତି । ଏଥର ଆଡପ ଅବଢ଼ା ଜୈବିକ ଚାଉଳରେ ପ୍ରସ୍ତୁତ କରାଯାଇଛି। ଜୈବିକ ଚାଉଳ (ବିନା ରାସାୟନିକ ସାରରେ ପ୍ରସ୍ତୁତ)ରେ ଆଡପ ଅବଢ଼ା ପ୍ରଥମ କରି ପ୍ରସ୍ତୁତ କରାଯାଇଛି। ମହାପ୍ରଭୁଙ୍କ କୋଠଭୋଗ ସଂପୂର୍ଣ୍ଣ ଜୈବିକ ଚାଉଳରେ ପ୍ରସ୍ତୁତ ହୋଇଛି। ସୁଆର ମହାସୁଆର ନିଯୋଗ ସଂପାଦକ ନାରାୟଣ ମହାସୁଆର କହିଛନ୍ତି ଯେ



ଖେଚୁଡ଼ି, ଅନ୍ନ, ବିଭିନ୍ନ ପିଠାଭୋଗ ପ୍ରସ୍ତୁତ ହୋଇଛି ଜୈବିକ କଳାଜିରା ଚାଉଳରେ। ୨୧ କ୍ୱିଣ୍ଟାଲ ଜୈବିକ ଚାଉଳ ଯୋଗାଇ ଦେଇଛି କୃଷି ବିଭାଗ। ମାତ୍ର ଏହି ଚାଉଳରୁ ପ୍ରସ୍ତୁତ ମହାପ୍ରସାଦ ଦର ଅଧିକ ରହିବ ନାହିଁ । ଭକ୍ତଙ୍କୁ ସୁହାଇଲା ଭଳି ଦର ରହିବ। କେବଳ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୁରୀ ଏସପି ପିନାକ ମିଶ୍ର କହିଛନ୍ତି, ‘ମହାପ୍ରଭୁ ଆଡ଼ପ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ସକାଳୁ ମଙ୍ଗଳ ଆଳତି ନୀତି ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କୁ ମନ୍ଦିର ଭିତରକୁ ଛଡା ଯାଇଥିଲା । ମନ୍ଦିର ବାହାରୁ ଭକ୍ତଙ୍କୁ ଧାଡ଼ିରେ ପ୍ରବେଶ କରାଯାଉଛି । ମନ୍ଦିର ଭିତରେ ମଧ ଶୃଙ୍ଖଳିତ ଦର୍ଶନ ପାଇଁ ଅଭିଜ୍ଞ ପୋଲିସ ଅଧିକାରୀ ନିୟୋଜିତ କରାଯାଇଛି । • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଜିତ ଅନିର୍ବାଣ**



ଏଣିକି ସୁରକ୍ଷା ହେବ କଡ଼ାକଡ଼ି
ବାହୁଡ଼ା ଓ ସୁନାବେଶରେ,
ଅଘଟଣ ଆଉ ଘଟିବନି କେବେ
ଶ୍ରଦ୍ଧାଳୁ ହୋଇବେ ତୋଷରେ ।
ତେଲ ମାରିଦେଇ ନିଶରେ,
ଭିଭିଆଇପି ସବୁ ଆଗେ ଆଗେ ଗଲେ
ଭକତେ ଦୌଡ଼ିବେ ପଛରେ !!

## କନ୍ଧମାଳ ପୋଲିସକୁ ଆଉ ଏକ ସଫଳତା

# ୨ ଦୁର୍ଦ୍ଧାନ୍ତ ମାଓବାଦୀ ନିହତ

କନ୍ଧମାଳ/ କଟକ,୩୦।୬(ଭାସ୍କର ନ୍ୟୁଜ): ମାଓବାଦୀ ଦମନ ଅଭିଯାନ କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପୋଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି। ଏହି ଅଭିଯାନରେ ୨ ଜଣ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଘଟଣାସ୍ଥଳରୁ ଗୋଟିଏ ରାଇଫଲ, ରିଭଲଭର, ଜୀବନ୍ତ ଗୁଳି, ୱାକି ଟକି, ବ୍ୟାଟେରୀ ଏବଂ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଛି। ମୃତ୍ୟୁବରଣ କରିଥିବା ଉଭୟ ମାଓବାଦୀ ମଙ୍କୁ ଏବଂ ଚନ୍ଦନ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପର ମଙ୍କୁ ଇଉଗ କ୍ୟାଡର ଏବଂ ଚନ୍ଦନ ପାର୍ଟି ସଦସ୍ୟ ବୋଲି ପୋଲିସ ପ୍ରାରମ୍ଭିକ ସୂଚନା ପାଇଛି। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି। ଉଲ୍ଲେଖ ଯୋଗ୍ୟ ଯେ, ବାଲିଗୁଡା ଥାନା ଅଧୀନ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲ ନିକଟରେ କିଛି ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଜିଲ୍ଲା ପୋଲିସର ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ସେହି ଅନୁଯାୟୀ, କନ୍ଧମାଳ ଏସପି ହରିଶ ବି. ସି.ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଡିଭିଏଫ ଯବାନ ଟିମ ସମ୍ପୃକ୍ତ ଅଞ୍ଚଳରେ ମାଓ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। ଆଜି ପୂର୍ବାହ୍ନ ପ୍ରାୟ ୧୨ଟା ସମୟରେ ଉଠରୁ ଯବାନ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟରେ ମଙ୍କୁ ଏବଂ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଉଭୟଙ୍କ ମୃତ ଦେହ ଜବତ କରିବା ସହ ସମ୍ପୃକ୍ତ ଅଞ୍ଚଳରେ • ପୃଷ୍ଠା ୫ ଦେଖନ୍ତୁ

## ଆସୁଛି ଆଉଏକ ଲଘୁଚାପ

# ବଡ଼ ବନ୍ୟା ଆଶଙ୍କା



ଭୁବନେଶ୍ୱର,୩୦।୬(ଭାସ୍କର ନ୍ୟୁଜ): ରାଜ୍ୟରେ ସକ୍ରିୟ ରହିଛି ଲଘୁଚାପ। ଫଳରେ ଉତ୍ତର ଓଡ଼ିଶାରେ ବର୍ଷା ବିପ୍ୟାତ ଜାରି ରହିଛି। ମୟୂରଭଞ୍ଜରେ ୩୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ ହୋଇଛି। ସୋମବାର ମଧ୍ୟ ଉତ୍ତର ଓଡ଼ିଶାରେ ବର୍ଷା ଦେଖିବାକୁ ମିଳିଛି। ଆଗାମୀ ୨୪ ଘଣ୍ଟା ପାଇଁ ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟରେ ଅତି ପ୍ରବଳ ବର୍ଷା ନେଇ ସତର୍କ କରାଯାଇଛି। ସେହିପରି ଆସନ୍ତାକାଲି • ପୃଷ୍ଠା ୫ ଦେଖନ୍ତୁ

### ଉତ୍ତର ବାଲେଶ୍ୱରରେ ବନ୍ୟା ସ୍ଥିତି

ଭୁବନେଶ୍ୱର,୩୦।୬(ଭାସ୍କର ନ୍ୟୁଜ): ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ବସ୍ତା, ଉଦଳା ଆଦି ଅଞ୍ଚଳର ଅନେକ ଗାଁ ଜଳବନ୍ଦୀରେ ରହିଛି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ବିଭିନ୍ନ ଗାଁରେ ପାଣି ଘେରରେ ଥିବା ଯୋଗୁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୁବର୍ଣ୍ଣରେଖା ଓ ଜଳକା ନଦୀରେ ବନ୍ୟା ଆସି ଉତ୍ତର ବାଲେଶ୍ୱରରେ • ପୃଷ୍ଠା ୫ ଦେଖନ୍ତୁ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଜଳଛାୟା ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୩୦।୬(ଭାସ୍କର ନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ରାୟଗଡ଼ାର ପୂର୍ବତନ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ମୃତିକା ସଂରକ୍ଷଣ ଓ ୱାଟରସେଡ ବିକାଶ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଘଙ୍କର ଭୁବନେଶ୍ୱରସ୍ଥିତ ୮ଟି ସ୍ଥାନରେ ଚଢ଼ାଉ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭବାନୀପାଟଣାଙ୍କ ଦ୍ୱାରା ଜାରି ହୋଇଥିବା ତଲାସୀ ୱାରେଣ୍ଟ ଆଧାରରେ ଏହି ରେଡ୍ କରାଯାଇଛି । ଚଢ଼ାଉ ଅଭିଯାନରେ ୧୦ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀମାନେ ସାମିଲ ଅଛନ୍ତି । ଏହି ସମ୍ବନ୍ଧରେ ଭିଜିଲାନ୍ସ ବିଭାଗ ଏକ ପ୍ରେସ ବିଜ୍ଞପ୍ତି ଜାରି କରି ତଥ୍ୟ ଦେଇଛି। ବିଭାଗ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଦୟାନିଧି ବାଘଙ୍କର ପୈତୃକ ଘର, ତାଙ୍କ ଶ୍ୱଶୁରଘର , ଭୁବନେଶ୍ୱର ଗୋଠପାଟଣା ଅଞ୍ଚଳରେ ଥିବା ମହାନଦୀ ଆପାର୍ଟମେଣ୍ଟର ଫ୍ଲାଟ୍ ନମ୍ବର ୧-ଡି, ଚନ୍ଦ୍ରଶେଖରପୁରରେ ଥିବା ଏଲଆଇଜି ହାଉସ୍ ନମ୍ବର ୧୦/୬, ମୃତ୍ତିକା ସଂରକ୍ଷଣ ଓ ୱାଟରସେଡ଼ ବିକାଶ ନିର୍ଦ୍ଦେଶାଳୟ, ଭୁବନେଶ୍ୱରରେ ଥିବା ଶ୍ରୀ ବାଘଙ୍କର କାର୍ଯ୍ୟାଳୟ କକ୍ଷ, • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପ୍ରାଥମିକ ସମବାୟ ସମିତି ପାଖରୁ ବାହାରିଥିବା ଗୋଲରାହାଟ-ଛୋଟି ରାସ୍ତା ଏବେ ମରଣଜନ୍ତା ପାଲଟିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ଏହି ରାସ୍ତାଟି ଉପରେ ଗୋଲରାହାଟ, ବାଲିଆ, ଏଣ୍ଡର, ନରସିଂହପୁର ଇତ୍ୟାଦି ପଂଚାୟତର ଜନସାଧାରଣ ଯାତାୟତ ପାଇଁ ନିର୍ଭର କରିଥାନ୍ତି । ଦୀର୍ଘ ବର୍ଷ ତଳେ ନିର୍ମିତ ହୋଇଥିବା ଏହି ପିଚୁ ରାସ୍ତାଟିରୁ ଏବେ ପିଚୁ ଉଠି ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଗଲାଣି । ଫଳରେ ଏହି ରାସ୍ତାରେ ଯାତାୟତ କରିବା ଏବେ କଷ୍ଟସାଧ ହୋଇପଡ଼ିଛି । ଏହି ରାସ୍ତାଦେଇ ଉପରୋକ୍ତ ଚାରୋଟି ପଂଚାୟତର ଶହଶହ ଛାତ୍ରଛାତ୍ରୀ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ବେଳେ ଜନସାଧାରଣ ଏହି ରାସ୍ତା ଦେଇ ବ୍ଲକ ସଦର ମହକୁମା, ଥାନା ଓ ତହସିଲ କାର୍ଯ୍ୟାଳୟକୁ ମଧ୍ୟ ଯାଇଥାନ୍ତି । ତେଣୁ ତୁରନ୍ତ ଏହି ରାସ୍ତାକୁ ବିଭାଗ ପକ୍ଷରୁ ନିର୍ମାଣ କରିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି ।



## ଛେଳିଚୋର ସକ୍ରିୟ ୩୦ଟି ଛେଳି ଚୋରି

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ କିଛିଦିନ ହେଲା ଛେଳିଚୋର ଆତଙ୍କ ଖେଳାଇ ଦେଇଛି । କଲଦା ପଞ୍ଚାୟତ ଅଧିନସ୍ଥ ବ୍ରାହ୍ମଣବେଡିଆ ଗ୍ରାମରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଛେଳି ଚୋରି ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଉକ୍ତ ଗ୍ରାମର ହିମାଂଶୁ ସାହୁ(୩୬ ବର୍ଷ )ନାମକ ଯୁବକଙ୍କ ଘର ନିକଟବର୍ତ୍ତୀ ଫାର୍ମରେ ୧୧୭ ଗୋଟି ଛେଳି ରଖିଥିବା ବେଳେ ରାତିରେ କେହି ଅଜଣା ଦୁର୍ବୃତ୍ତ ଏଥିରୁ ୩୦ଟି ଛେଳି ଚୋରି କରିନେଇଥିବା ପରଜଙ୍ଗ ଥାନାରେ ହିମାଂଶୁ ଲିଖିତ ଅଭିଯୋଗ କରିଛନ୍ତି । ଫାର୍ମରେ କେହି ନଥିବା ବେଳେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ଫାର୍ମରେ ଦିଆଯାଇଥିବା ତାର ଜାଲିକୁ ତାଡ଼ି ଛେଳିମାନଙ୍କୁ ଚୋରି କରିନେଛନ୍ତି । ଲକ୍ଷାଧିକ ଟଙ୍କାର ଛେଳି ଚୋରି ହୋଇଥିବାରୁ ହିମାଂଶୁଙ୍କ ମନୋବଳ ଭାଙ୍ଗି ଯାଇଥିବା ପ୍ରକାଶ କରିଛନ୍ତି । ଆଉମଧ କିଛିଦିନ ପୂର୍ବରୁ ଗୌଡ଼ କାଟେଣୀ, ସରାଙ୍ଗ, ଡିହଡୋଳ ଆଦି ଗ୍ରାମରୁ ଛେଳି ଚୋରି ହୋଇଥିବା ବେଳେ ଅଞ୍ଚଳରେ ଛେଳିଚୋର ଆତଙ୍କ ଖେଳାଇ ଦେଇଛନ୍ତି । ଏ ସମ୍ବନ୍ଧେ ପୋଲିସ ଚୋରଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାଇକ ଚୋରି

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍) : ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରୁ ରବିବାର ସନ୍ଧ୍ୟାରେ ଏକ ବାଇକ ଚୋରି ହୋଇଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ପୁରୁଣା ମେଡିକାଲ ଛକରେ ଥିବା ଡା. ଗୟାଧର ପ୍ରଧାନଙ୍କ କ୍ଲିନିକକୁ ଫକିରାବାଦର ମୀର ମହମ୍ମଦ ତଫିକ ତାଙ୍କ କଳା ଓ ନାଲି ରଙ୍ଗର(ଓଡି -୨୯- ୮୩୩୦) ଗ୍ଲାମର ବାଇକ ନେଇ ସନ୍ଧ୍ୟା ପ୍ରାୟ ୭ଟାରେ ଆସିଥିଲେ । ସେ ତାଙ୍କ ବାଇକଟିକୁ କ୍ଲିନିକ ସମ୍ମୁଖରେ ରଖି ଡାକ୍ତରଙ୍କ ନିକଟକୁ ଏକ ପ୍ରେସକ୍ରିପସନ୍ ଦେଖାଇବାକୁ ଯାଇଥିଲେ । ମାତ୍ର ୫ମିନିଟ ଭିତରେ ଡାକ୍ତରଙ୍କ ପାଖରୁ ଫେରି ଦେଖନ୍ତି ତ ତାଙ୍କ ବାଇକଟି ଆଉ ନାହିଁ । ଏ ସମ୍ପର୍କରେ ତଫିକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ଦିଲ୍ଲିପ କୁମାର ସାହୁ କହିଛନ୍ତି । ରଥ ଯାତ୍ରା ପାଇଁ ସହରରେ ପୋଲିସ ଛାଉଣୀ ରହିଥିବା ବେଳେ ଏପରି ଭାବେ ଗାଡି ଚୋରି ହେବା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି ।

## ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ନୂତନ ଶାଖା ଉଦ୍‌ଘାଟିତ

ଫୁଲନଖରା, (ଭାସ୍କର ନ୍ୟୁଜ୍): ଦୈତନଗରୀର ମଝି ସ୍ଥଳ ଫୁଲନଖରା ଛକରେ ବ୍ୟାଙ୍କ ଅଫ ଇଣ୍ଡିଆର ନୂତନ ଶାଖା ଉଦଘାଟିତ ହୋଇଯାଇଛି । ବ୍ୟାଙ୍କ ଅଫ ଇଣ୍ଡିଆର ମହାପ୍ରବଦକ ଶ୍ରୀ ବିକାଶ କୃଷ୍ଣ ଉଦ୍‌ଘାଟନ କରିଥିଲେ । ଉପ ଆଞ୍ଚଳିକ ପ୍ରବାଦକ ଶ୍ୟାମଲ କୁମାର ଦାସ, ଆଞ୍ଚଳିକ ପ୍ରବଦକ ବିଜୟ କୁମାର ମଲ୍ଲିକ ପ୍ରମୁଖ ଉଦଘାଟନୀ ଉତ୍ସବରେ ଅଂଶଗ୍ରହଣ କରି ଉତ୍ସାହିତ କରିଥିଲେ । ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ବ୍ୟାଙ୍କିଙ୍ଗ ସୁବିଧା ସହଜରେ ଓ ସଠିକ୍ ସମୟରେ ଯୋଗାଇବା ଆମର ଲକ୍ଷ୍ୟ ବୋଲି ଶାଖା ପରିଚାଳକ ସମ୍ବିତ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଉଦ୍‌ଘାଟନୀ ଦିବସରେ ଏକାଧିକ ସ୍ଥାନୀୟ ଜନସାଧାରଣଙ୍କର ବ୍ୟାଙ୍କ୍ ଖାତା ଖୋଲାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ ବ୍ୟାଙ୍କ୍ ଅଫ ଇଣ୍ଡିଆ ଫୁଲନଖରା ଶାଖାର କର୍ମଚାରୀ ମାନେ ପରିଚାଳିତ କରିଥିଲେ ।

## ଅବସର ଦିନ ଦୁଇ ଶିକ୍ଷୟିତ୍ରୀଙ୍କୁ ମିଳିଲା ପୂର୍ଣ୍ଣାଙ୍ଗ ପେନସନ




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ପେନସନ ପାଇଁ ପୂର୍ବଭଳି ଆଉ କୌଣସି କର୍ମଚାରୀ ହଇରାଣ ହେବେନି । ଅବସର ଦିନ ମିଳିଲା ପେନସନ ସୁବିଧା । ଅବସର ମାତ୍ରେ ପେନସନ ସହ ସବୁ ସୁବିଧା ମିଳିବା ବ୍ୟବସ୍ଥା କରାଯାଇଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ କୁଆଁରପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟତ୍ରୀ କମଳକାନ୍ତି ଦେଈ ଓ କୁହୁଡି ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରିୟତମା ଦେଈ ଅବସର ଗ୍ରହଣ କରିବା ସଙ୍ଗେ ସଙ୍ଗେ ସୋମବାର ଦିନ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଦୁଇ ଶିକ୍ଷୟିତ୍ରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିଛନ୍ତି । ପୂର୍ବରୁ ଅବସର ନେବା ପରେ ବର୍ଷ ବର୍ଷ ଧରି ପେନସନ ପାଇଁ ଅଫିସ୍‌କୁ ଦୌଡ଼ିବାକୁ ପଡୁଥିଲା । ଏବେ ଅବସର ନେବା ଦିନ ପେନସନ ସହ ଅବସରକାଳୀନ ଛୁଟି ବାବଦ ଅର୍ଥ, ଜିଆର୍‌ଏସ୍ ଭଳି ସୁବିଧା ଦେବାର ବ୍ୟବସ୍ଥା କରିଛି ଶିକ୍ଷା ବିଭାଗ । ସରକାରୀ କର୍ମଚାରୀ ଅବସର ନେବାର ୬ମାସ ପୂର୍ବରୁ ସେମାନଙ୍କର କାଗଜପତ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ସରକାରୀ କର୍ମଚାରୀ ପ୍ରଥମ ମାସରୁ ହିଁ ପେନସନ ପାଇପାରିବେ । ଏହି ଅବସରରେ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ଅମ୍ବିକା ପ୍ରସାଦ କର, ହିସାବ ରକ୍ଷକ ଧରଣୀଧର ବରାଳ, ଶିକ୍ଷା ସ୍ୱେଚ୍ଛାସେବୀ ଅଧୀରାଜ ଲେଙ୍କା ପ୍ରମୁଖଙ୍କ ଉପସ୍ଥିତିରେ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ଶୁଭେଚ୍ଛା ଜଣାଇବା ସହ ପେନସନ ପ୍ରଦାନ କରିଥିଲେ ।

### ଅବସରପ୍ରାପ୍ତ ପ୍ରାଧାପକଙ୍କ ପରଲୋକ



ବୌଦ୍ଧ (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତିର ମୂଳ ବାସିନ୍ଦା ତଥା ସୋନପୁର ଗୋକେନେଶ୍ୱର ପଡା ନିବାସୀ ଅବସରପ୍ରାପ୍ତ ପ୍ରାଧାପକ ବିଜୟ କୁମାର କଲତାଙ୍କ (୬୫)ବର୍ଷ ବୟସରେ ଶନିବାର ରାତି ୮ଟା ସମୟରେ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳେ ତାଙ୍କର ଧର୍ମପତ୍ନୀ, ପୁଅ, ଝିଅ-ଜ୍ୱାଇଁ ଉପସ୍ଥିତ ଥିଲେ । ଆଜି ତାଙ୍କ ମରଶରୀରକୁ ଜଗତି ଗାଁକୁ ଅଣାଯାଇଥିଲା । ଗାଁରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମ୍ପର୍କୀୟମାନେ ଶେଷ ଦର୍ଶନ କରିବା ସହିତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ । ମହାନଦୀ ଶ୍ମଶାନ ଘାଟରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ଆଶଲେଷ କଲତା ମୁଖାଗ୍ନି ପ୍ରଦାନ କରିଥିଲେ । ସେ ପ୍ରଥମେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରିଥିଲେ । ୧୯୮୬ ମସିହାରେ ଶିକ୍ଷକତା ଛାଡି ସୋନପୁର ରାଜ କଲେଜରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଭାବେ ଯୋଗଦେଥିଲେ । ତାଙ୍କ ବିୟୋଗରେ ଛାତ୍ର ପ୍ରଦୀପ ଅଗ୍ରୱାଲ, ବିନୋଦ ଜେନା, ମୋହନ ସାହୁ, ଭଗବାନ ପ୍ରଧାନ, ସରୋଜ ସାହୁ, ଗିରିଶ ମେହେର, ପ୍ରତାପ ବେହେରା, ଅନାଦି ସାହୁ, ସଞ୍ଜୟ କଲତା, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରିଛନ୍ତି ।

### ନିର୍ମାଣ ଅବଧି ଶେଷ, ସରିଲାନି କାମ

## ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧପନ୍ତରିଆ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ) : ନିର୍ମାଣ ଅବଧି ଶେଷ ପରେବି ଅଧାପନ୍ତରିଆ ଭାବେ ପଡି ରହିଛି ବଡ଼ଚଣା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ । ତେବେ ଏହି କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ କାହିଁକି ଓ କେଉଁଥିପାଇଁ ଶେଷ ହୋଇ ପାରୁ ନାହିଁ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ଅନ୍ୟ ଏକ ଅଭିଯୋଗ ମୁତାବକ ଏହି କାର୍ଯ୍ୟାଳୟ ନିର୍ମାଣ ସ୍ଥଳରେ ସୂଚନା ଫଳକ ମଧ୍ୟ ଲଗା ଯାଇ ନାହିଁ । ସୂଚନା ମୁତାବକ ବ୍ଲକ ଶିକ୍ଷାଧିକାରଙ୍କର ଏହି କାର୍ଯ୍ୟାଳୟଟି ଦୀର୍ଘବର୍ଷ ହେବ ଖଇରା ସ୍ଥିତ ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ କାର୍ଯ୍ୟ କରିଆସୁଛି । ଜଣେ ଶିକ୍ଷାଧିକାରୀ ୩ଜଣ ଅତିରିକ୍ତ ଶିକ୍ଷାଧିକାରୀ ଓ ୧୮ଜଣ ସିଆର୍‌ସିସି ସହିତ ଅନ୍ୟ କର୍ମଚାରୀଙ୍କୁ ନେଇ ଏହି କାର୍ଯ୍ୟାଳୟ ଚାଲୁ ରହିଛି । ତେବେ ଆବଶ୍ୟକ ଗୃହ ନଥିବା ସହିତ କମ ପରିବେଶ ମଧ୍ୟରେ ଚାଲୁଥିବା ଏହି ଶିକ୍ଷାଧିକାରୀଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ପୂର୍ବ ସରକାରଙ୍କ ସମୟରେ ବଡ଼ଚଣା ସ୍ଥିତ ମହାବିନାୟକ ବିଦ୍ୟାୟନ ପରିସରରେ ସଂରକ୍ଷିତ ଥିବା ଜମିକୁ ଚୟନ କରାଯାଇ ଏଥିପାଇଁ ୧ କୋଟି ୩୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ଗତ ଦୁଇବର୍ଷ ପୂର୍ବରୁ ଏହି ନୂତନ କାର୍ଯ୍ୟାଳୟର ଗୃହ ନିର୍ମାଣ ପାଇଁ ସେତେବେଳର ବିଧାୟକ ଅମର ପ୍ରସାଦ ଶତପଥୀ ଶିଳାନ୍ୟାସ କରିବା ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କାର୍ଯ୍ୟାଳୟ ନିର୍ମାଣର ଅବଧି ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନପାରି ଅଧାପନ୍ତରିଆ ଭାବେ ପଡି ରହିଥିବା ଦେଖିବାକୁ ମିଳୁଛି । କିନ୍ତୁ କାର୍ଯ୍ୟାଳୟ ଛଡା ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ନିର୍ମାଣ ହେଉଥିବା କ୍ୱାଟର କାମ ଶେଷ ହେବାକୁ ଆହୁରି ଅଧିକ ସମୟ ଲାଗିବ ବୋଲି କୁହାଯାଉଛି । ତେବେ କେଉଁଥି ପାଇଁ ଠିକାଦାର ଏହି କାର୍ଯ୍ୟାଳୟ ନିର୍ମାଣରେ ଅହେତୁକ ବିଳମ୍ବ କରୁଛନ୍ତି ଓ ବିଭାଗୀୟ ଅଧିକାରୀ ଏଥିପାଇଁ କାହିଁକି ତ୍ୱରିତ ପଦକ୍ଷେପ ନେବାରେ ବିଳମ୍ବ କରୁଛନ୍ତି ତାହା ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ବିସ୍ମିତ କରିଛି । ତୁରନ୍ତ ଏହି କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି ।

## ରାଜନେତା ବ୍ରଜକିଶୋର ରାଉତଙ୍କ ସ୍ମୃତିଚାରଣ




ବ୍ୟାସନଗର, (ଭାସ୍କର ନ୍ୟୁଜ୍ ) : ସ୍ୱର୍ଗତ ବ୍ରଜକିଶୋର ରାଉତ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ସମାଜସେବୀ ତଥା ରାଜନୀତିଜ୍ଞ, ଆଇନଜୀବୀ, ସାମ୍ବାଦିକ, କ୍ରୀଡାବିତ୍ ଓ କଳାକାର ମଧ୍ୟ । ତାଙ୍କ ବିୟୋଗ ବ୍ୟାସନଗର ପାଇଁ ଅପୂରଣୀୟ କ୍ଷତି ଏବଂ ତାଙ୍କ ସ୍ମୃତିକୁ ଉଦ୍‌ଜୀବିତ୍ ରଖିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ କୋରାଇର ମାନ୍ୟବର ବିଧାୟକ ଆକାଶ ଦାସ ନାୟକ ପ୍ରକାଶ କରିଛନ୍ତି । ଆଜି ସ୍ୱର୍ଗତ ରାଉତଙ୍କ ଏକାଦଶାହ ଅବସରରେ ଦୁର୍ଗା ମନ୍ଦିର କମିଟି ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ଶ୍ରୀଯୁକ୍ତ ନାୟକ ତାଙ୍କର ବହୁମୁଖି ପ୍ରତିଭାର ସ୍ମୃତି ଚାରଣ କରିଥିଲେ । ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ସତ୍ୟସାଇ ବାଲ ବିକାଶ ପିଲାଙ୍କ ବେଦ ପାଠ ଏବଂ ଦୁଇ ମିନିଟ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ସଭାରେ ସ୍ୱର୍ଗତ ରାଉତଙ୍କ ସ୍ମୃତିରେ ଏକ ସ୍ମରଣିକା 'ସ୍ମୃତିରେ ବ୍ରଜକିଶୋର' ଅତିଥି ମାନେ ଉନ୍ମୋଚନ କରିଥିଲେ । ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ, ବ୍ୟାସନଗର ପୌରପାଳ ସୁବାଷ ଚନ୍ଦ୍ର ବଳ, ପୂର୍ବତନ ପୌରପାଳ ରସାନନ୍ଦ ମହାନ୍ତି, ପୂର୍ବତନ ଅଧକ୍ଷା ସବିତା ରାଉତ, ପ୍ରାକ୍ତନ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ସି ପି ଏମ ନେତା ପ୍ରଫୁଲ୍ଲ କୁମାର ନାୟକ, ପୂର୍ବତନ ଉପ ନଗରପାଳ ହୃଦାନନ୍ଦ ସାମଲ, ଚୋରଦା ଗ୍ରାମ କମିଟି ସମ୍ପାଦକ ରବିନାରାୟଣ ପୁହାଣ, ବ୍ୟାସନଗର କଂଗ୍ରେସ ସଭାପତି ଦିଲ୍ଲିପ କୁମାର ମଲ୍ଲିକ ବିଜେଡି ସମ୍ପାଦକ ମହେଶ କୁମାର ଧଳ, ବିଜେପି ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ବିଶିଷ୍ଟ ଶିକ୍ଷାବିତ ଦୃଷ୍ମନ୍ତ କୁମାର ନାୟକ, ଡ଼ ପ୍ରମୋଦ କୁମାର ଶତପଥି, ଅଧାପକ ଓ ସ୍ତମ୍ଭକାର ବିରଞ୍ଚି ନାରାୟଣ ଦାସ, ବ୍ୟାସନଗର ଓକିଲ ସଂଘ ସଭାପତି ରଜତ କୁମାର ରାଉତ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ, ଟ୍ରକ୍ ମାଲିକ ସଂଘ ନେତା ନରେନ୍ଦ୍ର କୁମାର ଜେନା, ବିନୋଦ କୁମାର ଶର୍ମା, ଚଣ୍ଡିଖୋଲର ଚନ୍ଦନ କୁମାର ନାୟକ, ଶିଶିର କୁମାର ରାଉତ ସ୍ୱର୍ଗତ ରାଉତଙ୍କ ସ୍ମୃତି ଚରଣ କରିଥଲେ ।

## ଲଗାଣ ବର୍ଷାରେ ଜନଜୀବନ ପ୍ରଭାବିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଲଘୁଚାପ ପ୍ରଭାବରେ ଗତଶନିବାର ଠାରୁ କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷା ଜାରୀ ରହିଛି । ଲଗାଣ ବର୍ଷା ଫଳରେ ଜନଜୀବନ ପ୍ରଭାବିତ ହୋଇଛି । କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି । ଆଜି ଦିନ ତମାମ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଝିପିଝିପି ଲାଗି ରହିଛି । ଲଗାଣ ବର୍ଷା ଯୋଗୁଁ କୁହୁଡିଆ ପାଗ ପାଇଁ ଗାଡିମୋଟର ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଥିଲା । ସୂଚନା ଅନୁସାରେ, କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ୧୫.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ବାଂଶପାଳ ବ୍ଲକ ଅଞ୍ଚଳରେ ୩୮.୨ ମିମି, ତେଲକୋଇ ବ୍ଲକ ଅଞ୍ଚଳରେ ୩୮.୪ ମିମି, ପାଟଣା ବ୍ଲକ ଅଂଚଳରେ ୨୩.୬ ମିମି, ସାହାରପଡା ବ୍ଲକ ଅଞ୍ଚଳରେ ୩୮.୫ ମିମି,ଘଟଗାଁ ବ୍ଲକ ଅଞ୍ଚଳରେ ୧୬.୪ ମିମି,ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ୧୮.୬ ମିମି ବର୍ଷା ରେକର୍ଡ ହୋଇଛି । ସେହିପରି ଆନନ୍ଦପୁର ବ୍ଲକ ଅଞ୍ଚଳରେ ୩୧.୮ ମିମି,ଘସିପୁରା ବ୍ଲକ ଅଞ୍ଚଳରେ ୩୫.୨ ମିମି,ହାଟଡିହି ବ୍ଲକ ଅଂଚଳରେ ୧୦୫.୨ ମିମି,ଚମ୍ପୁଆ ବ୍ଲକ ଅଞ୍ଚଳରେ ୩୫.୧ ମିମି,ଯୋଡା ବ୍ଲକ ଅଞ୍ଚଳରେ ୫.୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଝୁମ୍ପୁରା ବ୍ଲକ ଅଂଚଳରେ ୨୨.୨ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି ।

## ପ୍ରେମୀଯୁଗଳଙ୍କୁ ଧରି ବାହାଘର କଲେ ଥାନା ଅଧିକାରୀ



ବଡ଼ଚଣା (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ଦୁଇ ପ୍ରେମୀ ଯୁଗଳ ରୁତୁ ସାମଲ ଓ ରିନୁ ମଲ୍ଲିକ ଘର ଛାଡି ପଳାଇ ଯାଉଥିବା ବେଳେ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ପାଟ୍ରୋଲିଂ କରୁଥିବା ସମୟରେ ତାଙ୍କ ହାବୁଡ଼ରେ ପଡ଼ିଥିଲେ । ଏହି ଦୁଇଜଣଙ୍କ ପ୍ରତି ସନ୍ଦେହ ହେବାରୁ ଥାନାକୁ ଆଣି ଅଧିକା ପଚରାଉଚରା କରିଥିବାରୁ ସତ ସାମ୍ନାକୁ ଆସିଥିଲା । ଏମାନେ ସ୍ଥାନୀୟ ଚଣ୍ଡିତଳ ଗ୍ରାମ ବୋଲି କହିଥିଲେ । ତୁରନ୍ତ ବିଳମ୍ବ ନକରି ଦୁଇ ଜଣଙ୍କ ପିତା ମାତାଙ୍କୁ ଥାନା ପରିସରକୁ ଡାକି ବୁଝାଇ ସହମତିରେ ପ୍ରେମୀଯୁଗଳଙ୍କୁ ବରଣମାଳା ପକାଇ ବିବାହ ବନ୍ଧନରେ ବାନ୍ଧି ଥିଲେ । ପ୍ରେମୀ ଯୁଗଳ ଓ ଉଭୟଙ୍କ ପରିବାର ବଡ଼ଚଣା ପୋଲିସ ଏବଂ ଅଧିକାରୀ ମଧୁସ୍ମିତା ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏଭଳି ମହତ କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା କରିଛନ୍ତି । ଗଣମାଧମର ପ୍ରଶ୍ନ ଉତ୍ତରରେ କହିଥିଲେ ଲୋକଙ୍କ ସେବାରେ ଆସିଛି ସେବା କରିବାରେ ବିଳମ୍ବ ହେବ ନାହିଁ । କାର୍ଯ୍ୟ କରୁଥିବାବେଳେ କିଛି ଭୂଲ ହୋଇଥାଇ ପାରେ ବଡ଼ଚଣା ଥାନାକୁ ଆସୁଥିବା ଜନସାଧାରଣଙ୍କୁ ନ୍ୟାୟ ଦେବାରେ ପଛଘୁଞ୍ଚା ଦେବି ନାହିଁ । ଧନୀ ହେଉ ବା ଗରିବ ମୋ ପାଇଁ ସମସ୍ତଙ୍କୁ ସମାନ ଭାବରେ ଥାନା କାର୍ଯ୍ୟରେ ଦେଖିବି ବୋଲି ମହିଳା ଥାନା ଅଧିକାରୀ ମଧୁସ୍ମିତା ବେହେରା ବଡ଼ଚଣା ଜନସାଧାରଣଙ୍କୁ ବାର୍ତ୍ତା ଦେଇଛନ୍ତି ।

## ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଅଗ୍ରଣୀ ସମାଜସେବା ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ, ଗୋବର୍ଦ୍ଧନ ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ସହଯୋଗରେ ଆୟୋଜିତ ଏହି ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଗୋବର୍ଦ୍ଧନ, ପଦ୍ମପୁର, ରୁକୁଣାପୁର, ବାଉରୀପଦା, ସେଣ୍ଡକାପ ଇତ୍ୟାଦି ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ରହି ଅଭିଜ୍ଞ ଚିକିତ୍ସକମାନଙ୍କଠାରୁ ପରାମର୍ଶ ସହ ସୁବିଧାରେ ସ୍ୱାସ୍ଥ୍ୟ ସଂପର୍କିତ ପରୀକ୍ଷାମାନ କରାଇଥିଲେ । ହାଇଟେକ ହସ୍ପିଟାଲ ପକ୍ଷରୁ ଭେଷଜ, ହୃଦରୋଗ, ମହିଳା ଓ ପ୍ରସୂତୀ, ଶିଶୁ, ଦାନ୍ତ, ଚକ୍ଷୁ ଇତ୍ୟାଦି ବିଭାଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଶିବିରକୁ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ଅଧକ୍ଷ ଡାକ୍ତର ବିପିନ ବିହାରୀ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ଫାଉଣ୍ଡେସନର କାର୍ଯ୍ୟକ୍ରମ ସଂପର୍କରେ କହିଥିଲେ । ହାଇଟେକ୍ ମେଡିକାଲର କାର୍ଯ୍ୟକର୍ତ୍ତା ସୁଶାନ୍ତ ଶତପଥି ଏବଂ ସତ୍ୟ ସ୍ୱରୂପ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚିକିତ୍ସକମାନେ ଯୋଗଦେଇ ଶିବିର ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶନ ମହାପାତ୍ର, ରବିନ୍ଦ୍ରନାଥ ରାଉତରାୟ, ମିଳନ ପ୍ରଧାନ, ଚାରୁଲତା ପାଣିଗ୍ରାହୀ, ସୁକନ୍ୟା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପଦେଷ୍ଟା ଲାୟନ ସରୋଜ କୁମାର ପଟ୍ଟନାୟକ, ନିଶାକର ରାଉତ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ସଂପାଦିକା ଡାକ୍ତର ସୁକାନ୍ତି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୫୦ ମିମି ବର୍ଷା ରେକର୍ଡ ମାଛ ଓ ଧାନ ଚାଷୀ କ୍ଷତିଗ୍ରସ୍ତ



ବିଭିନ୍ନ ଗାଁ ଜଳମଗ୍ନ

ଶୁଳିଆପଦା,(ଭାସ୍କର ନ୍ୟୁଜ୍) : ଶୁଳିଆପଦା ଅଞ୍ଚଳରେ ଚଳିତବର୍ଷର ବଡ ବର୍ଷା । ବ୍ଲକରୁ ମିଳିଥିବା ରିପୋର୍ଟ ମୁତାବକ ଗତକାଲି ଶୁଳିଆପଦା ଅଞ୍ଚଳରେ ୨୫୦ ମିମି ବର୍ଷା ରେକର୍ଡ କରାଯାଇଛି । ସୂଚନା ମୁତାବକ ଗତକାଲି ଦିନ ପ୍ରାୟ ୪ ଟା ୩୦ ମିନିଟ ସମୟରୁ ବର୍ଷା ଆରମ୍ଭ ହୋଇ ରାତି ୧୦ ଟା ପର୍ଯ୍ୟନ୍ତ ଅନବରତ ବର୍ଷା ଲାଗି ରହିବା ସହିତ ତୁହାକୁ ତୁହା ବିଜୁଳି ଓ ଘଡଘଡି ମାଡ ହୋଇଥିଲା ।ଫଳରେ ଯାତାୟତ ଠପ୍ ହୋଇଯାଇଥିବା ବେଳେ ବିଭିନ୍ନ ଅଞ୍ଚଳରୁ ରଥଯାତ୍ରା ପାଇଁ ଆସିଥିବା ଶ୍ରଦ୍ଧାଳୁ ଘୋର ଦୁର୍ଦ୍ଦଶା ଭୋଗିଥିଲେ । ପ୍ରବଳ ବର୍ଷା କାରଣରୁ କୋଷ୍ଠା ବଙ୍ଗଳା ଛକ ସ୍ଥିତ ଜମ୍ବୀରା ନଦୀରେ ପୋଲ ଉପରେ ପାଣି ପ୍ରବାହିତ ହେବାରୁ ପୋଲ ଉପର ଦେଇ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବହୃତ ଲୁହା ପାଇପ୍ ଭାସିଯାଇ ରାସ୍ତା ଅବରୋଧ କରିଥିଲା । ସେହିପରି ମହାବିଲା ସ୍ଥିତ ମହାନ୍ତି ନଦୀରେ ମଧ୍ୟ ପୋଲ ଉପରେ ପାଣି ପ୍ରବାହିତ ହୋଇଥିଲା । ଶୁଳିଆପଦା ମୁଖ୍ୟାଳୟ ରାସ୍ତା ସମ୍ପ୍ରସାରଣ ସମୟରେ ବ୍ଲକ ଠାରୁ ମାତ୍ର ୫୦ ମିଟର ଦୂର ବିଦେଶୀ ମଦ ଦୋକାନ ସମ୍ମୁଖରେ ଲାଗିଥିବା ହ୍ୟୁମ୍ ପାଇପ୍ ନିକଟରେ ପାଣି ନିଷ୍କାସନ ପାଇଁ ବିଭାଗ ପକ୍ଷରୁ ଅଣଓସାରିଆ ଡ୍ରେନେଜ ବ୍ୟବସ୍ଥା ପାଇଁ ନିକଟସ୍ଥ ପାର୍ବତୀ ଭବନର ତଳ ମହଲାରେ ପାଣିପଶି ଘର ଭିତରେ ଲହଡି ଖେଳୁଥିବା ବେଳେ ରାସ୍ତା ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେବାରୁ ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା । ସେହିପରି ରାସ୍ତା ସମ୍ପ୍ରସାରଣ ସମୟରେ ବର୍ଷା ପାଣି ନିଷ୍କାସନ ପାଇଁ ସୁବନ୍ଦୋବସ୍ତ କରାଯାଇ ନଥିବାରୁ ଶୁଳିଆପଦା ବଜାରରେ ଥିବା ଏକାଧିକ ଦୋକାନରେ ପାଣି ପଶିଯାଇ ଥିବା ବେଳେ ମହାବିଲା ଗାଁ ଭିତରେ ପାଣି ପଶି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା । ବର୍ଷା ପ୍ରଭାବରେ ଶୁଳିଆପଦା ଥାନା ପଛପଟ ରାସ୍ତା ଉପରେ ମଧ ଆଣ୍ଠୁଏ ଉଚ୍ଚତାରେ ପାଣି ପ୍ରବାହିତ ହୋଇଥିବା ବେଳେ ଅଞ୍ଚଳର ବିଭିନ୍ନ ପୋଖରୀ ଭରିଯାଇ ମାଛ ଭାସିଯାଇଛି । ସେହିପରି ଆଦି ଆମରା, ଧୋବଣି ଶୋଳ, ଅଁଳାକୁଡା, ଅଦିଆମରା,(ବାଙ୍କରି ପୋଷି,ଓ କୁସୁମାଶୋଳ ଆଦି ବହୁ ଗ୍ରାମର ଘର ଗୁଡ଼ିକ ପାଣି ଘେରରେ ରହିଥିବା ମୁଳିଆପଦା ତହସିଲଦାର ପରିଦର୍ଶନ କରିଥିଲେ । ବିଲରେ ତଳି ପଡିଥିବା ସମସ୍ତ ଜମିରେ ପାଣି ଭର୍ତ୍ତି ହୋଇ ଯିବାରୁ ଚାଷୀ ମାନେ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି ତୁରନ୍ତ ସରକାରୀ ସାହାଯ୍ୟ ଦେବାପାଇଁ ଗ୍ରାମବାସୀ ମାନେ ଦାବି କରିଥିଲେ ।

## ବିଧାୟକ ଓ ଜିଲ୍ଲାପାଳଙ୍କ ସମ୍ଭାବ୍ୟ ବନ୍ୟା ସ୍ଥିତି ସମୀକ୍ଷା



ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀ ବ୍ଲକରେ ଲଘୁଚାପଜନିତ ଲଗାଣ ବର୍ଷାରେ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ନଦୀର ଜଳସ୍ତର ବଢିଥିବା ବେଳେ ସମ୍ଭାବ୍ୟ ବନ୍ୟାସ୍ଥିତି ସମୀକ୍ଷା ପାଇଁ ରବିବାର ଅପରାହ୍ନରେ ବେତନଟୀ ବ୍ଲକ ଅଧୀନ ନାଖରା ପୋଲଠାରେ ବୁଢାବଳଙ୍ଗ ନଦୀର ଜଳସ୍ତର ଦେଖିବା ସହିତ ସ୍ଥିତି ସମୀକ୍ଷା କଲେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି ଓ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ । ଲଘୁଚାପ ଜନିତ ଲଗାଣ ବର୍ଷାରେ ଜିଲ୍ଲାର ହାଲ ବେହାଲ ହୋଇପଡିଥିବା ବେଳେ ବିଭିନ୍ନ ନଦୀନାଳର ଜଳସ୍ତର ବଢ଼ିଥିବାର ଦେଖିବାକୁ ମିଳିଛି । ଏପଟେ ଜିଲ୍ଲାର ବିଭିନ୍ନ ଛୋଟବଡ଼ ନଦୀନାଳ କେତେକ ସ୍ଥାନରେ ଉଛୁଳି ବନ୍ୟାସ୍ଥିତି ସୃଷ୍ଟି କରିଥିବାର ମଧ୍ୟ ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକାରୀ ମାନଙ୍କୁ ଆଲର୍ଟ ରହିବାକୁ କୁହାଯାଇଥିବା ବେଳେ ରବିବାର ମାନ୍ୟବର ବିଧାୟକ ବିଜୁଳି ଏବଂ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ନାଖରା ଠାରେ ବୁଢବଳଙ୍ଗ ନଦର ଜଳସ୍ତର ସମୀକ୍ଷା କରିବା ସମୟରେ ବେତନଟୀ ଏବିଡ଼ିଓ ଗଗନ ବିହାରୀ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣା, ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ସିଂଙ୍କ ସମେତ ବଡ଼ସାହି ତହସିଲଦାର କରୁଣାକର ଧୀନ୍ଦା ଓ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦିନକୁ ଦିନ ବିଭିନ୍ନ କାରଣରୁ ଜଙ୍ଗଲର ପରିମାଣ ହ୍ରାସ ହେବାରେ ଲାଗିଛି । ଏଣୁ ଜଙ୍ଗଲ କ୍ଷୟକୁ ରୋକିବା ଓ ଜଙ୍ଗଲ ସୃଷ୍ଟି ପାଇଁ ଦେଶର ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନମହୋତ୍ସବ ସପ୍ତାହ ରୂପେ ପାଳନ କରାଯାଏ । ଭୁବନେଶ୍ୱର ପୋଖରୀପୁଟର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ଏକ ସୁନ୍ଦର ସବୁଜ ବନାନୀର ଚିତ୍ର ଆଙ୍କି ସମାଜର ପ୍ରତ୍ୟେକ ସ୍ତରରେ ବୃକ୍ଷରୋପଣର ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ରୟାସ କରିଛନ୍ତି । ଶାନ୍ତନୁ କୁହନ୍ତି, ସଂପ୍ରତି ସାରା ବିଶ୍ୱରେ ସୃଷ୍ଟି ହୋଇଥିବା ଜଳବାୟୁର ଜ୍ୱାଳା, ଅସ୍ୱାଭାବିକ ଋତୁଚକ୍ର ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ ପରି ସମସ୍ୟାର ସମାଧାନ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ କରି ଜଙ୍ଗଲ ସମ୍ପଦର ଅଭିବୃଦ୍ଧି କରିବା ଆବଶ୍ୟକ । ଜଙ୍ଗଲ ପରିବେଶର ତାପମାତ୍ରା ନିୟନ୍ତ୍ରଣ କରିଥାଏ । ବର୍ଷାକୁ ଆକର୍ଷଣ କରିବାର ଶକ୍ତି ତା ପାଖରେ ଥାଏ । ଅମ୍ଳଜାନ ବୃଦ୍ଧି କରିଥାଏ । ପରିବେଶ ପ୍ରଦୂଷଣକୁ ମୁକ୍ତ କରିଥାଏ । ଏଣୁ ବନ ମହୋତ୍ସବକୁ ଏକ ଜାତୀୟ କର୍ତ୍ତବ୍ୟ ରୂପେ ଜ୍ଞାନ କରି ବନ୍ୟ ସମ୍ପଦ ଓ ବନଭୂମିର ରକ୍ଷା ନିମନ୍ତେ ପଣ କରି ଆଗେଇ ଆସିଲେ ଦେଶ ତଥା ବିଶ୍ୱର ପ୍ରଗତି ହୋଇପାରିବ ।



### ରବି ଧାନ ସଂଗ୍ରହ ନେଇ ମନ୍ତ୍ରିସ୍ତରୀୟ ସମୀକ୍ଷା ବୈଠକ

# ଧାର୍ଯ୍ୟଲକ୍ଷ୍ୟ ଠାରୁ ରେକର୍ଡ଼ ପରିମାଣର ଧାନ ସଂଗ୍ରହ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରବି ଧାନ ସଂଗ୍ରହ ୨୦୨୪-୨୫ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିସ୍ତରୀୟ ସମୀକ୍ଷା ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ ରବି ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଆଜି ଏହି ସଂଗ୍ରହ ପ୍ରକ୍ରିୟାର ଅବଧି ଶେଷ ହେବାକୁ ଯାଉଛି । ଚଳିତ ବର୍ଷ ରବି ଧାନ ଫସଲ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ୧୪ ଲକ୍ଷ ମେଟ୍ରିକ ଟନ ରହିଥିବାବେଳେ ଆଜି ସୁଦ୍ଧା ପ୍ରାୟ ୧୯ ଲକ୍ଷ୍ୟ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇସାରିଛି । ଗତ ବର୍ଷ ୧୨ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଚଳିତ ଋତୁରେ ରେକର୍ଡ଼ ପରିମାଣର ଧାନ ସଂଗ୍ରହ ହୋଇଛି । ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀଙ୍କୁ ରବି ଧାନରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା (ଏମ୍ଏସପି ଓ ଇନପୁଟ ସହାୟତା ବାବଦରେ) ପ୍ରଦାନ କରୁଛି । ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଏବଂ ଅନ୍ୟ ପଡୋଶୀ ରାଜ୍ୟରୁ ଆସୁଥିବା ଧାନକୁ ରୋକିବା ପାଇଁ ଚାଷୀଙ୍କ ଇ- କେୱାଇସି ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ବୈଠକରେ ବିଚାର ବିମର୍ଶ ହୋଇଥିଲା । ଏହାଦ୍ୱାରା ଆମ ରାଜ୍ୟ ପ୍ରକୃତ ହିତାଧିକାରୀ ଉପକୃତ ହୋଇପାରିବେ । ଏହା ବ୍ୟତୀତ ଆଗାମୀ ସମୟରେ ଧାନ କିଣା ନିମନ୍ତେ ନୂତନ ନୀତି ଆଣିବା ପାଇଁ ସରକାର ବିଚାର କରୁଛନ୍ତି । ସମ୍ପ୍ରତି ରାଜ୍ୟବାସୀଙ୍କ ନିଜସ୍ୱ ବିନିଯୋଗ ପାଇଁ ୨୭ ଲକ୍ଷ ମେଟ୍ରିକ ଟନର ଚାଉଳ ଆବଶ୍ୟକ ହୋଇଥାଏ । କିନ୍ତୁ ଆମ ରାଜ୍ୟ ଓଡ଼ିଶାରେ ଚଳିତ ବର୍ଷ ଖରିଫ ଓ ରବି ଧାନକୁ ମିଶାଇ ମୋଟ ୯୩ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଛି । ସେଥିରୁ ହାରାହାରି ୬୩ ଲକ୍ଷ ମେଟ୍ରିକ ଟନ ଚାଉଳ ପ୍ରସ୍ତୁତ ହେବ । ଯାହା ରାଜ୍ୟର ଚାହିଦାଠୁ ଢ଼େର ଅଧିକ । ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ ସମୀକ୍ଷା କରିଥିଲେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପରିଚାଳନା ନିର୍ଦ୍ଦେଶକ ଯୋଗାଣ ନିଗମ ସୁଦର୍ଶନ ଚକ୍ରବର୍ତ୍ତୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ବୈଠକରେ ଯୋଗଦେଇଥିଲେ ।

### ରାଜ୍ୟସ୍ତରରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

## ପରିସଂଖ୍ୟାନରେ ଅତ୍ୟାଧୁନିକ ବ୍ୟବସ୍ଥା କାର୍ଯ୍ୟ ପାଇଁ ପରାମର୍ଶ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅନ୍ତର୍ଗତ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ରାଜ୍ୟସ୍ତରରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ସୋମବାର ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟର ଠାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ତାଙ୍କର ଅଭିଭାଷଣରେ ରାଜ୍ୟର ପରିସଂଖ୍ୟାନ ବ୍ୟବସ୍ଥାରେ ଅତ୍ୟାଧୁନିକ ବ୍ୟବସ୍ଥା ପାଇଁ ବଡ଼ ଦୃଷ୍ଟିକୋଣ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହା ରାଜ୍ୟର ସାମାଜିକ-ଆର୍ଥିକ ପ୍ରଗତିକୁ ମାପିବା ପାଇଁ ଏକ ଦର୍ପଣ ସଦୃଶ କାର୍ଯ୍ୟ କରିବ ଏବଂ ରାଜ୍ୟର ପ୍ରଗତି ପଥରେ କି କି ଆବଶ୍ୟକତା ରହୁଛି, ସେ ସମ୍ପର୍କରେ ଆଗକୁ ପଥ ପ୍ରଦର୍ଶକ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ । ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କର ପ୍ରାରମ୍ଭିକ ଅଭିଭାଷଣରେ ସମାରୋହକୁ ସମ୍ବୋଧିତ କରି ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଉପସ୍ଥାପନ କରିଥିଲେ । ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ ଯୋଗଦେଇ ନିଜର ମତ ରଖିଥିଲେ । ସେହିପରି ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରାଳୟର ପ୍ରାକ୍ତନ ମହା ନିର୍ଦ୍ଦେଶକ ଆଶିଷ କୁମାର କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ପରିପ୍ରେକ୍ଷୀରେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତରଫରୁ ବିକଶିତ ଏକ ୱେବ୍ ସାଇଟ୍ 'ଡାଇନାମିକ ଆଣ୍ଡ ଇଣ୍ଟରାକ୍ଟିଭ୍'ର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପ୍ରକାଶିତ ବାର୍ଷିକ ପ୍ରକାଶନ 'ସମୀକ୍ଷା' ଏବଂ ଅନ୍ୟ କେତେକ ପରିସଂଖ୍ୟାନ ଭିତ୍ତିକ ପତ୍ରିକା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନ ବିଭାଗ ତଥା ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ବିଭିନ୍ନ ବିଭାଗର ପରିସଂଖ୍ୟାନ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରାଳୟର ପ୍ରାକ୍ତନ ମହା ନିର୍ଦ୍ଦେଶକ ଶ୍ରୀ କୁମାର ଯୋଗଦେଇ ଆଲୋଚନା ଚକ୍ରକୁ ପରିଚାଳନା କରିବା ସହ ଏକ୍ଷେତ୍ରରେ ତାଙ୍କର ଅଭିଜ୍ଞତା ପ୍ରକାଶ କରି ଆବଶ୍ୟକ ପରାମର୍ଶ ଦେଉଛନ୍ତି ।

## ଛାତ୍ର ସଂସଦ ନିର୍ବାଚନରେ କଂଗ୍ରେସକୁ ସୁଦୃଢ଼ କରିବାକୁ ବୈଠକ

କଟକ(ଭାସ୍କର ନ୍ୟୁଜ): ସୋମବାର କଟକ ଜିଲ୍ଲା ଏନ୍ଏସୟୁଆଇର ଏକ ସଂଗଠନାତ୍ମକ ବୈଠକ ଶକ୍ତିନଗର, ଲିଙ୍କ ରୋଡ଼୍ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲା ଅଧ୍ୟକ୍ଷ ଅଶୁତୋଷ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ଜିଲ୍ଲା କାର୍ଯ୍ୟକର୍ତ୍ତା ଓ କଲେଜ ୟୁନିଟ୍ ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ । ବୈଠକର ଭାରତୀୟ ଜାତୀୟ କଂଗ୍ରେସକୁ କିପରି ସୁଦୃଢ଼ କରାଯିବ ଓ ଆସନ୍ତା କଲେଜ୍ ୟୁନିଅନ୍ ନିର୍ବାଚନ ଉପରେ କେମିତି କେନ୍ଦ୍ରିତ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ କଟକ ନଗର ଯୁବ କଂଗ୍ରେସ ସଭାପତି ଅଧିବକ୍ତା ଡ଼. ବିପ୍ଳବ ଶିଳାଦିତ୍ୟ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିଭ ଅଗରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରୀ ଦଳାଚକଟା ଘଟଣାରେ ଓଏଚ୍ଆରସିଙ୍କ ନୋଟିସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁରୀ ଦଳାଚକଟା ଘଟଣାରେ ରାଜ୍ୟ ମାନବାଧିକାର କମିଶନ ପୁରୀ ଜିଲ୍ଲାପାଳ ଓ ଏସ୍ପିଙ୍କୁ ଜବାବ ତଲବ କରିଛନ୍ତି। ଏହାସହ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବାକି ରଥଯାତ୍ରା ନୀତି ସଠିକ୍ ଢଙ୍ଗରେ ସମାପନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ।

## ପୂର୍ବ ସରକାର ପାଖରେ ନଥିଲା ତାଲିକା: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପକ୍କା ଘର ପ୍ରସଙ୍ଗରେ ପୂର୍ବ ବିଜେଡ଼ି ସରକାରକୁ ଟାର୍ଗେଟ କଲେ ପଞ୍ଚାୟତିରାଜ ମନ୍ତ୍ରୀ । ପୂର୍ବ ବିଜେଡ଼ି ସରକାର ପାଖରେ ନଥିଲା ଯୋଗ୍ୟ ହିତାଧିକାରୀଙ୍କ ତାଲିକା । ପାତର ଅନ୍ତର ଆଭିମୁଖ୍ୟ ସହ ତାଲିକା ପ୍ରସ୍ତୁତ କରିଥିଲେ ପୂର୍ବ ସରକାର । କିନ୍ତୁ ବିଜେପି ସରକାର ଆସିବା ପରେ ୩୭ ଲକ୍ଷ ପାଖାପାଖି ହିତାଧିକାରୀ ଯୋଡ଼ି ହୋଇଛନ୍ତି । ସାଢ଼େ ୩ ଲକ୍ଷରୁ ୪ ଲକ୍ଷ ପାଖାପାଖି ଲୋକ ନିଜେ ଅନଲାଇନରେ ଆବେଦନ ମଧ୍ୟ କରିଛନ୍ତି । କିଏ ଯୋଗ୍ୟ, କିଏ ଅଯୋଗ୍ୟ ଚିହ୍ନଟ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଦୁଇଟି କିସ୍ତିରେ ଘର ବାଣ୍ଟିଛନ୍ତି ସରକାର । କଳାହାଣ୍ଡିରେ ୫୯ ହଜାର ହିତାଧିକାରୀଙ୍କୁ ଦିଆଯାଇଥିଲା ଘର । ଏହାସହ ବିକଶିତ ବାହନ ସବୁ ପଞ୍ଚାୟତ ବୁଲିବା ସମୟରେ ମଧ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି । ପ୍ରଥମ କିସ୍ତିରେ ଘର ତିଆରି ଆରମ୍ଭ କରିସାରିଲେଣି ହିତାଧିକାରୀ । ଖୁବଶୀଘ୍ର ଦ୍ୱିତୀୟ କିସ୍ତି ପଠାଇବେ ସରକାର ବୋଲି ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।

## କୃଷକଙ୍କୁ ଉତ୍ପାଦର ଉଚିତ୍ ମୂଲ୍ୟ ପ୍ରଦାନ ଆମର ପ୍ରାଥମିକତା: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକସେବା ଭବନରେ ଶୀତଳ ଭଣ୍ଡାର ଭିତ୍ତିଭୂମି ସୁଦୃଢ଼ୀକରଣ ଉପରେ ଏକ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କୃଷି ଏକ ଅବିରତ ପ୍ରୟାସ । ଏହା ବର୍ଷସାରା ଲୋକଙ୍କୁ ଦାନା ଯୋଗାଇ ଦେବା ସହ ରୋଜଗାରର ସ୍ରୋତ ଯୋଗାଇ ଥାଏ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ସହ ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏହାର ସୁଦୀର୍ଘ ବେଳାଭୂମି ଏବଂ ସାମୁଦ୍ରିକ ପରିବହନ ବ୍ୟବସ୍ଥା ମଧ ସୁଦୃଢ଼ ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆହୁରି କହିଥିଲେ ଯେ, ପୂର୍ବରୁ ଖାଦ୍ୟ ନିଅଣ୍ଟିଆ ରାଜ୍ୟ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଏକ କମ୍ପାନୀ ତରଫରୁ ପ୍ରସ୍ତାବ ମଧ ଉପସ୍ଥାପନ ହୋଇଥିଲା । ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନାଙ୍କ ସମେତ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳଙ୍କ ନାଁରେ ଏତଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ କମିଶନରେଟ ପୋଲିସର ଅତିରିକ୍ତ କମିଶନର ନରସିଂହ ଭୋଳଙ୍କ ବିରୁଦ୍ଧରେ କ୍ୟାପିଟାଲ ଥାନାରେ ଏକ ଏତଲା ଦାଖଲ କରାଯାଇଛି । ଯଦି ନରସିଂହ ଭୋଳଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନନିଆଯାଏ ତେବେ ଯୁବକଂଗ୍ରେସ ରାଜ୍ୟବ୍ୟାପି ଆନ୍ଦୋଳନ କରିବ ବୋଲି ଶ୍ରୀ ପାତ୍ର କହିଛନ୍ତି। ଯୁବ କଂଗ୍ରେସ ଏତଲାରେ ଦର୍ଶାଇଛି ଯେ ରଥଯାତ୍ରାରେ ବିଭ୍ରାଟକୁ ନେଇ ଗତକାଲି ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱର କମିଶନରେଟ ପୋଲିସର ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ସେଠାରେ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁ ଆନ୍ଦୋଳନକାରୀ ମାନେ ବାରିକେଡ ନିକଟକୁ ଆସିବେ ସେମାନଙ୍କର ଗୋଡ଼ ବାଡ଼େଇ ଭାଙ୍ଗିଦେବା ପାଇଁ। ସେ ଆହୁରି ମଧ କହିଥିଲେ ଯେ ଯିଏ ଗୋଡ଼ ବାଡ଼େଇ ଭାଙ୍ଗି ଦେବ ସେ ତାକୁ ପୁରସ୍କାର ଦେବେ। ତେଣୁ ତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନଷ୍ଠାନ ନେବା ପାଇଁ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି।

## ସରକାର ଉଚିତ୍ ପଦକ୍ଷେପ ନେଇଛନ୍ତି: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁରୀ ରଥଯାତ୍ରା ଦଳାଚକଟା ଘଟଣା ଉପରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଏହା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ ଘଟଣା। ଏହାକୁ ନେଇ ଆମେ ସମସ୍ତେ ଚିନ୍ତିତ। ତେବେ ରାଜ୍ୟ ସରକାର ଉଚିତ ସମୟରେ ଉଚିତ ପଦକ୍ଷେପ ନେଇଛନ୍ତି। ଭବିଷ୍ୟତରେ ଯେଭଳି ପ୍ରଶାସନ ସ୍ତରରେ ଏଭଳି ଭୁଲ ଭଟକା ନହୁଏ ସେଥିପାଇଁ ଆମେ ସମ୍ପୂର୍ଣ୍ଣ ସଚେତନ ଅଛୁ। ରାଜ୍ୟରେ ଥିବା ସରକାର ସମ୍ବେଦନଶିଳ ସରକାର। ଏକଥା ଗୁରୁତ୍ୱ ସହ ନେଇଛନ୍ତି। ଏହାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ଆଗକୁ ଏନେଇ ନୀତିଗତ ଭାବେ ନିଷ୍ପତ୍ତି ନେବେ। ତଦନ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।

## ଓଏଏସ୍ଙ୍କୁ ମାଡ଼ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ମାଡ଼ ଘଟଣାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଅପରାଜିତା ଲେଖିଛନ୍ତି ସୋମବାର ଭୁବନେଶ୍ୱର ଘଟିଥିବା ଘଟଣା ନେଇ ମୁଁ ଅତ୍ୟନ୍ତ ଦୁଃଖିତ। କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଏବଂ ଘୃର୍ଣ୍ଣ୍ୟ କାର୍ଯ୍ୟ । ଭାରତୀୟ ଜନତା ପାର୍ଟି କିମ୍ବା ସରକାର ଏପରି କାର୍ଯ୍ୟ ଏବଂ ବିଚାର ଧାରା ସହ କୌଣସି ରୂପେ ସଂଶ୍ଲିଷ୍ଟ ନୁହନ୍ତି ବା ପ୍ରୋତ୍ସାହନ କରନ୍ତି ନାହିଁ । ଏଥିରେ ସମ୍ପୃକ୍ତ ଦୁବୃତଙ୍କ ବିରୋଧରେ ଅବଶକୀୟ ଆଇନଗତ ତଥା ଦଳୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ନିତ୍ୟାନ୍ତ ଆବଶ୍ୟକ। କାର୍ଯ୍ୟରତ ଅଧିକାରୀଙ୍କୁ ନିଜର କାର୍ଯ୍ୟ ନିଷ୍ଠା ଏବଂ ସାହସ ସହ କରୁଥିବାରୁ ସାଧୁବାଦ ଜଣାଉଛି। ଶୃଙ୍ଖଳା, ଅନୁଶାସନ ଏବଂ ନିଷ୍ଠା ବିନା ସୁଶାସନ କିମ୍ବା ବିକାଶ ସମ୍ଭବ ନୁହେଁ।

## ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ଅନୁରାଧା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ଆସି ଦର୍ଶନ କରିଛନ୍ତି କଣ୍ଠଶିଳ୍ପୀ ଅନୁରାଧା ପୋଡ଼୍ୱାଲ। ଗତକାଲି ପୁରୀରେ ରଥାରୁଢ଼ ଚତୁର୍ଦ୍ଧା ମୂରତିଙ୍କୁ ଦର୍ଶନ କରିଥିଲେ। ତେବେ ଦୀର୍ଘ ୨୫ ପର୍ବ ହେବ ସେ ଓଡିଶା ଆସି ଠାକୁରଙ୍କୁ ଦର୍ଶନ କରୁଛନ୍ତି ଏବଂ ଓଡିଶାର କଳା ସଂସ୍କୃତି ତାଙ୍କୁ ବହୁତ ଭଲ ଲାଗେ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି ।

## ଓଡ଼ିଶା ସ୍ୱରାଜ ପୁରସ୍କାର ଉତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ରୋଟାରୀ ଭବନରେ ଓଡ଼ିଶା ସ୍ୱରାଜ ଅଭିଯାନ ଆନୁକୁଲ୍ୟରେ 'ଓଡିଶା ସ୍ୱରାଜ ପୁରସ୍କାର-୨୦୨୫' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ପୂର୍ବତନ ପ୍ରଭାରୀ ତଥା ଏଆଇସିସି ସାଧାରଣ ସମ୍ପାଦକ ବି.କେ ହରିପ୍ରସାଦ ଯୋଗଦେଇ କହିଥିଲେ ଯେ ବିଜେପି ଜାତି ଜନଗଣନାକୁ ବିରୋଧ କରୁଥିଲା। ମାତ୍ର ଲୋକସଭାରେ ବିରୋଧ ଦଳ ନେତା ଜନନାୟକ ରାହୁଲ ଗାନ୍ଧୀ ସଂସଦ ଭିତର ଓ ବାହାରେ କ୍ରମାଗତ ଭାବେ ଜନଗଣନା କରିବାକୁ ଦାବି କରିଆସୁଥିଲେ। ଦକ୍ଷିଣ ଓଡ଼ିଶାରେ ସରକାରୀ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ପ୍ରତିଶତ ଅଧିକା ଥିବାରୁ ସେ ଅଞ୍ଚଳରେ ବିକାଶ ଘଟିଛି ଏବଂ ଜନସାଧାରଣଙ୍କ ଜୀବନ ଧାରଣର ମାନ ଅନ୍ୟ ରାଜ୍ୟ ଅପେକ୍ଷା ବହୁତ ଭଲ। ଏପରିକି ତଥାକଥିତ ଗୁଜୁରାଟ ଜୀବନଧାରଣର ମାନ ତାମିଲନାଡୁ ଜନସାଧାରଣଙ୍କ ଠାରୁ ବହୁତ ଖରାପ। ଓଡ଼ିଶାରେ ଓବିସିଙ୍କୁ ସଂରକ୍ଷଣରେ ବହୁତ ଅନ୍ୟାୟ କରାଯାଇଛି ବୋଲି ମତପ୍ରକାଶ କରିଥିଲେ। ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲୁ ଯୋଗ ଦେଇ କହିଥିଲେ ଯେ, ଏଠି ମହିଳା ଏସ୍.ସି.,ଏସ.ଟି ଓ ଓବିସିଙ୍କ ପ୍ରତି ବହୁତ ଅନ୍ୟାୟ ହୋଇଛି। ତେଣୁ ଓଡ଼ିଶାର ଜନସାଧାରଣ ରାଜରାସ୍ତାରେ ଆନ୍ଦୋଳନ କରିବାର ସମୟ ଆସିଛି । ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ ଓଡ଼ିଶାରେ ସ୍ୱରାଜ ଅଭିଯାନ ପୁରସ୍କାର-୨୦୨୫ ଉତ୍ସବ ପାଳନ କରୁଥିବାବେଳେ ସ୍ୱୟଂ ମହାପ୍ରଭୁ ଜଗନ୍ନାଥଙ୍କ ସ୍ୱରାଜ ନାହିଁ। ମହିଳାଙ୍କ ପାଇଁ ଏ ସରକାର ସମ୍ବେଦନଶୀଳ ନୁହେଁ। ବିଧାନସଭାରେ କଂଗ୍ରେସ ବିଧାୟକମାନେ ରାଜ୍ୟରେ ନିଖୋଜ ହୋଇଥିବା ୬୪ହଜାର ମହିଳାଙ୍କ ନ୍ୟାୟ ପାଇଁ ବିଧାନସଭା ଗୃହରେ କମିଟି ଗଠନ କଲେ ନାହିଁ। କିନ୍ତୁ କଂଗ୍ରେସର ସମସ୍ତ ବିଧାୟକଙ୍କୁ ଏପର୍ଯ୍ୟନ୍ତ ନିଲମ୍ବିତ କରିଛନ୍ତି ଏବଂ ପୋଲିସ ଲଗାଇ ମାଡ ମାରିବା ସହ ତାଙ୍କ ନାମରେ ଏବଂ କଂଗ୍ରେସ କର୍ମୀଙ୍କ ନାମରେ କେସ୍ ଦାୟର କରିଛନ୍ତି। ଏହି ଅବସରରେ ଏକ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶାର ୨୫ ଜଣ ସୁ-ନାଗରିକ ପ୍ରଦୀପ କୁମାର ସାହୁ, ଅଞ୍ଜନ କୁମାର ଜେନା, ଡଃ ବିଶ୍ୱପ୍ରକାଶ ଭଟ୍ଟାଚାର୍ଯ୍ୟ, ଶ୍ରୀମନ୍ତ କୁମାର ପାତ୍ର, ଆଇନଜୀବୀ ଶଙ୍କର ପାଣି ପ୍ରମୁଖଙ୍କୁ ପୁଷ୍ପତାରା, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱରାଜ ଅଭିଯାନ ରାଜ୍ୟ ଆବାହକ ସୁଧାଂଶୁ ଶେଖର ଦେଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଯୁବନେତା ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କଟକ ଷ୍ଟେସନରେ ମାଲଗାଡ଼ିର ତିନି ବଗି ଲାଇନ୍‌ଚ୍ୟୁତ

କଟକ(ଭାସ୍କର ନ୍ୟୁଜ): କଟକ ରେଳଷ୍ଟେସନରେ ଏକ ମାଲବାହୀ ଟ୍ରେନ୍ର ୩ଟି ବଗି ଲୁପ୍ ଲାଇନ୍ରୁ ଖସି ଲାଇନ୍‌ଚ୍ୟୁତ ହୋଇଛି । ମାଲଗାଡ଼ିର ବଗିଗୁଡ଼ିକ ଖାଲି ଥିଲାବେଳେ ମାଲଗାଡ଼ିଟି କଟକରୁ ପାରାଦ୍ୱୀପ ଅଭିମୁଖେ ଯାଉଥିଲା । ସକାଳ ପ୍ରାୟ ୮.୪୩ରେ ଏହି ଅଘଟଣ ଘଟିଥିଲା। ଏହାଦ୍ୱାରା ରେଳ ଚଳାଚଳ କୌଣସି ବାଧାପ୍ରାପ୍ତ ହୋଇନଥିବା ସୂଚନା ଦିଆଯାଇଛି । ସୂଚନାନୁସାରେ, ମାଲଗାଡ଼ିରେ ୫୯ ବଗି ଥିଲା। ଇଞ୍ଜିନ୍‌ଠାରୁ ୩୭ ବଗି ଦୁର୍ଘଟଣାସ୍ଥଳ ଅତିକ୍ରମ କରିସାରିଥିଲା। ମାତ୍ର ୩୮, ୩୯ ଓ ୪୦ ନଂ ବଗି ହଠାତ୍ ଲାଇନଚ୍ୟୁତ ହୋଇଥିଲା। ଷ୍ଟେସନକୁ ଲାଗିଥିବା ଓଭରବ୍ରିଜ ପାର ପରେ ଲୁପ୍ ଲାଇନ୍‌ରେ ଲାଇନଚ୍ୟୁତ ହୋଇଥିଲା। ଲୋକୋ ପାଇଲଟ ଏ ସମ୍ପର୍କରେ ଜାଣିବା ପରେ ମାଲଗାଡ଼ିକୁ ଅଟକାଇଥିଲେ। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପରେ ରିଲିଫ ଟ୍ରେନ୍, ଯନ୍ତ୍ରପାତି ଓ କର୍ମଚାରୀ ପହଞ୍ଚିଥିଲେ। ରେଳୱେର ବରିଷ୍ଠ ଅଧିକାରୀ ଘଟଣା ସ୍ଥଳରେ କାରଣ ଅନୁଧ୍ୟାନ କରିଛନ୍ତି।

## ଓଡ଼ିଶା ଆସିବେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ଓଡ଼ିଶା ପ୍ରଦେଶର ରାଜ୍ୟ କର୍ଯ୍ୟକାରିଣୀ ବୈଠକ ଆଜି ଦଳର ରାଜ୍ୟ ମହାସଚିବ ଲିଙ୍ଗରାଜ ମହାନ୍ତିଙ୍କ ଆବାହକତ୍ୱରେ ରାଜ୍ୟ, ଜିଲ୍ଲା ତଥା ବ୍ଲକ ସ୍ତରୀୟ କର୍ମକର୍ତ୍ତା ମାନଙ୍କର ଏକ ସମୀକ୍ଷା ବୈଠକ ୟୁନିଟ-୯ସ୍ଥିତରେଡକ୍ରସ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦଳର କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ମଲିକ, ଉପ ସଭାପତି ଶରତ ଚନ୍ଦ୍ର ରଣବିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କର୍ମକର୍ତ୍ତାଙ୍କୁ ଆଗାମୀ ଦିନରେ କିପରି ଦଳ ଓଡିଶାରେ ବିସ୍ତାର ଲାଭ କରିପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । ବୈଠକରେ କିପରି ତୃଣମୂଳ ସ୍ତରରୁ ଲୋକଙ୍କ ସହ ଯୋଡି ହୋଇ ରହିବା ସେ ବିଷୟରେ ଜିଲ୍ଲା ଓ ବ୍ଲକ ପଦାଧିକାରୀଙ୍କୁ ଉପ ସଭାପତି ଶରତ ଚନ୍ଦ୍ର ରଣବିଡା ପରାମର୍ଶ ଦେଇଥିଲେ । ଦଳର ରାଷ୍ଟ୍ରିୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ ଖୁବଶିଘ୍ର ଦଳର ସ୍ଥିତି ସମୀକ୍ଷା ପାଇଁ ଓଡିଶା ଆସୁଥିବାରୁ ଏଥିନେଇ ସମସ୍ତ ପ୍ରସ୍ତୁତିପର୍ବ କରାଯିବ ବୋଲି ବୈଠକରେ ସ୍ଥିର ହୋଇ ସମନ୍ୱୟ କମିଟି ଗଠନ କରାଯାଇଥିଲା । ଭାରତୀୟ ଜନତା ପାର୍ଟି ସହ ଲୋକ ଜନଶକ୍ତି ପାର୍ଟି ଯୋଡିହୋଇ ରହିଥିଲେ ମଧ୍ୟ ବର୍ତ୍ତମାନର ସରକାର ଲୋକ ଜନଶକ୍ତି ପାର୍ଟି(ରାମବିଳାସ) କର୍ମକର୍ତ୍ତାଙ୍କୁ ଅଣଦେଖା କରୁଥିବାରୁ ଆଜିର ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହାର ସମାଧାନ ପାଇଁ ଏକ ଦାବୀପତ୍ର ସରକାରଙ୍କୁ ଦିଆଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି । ବୈଠକରେ ରାଜ୍ୟ ମହିଳା ସେଲ୍ ସଭାପତି ବନିତା ପ୍ରଧାନ, ରାଷ୍ଟ୍ରୀୟ ମହିଳା ସେଲ୍‌ର ସମ୍ପାଦିକା ଅନିତା ନାୟକ, ରାଜ୍ୟ ଲେବର ସେଲର ସଭାପତି ପ୍ରସନ୍ନ ନାୟକ, ପ୍ରମୁଖ ରାଜ୍ୟ ଲେବର ସେଲର ଉପ-ସଭାପତି ପ୍ରତାପ ସାମଲ, ରାଜ୍ୟ ଅନୁସୁଚିତ ଜାତି ଓ ଜନଜାତି ସଭାପତି ନରସିଂହଦେବ ସିଲପାଡିଆ ତଥା ସମସ୍ତ ଜିଲ୍ଲା ସଭାପତି ମାନେ ଯୋଗଦେଇଥିଲେ ।

## ମୋକିମ୍ ଫାଉଣ୍ଡେସନ୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର




କଟକ(ଭାସ୍କର ନ୍ୟୁଜ): ମୋକିମ ଫାଉଣ୍ଡେସନ ପକ୍ଷରୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ଟାଉନ ହଲ ଠାରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଇଂ ମହମଦ ମୋକିମଙ୍କ ଦ୍ୱାରା ଉଦଘାଟନରେ ଅନୁଷ୍ଠିତ ହୋଇଯାଇଥିଲା । ଏହି ଅବସରରେ ଏକ ଚକ୍ଷୁ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚନା ଚକ୍ରରେ ବାରବାଟୀ କଟକର ବିଧାୟିକା ସୋଫିଆ ଫିଦୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଖିର ବିକଳ୍ପ ନାହିଁ ତେଣୁ ଆଖିର ନିୟମିତ ପରୀକ୍ଷା କରିବା ଉଚିତ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡାକ୍ତର ନାୟୀମା ତାଜ଼ୀମ, ସରୱାର ହସିବ, ଗିରିବାଳା ବେହେରା ଓ ଡାକ୍ତର ରାଜା ଅଗ୍ରୱାଲ ଯୋଗଦେଇ ଆଖିର ରୋଗର କୁପ୍ରଭାବ ଓ ଚକ୍ଷୁ ସଚେତନତା ଉପରେ ଆଲୋଚନା କରିଥିଲେ । ପ୍ରିୟଙ୍କା ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ ବେଳେ ସକିଲ ଖାନ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଉକ୍ତ ଶିବିରରେ ବହୁ ବୟସ୍କ ଚକ୍ଷୁ ରୋଗୀ ଯୋଗଦେଇଥିବା ବେଳେ ରୋପ୍ୟ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଉକ୍ତ ଶିବିରକୁ ଏଏସଜି ଆୟ ହସ୍ପିଟାଲର ଡାକ୍ତର ଓ କର୍ମଚାରୀ ମାନେ ଉପସ୍ଥିତରହି ରୋଗୀ ମାନଙ୍କର ଚିକିତ୍ସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସନ୍ତୋଷ ଭୋଳ, କେ କାମେଶ ରାଓ ପ୍ରମୁଖ ସହଯୋଗ କରିଥିଲେ ।

## ସୂଚନା ଓ ଲୋକସମ୍ପର୍କ ବିଭାଗର ଦୁଇ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୂଚନା ଓ ଲୋକସମ୍ପର୍କ ବିଭାଗ ହେଉଛି ସରକାରଙ୍କ ଆଖି, କାନ ଓ ନାକ ସଦୃଶ୍ୟ ଓ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇବା ଏବଂ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବାରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଜିର ସମୟରେ ଲୋକସମ୍ପର୍କ ଅଧିକାରୀଙ୍କ ଦାୟିତ୍ୱ ଖୁବ ବୃଦ୍ଧିପାଇଛି । ଏହି ପରିସ୍ଥିତିରେ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିବାକୁ ପଡିବ ବୋଲି ଅବସର ନେଉଥିବା ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ନୂଆ ପିଢ଼ିର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ କଲ୍ୟାଣ କମିଟି ଓ ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଦୁଇ ବରିଷ୍ଠ ଅଧିକାରୀଙ୍କ ଧର୍ଯ୍ୟ, କାର୍ଯ୍ୟଦକ୍ଷତା, ଅମାୟିକ ବ୍ୟବହାର, କର୍ତ୍ତବ୍ୟ ନିଷ୍ଠା, ସରକାରୀ କାର୍ଯ୍ୟକୁ ଆଗେଇ ନେବାରେ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ଉପଶାସନ ସଚିବ ପ୍ରଣବ ପ୍ରକାଶ ଦାସ, ସହକାରୀ ନିର୍ଦ୍ଦେଶକ( କ୍ଷେତ୍ର) ଦୀପକ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ବିକ୍ରମ ମହାରଣା, ବିନାୟକ ମିଶ୍ର, ଅବିନାଶ ପାଣିଙ୍କ ସମେତ ମନୋଜ ରଥ, ଜନ ଜାଭେଦ ସିଂ, ଗୋପାଳ ପାଣିଗ୍ରହୀ ପ୍ରମୁଖ ଅବସର ନେଉଥିବା ଅଧିକାରୀଙ୍କ କାର୍ଯ୍ୟକ୍ଷେତର ସ୍ମୃତି ବଖାଣିବା ସହିତ ଗଣମାଧ୍ୟମ ସହିତ ସମନ୍ୱୟ ରକ୍ଷା କରି ଅତ୍ୟନ୍ତ ନିଖୁଣ ଭାବେ ସରକାରୀ କାର୍ଯ୍ୟକୁ ଆଗେଇ ନେଉଥିଲେ ବୋଲି ବର୍ଣ୍ଣନା କରିଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଓ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ, ଉତ୍ତୋରୀୟ, ଫଳକ ଓ ଶ୍ରୀମଦ ଭଗବତ ଗୀତା ପ୍ରଦାନ କରାଯାଇଥିଲା । ଏହି ବୈଠକରେ ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର, ସହକାରୀ ଅର୍ଥ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ପ୍ରମୋଦିନୀ ଟେଟେ, ଅମ୍ଳାନ ଦାସ, ସୁଜିତ ସ୍ୱାଇଁ, ତନୁଜା ମହାନ୍ତି, ଆଲୋକ ମହାନ୍ତି, ରୋଜାଲିନି ସାହୁ, ଐଶର୍ଯ୍ୟା ସାମନ୍ତ, ଶ୍ରବଣ କୁମାର ସମେତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ଘୋଷଯାତ୍ରା ଅଘଟଣ ଦୁର୍ଭାଗ୍ୟଜନକ

# ପୁନରାବୃତ୍ତି ନହେବା ନେଇ ପଦକ୍ଷେପ ଜରୁରି

ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାରେ ବିଭିନ୍ନ ଅଘଟଣ ଘଟିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ବିଶେଷ କରି ଶରଧାବାଲିରେ ଦଳାଚକଟାରେ ତିନିଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଓ ନଅଜଣ ଗୁରୁତର ହୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେବା ଘଟଣା ଜଗନ୍ନାଥ ପ୍ରେମୀଙ୍କ ମନରେ ଗଭୀର ଉଦ୍‌ବେଗ ଆଣି ଦେଇଛନ୍ତି। ରାଜ୍ୟ ସରକାର ପ୍ରଥମରୁ ଏହି ଘୋଷଯାତ୍ରାକୁ ଦିବ୍ୟ, ଭବ ଏବଂ ଐତିହାସିକ କରିବା ପାଇଁ ଯଦିଓ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ ତେବେ ତାହା ବିଫଳ ହୋଇଥିବା ନେଇ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି। ତେବେ ଘଟଣା ଘଟିବାର କିଛି ସମୟ ମଧ୍ୟରେ ରାଜ୍ୟ ସରକାର ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଗନ୍ନାଥ ପ୍ରେମୀଙ୍କ ଆକ୍ରୋଶକୁ କିଛି ପରିମାଣରେ ହ୍ରାସ କରିବା ପାଇଁ ପ୍ରୟାସ କରିଛନ୍ତି। ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତୁରନ୍ତ ବଦଳି କରାଯାଇ ନୂତନ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଡିସିପି ଓ କମାଣ୍ଡାଣ୍ଟଙ୍କୁ ସେମାନଙ୍କ ଦାୟିତ୍ୱରୁ ନିଲମ୍ବିତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ସମ୍ପୂର୍ଣ୍ଣ ରଥ ପରିଚାଳନା ଦାୟିତ୍ୱ ଅର୍ପଣ କରାଯାଇଥିବା ବେଳେ ପୋଲିସ ପ୍ରଶାସନର ପରିଚାଳନା ଦାୟିତ୍ୱ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଅର୍ପଣ କରାଯାଇଛି। ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଦାୟିତ୍ୱ ଉନ୍ନୟନ କମିଶନର ଅନୁଗର୍ଗଙ୍କୁ ଦିଆଯାଇଛି। ସେ ତଦନ୍ତ କରି ମାସକ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖୋଦ୍ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାର ଏହି ଅଘଟଣ ପାଇଁ ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ସରକାରଙ୍କ ପକ୍ଷରୁ ୨୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି। ରଥଯାତ୍ରା ସୁପରିଚାଳନା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଥିବା ବେଳେ ବାରମ୍ବାର ଅଘଟଣ କାହିଁକି ଘଟିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରଥଯାତ୍ରା ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନଗଡ଼ିବା, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ବାରମ୍ବାର ଅଟକିବା ଘଟଣା ଜଗନ୍ନାଥ ପ୍ରେମୀଙ୍କ ମନରେ ଆଘାତ ଦେଇଥିବା ବେଳେ ଦଳାଚକଟା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଏନେଇ ଠୋସ୍ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ତଦନ୍ତରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଜରୁରି। ସବୁକିଛିକୁ ଜଗନ୍ନାଥଙ୍କ ଇଚ୍ଛା ବୋଲି କହି ଏଡ଼ାଇ ଦେବା ଠିକ୍ ନୁହେଁ। ମହାପ୍ରଭୁଙ୍କ ଘୋଷଯାତ୍ରା ବିଶ୍ୱପ୍ରସିଦ୍ଧ। ଲକ୍ଷ ଲକ୍ଷ ଲୋକଙ୍କ ସମାବେଶ। ତେବେ, ଚଳିତବର୍ଷ ଏତେ ପ୍ରସ୍ତୁତି ସତ୍ତ୍ୱେ ଦୋଷ ତ୍ରୁଟି କେଉଁଠି ରହିଲା, ତାକୁ ଖୋଜି ବାହାର କରିବା ଜରୁରି। ଏହି ଅଘଟଣର ଯେପରି ପୁନରାବୃତ୍ତି ନହୁଏ ସେନେଇ ରାଜ୍ୟ ସରକାର ସୁନିଶ୍ଚିତ କରିବା ମଧ୍ୟ ଉଚିତ୍। ଯେଉଁ ଅଧିକାରୀମାନେ ବିଭିନ୍ନ ଦାୟିତ୍ୱରେ ଥିଲେ ସେମାନେ ସାମାନ୍ୟ ସତର୍କତା ଅବଲମ୍ବନ କରିଥିଲେ ଏଭଳି ଅଘଟଣକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା। କେବଳ ସରକାର ନୁହଁନ୍ତି, ସରକାରୀ କଳ ଓ ରାଜ୍ୟବାସୀ ମଧ୍ୟ ଯତ୍ନବାନ ହେବା ଉଚିତ୍।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଅପରେସନ ସିନ୍ଦୁର ଭାରତର ଡ୍ରୋନ କ୍ଷେତ୍ରକୁ ବିରାଟ କଲା କାହିଁକି ?



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଯେତେବେଳେ ଭାରତ ପହେଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଉଦ୍ୟମ କଲା ସେତେବେଳେ ଭାରତର ସେନା ପାକିସ୍ତାନର ଆତଙ୍କବାଦୀ ଘାଟୀମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ମୁଖ୍ୟତଃ ଡ୍ରୋନମାନଙ୍କର ସାହାଯ୍ୟ ନେଲେ। ଭାରତ ଏ ସମ୍ପର୍କରେ ଗୋଟିଏ ଚୁକ୍ତି କରିଥିଲା ଯେଉଁଥିପାଇଁ ନିଜ ଦେଶର ଘରୋଇ କ୍ଷେତ୍ରମାନଙ୍କରୁ କମ୍ପାନୀମାନଙ୍କ ଠାରୁ ଯେଉଁ ଅସ୍ତ୍ରମାନଙ୍କର ବ୍ୟବହାର କରୁଥିଲା ସେଗୁଡ଼ିକ ହେଉଛି ଚାରିଆଡ଼େ ବୁଲୁଥିବା ଅସ୍ତ୍ରଶସ୍ତ୍ର ଯାହା ଛୋଟ ଆକାରର ନଜର ରଖୁଥିଲା। ସେଥିପାଇଁ ଯେଉଁ ଖର୍ଚ୍ଚ ହୋଇଥିଲା ତାହା ହେଉଛି ୮୨୯୬ କୋଟି। ଭାରତର ଡ୍ରୋନ ଟେକ୍ନୋଲୋଜି କ୍ଷେତ୍ର ଏ ସମ୍ପର୍କରେ ବଡ଼ ଧରଣର କଥା କହୁଛି।

ଏହା ଘଟିବାର ଥିଲା ଡ୍ରୋନମାନେ ବର୍ତ୍ତମାନ ସମୟରେ ସବୁଠାରୁ ଆଧୁନିକତମ ଅସ୍ତ୍ର ହିସାବରେ ମୁଣ୍ଡ ଟେକି ଉଠିଛନ୍ତି ଆଧୁନିକ ଯୁଦ୍ଧ କ୍ଷେତ୍ରରେ। ଯେତେବେଳେ ରୁଷିଆ-ୟୁକ୍ରେନ ଓ ଇସ୍ରାଏଲ-ହାମାସ ଦ୍ୱନ୍ଦ୍ୱ ଚାଲିଛି ଓ ଅପରେସନ ସିନ୍ଦୁର ଘଟୁଛି ଏବଂ ବର୍ତ୍ତମାନ ଇରାନ-ଇସ୍ରାଏଲ ମଧ୍ୟରେ ଚାଲିଥିଲା ସେତେବେଳେ ଏହି ଡ୍ରୋନଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା।

### କି ପ୍ରକାରର ଡ୍ରୋନ

ଏ ସମ୍ପର୍କରେ ସେନାବାହିନୀ ଦୁଇଟି ଚୁକ୍ତି କରିଛି। ପ୍ରଥମଟି ହେଲା ୪୫୦ ନାଗାସ୍ତ୍ର-୧ଆର୍ ଯାହାକି ପାହାଡ଼ ମଧ୍ୟ ଦେଇ ବୁଲି ଯାଇପାରେ ଯାହାର ଖର୍ଚ୍ଚ ହେଉଛି ଗୋଟାଏ ପିଛା ୧୯୮ କୋଟି ଟଙ୍କା। ନାଗପୁରରେ ଥିବା ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେଶ୍ ଲିମିଟେଡ୍ ଏହି ଡ୍ରୋନର ତିଆରି କରିଛି। ଏହାଛଡ଼ା ଏହାକୁ କାମିକାଜେ ଡ୍ରୋନ୍ ବୋଲି କୁହାଯାଇଥାଏ। ଏଗୁଡ଼ିକ ରାତିରେ ଛଡ଼ାଯାଇଥାଏ ଯେତେବେଳେ ସେମାନେ କାମ କରନ୍ତି। ଏହାଛଡ଼ା ଆହୁରି ଗୋଟିଏ ଚୁକ୍ତି ହୋଇଛି ଯେଉଁଠି ଡ୍ରୋନର ମୂଲ୍ୟ ହୋଇଛି ଗୋଟାଏ ପିଛା ୧୩୭ କୋଟି ଯାହା ହେଉଛି ଆଇଡିଆ ଫୋର୍ଜ ଟେକ୍ନୋଲୋଜି ଯାହାକି ଭାରତ ଓ ବିଦେଶୀ ଟେକ୍ନୋଲୋଜି ଦ୍ୱାରା ନିର୍ମିତ ଛୋଟ ଆକାଶରେ ଉଡ଼ି ବୁଲୁଥିବା ନ୍ୟୁଏଭି ଯାହାର ଅର୍ଥ ହେଉଛି ଏଥିରେ କେହି ଚାଳକ ନଥାନ୍ତି। ଏହା ଆପେ ଆପେ ଚାଲିଥାଏ। ଏହାର ଅନ୍ୟପ୍ରକାରର ଡ୍ରୋନ ହେଉଛି ସ୍ୱିଚ୍ ଡ୍ରୋନ ଯେଉଁଥିରେ ଭିଟିଓଏଲ (ଉପରକୁ ସିଧାସଳଖ ଉଠିଯାଉଥିବା ଓ ସିଧାସଳଖ ତଳକୁ ଓହ୍ଲାଇ ପାରିବାର କ୍ଷମତା ରଖୁଥିବା ଯୁଦ୍ଧ ଯାନ) ଆହୁରି ମଧ୍ୟ ଆଇଏସ୍ଆର୍ ହେଉଛି ଗୁଇନ୍ଦାଗିରି ନିରୀକ୍ଷଣ ଏବଂ ଚାରିପଟରେ ଘୂରିବୁଲୁଥିବା ଅଭିଯାନ। ନାଗାସ୍ତ୍ରର ଅନ୍ୟାନ୍ୟ ରୂପଗୁଡ଼ିକ ହେଲା ସେନାବାହିନୀର ଗୋଦାମଘରମାନଙ୍କରେ ଥିବା ଅନ୍ୟାନ୍ୟ ଅସ୍ତ୍ର ଯେଉଁଗୁଡ଼ିକ ଦ୍ୱିପାକ୍ଷିକ ଯୁଦ୍ଧବେଳେ ବ୍ୟବହାର ହୋଇଥାଏ ଯେମିତିକି ପାକିସ୍ତାନ ସହିତ ଗତ ମେ' ୭ରୁ ୧୦ ଭିତରେ ହୋଇଥିଲା।

### ନୂଆ ଅସ୍ତ୍ର କିଣିବା

ଅପରେସନ ସିନ୍ଦୁର ହେଉଛି ଏକ କ୍ଷେତ୍ର ଯାହା ଅତି ମାରାତ୍ମକ। ଏହି କ୍ଷେତ୍ରରେ ସରକାର ଆହୁରି ଅଧିକ ଦାନ୍ତ ଲଗାଇବାକୁ ଚାହାନ୍ତି ଯାହା ହେଉଛି ବେଶୀ ଚାଳକବିହୀନ, ଆକାଶ ବ୍ୟବସ୍ଥା ଯେଉଁଠି କୌଣସି ବିମାନ ଚାଳକ ଏହି ଆକାଶ ବ୍ୟବସ୍ଥାରେ ନଥାନ୍ତି ଏବଂ ଏହା ହେଉଛି ଡ୍ରୋନର ବିପରୀତ ବ୍ୟବସ୍ଥା। ଭାରତ-ପାକିସ୍ତାନ ବିବାଦ ସମାପ୍ତ ହେବା ପରେ ସଶସ୍ତ୍ର ସେନାନୀ ଏହି ଡ୍ରୋନ ଆକ୍ରମଣର ଉଦାହରଣମାନଙ୍କ ଉପରେ ବ୍ୟସ୍ତ ଥିଲେ। ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପରୀକ୍ଷା କରାହେଉଥିଲା ଯାହା ପରବର୍ତ୍ତୀ ପିଢ଼ିର ପ୍ରତିରକ୍ଷା ଟେକ୍ନୋଲୋଜି ହିସାବରେ ବ୍ୟବହାର କରାଯାଉଥିଲା। ସେଥିପାଇଁ ଏହାର ପରୀକ୍ଷା ଚାଲିଥିଲା। ପୋଖରଣ, ବାବିନା, ଜୋସିମାଠାରେ ଏହି ଡ୍ରୋନମାନଙ୍କର ପରୀକ୍ଷା କରାଯାଇଥିଲା। ସେଥିପାଇଁ ଗୋଟିଏ ୪୦୦୦୦ କୋଟି ଟଙ୍କାର ବଜେଟ ତିଆରି କରାଯାଇଛି ଓ ଜରୁରୀକାଳୀନ କ୍ରୟ କରାଯାଇଛି। ଯଦିଓ ଖର୍ଚ୍ଚ ବାସ୍ତବରେ ଏହାଠାରୁ କମ୍ ହେବ। ସଶସ୍ତ୍ର ସେନା କିଣୁଛନ୍ତି ଚାରିଆଡ଼େ ଘୂରିବୁଲୁଥିବା ଅସ୍ତ୍ରଶସ୍ତ୍ରମାନଙ୍କୁ ଯେଉଁମାନଙ୍କ ମଧ୍ୟରେ ଅଛନ୍ତି କାମିକାଜେ ଡ୍ରୋନ। ଯାହା ଚାରିଆଡ଼େ ଘୁରିବୁଲେ। ଯାହାକୁ ଜଣେ ଲୋକ ଦେଖିପାରେ। ଜଣେ ଲୋକ ଦେଖିପାରୁଥିବା ଡ୍ରୋନ ଅଟେ। ଏପରିକି ଲକ୍ଷ୍ୟସ୍ଥଳକୁ ଯାଉଥିବା ଡ୍ରୋନ ଓ ଘୁରୁବୁଲୁଥିବା ଡ୍ରୋନମାନଙ୍କର ଛାୟା ଡ୍ରୋନଗୁଡ଼ିକ ଶତ୍ରୁପକ୍ଷର ପ୍ରତିଆକ୍ରମଣ ଆଶା କରନ୍ତି, ଯାହାଫଳରେ ସେମାନଙ୍କର ଯୁଦ୍ଧଅସ୍ତ୍ରଶସ୍ତ୍ର କମିଯାଏ ଓ ନଷ୍ଟହୁଏ।

ଯେକୌଣସି ଦେଶ ଯିଏକି ଆସନ୍ତାକାଲିର ଯୁଦ୍ଧଲଢ଼ିବ ତା'ର ଡିଜାଇନ କରିବା, ବିକାଶ କରିବା ଓ ଉତ୍ପାଦନ କରିବା ବିଭିନ୍ନ ପ୍ରକାରର ଡ୍ରୋନମାନଙ୍କର ବଡ଼ ପରିମାଣରେ ଆବଶ୍ୟକତା ଅଛି। ଆମେରିକା ଏ ଧରଣର ଡ୍ରୋନଗୁଡ଼ିକର ବିକାଶ କରିଥିଲା ଓ ସେଗୁଡ଼ିକ ଉତ୍ପାଦନ କରିଥିଲା। ଯାହାକି ଗୋଟିଏ ବଡ଼ ଅର୍ଥନୈତିକ କାର୍ଯ୍ୟକଳାପ ହେବ। ଯାହାକି ଅପରେସନ ସିନ୍ଦୁର ପରେ ସାମରିକ ଆବଶ୍ୟକତା ପାଇଁ କାର୍ଯ୍ୟରେ ଲାଗିବେ।

### କେତେ ଖର୍ଚ୍ଚ ହେବ

ଏହି ଡ୍ରୋନମାନଙ୍କ ପାଇଁ ଭାରତ ସରକାର ଓ ଭାରତର ଡ୍ରୋନ ଫେଡେରେସନ(ଡିଏଫ୍ଆଇ) ଆକଳନ କରିଛନ୍ତି ଯେ, ଏହି ଡ୍ରୋନମାନଙ୍କ ପାଇଁ ୧୧୦୦ କୋଟି ଡଲାର ୨୦୩୦ ସୁଦ୍ଧା ଖର୍ଚ୍ଚହେବାର ସୁଯୋଗ ଅଛି। ଡିଏଫ୍ଆଇର ସଦସ୍ୟମାନେ କହନ୍ତି ଯେ, ୨୦୨୩ରେ ଭାରତର ଡ୍ରୋନ ବଜାର ବହୁତ ଛୋଟ ଥିଲା। ଅର୍ଥାତ୍ ଭାରତୀୟ ପ୍ରତିରକ୍ଷା ଖର୍ଚ୍ଚର ମାତ୍ର ୧ ପ୍ରତିଶତ ଏଥିପାଇଁ ଖର୍ଚ୍ଚ ହେଉଥିଲା ଅର୍ଥାତ୍ ମାତ୍ର ୨୬.୮ କୋଟି ଡଲାର ସେତେବେଳେ ଏଥିପାଇଁ ଖର୍ଚ୍ଚ ହେଉଥିଲା ବେଳେ ଆଗାମୀ ୨୦୩୦ ସୁଦ୍ଧା ଏହି ଡ୍ରୋନ ବଜାରର ମୂଲ୍ୟ ୯୦୦୦ କୋଟି ଡଲାର ଛୁଇଁବ। ଏହି ୨୬.୮ କୋଟି ଡଲାରର ଖର୍ଚ୍ଚ ସବୁଠାରୁ ବଡ଼ ଅଟେ। ଅର୍ଥାତ୍ ଏହା ପ୍ରତିରକ୍ଷା ଖର୍ଚ୍ଚର ୩୩ ପ୍ରତିଶତ ଅଟେ। ଏହି ଧାରା ଆଶା କରାଯାଉଛି ୨୦୨୩ ପର୍ଯ୍ୟନ୍ତ ଚାଲୁ ରହିବ ଯେତେବେଳେ ସାମରିକ ଖର୍ଚ୍ଚ ୨୦୩୦ ପର୍ଯ୍ୟନ୍ତ ବଢ଼ିଚାଲିଥିବ। ସାମରିକ ଖର୍ଚ୍ଚ ୭୦ପ୍ରତିଶତ ହାରରେ ବଢ଼ିବ। ୨୦୩୦ବେଳକୁ ସାମରିକ ଖର୍ଚ୍ଚର ଏହା ୩୨ପ୍ରତିଶତ ହେବ ଅର୍ଥାତ୍ ୩୬୦୦ କୋଟି ଡଲାର। ଅପରେସନ ସିନ୍ଦୁର ପରେ ଡ୍ରୋନ ଏବଂ ଡ୍ରୋନ ବିଧ୍ୱଂସକାରୀ ବ୍ୟବସ୍ଥାର ଗୁରୁତ୍ୱ ବଢ଼ିଯାଇଛି। ରକ୍ଷଣଶୀଳ ହିସାବ ଅନୁସାରେ ଏହି ଡ୍ରୋନ ବଜାର ୮୦୦୦ କୋଟିରୁ ୧୦୦୦୦ କୋଟି ମଧ୍ୟରେ ରହିବ ଯାହା ଆସନ୍ତା ୧୨ରୁ ୧୮ ମାସ ମଧ୍ୟରେ ଘଟିବାକୁ ଯାଉଛି।

### ଶିଳ୍ପର ଲାଭ

ଅପରେସନ ସିନ୍ଦୁର ଯୋଗୁଁ ଶିଳ୍ପମାନଙ୍କର ମଧ୍ୟ ଲାଭ ହୋଇଛି। ଯେତେବେଳେ ନିକଟରେ ସଂଘର୍ଷ ଆରମ୍ଭ ହେଲା ସେତେବେଳେ ମେକ୍ ଇନ୍ ଇଣ୍ଡିଆର ୟୁସିଏଏସ୍ ଆଉ ସିୟୁଏଏସ୍ ବ୍ୟବସ୍ଥା ସରକାରୀ ଓ ଘରୋଇ କ୍ଷେତ୍ରରେ ଲାଗୁ ହୋଇଛି। ଏଥିରେ ବଡ଼ ଦେଶମାନେ ଆଗାମୀ ଗୋଷ୍ଠୀର ଆଲଫ ଡିଜାଇନ ଟେକ୍ନୋଲୋଜିର ପରୀକ୍ଷା କରାଯାଇଛି। ଟାଟା ଆଡଭାନ୍ସ ସିଷ୍ଟମ, ଡିଆରଡିଓ(ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା), ଭାରତ ଇଲେକ୍ଟ୍ରୋନିକ୍ସ, ଭାରତ ଡାଇନାମିକ୍ସ ମଧ୍ୟ ଏଥିରେ କାମ କରୁଛନ୍ତି। ଏହାଛଡ଼ା ଫୋର୍ଜ, ପାରସ ଡିଫେନ୍ସ, ଆଇଜି ଡ୍ରୋନ୍ସ, ସୋଲାର ଇଣ୍ଡଷ୍ଟ୍ରିଜ୍, ଜୁପା, ଜେନ ଟେକ୍ନୋଲୋଜିଜ୍ ଓ ଇନ୍ଦ୍ରଜାଲ ଆଦି ସଂସ୍ଥାମାନେ ଡ୍ରୋନ୍ ତିଆରି କରିବା କ୍ଷେତ୍ରରେ କାମ କରୁଛନ୍ତି। ଏହି ଶିଳ୍ପମାନେ କହନ୍ତି, ସେମାନେ ଆଶା କରନ୍ତି, ଡ୍ରୋନମାନଙ୍କର ବିକ୍ରି ଓ ଏହାର ଟେକ୍ନୋଲୋଜିର ବିକ୍ରି ଆଗାମୀ ଦିନମାନଙ୍କରେ ୧୦୦ ଗୁଣ ବଢ଼ିବ। ଯୁଦ୍ଧକ୍ଷେତ୍ରକୁ ଡ୍ରୋନମାନଙ୍କର ପ୍ରବେଶ ମଧ୍ୟ ରଘୁବଂଶୀ ଏରୋସ୍ପେଶ୍ ଗ୍ରୁପ୍ ଯାହା ଗୁରୁତ୍ୱପୂର୍ଣ୍ଣ କ୍ଷେପଣାସ୍ତ୍ର ଉପବ୍ୟବସ୍ଥାର ନିର୍ମାତା ତାହା ମଧ୍ୟ ଏ କ୍ଷେତ୍ରରେ ପଦକ୍ଷେପ ନେବାକୁ ଯାଉଛି। ଶିଳ୍ପମାନେ ଆଶା କରୁଛନ୍ତି ଯେ, ଆଗାମୀଦିନରେ ସେମାନେ ୫ରୁ ୬ଗୁଣ ଡ୍ରୋନ ବିକ୍ରି କରିବେ ଏବଂ ଡ୍ରୋନର ମରାମତି ବ୍ୟବସ୍ଥା ମଧ୍ୟ ତିଆରି କରିବେ। ଡ୍ରୋନ ବ୍ୟବସ୍ଥା ଆରମ୍ଭ ହେବା ଦିନରୁ ଏହି ବ୍ୟବସ୍ଥା ବହୁଗୁଣ ଇତିମଧ୍ୟରେ ବୃଦ୍ଧିପାଇଛି।

### ସବୁ ଡ୍ରୋନ ଏବେ ପ୍ରଦର୍ଶିତ

ଏପରିକି ମଧ୍ୟ ଅଣସାମରିକ ଡ୍ରୋନମାନଙ୍କର ଉତ୍ପାଦକମାନଙ୍କୁ ଏବେ ଧରାଯାଉଛି। ଏ ସମ୍ପର୍କରେ ସେନାବାହିନୀ ପକ୍ଷରୁ ପହେଲଗାମ ଆକ୍ରମଣ ପରେ ନାନା ପ୍ରଶ୍ନ କରାଯାଉଛି।

### ଡ୍ରୋନର ପ୍ରତିରକ୍ଷା

ଅପରେସନ ସିନ୍ଦୁର ଡ୍ରୋନ ଆକ୍ରମଣର ଅସୁବିଧାକୁ ମଧ୍ୟ ଦର୍ଶାଇଛି। ଏବେ ଚାରିଆଡ଼େ ଚାହିଦା ବଢ଼ିଛି ଡ୍ରୋନ ଚିହ୍ନଟ ବ୍ୟବସ୍ଥା ଓ ଡ୍ରୋନ ଧ୍ୱଂସକାରୀ ବ୍ୟବସ୍ଥାର ଉତ୍ପାଦନ ପାଇଁ। ବର୍ତ୍ତମାନ ଏକ ଇନ୍ଦ୍ରଜାଲ ବ୍ୟବସ୍ଥା ଅଛି ଯାହା ଗୁଜରାଟର ନୌସେନାରେ ଲାଗୁ କରାଯାଉଛି। କର୍ଣ୍ଣାଟକର ନୌବାହିନୀର ବନ୍ଦରରେ ଏହା ଲାଗୁହେଉଛି ସେଥିପାଇଁ ଡ୍ରୋନ ବିଧ୍ୱଂସକାରୀ ବ୍ୟବସ୍ଥା ପ୍ରତି ସମସ୍ତେ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିରେ ଅଛି ରାଡାର ବ୍ୟବସ୍ଥା, ଇଲେକ୍ଟ୍ରୋ ଅପ୍ଟିକାଲ ସେନ୍ସର, ରେଡିଓ ଫ୍ରିକ୍ୱେନ୍ସି ଚିହ୍ନଟକାରୀ(ଡିଟେକ୍ଟର) ଓ ତଥା ଉଭୟ ନରମ ଓ କଡ଼ା ସମାଧାନ। ଏହି ଡ୍ରୋନ ପାଇଁ ଆବଶ୍ୟକ ଗୋଟିଏ ବଡ଼ ଶକ୍ତି ନିଜର ଦେଶୀ ଉତ୍ପାଦନକାରୀ କ୍ଷମତାକୁ ଉତ୍ସାହ ଦେଉଛି। ସରକାର ଉତ୍ପାଦନକାରୀମାନଙ୍କୁ କହିଛନ୍ତି ଯେ, ଡ୍ରୋନ ଉତ୍ପାଦନ କ୍ଷେତ୍ରରେ ଚୀନା ଯନ୍ତ୍ରାଂଶମାନଙ୍କୁ ଲାଗୁ କରାଯିବନି। ଏହି ବ୍ୟବସ୍ଥା କରିଛି ଯେ, ଭାରତୀୟ ଉତ୍ପାଦନକାରୀମାନେ ସ୍ଥାନୀୟ ଯୋଗାଣମାଳା ସୃଷ୍ଟି କରିବାକୁ ଯାଉଛନ୍ତି। ଏହି ଯୋଗାଣମାଳା ଗୋଟିଏ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥାର ସୃଷ୍ଟିକରିବ। ଦେଶରେ ଉତ୍ପାଦନ ହେବାର କାରଣ ହେଉଛି ବିଦେଶୀମାନେ ଡ୍ରୋନ ଟେକ୍ନୋଲୋଜି ଦେବାକୁ ମନା କରିପାରନ୍ତି। ସେଥିପାଇଁ ଦେଶରେ ଡ୍ରୋନ ଉତ୍ପାଦନର ଗୋଟିଏ ବଡ଼ ବ୍ୟବସ୍ଥା କରାଯାଉଛି। ପ୍ରତ୍ୟେକ ଯନ୍ତ୍ରାଂଶଗୁଡ଼ିକ କେମିତି ଦେଶରେ ହିଁ ତିଆରି ହେବ ତା' ଉପରେ ବ୍ୟବସ୍ଥା କରାଯାଇଛି। ଏହି ନୂଆ ବ୍ୟବସ୍ଥା ଦ୍ୱାରା ଭାରତକୁ କେମିତି ସତର୍କ କରାଯାଇପାରିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି।

ଭାରତର ହାଇଦ୍ରାବାଦଭିତ୍ତିକ ଭିକ୍ଟର ଟେକନିକ୍ସ ଯାହା କ୍ଷମତା ବଣ୍ଟନ ଓ ଯନ୍ତ୍ରକୁ ଘୂରଉଥିବା ବ୍ୟବସ୍ଥା କରେ ତାହା ଡ୍ରୋନ ପାଇଁ ଲାଗୁ ହେବ ଏବଂ ଏଥିପାଇଁ ବହୁତ ଗୁଡ଼ିଏ ଅର୍ଡର ମିଳିଛି। ପୂର୍ବରୁ କୌଣସି ଭାରତୀୟ ଉତ୍ପାଦକମାନେ ଦେଶରୁ ସେଥିପାଇଁ ଜିନିଷ କିଣୁନଥିଲା ବେଳେ ଏବେ କିଣୁଛନ୍ତି। ପୂର୍ବରୁ ସେମାନେ ଆମେରିକା ଓ ୟୁରୋପରୁ ବିଭିନ୍ନ ପଦାର୍ଥ କିଣୁଥିଲେ। ବର୍ତ୍ତମାନ ଏ ସବୁ ଜିନିଷ ଭାରତରୁ ହିଁ ମିଳୁଛି। ଏହାପରେ ଏଥିପାଇଁ ଗୋଟିଏ ବଡ଼ ଧରଣର ଆବଶ୍ୟକତା ପଡ଼ିବ ବୋଲି କୁହାଯାଉଛି। ସେଥିପାଇଁ ଦକ୍ଷତା ବୃଦ୍ଧି ଗୋଟିଏ ବଡ଼ କଥା। ପୂର୍ବରୁ ଗୋଟିଏ ଗୋଟିଏ କମ୍ପାନୀ ୩୦୦ ମୋଟର୍ସ ବିକ୍ରି କରୁଥିଲା ବେଳେ ଓ ଅନ୍ୟାନ୍ୟ ଯନ୍ତ୍ରପାତି ପ୍ରତିଦିନ କିଣୁଥିଲା ବେଳେ ଏବେ ଦିନକୁ ୨୦୦୦୦ ଯନ୍ତ୍ରପାତି ବିକ୍ରି କରୁଛନ୍ତି। ଏବେ ସ୍ଥାନୀୟ ସ୍ତରରେ ଏହାର ଉତ୍ପାଦନ ହେଉଛି।

### ଅନ୍ୟାନ୍ୟ ସମସ୍ୟା

ଏଥିପାଇଁ ଅନ୍ୟାନ୍ୟ ସମସ୍ୟା ହେଲା ଯେ, ଭାରତର ଡ୍ରୋନ ଶିଳ୍ପ ଅଣସାମରିକ କାର୍ଯ୍ୟ ପାଇଁ ଲାଗୁଛି। ଦେଶର ୭୦ପ୍ରତିଶତ ଶିଳ୍ପ ହେଉଛନ୍ତି ଅଣସାମରିକ। ଖୁବ୍ ଅଳ୍ପ ସେନା କାରଖାନା ଅଛନ୍ତି ଦେଶରେ। ବହୁତ ଅଳ୍ପ କମ୍ପାନୀମାନେ ଡ୍ରୋନ ଉପରେ ଗୁରୁତ୍ୱ ଦେଉଛନ୍ତି। ଦକ୍ଷତା ସୃଷ୍ଟିକରିବା ନାନା ପ୍ରକାର ସଂକେତ ଦିଏ। ଯେତେବେଳେ ନିକଟ ଭବିଷ୍ୟତରେ ଡ୍ରୋନ ପାଇଁ ଚାରିପାଞ୍ଚ ଗୁଣ ଚାହିଦା ବଢ଼ିବ। ଅନ୍ୟାନ୍ୟ ସାମରିକ ଦୃଷ୍ଟିକୋଣରୁ ସେତେବେଳେ ବିଭିନ୍ନ କମ୍ପାନୀମାନେ ଏ ସବୁର ଉତ୍ପାଦନ ପାଇଁ ସେମାନଙ୍କର କ୍ଷମତା ବୃଦ୍ଧିକରିବେ।

### ରପ୍ତାନୀର ସୁଯୋଗ

ଭାରତୀୟ ଉତ୍ପାଦକମାନେ ଦେଖିପାରନ୍ତି ଯେ, ଗୋଟିଏ ରପ୍ତାନୀର ସୁଯୋଗ ଅଛି ଯାହାଫଳରେ ଚୀନ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ବର୍ତ୍ତମାନ ଆମେରିକା, ୟୁରୋପ, ଦକ୍ଷିଣ ପୂର୍ବଏସିଆ ଓ ଆସିଆନ ଅଞ୍ଚଳରୁ ବିଭିନ୍ନ ପ୍ରକାରର ଚାହିଦା ପାଇଁ ଦାବି ଆସୁଛି। ବିଭିନ୍ନ ଦେଶମାନେ ଭାରତକୁ ଏବେ ଗୋଟିଏ ଯୋଗାଣକାରୀ ହିସାବରେ ଦେଖୁଛନ୍ତି। ମୁଖ୍ୟତଃ ଚୀନା ଦ୍ରବ୍ୟ ଜାଗାରେ ଭାରତର ଉତ୍ପାଦନକୁ ଗୁରୁତ୍ୱ ଦିଆଯାଉଛି। ଭାରତର ପଦ୍ଧତିକୁ ନିର୍ଭରଯୋଗ୍ୟ ଏବଂ ଖର୍ଚ୍ଚ କମ୍ ବ୍ୟବସ୍ଥାରେ ପରିଣତ କରିବାର ବର୍ତ୍ତମାନ ଚେଷ୍ଟା ଚାଲିଛି। ଡ୍ରୋନ ଦ୍ୱାରା କମ୍ ଖର୍ଚ୍ଚରେ ଆଧୁନିକ ଯୁଦ୍ଧ କରାଯିବାର ବଡ଼ ସୁଯୋଗ ରହିଛି।

# ବେକାରୀ ହାର ଚିନ୍ତାଜନକ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଗତ ପାଞ୍ଚ ଦଶନ୍ଧି ଧରି ଦେଶରେ ଉତ୍କଟ ବେକାରୀ ସମସ୍ୟା କାହାରିକୁ ଅଛପା ନୁହେଁ କି ଗୋପନୀୟ ହୋଇ ରହିନାହିଁ। ଦେଶରେ ନିଯୁକ୍ତି ହାର ହ୍ରାସ ପାଉଥିବାବେଳେ ବେକାର ଯୁବକଯୁବତୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢିଚାଲିଛି। ବେକାରୀ ସଂକଟ ଏତେ ଉତ୍କଟ ହୋଇଛି ଯେ, ପିଅନ ପଦବୀ ପାଇଁ ଏମବିଏ, ପିଏଚଡି, ଆଇନ ଡିଗ୍ରୀ ଧାରୀ ଆବେଦନ କରିବାକୁ କୁଣ୍ଠାବୋଧ କରୁନାହାଁନ୍ତି। ନିକଟରେ ଆମ ରାଜ୍ୟରେ ହୋମ ଗାର୍ଡ (ଗୃହରକ୍ଷୀ) ପଦବୀ ପାଇଁ ମାଷ୍ଟର ଡିଗ୍ରୀ, ଇଂଜିନିୟରିଂ, ଡିପ୍ଲୋମା ଡିଗ୍ରୀଧାରୀ ଆବେଦନ କରିଥିବା ଗଣମାଧ୍ୟମରେ ଶିରୋନାମା ପାଲଟିଥିଲା। ପିରିଅଡିକ୍ ଲେବର ଫୋର୍ସ ସର୍ଭେ ତଥ୍ୟ ଅନୁଯାୟୀ ଦେଶରେ ବେକାରୀ ହାର ବିଶେଷ କରି ଦେଶର ଯୁବବର୍ଗଙ୍କ ମଧ୍ୟରେ ବୃଦ୍ଧି ପାଇଥିବା ସର୍ଭେରେ କୁହାଯାଇଛି। ତେବେ ଏହା ପ୍ରଥମ ପାଇଁ ନୁହେଁ। ଦେଶରେ ଉଚ୍ଚଶିକ୍ଷିତ ଯୁବବର୍ଗଙ୍କ ମଧ୍ୟରେ ବେକାରୀ ଏବେ ଚରମ ସୀମାରେ ପହଁଚିଥିବା କୁହାଯାଏ। ଦୁଇବର୍ଷ ତଳେ ସେଂଟରର ଫର ମନିଟରିଂ ଦି ଇଣ୍ଡିଆନ ଇକୋନୋମୀ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଦେଶରେ ଯୁବବର୍ଗଙ୍କ ବେକାରୀ ଏକ ଚିନ୍ତାଜନକ ସ୍ତର ୪୫.୪ ପ୍ରତିଶତରେ ପହଁଞ୍ଚ ଥିଲା। ଗତ ମେ' ମାସରେ ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ଯେଉଁଠାରେ ଦକ୍ଷତା ସହ ନିଯୁକ୍ତି ସମାନୁପାତିକ ନୁହେଁ, ସେ କ୍ଷେତ୍ରରେ ବେକାରୀ ହାର ଅତି ଆଶ୍ଚର୍ଯ୍ୟଜନକ ଭାବେ ୬୨.୨୮ ପ୍ରତିଶତକୁ ଛୁଇଁଥିଲା, ଯାହାକି ଭାରତୀୟ ଯୁବବର୍ଗଙ୍କ ପାଇଁ ଆଉ ଏକ ସମସ୍ୟା ଭାବେ ଉଭା ହୋଇଛି। ଗତ ଦଶନ୍ଧିରେ ଦେଶ ଉତ୍କଟ ବେକାରୀ ସମସ୍ୟାର ସମ୍ମୁଖୀନ ହୋଇଥିବା ଗୋପନୀୟ ନଥିବା ଶିଥିଳ ପରିସଂଖ୍ୟାନ ବହୁବାର ଏହି ଉଦ୍‌ବେଗଜନକ ତଥ୍ୟ ପ୍ରକାଶ ପାଇଆସୁଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଗତ ଦଶନ୍ଧିରେ ବ୍ୟାପକ ନିଯୁକ୍ତି ଦିଆଯାଇଥିବା ନେଇ ସରକାର ଦାବି କରି ଆସୁଥିବାବେଳେ ନିକଟରେ ଭାରତୀୟ



ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ନିଯୁକ୍ତି ମେଳା ଏହାର ପ୍ରମାଣ ଦେଇଛି। ତଥାପି ଦେଶରେ ବେକାରୀ ହାର ଘର ଭିତରେ ଲୋକପ୍ରସିଦ୍ଧ ହାତୀ ସଦୃଶ ବଢିଚାଲିଛି। ଦେଶରେ ବେକାରୀ ହାର ନେଇ ବିରୋଧି ଦଳଗୁଡିକ କେନ୍ଦ୍ରସରକାରଙ୍କ ନିଷ୍କ୍ରିୟତାକୁ ସମାଲୋଚନା କରି ଆସୁଛନ୍ତି। ଗତ ୨୦୨୪ ସାଧାରଣ ନିର୍ବାଚନରେ ବିରୋଧି ଦଳଗୁଡିକ ବେକାରୀ ସମସ୍ୟାକୁ ମୁଖ୍ୟ ନିର୍ବାଚନ ପ୍ରସଙ୍ଗ କରିଥିଲେ। ଯାହାର ପରିଣତି ସ୍ୱରୂପ ବିଜେପିକୁ ସଂଖ୍ୟା ଗରିଷ୍ଠତା ହାସଲ କରିବା ଠାରୁ ଦୂରେଇ ରଖିବାରେ ସମର୍ଥ ହୋଇଥିଲେ। କିନ୍ତୁ ବିଜେପି ସହଯୋଗୀ ଦଳମାନଙ୍କର ସହଯୋଗରେ ତୃତୀୟ ଥର ଲାଗି ସରକାର ଗଢିବାକୁ ସମର୍ଥ ହୋଇଥିଲା। ବିରୋଧି ଦଳଗୁଡିକ ବେକାରୀ ପ୍ରସଙ୍ଗକୁ ଯେ, ଯଥାର୍ଥ ଭାବେ ଭୋଟଦାତାଙ୍କ ନିକଟରେ ଉପସ୍ଥାପିତ କରିଥିଲେ, ତାହା କୁହାଯାଇନପାରେ। ବିହାରରେ ଗଲା ବିଧାନସଭା ନିର୍ବାଚନ ଆରଜେଡି ରାଜ୍ୟରେ ସ୍ଥାନୀୟ ନିଯୁକ୍ତି ଏବଂ ବେକାରୀ ପ୍ରସଙ୍ଗକୁ ଏଭଳି ଭାବେ ଉପସ୍ଥାପିତ କରିଥିଲା ଯେ, ସରକାର ଗଢିବା ନେଇ ଏକ ଧାରଣା ସୃଷ୍ଟି ହୋଇଥିଲା। ତେବେ ଲାଲୁ ଯାଦବଙ୍କ ଅନୁପସ୍ଥିତିରେ ଆରଜେଡି ଅଳ୍ପକେ ସଂଖ୍ୟାଗରିଷ୍ଠତାର ବଞ୍ଚିତ ହୋଇଥିଲା। ଏହା ନିସନ୍ଦେହ ଯେ, ଅସମ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବେକାରୀ ମାଗଣା ରାସନ ଉପରେ ଅଗଣିତ ଭାରତୀୟଙ୍କୁ ନିର୍ଭରଶୀଳ ହେବାକୁ ବାଧ କରିଛି। ସେହିପରି ବିଶ୍ୱର ବୃହତ ଅର୍ଥନୈତିକ ଶକ୍ତି ହେବାର ସମ୍ମାନ ଭାରତ ପାଇଥିବାବେଳେ ଏହାର ଲାଭ ଦେଶର ଭୋଟଦାତାଙ୍କ ଠାରୁ ପାଇବା ଅତ୍ୟନ୍ତ କଷ୍ଟକର। ଏହା ସତ୍ୟ ଯେ, ପେଟକୁ ଦୁଇ ଓଳି ଦାନା ଏବଂ ରୋଜଗାର ବ୍ୟତିକ ଅର୍ଥନୈତିକ ପ୍ରଗତି ନେଇ ଦେଶର ଗରିବ, ମଧ୍ୟବିତ ଭୋଟଦାତାଙ୍କୁ କିଛି ଜାଣନ୍ତି ନାହିଁ କି ବୁଝନ୍ତି ନାହିଁ। ଆହୁରି ମଧ୍ୟ ଦେଶରେ ବ୍ୟାପକ ପୁଞ୍ଜି ନିବେଶ ଦ୍ୱାରା ବଡ ବଡ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଏମଓୟୁ ସ୍ୱାକ୍ଷର କରୁଛନ୍ତି। ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟିନେଇ ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏଥିରୁ କୌଣସି ସୁଫଳ ମିଳୁଥିବା ପରିଲିଖିତ ହୁଏ ନାହିଁ। ଏବେ ନିଯୁକ୍ତି ମେଳା ମାଧ୍ୟମରେ ନିଯୁକ୍ତି ପତ୍ର ପ୍ରଦାନ ଏକ ପରମ୍ପରାରେ ପରିଣତ ହୋଇଗଲାଣି। ନିଯୁକ୍ତି ମିଳୁଛି ସତ୍ୟ, କିନ୍ତୁ ବେକାରୀଙ୍କ ସଂଖ୍ୟା ତୁଳନାରେ ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ବେକାରୀ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଦେଶର ଆର୍ଥୀକ ପ୍ରଗତି, ଅଭିବୃଦ୍ଧି, ଯୁବବର୍ଗ ଏବଂ ମତଦାତାଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

# ମିଳିତ ପରିବାର ଏବେ ଏକ ସ୍ମୃତି



ମାନସ କୁମାର କର
କୋଡାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଆମେ ଏପରି ଏକ ସମୟରେ ବଞ୍ଚୁଛୁ ଯେଉଁଠାରେ ପରିବର୍ତ୍ତନ ଘୋଷଣା କରାଯାଏ ନାହିଁ। ଏହା ଧୀରେ ଧୀରେ ଆସେ, ଅଭ୍ୟାସ ଆକାରରେ, ପ୍ରାଥମିକତାର କ୍ରମରେ, ସମ୍ପର୍କର ଭାଷାରେ। କୌଣସି ଘୋଷଣା ନାହିଁ, କୌଣସି ନିର୍ଦ୍ଦିଷ୍ଟ ଦିନ ନାହିଁ – କିନ୍ତୁ ଯେତେବେଳେ ଏହା ଦୃଶ୍ୟମାନ ହୁଏ, ସେତେବେଳେ ବହୁତ କିଛି ପଛରେ ରହିଗଲା ପରି ମନେହୁଏ। ଗତ କିଛି ଦଶନ୍ଧି ମଧ୍ୟରେ, ସହରଗୁଡ଼ିକ ବୃଦ୍ଧି ପାଇଛି ସତ କିନ୍ତୁ, ଘରଗୁଡ଼ିକ ଛୋଟ ହୋଇଯାଇଛି, ଯୋଗାଯୋଗ ହ୍ରାସ ପାଇଛି ଏବଂ ପାରସ୍ପରିକ ଦୂରତା ଏକ ସାଧାରଣ ଅଭିଜ୍ଞତା ପରି ସ୍ଥାନ ଅଧିକାର କରିଛି। ଏସବୁ ଯୋଜନା ପରି ନୁହେଁ, ବରଂ ଜୀବନର ଗତି ସହିତ ନିଜେ ହିଁ ଘଟିଛି।

ଯେଉଁ ଘରଗୁଡ଼ିକ ପୂର୍ବରୁ ବୟସ୍କ ଲୋକଙ୍କର ସ୍ୱର, ପିଲାମାନଙ୍କ କୋଳାହଳ, ରୋଷେଇ ଘରର ବାସ୍ନା ଏବଂ ପରସ୍ପର କଥାବାର୍ତ୍ତାର ପ୍ରତିଧ୍ୱନିରେ ପରିପୂର୍ଣ୍ଣ ଥିଲା, ସେଗୁଡ଼ିକ ଏବେ ପ୍ରାୟତଃ ନୀରବତାରେ ପରିପୂର୍ଣ୍ଣ । ବର୍ତ୍ତମାନ ନ୍ୟୁଜ୍ ଚ୍ୟାନେଲର ନିରନ୍ତର ଶବ୍ଦ କିମ୍ବା ମୋବାଇଲର ରିଙ୍ଗଟୋନରେ ପରିପୂର୍ଣ୍ଣ, କିନ୍ତୁ ସମ୍ପର୍କର ସ୍ୱର କୌଣସି ସ୍ଥାନରେ ଶୁଣାଯାଉ ନାହିଁ। ମିଳିତ ପରିବାର ଏବେ ଏକ ସ୍ମୃତି, ଏବଂ ଛୋଟ ପରିବାର ଏକ ସାଧାରଣ ସାମାଜିକ ଗଠନରେ ପରିଣତ ହୋଇଛି। ଛୋଟ ପରିବାରଗୁଡ଼ିକ ପୂର୍ବରୁ ମହାନଗରଗୁଡ଼ିକରେ ସୀମିତ ଥିଲେ – ଏବେ ଏହି ପାର୍ଥକ୍ୟ ଲିଭାଇ ଦିଆଯାଇଛି। ଏହି ଗଠନ ଛୋଟ ସହର ଏବଂ ଗ୍ରାମଗୁଡ଼ିକରେ ମଧ ସାଧାରଣ ହୋଇପଡିଲାଣି। ଏହା ସହର ହେଉ କି ଗାଁ – ଯୁବକମାନେ କ୍ୟାରିଅର ଏବଂ ସ୍ୱାବଲମ୍ବନ ପଛରେ ଦୌଡୁଛନ୍ତି, ମଧ୍ୟବୟସ୍କମାନେ ସ୍ଥାନୀୟ ପରିଚୟ ଏବଂ ଭୂମିକାର ସ୍ଥିରତାରେ ଫସି ରହିଛନ୍ତି, ବୃଦ୍ଧମାନେ ସେମାନଙ୍କର ଉପଯୋଗୀତା ପ୍ରମାଣିତ କରିବା ପାଇଁ ଚିନ୍ତିତ ଏବଂ ପିଲାମାନଙ୍କର ସମୟ ଏବେ ସ୍କୁଲ, ଟ୍ୟୁସନ ଓ ଟିଭି କିମ୍ବା ମୋବାଇଲ ସ୍କ୍ରିନରେ ବିତିଯାଉଛି। ସମସ୍ତେ କୌଣସି ଲକ୍ଷ୍ୟସ୍ଥଳ ଆଡକୁ ଦୌଡୁଛନ୍ତି ଏବଂ ଏହି ଦୌଡ଼ରେ, ସେହି ସମ୍ପର୍କଗୁଡ଼ିକ, ଯାହା ଥରେ ଜୀବନର ପ୍ରାକୃତିକ ପ୍ରାଥମିକତା ଥିଲା, ତାହା ପଛରେ ପଡ଼ିଯାଇଛି। ଏହି ନୀରବତା ଧୀରେ ଧୀରେ ସେହି ଘରଗୁଡ଼ିକୁ ମଧ୍ୟ ପରିବର୍ତ୍ତନ କରୁଛି ଯାହା ପୂର୍ବରୁ ମିଳିତ ପରିବାରର ଉଷ୍ମତାରେ ପରିପୂର୍ଣ୍ଣ ଥିଲା। ଏବେ ଏକାଠି ରହିବା ଏକ ଔପଚାରିକତା, ଯୋଗାଯୋଗ ଏକ ଯୋଜନା। ଏହା କୌଣସି ଶ୍ରେଣୀ, ପିଢ଼ି କିମ୍ବା ଭୌଗୋଳିକ ପରିସୀମା ମଧ୍ୟରେ ସୀମିତ ନୁହେଁ। ଏହା ସମୟର ଚିତ୍ର, ଯାହା ପ୍ରତ୍ୟେକ ଜିଲ୍ଲା, ପ୍ରତ୍ୟେକ ରାସ୍ତା, ପ୍ରତ୍ୟେକ ଗଳି, ପ୍ରତ୍ୟେକ ଗାଁ ଏବଂ ପ୍ରତ୍ୟେକ ଘରେ ପୁନରାବୃତ୍ତି ହେଉଛି।

ଗତି ହେଉଛି ଆଜିର ଭାଷା। କର୍ମକୁ ଯିବା, ଫେରିବା, ପରଦିନ ପାଇଁ ପ୍ରସ୍ତୁତି କରିବା ଏବଂ ଏସବୁ ମଧ୍ୟରେ, ନିଜ ପାଇଁ କିମ୍ବା ପ୍ରିୟଜନଙ୍କ ପାଇଁ ସମୟ ନାହିଁ। କ୍ଳାନ୍ତି ଏବେ କେବଳ ଶରୀରର ନୁହେଁ, ବରଂ ମନର ମଧ୍ୟ। ପ୍ରଯୁକ୍ତିବିଦ୍ୟା ସଂଯୋଗର ନୂତନ ଉପାୟ ଦେଇଛି, କିନ୍ତୁ ସେମାନଙ୍କ ପାଖରେ ପରସ୍ପର ମଧ୍ୟରେ ଚିଠି ଦେବା ନେବା, କିମ୍ବା ଗୋଟିଏ ଛାତ ତଳେ ପୁରା ପରିବାର ଏକାଠି ବସି କଥା ବାର୍ତ୍ତା ହେବା ସେ ସମୟରେ ଯେଉଁ ଉଷ୍ମତା ଥିଲା ତାହା ବର୍ତ୍ତମାନ ଆଉ ନାହିଁ। ପରଦାରେ ସବୁକିଛି ଅଛି – ହସ, ଲୁହ, କଥାବାର୍ତ୍ତା–କିନ୍ତୁ ପ୍ରକୃତରେ କ'ଣ ଅଛି ତାହା ପଚାରିବା ପାଇଁ କାହା ପାଖରେ ସମୟ ନାହିଁ।

ଆର୍ଥିକ ଆବଶ୍ୟକତା ଆଉ କେବଳ ଆବଶ୍ୟକତା ନୁହେଁ। ସେଗୁଡ଼ିକ ଜୀବନଶୈଳୀର ଆଧାର ପାଲଟିଛି। ଆପଣ ଯେତେ ଅଧିକ ରୋଜଗାର କରିବେ, ସେତେ କମ୍ ଦେଖାଯିବ। ଖର୍ଚ୍ଚ ସ୍ଥିର ନୁହେଁ, ଇଚ୍ଛା ହିଁ ନିର୍ଣ୍ଣୟ କରେ ଯେ ଆଉ କେତେ ଆବଶ୍ୟକ। ଏହି ଅସନ୍ତୁଳନରେ, ପ୍ରଥମେ ଭାଙ୍ଗିବାକୁ ଥିବା ଜିନିଷଗୁଡ଼ିକ ଦୃଶ୍ୟମାନ ନୁହେଁ – ନିଦ୍ରା, ଆରାମ, ସମ୍ପର୍କରେ ସହଜତା। ମାନସିକ ଥକ୍କାପଣ ଏକ ସାଧାରଣ ଅବସ୍ଥା ହୋଇଗଲାଣି, ଯାହାକୁ ବର୍ତ୍ତମାନ ଅନେକଙ୍କ ପାଇଁ ଚିହ୍ନିବା ମଧ୍ୟ ଅସହଜ।

ସମାଜରେ, ଯେଉଁମାନେ ଥରେ ଏକାଠି ପର୍ବ ପାଳନ କରୁଥିଲେ, ଏବେ ଉତ୍ସବକାଳୀନ ଛୁଟିଦିନରେ ମଧ ବିଭିନ୍ନ ବିଭାଗରେ ବିଭକ୍ତ। ପରମ୍ପରା, ଯାହା ପୂର୍ବରୁ ପିଢ଼ିକୁ ସଂଯୋଗ କରୁଥିଲା, ଏବେ ଏକ ବିକଳ୍ପ ଭାବରେ ଦେଖାଯାଉଛି – ଯଦି ଆବଶ୍ୟକ ହୁଏ, ତେବେ ସେଗୁଡ଼ିକୁ ଅନୁସରଣ କରାଯିବା ଉଚିତ, । ବିବାହ କୌଣସି ପରିବାରର ଯୋଜନା ପରି ମନେହୁଏ ନାହିଁ, ବରଂ ଏକ ଇଭେଣ୍ଟ କମ୍ପାନୀର ଗୋଟେ ଦିନ ମନୋରମ କାର୍ଯ୍ୟକ୍ରମ । ଏହା ସଂସ୍କୃତି କିମ୍ବା ପରମ୍ପରାର ଭଲ କିମ୍ବା ମନ୍ଦ ବିଷୟ ନୁହେଁ, କେବଳ ଏତିକି ଯେ ଏସବୁରେ ଆସିଥିବା ପରିବର୍ତ୍ତନ ହଠାତ୍ ନୁହେଁ, ବରଂ ବ୍ୟାପକ।

ଏହି ସମୟର ସବୁଠାରୁ ବଡ଼ କଥା ହେଉଛି ଯେ ଦୋଷ ଦେବା ପାଇଁ କେହି ନାହାନ୍ତି। କାହାକୁ ବା ଦୋଷ ଦେବେ ସବୁକିଛି ବଦଳାଇବା ପାଇଁ କେହି ଜଣେ ନାହାନ୍ତି। ଆମେ ସମସ୍ତେ ମିଶି ଏହି ପରିବର୍ତ୍ତନ ଆଣିଛୁ – ଆମର ନିଷ୍ପତ୍ତି, ଆମର ପ୍ରାଥମିକତା ଏବଂ ଆମର ନୀରବ ଚୁକ୍ତିନାମା ସହିତ। ତେଣୁ ଏହା କେବଳ ଜଣେ ବ୍ୟକ୍ତିଙ୍କ ସମସ୍ୟା ନୁହେଁ। ଏବଂ ଏହା ହୁଏତ ସବୁଠାରୁ କଷ୍ଟକର କଥା – ଏହା ସମସ୍ତଙ୍କର କାହାଣୀ, କିନ୍ତୁ ତଥାପି କେହି ଏହାକୁ ନିଜର ସମସ୍ୟା ଭାବରେ ଗ୍ରହଣ କରନ୍ତି ନାହିଁ।

ଯେତେବେଳେ ସବୁଠାରୁ ବଡ଼ ସଙ୍କଟ ଯାହା ସାଧାରଣ ମନେହେବାକୁ ଆରମ୍ଭ କରେ। ଆମେ ଯାହାକୁ ବ୍ୟକ୍ତିଗତ ବୋଲି ଭାବୁଥିଲୁ, ତାହା ଏବେ ସାମାଜିକ ହୋଇଗଲାଣି। ଯେଉଁ ଦୂରତାକୁ ଆମେ ପରିସ୍ଥିତିର ବାଧ୍ୟବାଧକତା ବୋଲି ଭାବୁଥିଲୁ, ତାହା ଆମର ସାମାଜିକ ଗଠନ ପାଲଟିଗଲାଣି। ଏହା ଗତକାଲିର କାହାଣୀ ନୁହେଁ, ନା କାଲିର ଭବିଷ୍ୟବାଣୀ। ଏହା କେବଳ ଆଜିର ସେହି ସ୍ତର ଯାହା ପ୍ରତିଦିନ ଆମ ଜୀବନରେ ଯୋଡ଼ି ହେଉଛି – ନୀରବରେ, ଏବଂ ନିରନ୍ତର ଭାବରେ।

ଏସବୁ ଦେଖିବା ପରେ ହୁଏତ କୌଣସି ପ୍ରଶ୍ନ ଉଠିପାରେ ନାହିଁ, କୌଣସି ସମାଧାନ ମିଳିପାରିବ ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ କିଛି ସମୟ ପାଇଁ ଅଟକି ଏହାକୁ ଦେଖିବା ଆବଶ୍ୟକ। କାରଣ ଯାହା ଦୃଶ୍ୟମାନ ନୁହେଁ, ତାହା ହିଁ ସବୁଠାରୁ ଗଭୀର ଭାବରେ ପରିବର୍ତ୍ତନ କରେ।




ଜଗତସିଂହପୁର(ଭାସ୍କର ନ୍ୟୁଜ): କଣ୍ଢାପଡାସ୍ଥିତ ପ୍ରାଣକୃଷ୍ଣ ସ୍ମୃତି ବିଦ୍ୟାପୀଠରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସର୍ବପ୍ରଥମେ ଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ଏହା ପରେ ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସ୍ୱର୍ଣ୍ଣ ସିଂହ କମିଟିର ସୁପାରିସ କ୍ରମେ ୧୯୭୬ ମସିହାରେ ଭାରତୀୟ ସମ୍ବିଧାନର ୪୨ ତମ ସଂଶୋଧନରେ ସମ୍ବିଧାନର ଧାରା ୫୧ରେ ମୌଳିକ କର୍ତ୍ତବ୍ୟକୁ ପ୍ରଚଳନ କରାଯାଇଥିଲା । ଭାରତୀୟ ସମ୍ବିଧାନରେ ୧୧ଟି ମୌଳିକ କର୍ତ୍ତବ୍ୟ ଅଛି । ପ୍ରତ୍ୟେକ ଭାରତୀୟ ନାଗରିକ ଏହି କର୍ତ୍ତବ୍ୟକୁ ପାଳନ କରିବା ଉଚିତ୍ । ଏହି ୧୧ଟି ମୌଳିକ କର୍ତ୍ତବ୍ୟ ବିଷୟରେ ସଚିବ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ସେହିପରି ଉପ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ମୌଳିକ କର୍ତ୍ତବ୍ୟର ବିଭିନ୍ନ ଦିଗ ବିଷୟରେ ସଚେତନ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ଧନ୍ୟବାଦ ଦେଇଥିଲେ ।

# ସୁବର୍ଣ୍ଣରେଖା ବନ୍ୟାରେ ୧୪ ପଞ୍ଚାୟତର ୩୫୦୦ ଲୋକେ ବିପନ୍ନ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଚଳିତବର୍ଷ ସୁବର୍ଣ୍ଣରେଖାରେ ଦେଖା ଦେଇଥିବା ୨ୟ ବଡବନ୍ୟା ଯୋଗୁଁ ୧୪ ପଞ୍ଚାୟତର ୩୦ଗାଁରେ ବନ୍ୟାପାଣି ପ୍ରବେଶ କରିଛି । ଫଳରେ ପ୍ରାୟ ୩୫୦୦ ଲୋକେ ପାଣି ଘେରରେ ଥିବା କୁହାଯାଉଛି । ଆରଡିସି, ଜିଲ୍ଲାପାଳ, ଏଡିଏମ୍, ଡ୍ରେନେଜ୍ ବିଭାଗର ମୁଖ୍ୟଯନ୍ତ୍ରୀ ଜଳେଶ୍ୱରର ବିଭିନ୍ନ ଅଞ୍ଚଳ ବୁଲି ପରିସ୍ଥିତି ପ୍ରତି ତିକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ହଠାତ୍ ସୁବର୍ଣ୍ଣରେଖାର ଉପର ମୁଣ୍ଡରେ ବର୍ଷା ହେବାରୁ ଗତ ୨୩ରେ ପ୍ରଥମ ବନ୍ୟା ଦେଖା ଦେଇଥିଲା । ରାଜଘାଟରେ ୧୧.୪୦ ମିଟର ବନ୍ୟାପାଣି ପ୍ରବାହିତ ହୋଇଥିବା ବେଳେ ତାହା ଆସ୍ତେ ଆସ୍ତେ କମିଥିଲା । ପୁଣି ୨୯ରୁ ଉପର ମୁଣ୍ଡରେ ବର୍ଷା ହେବାରୁ ରାଜଘାଟରେ ବନ୍ୟାଜଳ ପତନ ୧୧.୫୬ ମିଟରରେ ପ୍ରବାହିତ ହୋଇଛି । ସଂଧ୍ୟାରେ ନଦୀର ଜଳପତନ ୧୧.୪୫ ଥିବାବେଳେ ସମତଳ ଅଞ୍ଚଳରେ ବନ୍ୟାପାଣି ବଢ଼ିବାରେ ଲାଗିଛି । ପଶ୍ଚିମବାର୍ଡ଼, ଖାଡପିମ୍ପଳ, ଗଡ଼ସାହି ବାଲିଆପାଳ, ବାଇଗଣବାଡିଆ, ପାଇକସିଦା, ଖୁଦିଆମାଝିସାହି, ଶିଖରପୁର, ଲକ୍ଷ୍ମଣନାଥ, ଖାଲିନା, ରାୟାଁରାମଚନ୍ଦ୍ରପୁର, ମାକିଡିଆ, ଗୋବରଘଟା, ମହମ୍ମଦନଗର ପାଟଣା ପଞ୍ଚାୟତର ୩୦ ଗାଁରେ ବନ୍ୟାପାଣି ପଶିଥିବାରୁ ଲୋକେ ଦୁର୍ଦ୍ଦିନରେ କାଳତିପାତ କରୁଛନ୍ତି । ବର୍ଷା ପରେ ହଠାତ୍ ବନ୍ୟା ଦେଖାଦେବାରୁ ଲୋକେ ହଇରାଣରେ ପଡିଛନ୍ତି । ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ବିଭିନ୍ନ ଉଚ୍ଚସ୍ଥାନରେ ଥିବା ବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇ ରନ୍ଧାଖାଦ୍ୟ ଦିଆଯାଇଥିବା ବିଡିଓ ଗୌରାଙ୍ଗ ଘୋଷ, ତହସିଲଦାର ସତ୍ୟଜିତ୍ ମହାନ୍ତି ପ୍ରକାଶ କରିଛନ୍ତି । ସରପଂଚମାନେ ବ୍ଲକରୁ ଆସିଥିବା ଟିମ୍ ଗୁଡିକୁ ସହାୟତା କରୁଥିବା ଜଣାଯାଇଛି । ଗତ ରାତିରେ ବିଭିନ୍ନ ସ୍ଥାନରେ ରଖାଯାଇଥିବା ବେଳେ ପ୍ରାଥମିକ ସ୍ତରରେ ୩୦୧୨ ଲୋକେ ପାଣି ଘେରରେ ଥିବା ବ୍ଲକ ପକ୍ଷରୁ କୁହାଯାଇଥିବା ବେଳେ ଏହା ୩୫୦୦ ହେବ ବୋଲି କୁହାଯାଇଛି । କେନ୍ଦ୍ରୀୟ ରାଜସ୍ୱ ପର୍ଷଦ ସଦସ୍ୟ ଡି ପରମେଶ୍ୱର, ଜିଲାପାଳ ସୁର୍ଯ୍ୟବଂଶୀ ମୟୂର ବିକାଶ, ନୋଡାଲ ଅଫିସର ତଥା ଏଡିଏମ୍ ସୁଧାକର ନାୟକ, ଜଳନିସ୍କାସନ ବିଭାଗର ମୁଖ୍ୟଯନ୍ତ୍ରୀ ଅଭିମନ୍ୟୁ ରାଉଳ, ଜିଲା ନୋଡାଲ ଅଫିସର ଅସ୍ମିତା ଦାସ ଓ ବିଧାୟକ ଅଶ୍ୱିନୀ ପାତ୍ର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ପରିସ୍ଥିତିକୁ ଲକ୍ଷ୍ୟକରି ଜଳେଶ୍ୱରରେ ୨ଟି ଉଦ୍ଧାରକାରୀ ଦଳ ପହଞ୍ଚିଛନ୍ତି । ବହୁ ଗାଁରେ ରାସ୍ତାଘାଟ ବୁଡି ଯାଇଥିବାରୁ ଯାତାୟାତ ଓ ପିଇବାପାଣି ସମସ୍ୟା ଭାବେ ଦେଖାଦେଇଛି । ରାଜଘାଟଠାରେ ଜଳସ୍ତର କମିବାକୁ ଆରମ୍ଭ କରିଥିବା ବେଳେ ପ୍ରାୟ ୨୦ଘଣ୍ଟା ସମତଳ ଅଞ୍ଚଳରେ ବନ୍ୟାପାଣି ବଢ଼ିବାକୁ ଥିବାରୁ ଆଜି ରାତିରେ ବହୁ ଲୋକେ ଆସି ନିରାପଦ ସ୍ଥାନରେ ରହୁଥିବା ଦେଖିବାକୁ ମିଳିଛି । ସୁବର୍ଣ୍ଣରେଖା ନଦୀର ଅପରପାର୍ଶ୍ୱରେ ଗଡସାହି ବାଲିଆପାଳ ଥିବାରୁ ପ୍ରାୟ ୧୫୦ ଲୋକେ ଆଶ୍ରୟସ୍ଥଳରେ ଥିବା ଜଣାଯାଇଛି । ବାଇଗଣବାଡିଆର ଛୋଟଖାନପୁର, ଛୋଟ ଆକନା ଓ ରାୟାଁରାମଚନ୍ଦ୍ରପୁରର ମେଳକ, ଏକତାଳ ପାଣି ଘେରରେ ରହିଥିବା ଜଣାଯାଇଛି । ନଦୀର ଉପର ମୁଣ୍ଡରେ ବର୍ଷା ନଥିବାରୁ ସୁବର୍ଣ୍ଣରେଖା ନଦୀରେ ପାଣି ଅଧିକ ଆସିବାର ସମ୍ଭବନା ନଥିବା କେନ୍ଦ୍ରୀୟ ରାଜସ୍ୱ ପର୍ଷଦ ସଦସ୍ୟ ଡି ପରମେଶ୍ୱର ସୂଚନା ଦେଇଛନ୍ତି ।

# ବିକଶିତ ଧାମନଗର ସ୍ୱପ୍ନ ସାକାର ପାଇଁ ବହୁମୁଖୀ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ



ଧାମନଗର(ଭାସ୍କର ନ୍ୟୁଜ): ସମସ୍ତଙ୍କର ସହଯୋଗ ରହିଲେ ଧାମନଗରର ବିକାଶ ହୋଇପାରିବ । ବିକଶିତ ଧାମନଗର ସ୍ୱପ୍ନ ସାକାର ହେବ । ଗାଁ ଗହଳିରେ ସହରର ସୁବିଧା ମିଳିବ । ଏ ଅଞ୍ଚଳରୁ ଜାତୀୟସ୍ତରର କ୍ରୀଡ଼ାବିତ୍ ସୃଷ୍ଟି ହେବେ । ଶିକ୍ଷା ଭିତ୍ତିଭୂମିର ବିକାଶ ଶୀର୍ଷ ସ୍ଥାନରେ ପହଞ୍ଚିବା ସହ ଐତିହାସିକ ସ୍ଥଳର ରୂପ ବଦଳିବ । ତା' ସହିତ ଧାମନଗରବାସୀ ସୁସ୍ଥ ଓ ସୁଖୀ ରହିବେ । ରାଜ୍ୟରେ ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି ଓ ମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ବର୍ଷକ ମଧ୍ୟରେ ଧାମନଗରର ବିକାଶ ପାଇଁ କେଉଁ କେଉଁ ପଦକ୍ଷେପ ନେଇଛନ୍ତି, ସେନେଇ ଏକ ରିପୋର୍ଟ କାର୍ଡର ଉନ୍ମୋଚନ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଧାମନଗର ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ଉନ୍ମୋଚନ କରାଯାଇଛି । ଏହାସହ ଧାମନଗର ଏନ୍‌ଏସି ଓ ପଞ୍ଚାୟତ ସମିତିର ୫ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମନ୍ତ୍ରୀ । ଏନ୍‌ଏସି ଅଞ୍ଚଳରେ ୩.୩୮ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଗୋଶାଳା, ୩.୧୬ କୋଟି ଟଙ୍କାରେ ହେବାକୁ ଥିବା ଆଧୁନିକ ପାର୍କ ଓ ଆମ୍ଫିଥିଏଟର, ମଳ ଉପଚାର କେନ୍ଦ୍ରର ଶିଳାନ୍ୟାସ କରାଯାଇଛି । ସେହିପରି ଧାମନଗର ବ୍ଲକ ଅଧିନରେ ବିଭିନ୍ନ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଓ ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀଙ୍କ ପାଇଁ କମନ ରୁମ୍ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ । ତା' ସହିତ ୪୧୭ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । କାର୍ଯ୍ୟକ୍ରମରେ ଧାମନଗର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ସଭାପତିତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଧାମନଗର ତହସିଲଦାର ଲୋକନାଥ ପ୍ରସାଦ ସେଠୀ, ବିଡ଼ିଓ ବନବିହାରି ଦିକ୍ଷା, ଧାମନଗର ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଏମ୍.ଡି ନୁରାନି, ବ୍ଲକ୍ ସାଂସଦ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ଏନ୍‌ଏସି ପ୍ରତିନିଧି ସରୋଜ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ନିମାପଡ଼ାରେ ଅତିଷ୍ଠ କରୁଛି ରୋଷଣୀର ଡିଜେ ସାଉଣ୍ଡ୍


ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଡ଼ିଜେ ସାଉଣ୍ଡ୍ ଲୋକଙ୍କୁ ଅତିଷ୍ଠ କରୁଥିବା ବେଳେ ବରିଷ୍ଠ ନାଗରିକମାନେ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏପରି ସାଉଣ୍ଡ୍ ଦେଇ ବିଭିନ୍ନ ରୋଷଣୀ ଯାଉଥିବା ବେଳେ ଘରର କାନ୍ଥବାଡ଼ ଥରି ଉଠୁଛି । ଡ଼ିଜେ ଉପରେ କଟକଣା ନ ଥିବାରୁ ଆମାନିଆମାନେ ବେଳକୁ ବେଳ ବିକଟାଳ ଶବ୍ଦ କରି ଡ଼ିଜେ ବଜାଉଛନ୍ତି । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଡ଼ିଜେ ଉପରେ କଟକଣା ଲଗାଇ ଥିବାବେଳେ କଟକଣା ଲାଗୁ କରାଯାଉ ନାହିଁ । ଯାହାକୁ ନେଇ ଲୋକମାନେ ପ୍ରତିବାଦ କରିଛନ୍ତି । କେତେକ ବ୍ୟକ୍ତିଙ୍କ ମତ ନେବାରେ କହିଛନ୍ତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡ଼ିଜେ ସାଉଣ୍ଡ୍ ପ୍ରତିବାଦରେ ମାମଲା କରିବୁ ବୋଲି ଚେତାବନୀ ଦେଇଛନ୍ତି । ଦେବାଳୟ, ସ୍କୁଲ ସମ୍ମୁଖ, ଚିକିତ୍ସାଳୟ ସମ୍ମୁଖ ଆଦି ସ୍ଥାନରେ ଡ଼ିଜେ ସାଉଣ୍ଡ ଉପରେ କଟକଣା ଲାଗୁ କରାଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ । ପିଲାମାନେ ପାଠ ପଢ଼ି ପାରୁ ନ ଥିବା ବେଳେ ବରିଷ୍ଠ ନାଗରିକମାନେ କବାଟ ଝରକା ଦେଇ ମଧ୍ୟ ଡ଼ିଜେ ସାଉଣ୍ଡ ଘର ଦୁଆର ଥରି ଉଠୁଛି । ଅନେକ ବ୍ୟକ୍ତି ସରକାରଙ୍କ ଠାରୁ ଆଦେଶ ନ ନେଇ ବିନା ଆଦେଶରେ ନିମାପଡ଼ା ଏନ୍‌ଏସିରେ ଡ଼ିଜେ ବଜାଉଛନ୍ତି । ସୂଚନା ଅନୁଯାୟୀ, ନିମାପଡ଼ାରେ ଡ଼ିଜେର ବିକଟାଳ ଶବ୍ଦରେ ଚର୍ଚ୍ଚିତ କମି ଉଠୁଥିବା ବେଳେ ଜନସାଧାରଣ ତ୍ରାହି ତ୍ରାହି ଡାକୁଛନ୍ତି । କମ୍ ସାଉଣ୍ଡରେ ଡ଼ିଜେ ବଜାଇବା କେଉଁ ଅଧିକାରୀଙ୍କୁ ଆଦେଶ ନେବା ତାହା କୋର୍ଟଙ୍କ ଆଦେଶରେ ରହିଛି । ମାତ୍ର କୋର୍ଟଙ୍କ ଆଦେଶକୁ ଡ଼ିଜେ ବଜାଉଥିବା ବ୍ୟକ୍ତି ଖୋଲାଖୋଲି ଉଲ୍ଲଂଘନ କରି ଚାଲିଛନ୍ତି । କ'ଣ ପାଇଁ ଏପରି ବୋଲି ଜନସାଧାରଣ ପ୍ରଶାସନଙ୍କୁ ପ୍ରଶ୍ନ କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ଡ଼ିଜେର ବିକଟାଳ ଶବ୍ଦରେ ରୋଗୀ ଥରି ଉଠୁଛନ୍ତି । ଗୁହାଳପଡ଼ା କଲୋନୀ ଦେଇ ଏକ ମଣ୍ଡପକୁ ରୋଷଣୀ ଯାଉଥିବା ବେଳେ ବିକଟାଳ ଶବ୍ଦ କାରଣରୁ ଲୋକମାନେ ଆଘାତ ପାଉଛନ୍ତି । ଏ ସଂପର୍କରେ ପ୍ରଶାସନ ଦୃଷ୍ଟି ନ ଦେବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଢେଙ୍କାନାଳରେ ମନ୍ କୀ ବାତ୍ ଶୁଣିଲେ ଯୋଗାଣ ମନ୍ତ୍ରୀ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୩ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଆଜି ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କାର୍ଯ୍ୟକର୍ତ୍ତାଙ୍କ ସହ ଢେଙ୍କାନାଳସ୍ଥିତ ନିଜ କାର୍ଯ୍ୟାଳୟରେ ଶୁଣିଲେ । ଉପରୋକ୍ତ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଢେଙ୍କାନାଳ ନଗରପାଳିକା ଜୟଶ୍ରୀ ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ମନ୍ କୀ ବାତ୍ ଜିଲ୍ଲା ସଂଯୋଜକ ମାତୃପ୍ରସାଦ ନନ୍ଦ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁ, ପୂର୍ବତନ ସଭାପତି ଧ୍ରୁବ ଚରଣ ସ୍ୱାଇଁ, ସାଂସଦଙ୍କ ପୌର ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଜ୍ଞାନ ରଂଜନ ନାୟକ, ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର, କାଉନସିଲର ଲକ୍ଷ୍ମୀପ୍ରିୟା ଦଳେଇ, ପ୍ରତାପ ନାୟକ, ସୂର୍ଯ୍ୟପ୍ରତାପ ରାଉତ, ବଳରାମ ସେଠୀ, ଅଭିମନ୍ୟୁ ପଣ୍ଡା, ବରିଷ୍ଠ କାର୍ଯ୍ୟକର୍ତ୍ତା ପଦ୍ମଲୋଚନ ସାହୁ, ପ୍ରଦୀପ ମଲ୍ଲିକ, ରାଜେନ୍ଦ୍ର ପାଢ଼ୀ, ମାଳବିକା ସ୍ୱାଇଁ, ଦେବାଶିଷ ପାଣି, ଦୀପକ ପଟ୍ଟନାୟକ, ବାଦଲ ବେହେରା, ସୁଚିତ୍ର ବେହେରା, ସନ୍ତୋଷ ବେହେରା, ପ୍ୟାରୀ ମୋହନ ସେଠୀ, ରାକେଶ ସାହୁ, ଦୟାନିଧି ବେହେରା ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସର୍ଟସର୍କିଟ୍‌ରୁ ଜଳିଗଲା ଲକ୍ଷାଧିକ ଟଙ୍କାର ଗ୍ରୋସରୀ ସାମଗ୍ରୀ



ନିଆଳୀ(ଭାସ୍କର ନ୍ୟୁଜ): ନିଆଳୀ ଥାନା ଅଧୀନସ୍ଥ ନୂଆଗାଁ ପଞ୍ଚାୟତ ମଝିଖଣ୍ଡ ଛକରେ ଥିବା ଏକ ଗ୍ରୋସରୀ ଦୋକାନରେ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଗ୍ରୋସରୀ ସାମଗ୍ରୀ ପୋଡ଼ିଯାଇଛି । ଅଗ୍ନିକାଣ୍ଡର ଭୟାବହ ଏଭଳିଥିଲା ଯେ ପାଖ ଦୋକାନଗୁଡ଼ିକ ମଧ୍ୟ ଭୟରେ ଦୋକାନ ଘର ଖାଲି କରି ପକାଇଥିଲେ । ପାଖରେ ଥିବା ଆଇଡିବିଆଇ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ଭୟରେ ଥିଲେ । ଖବର ପାଇଁ ନିଆଳୀ ଅଗ୍ନି ସେବା ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଠାରେ ସୂଚନାଥାଉ କି ନୂଆଗାଁ ଜଳାଗାଡ଼ ପର୍ଯ୍ୟନ୍ତ ଏକ ହଜାରରୁ ଉର୍ଦ୍ଧ୍ୱ ନାମିଦାମୀ ଦୋକାନ ବଡ଼ ବଡ଼ ଦୋକାନ ଗୁଡ଼ ଭଳି ଅନେକ ସଂସ୍ଥା ରହିଥିଲେ ମଧ୍ୟ ସେମାନଙ୍କର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ । ଫଳରେ ବଡ ବଡ଼ ଅଗ୍ନି କାଣ୍ଡ ଘଟିଲେ ଦୋକାନୀଙ୍କ କ୍ଷୟକ୍ଷତି ସହ ସାଧାରଣ ଲୋକଙ୍କ ଜୀବନ ଯିବାର ସମ୍ଭାବନା ରହିଛି । ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

# କୁଶଭଦ୍ରା ନଦୀବନ୍ଧ କାଟି ଲଘୁ ଖଣିଜ ଦ୍ରବ୍ୟ ଲୁଟ୍
## ବନ୍ୟା ପାଣି ଆଶଙ୍କାରେ ଲୋକେ ଆତଙ୍କିତ

ନିମାପଡ଼ା(ଭାସ୍କର ନ୍ୟୁଜ): ବର୍ଷାଦିନ ଆସିଲା, ନିମାପଡ଼ରେ ସରିଲାନି ନଦୀବନ୍ଧ ସୁଦୃଢ଼ୀକରଣ । ଅନେକ ସ୍ଥାନରେ ଘାଇ ସୃଷ୍ଟି ହେବାର ସମ୍ଭାବନା ଥିବାବେଳେ ବାଲି ମାଫିଆମାନେ ଠା'କୁ ଠା' କୁଶଭଦ୍ରା ନଦୀବନ୍ଧ କାଟି ବାଲି ବୋହୁଛନ୍ତି । ରୋଜଗାର ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ମରଣ ମୁହଁକୁ ଠେଲି ଦେଉଛନ୍ତି । ଚଳିତ ବର୍ଷ ପାଣିପାଗ କହିବା ଅନୁଯାୟୀ, ଅଧିକ ବର୍ଷା ଥିବାବେଳେ ନଦୀରେ ବନ୍ୟା ଆସିବା ପ୍ରାୟତଃ ନିଶ୍ଚିତ ହୋଇଛି । ବନ୍ୟା ଆସିଲେ ଅନେକ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯିବା ଆଶଙ୍କା କରାଯାଉଛି । ମାତ୍ର ବିଭାଗୀୟ ଅଧିକାରୀ ଘଟଣା ପ୍ରତି ଦୃଷ୍ଟି ନ ଦେବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ନିମାପଡ଼ାରେ ବ୍ୟାପକ ବର୍ଷା ହୋଇଥିବା ବେଳେ ଏହି ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି । ବିଶେଷକରି ସମସ୍ୟା ସୃଷ୍ଟି କରିଛି କୁଶଭଦ୍ରା ନଦୀ । କୁଶଭଦ୍ରା ନଦୀ ଠା'କୁ ଠା' କଟାଯାଇ ବାଲି ବୁହା ଯାଉଥିବାରୁ ନଦୀବନ୍ଧ ଦୁର୍ବଳ ହୋଇପଡ଼ିଛି । ବନ୍ୟା ପାଣି ଆସିଲେ କୌଣସି ମୁହୂର୍ତ୍ତରେ ଘାଇ ସୃଷ୍ଟି ହେବାର ଆଶଙ୍କା କରାଯାଉଛି । ଦୀର୍ଘଦିନ ହେବ ଏହାର ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଘଟଣା ପ୍ରତି କର୍ଣ୍ଣଗୋଚର କରୁନାହାନ୍ତି । ଆଳିପିଙ୍ଗଳ ଘାଟ, ଢ଼େଣୁଅାଁ ଘାଟ, ନାକଡ଼ିହ ଘାଟ, ଦିଘାଳୋ ଘାଟ, ମୁରାରୀପୁର ଘାଟ, ପାଟପୁର ଘାଟ, ଧୀରପୁର ଘାଟ, ଝାମ୍ପୁଲାକୁଦ ଘାଟ ନିକଟରେ ନଦୀବନ୍ଧ କଟାଯାଇ ବାଲି ମାଟି ଚାଲାଣ ହେବା ସହ ନଦୀ ଗର୍ତ୍ତ ହୋଇଯିବାରୁ ଏଠାରେ ପାଣି ଜମି ରହିବା ସହ ଘାଇ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

# ଅଧ୍ୟାପକ, ଅଧ୍ୟାପିକାଙ୍କୁ ବିଦାୟୀ ଶୁଭେଚ୍ଛା



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରୁ ଜଣେ ଅଧ୍ୟାପକ ଓ ୨ ଅଧ୍ୟାପିକା ଅନ୍ୟତ୍ର ବଦଳି ହୋଇଯିବା ଅବସରରେ କଲେଜ ତରଫରୁ ବିଦାୟୀ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଅଧକ୍ଷ କେଶବ ଚନ୍ଦ୍ର ରାଉତରାୟ ବିଦାୟୀ ଅଧ୍ୟାପକ ରସାୟନ ବିଭାଗ ମୁଖ୍ୟ ଡ଼ ସତ୍ୟନାରାୟଣ ଦାସ, ଅର୍ଥନୀତି ଅଧ୍ୟାପିକା ସଂଘମିତ୍ରା ମିଶ୍ର ଓ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ସୁଭ୍ରଶିଲ୍ପା ଦାସଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ, ସୁବାସ ଚନ୍ଦ୍ର ପତିଙ୍କ ସମେତ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା, ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର ପ୍ରମୁଖ ଉପସ୍ଥିତ ଥିଲେ ।

# ପାରାଦୀପରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ



ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ଓ ଶିଳ୍ପ ସହର ପାରାଦୀପର ପାରିପାର୍ଶ୍ୱିକ ଅଞ୍ଚଳରେ ଆରମ୍ଭ ହୋଇଛି ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା । ପାରାଦୀପ ଲକପଡା ଅଞ୍ଚଳରେ ବସବାସ କରୁଥିବା ବଙ୍ଗଳା ଭାଷାଭାସି ସଂଖ୍ୟାଲଘୁ ସମ୍ପ୍ରଦାୟର ପାଖପାଖି ୨୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ପାରାଦୀପ ଆଦର୍ଶ ଥାନା ପୋଲିସ ତରଫରୁ ସେମାନଙ୍କ ବିଭିନ୍ନ କାଗଜପତ୍ର, ଜମିପଟା, ଭୋଟର ପରିଚୟପତ୍ର, ଆଧାରକାର୍ଡ ଇତ୍ୟାଦି ଯାଞ୍ଚ କରାଯାଇଛି । ଏମାନେ କେବେଠାରୁ ଆସି ପାରାଦୀପ ଲକ୍‌ପଡାରେ ବସବାସ କରୁଛନ୍ତି ଏ ନେଇ ପୋଲିସ ଯାଞ୍ଚ ଆରମ୍ଭ କରିଛି । ତେବେ ଗତକାଲି ଏରସମା ଅଞ୍ଚଳରୁ ୮ଜଣଙ୍କୁ ପାରାଦୀପ ପୋଲିସ ସହାୟତାରେ ଅଠରବାଙ୍କୀ ଆଶ୍ରୟସ୍ଥଳୀରେ ରଖାଯିବା ସହ ସେମାନଙ୍କ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଉପକୂଳ ଅଞ୍ଚଳରେ ବଙ୍ଗଳାଭାଷୀ ଲୋକମାନେ ବସବାସ କରୁଥିବା ବେଳେ ଏମାନଙ୍କ ମଧ୍ୟରେ ବାଂଲାଦେଶୀ ଲୋକେ ରହୁଥିବା ଆଶଙ୍କା ସୃଷ୍ଟି କରି ସଂଖ୍ୟାଲଘୁ ବଙ୍ଗଳାଭାଷୀ ଲୋକମାନଙ୍କୁ ପ୍ରଶାସନ ତରଫରୁ ଯାଞ୍ଚ ଆରମ୍ଭ କରାଯାଇଛି । ତେବେ ଲକ୍‌ପଡା ଅଞ୍ଚଳ ଏହି ବଙ୍ଗଳାଭାଷୀ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଦୀର୍ଘବର୍ଷ ହେବ ପାରାଦୀପରେ ବସବାସ କରୁଥିବା ନେଇ ପ୍ରକାଶ କରିବା ସହିତ ଆମର ଘର ପଶ୍ଚିମବଙ୍ଗ ଅଞ୍ଚଳରେ ବୋଲି ପ୍ରକାଶ କରିଛନ୍ତି । ହେଲେ ପ୍ରଶାସନ ତରଫରୁ ଏହିଭଳି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଗଲେ ନିଶ୍ଚିତ ଭାବରେ ବାଂଲାଦେଶୀ ନାଗରିକ ଚିହ୍ନଟ ହେବେ ବୋଲି ପାରାଦୀପ ଅଞ୍ଚଳରେ ଚର୍ଚ୍ଚା ଚାଲିଛି । ତେବେ ପୋଲିସର ଏହି ଚିହ୍ନଟ ପ୍ରକ୍ରିୟା ଜାରି ରହିବ ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପୌରନିର୍ବାହୀ ଅଧିକାରୀ ପୁଙ୍ଖାନୁପୁଙ୍ଖନ ଯାଞ୍ଚ କରିବେ ବୋଲି ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି । ସୂଚନାଥାଉ କି, ସମ୍ପ୍ରତି ପରିସ୍ଥିତିରେ ଦେଶର ସୁରକ୍ଷା ପାଇଁ ଏହି ସଂଖ୍ୟାଲଘୁ ବାଂଲାଦେଶୀଙ୍କୁ ଚିହ୍ନଟ କରି ବାଂଲାଦେଶକୁ ପ୍ରତ୍ୟାର୍ପଣ କରାଯିବା ନେଇ ସରକାର ସିଦ୍ଧାନ୍ତ ନେଇଛନ୍ତି । ତେଣୁ ସାରା ଦେଶରେ ଏହି ପ୍ରକିୟାକୁ ଜୋରଦାର କରାଯାଇଛି ।

# ରଘୁନାଥପୁର ବିଜେପି ମଣ୍ଡଳ ପକ୍ଷରୁ ବିଡ଼ିଓଙ୍କ ସହ ଆଲୋଚନା

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବିଜେପି ମଣ୍ଡଳପକ୍ଷରୁ ପୂର୍ବତନ ଜିଲ୍ଲାପରିଷଦ ଅଶୋକ କୁମାର ମହାରଣାଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ସୋମବାର ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ଦିନରେ ବିଜେପି ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୩୫୦୦ ଭତ୍ତା, ରାସନ କାର୍ଡ ଓ ହର୍ଟିକଲ୍‌ଚର୍ ବିଭାଗରେ ଚାଷୀଙ୍କ ପାଇଁ ଆସୁଥିବା ସବ୍‌ସିଡି ସୁବିଧା ବିଷୟରେ କିଭଳି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ସରକାରଙ୍କ ଅନୁଦାନ କିପରି ସୁବିନିଯୋଗ ହୋଇପାରିବ ଆଲୋଚନା କରିଥିଲେ । ଏଥିରେ ଗଣେଶ ସାହୁ, ଦିପ୍ତି ରଞ୍ଜନ ସାହୁ, ସୁକାନ୍ତ ସାହୁ, ସୁଭେନ୍ଦୁ ଦାଶ, ବିନୋଦ ବିହାରି ପଟ୍ଟନାୟକ, କମଳ ଲୋଚନ ଜେନା, ଅଜୟ ସ୍ୱାଇଁ, ଜ୍ଞାନେନ୍ଦ୍ର ସ୍ୱାଇଁ, ପବିତ୍ର ପାଣି, ବିବେକାନନ୍ଦ ପଟ୍ଟନାୟକ, ଅସିତ ମହାରଣା, ସୌମ୍ୟରଂଜନ ଭୂୟାଁ, ସଞ୍ଜୟ ସ୍ୱାଇଁ, ମାନସ ପରିଡା ଅମୂଲ୍ୟ ମଲ୍ଲିକଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ଶ୍ରଦ୍ଧାଳୁଙ୍କ ପାଇଁ ରିଲାଏନ୍ସର ବହୁବିଧ ପ୍ରୟାସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପବିତ୍ର ରଥଯାତ୍ରାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଜିଲ୍ଲା ପ୍ରଶାସନ ସହଭାଗିତାରେ ଦର୍ଶନାର୍ଥୀଙ୍କୁ ସୁଗମ, ସୁରକ୍ଷିତ ଏବଂ ପରିପୂର୍ଣ୍ଣ ଯାତ୍ରାର ଅନୁଭୂତି ସୁନିଶ୍ଚିତ କରିବା ପାଇଁ ବିବିଧ ପଦକ୍ଷେପ ମାଧ୍ୟମରେ ୧୩ ଦିନ ବ୍ୟାପୀ ବ୍ୟାପକ ପ୍ରୟାସ ଜାରି ରଖିଛି । ପୁରୀରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ ଯେଉଁମାନେ ଶ୍ରୀଜଗନ୍ନାଥ ମନ୍ଦିରରୁ ଗୁଣ୍ଡିଚା ମନ୍ଦିର ଯାଏଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଏହି ଅନନ୍ୟ ଯାତ୍ରା ଦେଖିବା ପାଇଁ ଏକାଠି ହୁଅନ୍ତି । ସେବାର ଭାବନାକୁ ସମ୍ମାନ ଜଣାଇ ରିଲାଏନ୍ସ ଫାଉଣ୍ଡେସନ୍ ଏହାର ୱି କେୟାର ଭାବନା ସହ ବିବିଧ ଅର୍ଥପୂର୍ଣ୍ଣ ଯୋଗଦାନ ଜରିଆରେ ଏହି ୧୩ ଦିନ ବ୍ୟାପୀ ପବିତ୍ର ଯାତ୍ରାରେ ସହଯୋଗ କରୁଥିବାରୁ ଗୌରବାନ୍ୱିତ ମନେ କରୁଛି । ରିଲାଏନ୍ସର ୱି କେୟାର ଦର୍ଶନରେ ସେବା ଗଭୀର ଭାବରେ ଅନ୍ତଃର୍ନିହିତ ହୋଇରହିଛି ଏବଂ ପୁରୀରେ ଭକ୍ତଗଣଙ୍କ ସେବା କରିବାର ଏହି ସୁଯୋଗ ବାସ୍ତବରେ ଏକ ଆଶୀର୍ବାଦ । ଆମେ ବିଶ୍ୱାସ କରୁଛୁ ଯେ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଏବଂ କର୍ତ୍ତବ୍ୟରତ ସମସ୍ତ କର୍ମଚାରୀଙ୍କ ସେବା କରି ଆମେ ଈଶ୍ୱରଙ୍କ ସେବା କରୁଛୁ । ଭୋଜନ ଠାରୁ ସୁରକ୍ଷା ଯାଏଁ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କ ଅନୁଭୂତିକୁ ସୁଗମ, ନିରାପଦ ଓ ଆରାମଦାୟକ କରି ସମୃଦ୍ଧ କରିବାକୁ ଆମେ ପ୍ରତିବଦ୍ଧ ରହିଛୁନ୍ତ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଏମ୍ ଅମ୍ବାନୀ କହିଛନ୍ତି ।

# ଉର୍ମିଳା ବିଦ୍ୟାଧର ୱେଲ୍‌ଫେୟାର ଫାଉଣ୍ଡେସନ୍ ପକ୍ଷରୁ ଖାଦ୍ୟ ବଣ୍ଟନ



ଆଳି(ଭାସ୍କର ନ୍ୟୁଜ): ପବିତ୍ର ରଥଯାତ୍ରା ଉପଲକ୍ଷେ ଶ୍ରୀକ୍ଷେତ୍ର ପୁରୀରେ ଆଗନ୍ତୁକ ଭକ୍ତମାନଙ୍କ ପାଇଁ ଆଳିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉର୍ମିଳା ବିଦ୍ୟାଧର ୱେଲଫେୟାର ଫାଉଣ୍ଡେସନ୍ ତରଫରୁ ନିଃଶୁଳ୍କ ଖାଦ୍ୟ ବଣ୍ଟନ କରାଯାଇଥିଲା । ପୁରୀର ଆଇଟିଆଇ ଛକରେ ଟେଷ୍ଟ କରାଯାଇ ସଂସ୍ଥାର ଉପଦେଷ୍ଟା ଅକ୍ଷୟ କୁମାର ସାହୁ, ସଭାପତି ସଞ୍ଜୟ କୁମାର ସାହୁ ଓ ସଭ୍ୟ ଅଭୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦିନତମାମ ଭକ୍ତମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା । ହରିହର ବଡ଼ପଣ୍ଡା, ସନ୍ତୋଷ ବେହେରା, ବିଭୂକିଶୋର ନାୟକ, ଶଶିକାନ୍ତ ସାହୁ, ବିରଞ୍ଚି ନାରାୟଣ ବେହେରା, ଶୁଭକାନ୍ତ ସାହୁ ଓ ଈଶ୍ୱର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଉର୍ମିଳା ବିଦ୍ୟାଧର ୱେଲଫେୟାର ଫାଉଣ୍ଡେସନ ତରଫରୁ ପ୍ରତିବର୍ଷ ଆଳି ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର କରାଯାଇ ସାଧାରଣ ଲୋକଙ୍କୁ ନିଃଶୁଳ୍କରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ମାଗଣାରେ ଔଷଧ ମଧ୍ୟ ବଣ୍ଟନ କରାଯାଏ । ଚଳିତ ବର୍ଷ ଏହି ସ୍ୱାସ୍ଥ୍ୟ ଶିବିର ଆଳି ପତ୍ରପୁର ପଞ୍ଚାୟତର ଗୋପାଳପୁର ବିଦ୍ୟାଳୟରେ ସମ୍ପାଦନ କରାଯାଇଥିଲା ।

# ୫ ଦିନିଆ ଶିକ୍ଷକ ତାଲିମ 'ନିଷ୍ଠା' ଉଦ୍‌ଯାପିତ

ଡେଲାଙ୍ଗ(ଭାସ୍କର ନ୍ୟୁଜ): ୫ ଦିନିଆ ଶିକ୍ଷକ ତାଲିମ୍ 'ନିଷ୍ଠା' ବିଶ୍ୱନାଥ ଦେବ ଉଚ୍ଚ ନୋଡ଼ାଲ ଉଚ୍ଚ ବିଦ୍ୟାପୀଠ ଗଡ଼ମୋଟରୀରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ୍‌ର ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶିକ୍ଷଣ ଉପରେ ବିଭିନ୍ନ ଅକ୍ଷମତା ଜନିତ ପ୍ରଭାବ ଓ ଅନ୍ତର୍ନିର୍ବେଶୀ ଶିକ୍ଷାର ପ୍ରତିବନ୍ଧକ, ଶ୍ରେଣୀ କକ୍ଷରେ ଉପଯୋଗୀ କୌଶଳର ଆବଶ୍ୟକତାକୁ ଚିହ୍ନଟ ଶ୍ରେଣୀରେ ଉପଯୁକ୍ତ ପରିବେଶ ସୃଷ୍ଟି ସହ ବିଷୟବସ୍ତୁର ସଠିକ ଉପସ୍ଥାପନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଦୃଷ୍ଟିବାଧକତା ଯଥା ସମ୍ପୂର୍ଣ୍ଣ ଦୃଷ୍ଟିହୀନତା, ସ୍ୱଳ୍ପ ଦୃଷ୍ଟି ସଂପୂର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ସମୟରେ ଅସୁବିଧା ଏବଂ ସେସବୁ ଶିକ୍ଷାଦାନ ବେଳେ ବ୍ରେଲ୍, ଅଡ଼ିଓ ଟେପ, ବର୍ଦ୍ଧିତ ଛାପା ଲେଖାର ଉପକରଣ ବ୍ୟବହାର କରି ଶିକ୍ଷାଦାନ ସଫଳ କରିବାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ବିଇଓ, ଏବିଇଓ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ କୁମାର ଦାସ, ପବିତ୍ର ମୋହ ଜେନା, ମାନସ ରଞ୍ଜନ୍ ସ୍ୱାଇଁ , ସୂର୍ଯ୍ୟକାନ୍ତ ନାୟକ ତିଳୋତ୍ତମା ସୁନ୍ଦରାୟ ପ୍ରଶିକ୍ଷଣର ଦାୟିତ୍ୱ ତୁଲାଇଥିଲେ ।

# ନାମ୍ପୋରେ ନବୀନ ବରଣ ଏବଂ ପ୍ରତିଭା ସମାଦର ଉତ୍ସବ




ଜଳେଶ୍ୱର(ଭାସ୍କର ନ୍ୟୁଜ): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ନାମ୍ପୋରେ ନବୀନ ବରଣ ଏବଂ ପ୍ରତିଭା ସମାଦର ଉତ୍ସବ ପାଳିତ ହୋଇଯାଇଛି । ଶ୍ରୀଅରବିନ୍ଦଙ୍କ ପାଠଚକ୍ର କାର୍ଯ୍ୟକ୍ରମ ପରେ ପ୍ରଥମେ ନୂତନ ଶ୍ରେଣୀକୁ ଉତ୍ତୀର୍ଣ୍ଣ ଏବଂ ନୂତନ ଭାବେ ନାମ ପଞ୍ଜିକରଣ କରିଥିବା ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦ୍ୱାରା ବରଣ କରାଯିବା ପରେ ଶିକ୍ଷା କେନ୍ଦ୍ରରେ ବିଦ୍ୟାରମ୍ଭ କରିଥିବା ପିଲା ଚଳିତ ବର୍ଷ ଯୁକ୍ତ ଦୁଇ ବାର୍ଷିକ ବିଜ୍ଞାନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାକେନ୍ଦ୍ର ତରଫରୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ଅଭିଶେଖ ଭଞ୍ଜ, ରାଜ କିଶୋର ଦାସ, କିରଣ କୁମାର ମହାନ୍ତି, ସୁଚିସ୍ମିତା ସି ଓ ସ୍ମୃତିରେଖା ସି । ସଭାକାର୍ଯ୍ୟରେ ଶିକ୍ଷା କେନ୍ଦ୍ରର ଅଧକ୍ଷ ଦେବ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ ମଞ୍ଚ ପରିଚାଳନା କରି ସହଯୋଗ ପୂର୍ବକ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ବିପିନ ବିହାରି ବିଶ୍ୱାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ମାଧ୍ୟମରେ ଭଗବାନଙ୍କ ଦର୍ଶନ ଲାଭ ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ଭାବଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଗିରି, ଚନ୍ଦ୍ର ଶେଖର ଚନ୍ଦ, ବଙ୍କିମ ଚନ୍ଦ୍ର ଦେ ଉତ୍ସବର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଦତ୍ତ ଅନୁଷ୍ଠାନର ଅଭିବୃଦ୍ଧି ସମ୍ପର୍କରେ ଉଲ୍ଲେଖ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଯୁବକ ମୃତ

ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକ୍ ଜଗନ୍ନାଥପୁର ରେଳ ଫାଟକ ନିକଟରେ ଏକ ବାଇକ୍‌କୁ ମେଣ୍ଢା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ସୂଚନାଯୋଗ୍ୟ ଜଗନ୍ନାଥପୁର ରେଳ ଫାଟକ ଦେଇ ଗୋଟିଏ ମେଣ୍ଢା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ନଂ ଓଡି୦୨ ସିଏନ୍-୪୨୦୭ ଆସୁଥିବା ବେଳେ ଗୋଟିଏ ବାଇକ୍‌ରେ ଜଣେ ଯୁବକ ସେହି ରାସ୍ତାରେ ଯାଉଥିଲେ । ସେହି ସମୟରେ ପିକ୍‌ଅପ୍ ଭ୍ୟାନ୍‌ଟି ବାଇକ୍ ନଂ ଓଡି୦୭ ଏଡବ୍ଲ୍ୟୁ-୨୭୦୪ କୁ ଧକ୍କା ଦେଇଥିଲା । ଫଳରେ ବାଇକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ମୃତ ବ୍ୟକ୍ତି ହେଲେ ନରେନ୍ଦ୍ରପୁର ଗ୍ରାମର ଅନନ୍ତ ବାଡ଼ତ୍ୟାଙ୍କ ପୁଅ ଧନୁ ବାଡ଼ତ୍ୟା (୩୫) । ଖବର ପାଇ ଚମାଖଣ୍ଡି ଥାନା ଅଧିକାରୀ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଘାଟଣା ସ୍ଥଳରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ନିଜ ହାତ ଖର୍ଚ୍ଚରୁ ୧୦ ହଜାର ଟଙ୍କା ଦେବା ସହ ରେଡ୍‌କ୍ରସ୍ ଫଣ୍ଡରୁ ୩୦ ହଜାର ଟଙ୍କା ସହାୟତା କରିଛନ୍ତି । ଏ ନେଇ ଚମାଖଣ୍ଡି ପୋଲିସ କେଶ୍ ନମ୍ବର ୨୭୯/୨୫ ରୁଜୁ କରି ତଦନ୍ତ ଜାରି ରଖିଛି ।

# 'ଗୁରୁ ଯୁଗେ ଯୁଗେ ଜ୍ଞାନ ସାଧକ'



ଡେଲାଙ୍ଗ(ଭାସ୍କର ନ୍ୟୁଜ): ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଡେଲାଙ୍ଗ କଲେଜରେ ପ୍ରାଧ୍ୟାପକ ସରୋଜ କୁମାର ବଳିୟାରସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ଶ୍ରୀ ବଳିୟାରସିଂହଙ୍କୁ ବିଦାୟ ଦେଇ ଛାତ୍ରଛାତ୍ରୀ ଅଧ୍ୟାପକ, ଅଧ୍ୟାପିକା ତଥା ମହାବିଦ୍ୟାଳୟ କର୍ମଚାରୀ ଭାବବିହ୍ୱଳ ହୋଇ ପଡ଼ିଥିଲେ । ଉକ୍ତ ସେବାନିବୃତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, ଡ଼ଃ ଅଶୋକ କୁମାର ମହାନ୍ତି, ଅଧ୍ୟାପକ ଶରତ ଚନ୍ଦ୍ର ବିଶ୍ୱାଳ, ପ୍ରଧ୍ୟାପକ ଅଭୟ ଚରଣ ରାଉତରାୟ, ପ୍ରାଧ୍ୟାପକ ଘନଶ୍ୟାମ ସ୍ୱାଇଁ ଯୋଗ ଦେଇଥିଲେ । ଅଧ୍ୟାପକ ସୁକାନ୍ତ କୁମାର ପଣ୍ଡା, ଅତୁଲ କୁମାର ଦାସ, ପୂର୍ବତନ ବରିଷ୍ଠ କିରାଣୀ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶରତ କୁମାର ରାଉତ ଏବଂ ଗଙ୍ଗାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଆ ଅଧ୍ୟାପିକା ଡ଼ଃ ସ୍ନେହାଞ୍ଜଳୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ଏହି ଅବକାଶରେ ନବନିଯୁକ୍ତ ପିଜିଟିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗୁରୁ ଯୁଗେ ଯୁଗେ ଜ୍ଞାନ ସାଧକ, ଗୁରୁ ସତ୍ୟ ଅହିଂସାର ପ୍ରତୀକ, ଗୁରୁ ହିଁ ଅମା ଅନ୍ଧକାରେ ଥିବା ଛାତ୍ରଛାତ୍ରୀଙ୍କୁ ଆଲୋକର ସମ୍ଭାବନାକୁ ପ୍ରଦର୍ଶନ କରାଇଥାନ୍ତି ବୋଲି ଅତିଥି ତଥା ବକ୍ତାମାନେ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଶ୍ରୀ ବଳିୟାରସିଂହଙ୍କ ଦୀର୍ଘ ୩୫ ବର୍ଷର ଅଧ୍ୟାପନା ଜୀବନ ସମ୍ପର୍କରେ ସମସ୍ତେ ଆଲୋକପାତ କରିଥିଲେ । ବିଦାୟୀ ପ୍ରାଧ୍ୟାପକଙ୍କୁ ଉତ୍ତରୀୟ, ମାନପାତ୍ର, ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ ମନୋରଞ୍ଜନ ରଣସିଂହ, ଜିତେନ୍ଦ୍ର କୁମାର ମଲ୍ଲିକ, ଗୀତାଞ୍ଜଳି ସାହୁ, ତନ୍ମୟୀ ମହାପାତ୍ର, ରାକେଶ ସ୍ୱାଇଁ, ସୁମଞ୍ଜୁଳା ବିଶ୍ୱାଳ, ଭୁମିକା ଜାଲି, ସୁକାନ୍ତି ସେଠୀଙ୍କ ସହ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ବାର୍ଷିକ ମୁଖପତ୍ର ୨୦୨୪-୨୫ ଭୋରଶୈଳ ଅତିଥିଙ୍କ ଦ୍ୱାରା ଉନ୍ମୋଚତି ହୋଇଥିଲା । ଅଧ୍ୟାପିକା ସୁମଞ୍ଜୁଳା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।




କେନ୍ଦୁଝର, (ଭାସ୍କର ନ୍ୟୁଜ) : ଗତକାଲି ଅପରାହ୍ନରେ ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଆଦ୍ୟ ମୌସୁମୀ ସାହିତ୍ୟ ଆସର ଅନୁଷ୍ଠାନର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମିଳନୀ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ଡାକ୍ତର ଭାରତୀ ବେହେରା ଧୂପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ବିଶିଷ୍ଟ କବି ଚିନ୍ତାମଣି ମହାଳିକ ସୂଚନା ଦେବା ସହିତ ସ୍ୱାଗତ ସମ୍ଭାଷଣ ଜଣାଇ ଥିଲେ। ବିଶିଷ୍ଟ ସାହିତ୍ୟିକା ରିତାଞ୍ଜଳି ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କୁ ଉତ୍କଳୀୟ ବାଙ୍ମୟର ନାଭିକେନ୍ଦ୍ର ଭାବରେ ଅଭିହିତ କରିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ ତାଙ୍କର ସଭାପତିୟ ଅଭିଭାଷଣରେ ବର୍ଷାକୁ ସାହିତ୍ୟର ପ୍ରାଣ ଭାବରେ ଉଲ୍ଲେଖ କରିବା ସହିତ ଶ୍ରୀଜଗନ୍ନାଥଙ୍କ ସହିତ କେହି ତୁଳନୀୟ ନୁହଁନ୍ତି ବୋଲି ମତ ପ୍ରକାଶ କରିଥିଲେ। କବୟିତ୍ରୀ ଭାବିପ୍ରିୟା ସାହୁଙ୍କ ସଂଯୋଜନାରେ ଉମାକାନ୍ତ ବେହେରା, ଶରତ କୁମାର ରାଉତ, ନରହରି ମିଶ୍ର, ବିରଞ୍ଚି ନାରାୟଣ ସାମନ୍ତରାୟ, ମମତା ରାଣୀ ଦାସ, ବୀଣାପାଣି ଜେନା, ଶୋଭନା ଜେନା, ମନ୍ଦାକିନୀ କର, ଆର୍ଯ୍ୟବାଳା ମହାପାତ୍ର, ମଧୁସୂଦନ ମିଶ୍ର, ଜଗନ୍ନାଥ ଜେନା, ଜିତେନ୍ଦ୍ର ପରିଡ଼ା, ଧ୍ରୁବାନନ୍ଦ ରାଉତ, ଡକ୍ଟର୍ ସୁମନ୍ତ ନାଏକ, ଦେବଦତ୍ତ ଦେହୁରୀ, ରାମଚନ୍ଦ୍ର ସାହୁ, ମାୟାଧର ନାୟକ ଓ ପ୍ରତାପ କର୍ମକାର ପ୍ରମୁଖ ବହୁକବି କବିତା ଆବୃତ୍ତି କରିଥିଲେ। ଯୁଗ୍ମ ସମ୍ପାଦକ କବି ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



# ଗଡ଼କୁଜଙ୍ଗ ସୁଭଦ୍ରା କ୍ଷେତ୍ରରେ ବାସି ରଥଯାତ୍ରା



ଏରସମା, (ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଗଡ଼କୁଜଙ୍ଗ ସୁଭଦ୍ରା କ୍ଷେତ୍ରର ପ୍ରଭୁ କୁଞ୍ଜବିହାରୀଙ୍କ ବାସି ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ଅନୁସାରେ ଏହି ପୀଠରେ ପୁରୀ ଶ୍ରୀକ୍ଷେତ୍ର ପ୍ରଭୁ ଶ୍ରୀ ଜଗନ୍ନାଥ ରଥଯାତ୍ରା ପରଦିନ ଏଠାରେ ରଥ ଟଣା ହୋଇଥାଏ। ସେଥିପାଇଁ ଏହାକୁ ବାସି ରଥଯାତ୍ରା ବୋଲି କୁହାଯାଏ। ପୁରୀ ଜଗନ୍ନାଥଙ୍କ ରଥଟଣା ପରଦିନ ମହାପ୍ରଭୁଙ୍କ ପାରମ୍ପାରିକ ରୀତିନୀତି ପରେ, ରଥ ପ୍ରତିଷ୍ଠା ଓ ପହଣ୍ଡି ବିଜେ କରାଯାଇଥିଲା। ଠାକୁର ରାଜା ପାରାଦ୍ୱୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ରଥରେ ଛେରା ପହଁରା କରିବା ପରେ ଅପରାହ୍ନରେ ରଥ ଟଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ବିଜୁଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ସାଂସଦ ଡଃ କୁଳମଣି ସାମଲ, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ବ୍ଲକ ବିଜୁଜନତା ଦଳର ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଛାୟତ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ବିଜୁଜନତା ଦଳର ଯୁବ ସଭାପତି ପାର୍ଥ ସାରଥି ରାଉତ, ବାଡଗାହୀ ସଞ୍ଜୟ କୁମାର ମହାନ୍ତି, ପାରାଦୀପ ବିଜୁଜନତା ଦଳର ନାରିନେତ୍ରୀ ଗୀତାଞ୍ଜଳି ରାଉତରାୟ, ଯୁବ ସମାଜସେବୀ ଗଣେଷ ରାଉତ, ପ୍ରମୁଖ ଯୋଗଦେଇଥିଲେ। ମାଉସୀ ମା ମନ୍ଦିରକୁ ଯିବା ବାଟରେ ଶ୍ରୀ ରଘୁନାଥଜୀଉ ମନ୍ଦିର ମାମୁଁ ଘର ନିକଟରେ ରଥ କିଛି ସମୟ ଅଟକି ରହିଥିଲା। ମହନ୍ତ ମହାରାଜ ଆଇନଜୀବୀ ଅମୃତ ଦାସ ରଥ ଉପରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ମହାପ୍ରଭୁଙ୍କୁ ସେଠାରେ ପଇଡ ପାଣି ଲାଗି କରାଯାଇଥିଲା। ସନ୍ଧ୍ୟାରେ ରଥ ମାଉସୀ ମା ମନ୍ଦିରରେ ପହଞ୍ଚିଥିଲା। ଶୁକ୍ରବାର ରାତିରେ ପ୍ରଭୁ କୁଞ୍ଜବିହାରୀ ମହାପ୍ରଭୁଙ୍କ ରଥାରୁଢ଼ ପର୍ବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ସଭାପତି ରାଜେନ୍ଦ୍ର କୁମାର ବେହେରା, ସମ୍ପାଦକ ପିତାମ୍ବର ରାଉତ, ଯଦୁନାଥ ଖଟୁଆ, ଯୁବ ନେତା ବିଜୟ ଚାନ୍ଦ ନାୟକ, ପ୍ରକାଶ ଦାସ, ସମ୍ପଦ ବାରିକ, ବିଷ୍ଣୁ ପ୍ରଧାନ, ଭୋଳାନାଥ ସ୍ୱାଇଁ ଓ ନଳିନୀ ରଞ୍ଜନ ବେହେରା ପ୍ରମୁଖଙ୍କ ସମେତ ସମସ୍ତ ବୋର୍ଡ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଅଭୟଚାନ୍ଦପୁର ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳାର ବ୍ୟବସ୍ଥା କରାଯାଇଥିଲା।

## ବ୍ରହ୍ମପୁରରେ ପହଞ୍ଚିଲା ରେଜଙ୍ଗଲା ରାଜ କଳସ ଯାତ୍ରା

# ଅହିର ଯାଦବ ରେଜୀମେଣ୍ଟ ପାଇଁ ଦାବି




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଉତ୍କଳ ଯାଦବ ମହାସଭା ନେତୃତ୍ୱରେ ୩୪ ସାଂଗଠନିକ ଜିଲ୍ଲାର ରେଜଙ୍ଗଲା ରାଜ କଳସ ଯାତ୍ରା ୨୦୨୫ ବାହାରି ଆଜି ଗଞ୍ଜାମ ଜିଲ୍ଲାରେ ପହଞ୍ଚିଥିଲା। ପ୍ରଥମେ ଖଲ୍ଲିକୋଟ, ରମ୍ଭା, ଛତ୍ରପୁର ଠାରେ ବିପୁଳ ସମ୍ବର୍ଦ୍ଧନା କରାଯାଇଥିଲା ପରେ ଆଜି ଜଗନ୍ନାଥପୁର ପୁର ଠାରେ କଳସ ରଥକୁ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ପତାକା ଦେଖେଇ ଯାତ୍ରା ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଯୁବ ଯାଦବ ସଂଗଠନର ରାଜ୍ୟ ସଭାପତି ଅମର ନାୟକ ଯାଦବ, ଏନ୍‌ୟୁବିସିର ସଭାପତି ଦୀପକ ଗୌଡ଼, ପଦ୍ମନାଭ ଗୌଡ଼, ଉପସ୍ଥିତ ଥିଲେ ଗଞ୍ଜାମ ଯାଦବ ସଂଘର ମୁଖ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲା ଷୋହଳଖଣ୍ଡ ଗୋପାଳ ସମାଜର ଏହି କଳସ ଯାତ୍ରାକୁ ପୂର୍ଣ୍ଣ ସହଯୋଗ କରି ବ୍ରହ୍ମପୁର ଠାରେ ଶତାଧିକ ମଟର ସାଇକେଲ ରାଲି କରି କଳସ ରଥ ସ୍ୱାଗତ କରି ନଗର ପରିକ୍ରମା କରିଥିଲେ। ପରେ ଯାଦବ କୂଳ ଘରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ତିନି ତାଲୁକା ସଭାପତି ମନୋରଞ୍ଜନ ଗୌଡ଼ଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା। ଏଥିରେ ଜିଲ୍ଲା ସମ୍ପାଦକ ନାରାୟଣ ମହାକୁଡ଼, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପର୍ଶୁରାମ ଗୌଡ଼, ରାମ ଚନ୍ଦ୍ର ଗୌଡ଼, ଧ୍ରୁବା ଗୌଡ଼ ଯାଦବ ଜିଲ୍ଲା ସଂଗଠନର ମୁଖ୍ୟ କର୍ମକର୍ତ୍ତା ମାନେ ମଧ୍ୟ ଯୋଗ ଦେଇଥିଲେ। ଏମାନଙ୍କର ମଧ୍ୟରେ କେ ଅନିଲ କୁମାର ଯାଦବ, ଭେଙ୍କଟ ଯାଦବ, ବି ରାମ ବାବୁ ଯାଦବ, ଜେ ହରିବାବୁ, ଜି ଶଙ୍କର ରାଓ, ବି ଆଦି ନାରାୟଣ,ଏ ଶିବ କୁମାର ଯାଦବ, ବି ରାଜୁ ଯାଦବ, ଏମ୍ ରାଜା ରାଓ, ଏମ୍.ରାମ ଗୋପାଳ, ଏମ୍ ହରି, କେ. ବିଜୟ, ବି କ୍ରାଷ୍ଣା, ସିବା ଉପସ୍ଥିତ ଥିଲେ। ପରେ ମହୁରୀ ତାଲୁକାର ସଭାପତି ବାଲୁକା ଗୌଡ଼, ଉପସଭାପତି ସାରଥୀ ଗୌଡ଼, ତେରସ୍ଥାନ ସଭାପତି ରାଧାମାଧବ ଗୌଡ଼ଙ୍କ ନେତୃତ୍ୱରେ ଲାଞ୍ଜିଆ କୂଳ ଘରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ପ୍ରକାଶ ଥାଉକି ୧୯୬୨ ମସିହା ଭାରତ - ଚୀନ ଯୁଦ୍ଧରେ ଲଦାଖ ସ୍ଥିତ ରେଜଙ୍ଗଲା ଘାଟି (ବର୍ଷ ସାରା ବରଫ ଦ୍ୱାରା ଆଚ୍ଛାଦିତ ଅଞ୍ଚଳ)କୁ ଚୀନର ସୈନ୍ୟମାନେ ନିଜ ଅକ୍ତିଆର କରିବାକୁ ଚେଷ୍ଟା କରୁଥିଲେ। ଠିକ୍ ସେହି ସମୟରେ ଭାରତର ୧୨୦ ଜଣ ଗୌଡ଼(ଗୋପାଳ) ସୈନ୍ୟ ଚୀନର ୧୪୦୦ ସୈନ୍ୟ ମଧ୍ୟରୁ ଅନେକଙ୍କୁ ବଧ କରି ଉକ୍ତ ଘାଟିକୁ ଭାରତର ଅକ୍ତିଆରକୁ ଆଣିଥିଲେ। ଉକ୍ତ ଲଢେଇରେ ଭାରତର ୧୨୦ ଜଣ ଗୌଡ଼ ସୈନ୍ୟଙ୍କ ମଧ୍ୟରୁ ୧୧୪ ଜଣ ସହିଦ ହୋଇଥିଲେ। ସହିଦ ହୋଇଥିବା ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେହି ସହିଦ ବୀର ମାଟିରୁ କଳସ ଦ୍ୱାରା ମାଟି ଅଣାଯାଇ ଓଡ଼ିଶା ସାରା ଏକ କଳସ ଯାତ୍ରା ଭ୍ରମଣ କରୁଛି। ଏହି କାର୍ଯ୍ୟକ୍ରମ ଲାଞ୍ଜିଆ ପରେ ଦିଗପହଣ୍ଡି ଠାରେ ପହଞ୍ଚିଥିଲା ବଦଖେମୁଣ୍ଡି ନଗର ପଦଯାତ୍ରା କରି ତିନି ତାଲୁକା କୋଠ ଘରେ ପହଞ୍ଚି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ତିନି ତାଲୁକାର ମୁଖ୍ୟ କର୍ମକର୍ତ୍ତା ପିତାମ୍ବର ଗୌଡ଼, ରାଧାକାନ୍ତ ମହାକୁଡ଼, ରବି ଚନ୍ଦ୍ର ଗୌଡ଼, ଅର୍ଜୁନ ଗୌଡ଼, ବାଇନାଥ ଗୌଡ଼, ରାଜେନ୍ଦ୍ର ଗୌଡ଼, ଶିବରାମ ଗୌଡ଼, କୃଷ୍ଣ ଗୌଡ଼, ନୀଳ ମାଧବ ଗୌଡ଼, କିଶୋର ଗୌଡ଼, ରାମ ହରି ଗୌଡ଼, ଯୋଗ ଦେଇଥିଲେ ଏବଂ ବହୁ ମାତ୍ରାରେ ଉକ୍ତ କଳସ ଯାତ୍ରାରେ ଗୋପାଳ ଭାଇମାନେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ଉପ ସଭାପତି ପିତାମ୍ବର ଗୌଡ଼ ଧନ୍ୟବାଦ୍ ଦେଇଥିଲେ ।

## ବିବାହ ବନ୍ଧନରେ ବାନ୍ଧି ହେଲେ ଦୁଇ ଦିବ୍ୟାଙ୍ଗ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ବିବାହ ବନ୍ଧନରେ ବାନ୍ଧିହେଲେ ଦୁଇ ଦିବ୍ୟାଙ୍ଗ। ବଡ଼ଚଣା ବ୍ଲକ୍ ଶାନ୍ତିପୁର ପଞ୍ଚାୟତ ବେଣାପୁର ଗ୍ରାମର ଅରୁଣ ରାଉତଙ୍କ ପୁଅ ସୁନୀଲ ପିଲାଦିନରୁ ନିଜର ଡାହାଣ ଗୋଡ଼ ହରାଇଛନ୍ତି। ଢେଙ୍କାନାଳ ଜିଲ୍ଲା ଭୁବନ ଗ୍ରାମର ଗଙ୍ଗାଧର ସାହୁଙ୍କ ଝିଅ ପ୍ରତିମା ତାଙ୍କ ବାମ ହାତ ହରାଇଛନ୍ତି ଦୁଇ ପରିବାରର ବୁଝାମଣା ପରେ ଉଭୟ ସୁନୀଲ ଓ ପ୍ରତିମାଙ୍କର ବିବାହ କାର୍ଯ୍ୟ ଆଜି ସମାପନ ହୋଇଛି। ଆଜି ପୂର୍ବାହ୍ନରେ ସୁନୀଲ ବର ବେଶରେ ସଜାଇହୋଇ ବିନା ବାଜାବାଣରେ କିଛି ବରଯାତ୍ରୀଙ୍କୁ ଧରି ପ୍ରସିଦ୍ଧ ମହାବିନାୟକ ପୀଠରେ ପହଞ୍ଚିଥିଲେ। ସେଠାରେ ପ୍ରତିମା ଓ ପରିବାର ଲୋକ ମଧ୍ୟ ପହଞ୍ଚିଥିଲେ। ପରେପରେ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ଉଭୟଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କନ୍ୟା ପ୍ରତିମା ଅଙ୍ଗନବାଡ଼ି କେନ୍ଦ୍ର ସହାୟିକା ଥିବାବେଳେ ସୁନୀଲ ନିଜ ଘରେ ଏକ ତେଜରାତି ଦୋକାନ କରି ସ୍ୱାବଲମ୍ବୀ ହେବା ପାଇଁ ଉଦ୍ୟମ କରିଛନ୍ତି।

# ଖୋଲିବ ହୋଟେଲ, ଜଳଖିଆ ଦୋକାନ

### କମିଛି ଡାଇରିଆର ପ୍ରାଦୁର୍ଭାବ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ସମଗ୍ର ଯାଜପୁର ଜିଲ୍ଲାରେ ଗତ ୧୧ତାରିଖରୁ ଡାଇରିଆ ଜନିତ ଝାଡା ବାନ୍ତି ସଂକ୍ରମଣ ଆରମ୍ଭ ହୋଇ ଯାଜପୁର, ଦାନଗଦି, ବଡଚଣା, ଧର୍ମଶାଳା, କୋରେଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ୪ହଜାରରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଚିକିତ୍ସିତ ହେବା ସହିତ ୧୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତଙ୍କର ମୃତ୍ୟୁବରଣ କରିଥିଲେ। କ୍ରମାଗତ ଭାବରେ ବଢୁଥିବା ଡାଇରିଆ ଓ ହଇଜା ସ୍ଥିତିକୁ ଦେଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ଢାବା, ଜଳଖିଆ ଦୋକାନ, ଫାଷ୍ଟଫୁଡ୍, ଗୁପଚୁପ୍, ପାଣି ବୋତଲ ପ୍ରସ୍ତୁତ ୟୁନିଟ ସମେତ ମାଛ ମାଂସ ଦୋକାନକୁ ବନ୍ଦ୍ କରା ଯାଇଥିଲା। ବଡଚଣା ବ୍ଲକ୍ ଅନ୍ତର୍ଗତ ଚଣ୍ଡିଖୋଲ, ବାଲିଚନ୍ଦ୍ର ପୁର, ଛତିଆ ଆଦି ସ୍ଥାନରେ ଥିବା ହୋଟେଲ, ଜଳଖିଆ ଦୋକାନ, ଢାବା, ଫାଷ୍ଟଫୁଡ୍ ଦୋକାନ ଗୁଡ଼ିକୁ ବନ୍ଦ କରି ଦିଆ ଯାଇଥିଲା। ଦୁଇ ସପ୍ତାହ ଧରି ବନ୍ଦ ରହିବା ଫଳରେ ଏହି ବ୍ୟବସାୟକୁ ଜୀବିକା କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀ ମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି କର୍ମଚାରୀ, ଶ୍ରମିକ, ଗାଡ଼ି ଚାଳକ, ଯାତ୍ରୀ, ପଥଚାରୀ ମାନେ ଖାଇବାକୁ ନ ପାଇ ତହଳ ବିକଳ ହେଉଛନ୍ତି। ଏବେ ଡାଇରିଆ ଜନିତ ଝାଡା ବାନ୍ତି ନିୟନ୍ତ୍ରଣ କୁ ଆସିବା ପରେ ତଥା ବିଭିନ୍ନ ବ୍ୟବସାୟୀ ସଙ୍ଘ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଲା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠି ନମ୍ବର ୪୮୬୩ର ଆସନ୍ତା କାଲି ଠାରୁ ହୋଟେଲ ଜଳଖିଆ ଦୋକାନ ଖୋଲିବା ସହିତ, ଶୁଦ୍ଧ ପାନୀୟ ଜଳ, ପରିଷ୍କାର ପରିଚ୍ଛନ୍ନତା, ରକ୍ଷାକରି ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ବ୍ୟବସାୟୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ‘ଯଜ୍ଞ ହିଁ ଶ୍ରେଷ୍ଠତମ କର୍ମ’



ବରଗଡ଼, (ଭାସ୍କର ନ୍ୟୁଜ୍) : ଟାଉନ ଆର୍ଯ୍ୟ ସମାଜ ଆନୁକୁଲ୍ୟରେ ବରଗଡ଼ରେ ମାସିକ ଯଜ୍ଞ ଓ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ରବିଶଙ୍କର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶୋକ ମେହେର ଯୋଗଦାନ କରି ଯଜ୍ଞର ମହତ୍ତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରି ‘ଯଜ୍ଞ ହିଁ ଶ୍ରେଷ୍ଠତମ କର୍ମ’ ବୋଲି ଉଲ୍ଲେଖ କରି ପ୍ରତ୍ୟେକ ଗୃହସ୍ଥ ନିଜ ନିଜ ଘରେ ପ୍ରତ୍ୟହ ଯଜ୍ଞ କରିବା ଉଚିତ୍ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିବାଜୀ ବାନପ୍ରସ୍ତ, ଦୁର୍ବାଦଳ ନାଏକ ସଂସ୍କୃତି ସୁରକ୍ଷା ମଞ୍ଚ ଆବାହକ କପିଲ ବାଗ ପ୍ରମୁଖ ଉପସ୍ଥିତ ରହି ସତ୍ୟ ସନାତନ ବୈଦିକ ଧର୍ମ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଟାଉନ ଆର୍ଯ୍ୟ ସମାଜର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସତସଙ୍ଗରେ ସାମିଲ ହୋଇ ଥିଲେ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରକାଶ ଥାଉ କି ଟାଉନ ଆର୍ଯ୍ୟ ସମାଜ ବରଗଡ଼ ପକ୍ଷରୁ ବରଗଡ଼ରେ ପ୍ରତି ମାସର ଶେଷ ରବିବାର ସକାଳ ୯ଘଣ୍ଟାରୁ ବୈଦିକ ଯଜ୍ଞ ଓ ସତସଙ୍ଗର ଆୟୋଜନ ହୋଇଆସୁଛି ।

## ଓଡିଶା ସାହିତ୍ୟ ଏକାଡେମୀର ସାରସ୍ୱତ ସମାବେଶ




ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ସଦର ମହକୁମା ଟାଉନ ହଲ ଠାରେ ଓଡ଼ିଆ ସାହିତ୍ୟ ଏକାଡେମୀ ର ଏକଦିବସୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଏହି ସାରସ୍ୱତ ସମାବେଶ କୁ କନ୍ଧମାଳ ସାଂସଦ ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ସାମଲ ଉଦଘାଟନ କରିଥିବା ବେଳେ କାର୍ଯ୍ୟକ୍ରମ ରେ ଅତିଥି ରୂପେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ରାଉତ, ବିଶିଷ୍ଟ କଥାକାର ବୈରାଗୀ ଚରଣ ପଟ୍ଟନାୟକ, ଗବେଷକ ଅଧ୍ୟାପକ ପ୍ରତାପ ରଥ, ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ସଭାପତି ଧ୍ରୁବ ଚରଣ ଘିବେଲା, ପ୍ରଗଲଭ ଐତିହାସିକ ହାଡିବନ୍ଧୁ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିବା ବେଳେ କାର୍ତ୍ତିକେଶ୍ୱର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ନବ କିଶୋର ଦୀପଙ୍କ ସଂଯୋଜନାରେ ଏକ କବିତା ପାଠର ଆୟୋଜନ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ବୌଦ୍ଧ ଜିଲ୍ଲାରେ ଓଡିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା କଲଚରାଲ ଏକାଡେମୀର ମିଳିତ ଏଭଳି ସାରସ୍ୱତ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି ଅବସରରେ ଓଡ଼ିଆର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାବନ୍ଧିକ ଓ କବିଙ୍କୁ ଅତିଥି ମାନେ ସମ୍ମାନିତ କରିଥିଲେ। ଜିଲ୍ଲା ସଦର ମହକୁମା ଟାଉନ ହଲ ଠାରେ ଓଡ଼ିଆ ସାହିତ୍ୟ ଏକାଡେମୀର ଏକଦିବସୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଏହି ସାରସ୍ୱତ ସମାବେଶକୁ କନ୍ଧମାଳ ସାଂସଦ ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ସାମଲ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ଅତିଥି ରୂପେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ରାଉତ, ବିଶିଷ୍ଟ କଥାକାର ବୈରାଗୀ ଚରଣ ପଟ୍ଟନାୟକ, ଗବେଷକ ଅଧ୍ୟାପକ ପ୍ରତାପ ରଥ, ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ସଭାପତି ଧ୍ରୁବ ଚରଣ ଘିବେଲା, ପ୍ରଗଲ୍ଭ ଐତିହାସିକ ହାଡିବନ୍ଧୁ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିବା ବେଳେ କାର୍ତ୍ତିକେଶ୍ୱର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ନବ କିଶୋର ଦୀପଙ୍କ ସଂଯୋଜନାରେ ଏକ କବିତା ପାଠର ଆୟୋଜନ କରାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ବୌଦ୍ଧ ଜିଲ୍ଲାରେ ଓଡିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା କଲଚରାଲ ଏକାଡେମୀର ମିଳିତ ଏଭଳି ସାରସ୍ୱତ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି ଅବସରରେ ଓଡ଼ିଆ ର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାବନ୍ଧିକ ଓ କବିଙ୍କୁ ଅତିଥି ମାନେ ସମ୍ମାନିତ କରିଥିଲେ।

## ସଂସ୍କୃତ ବିଭାଗ ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟର ସଂସ୍କୃତ ଭାଷା ବିଭାଗର ବରିଷ୍ଠ ଅଧ୍ୟାପକ ଦୁର୍ଯ୍ୟୋଧନ ଆଚାର୍ଯ୍ୟ ୨୫ ମସିହା ଜୁନ ୩୦ ତାରିଖରେ ନିଜର କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତାରାଣି ସାହୁଙ୍କ ଅଧ୍ୟକ୍ଷତାରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ, ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ, ପ୍ରସନ୍ନ କୁମାର ସାହୁ, ସଂସ୍କୃତ ବିଭାଗ ଅଧ୍ୟାପକ ବିଶିକେଶନ କର୍ଣ୍ଣ, କୁମାର କୌଶିକ ଦେହୁରୀ, କୁଳମଣି ମେହେର ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ବିଦାୟୀ ଶ୍ରୀ ଆଚାର୍ଯ୍ୟଙ୍କ ଗୁଣଗାନ କରିଥିଲେ। ଦୀର୍ଘ ୩୩ ବର୍ଷ ଧରି ନିଜର କର୍ମମୟ ଜୀବନ ମଧ୍ୟରେ ସେ ଅତି ଭଦ୍ର, ନମ୍ର, ଛାତ୍ର ବତ୍ସଳ, କର୍ମ ତତ୍ପର, ମେଳାପୀ ସ୍ୱଭାବର ବ୍ୟକ୍ତି ହୋଇଥିବା ବେଳେ, ଶ୍ରୀ ଆଚାର୍ଯ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣା ଯାଇଥିଲା ।

# ଦୁର୍ଘଟଣାରେ ୨ମୃତ, ଜଣେ ଗୁରୁତର

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ଥାନା ଅଧିନସ୍ଥ ରବିବାର ରାତି ପ୍ରାୟ ୯.୪୫ରେ ବାଇକରେ ଆସୁଥିବା ତିନିଜଣ ଯୁବକ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଚଣ୍ଡିତଳ ପଞ୍ଚାୟତ ବାତୋ ଗାଁର ଉମାକାନ୍ତ ବେହେରା(୨୬), ଚଉଳଥଳି ଗ୍ରାମରଲକି ରାଉତ(୨୪) ଓ ତପନ ସାମଲ ବାଇକରେ ଘରକୁ ଫେରୁଥିବା ବେଳେ ୧୬ନଂ ଜାତୀୟ ରାଜପଥ ହୋଟେଲ ସମ୍ମୁଖରେ ଏକ ଅଜଣା ଗାଡ଼ି ପିଟି ପଳାଇ ଯାଇଥିଲା। କିଛି ସମୟ ପରେ ସେଠାରେ ଥିବା ଲୋକେ ଏହି ଖବର ପାଇ ଘଟଣାସ୍ଥଳକୁ ଯାଇ ସମସ୍ତ ଗୁରୁତରଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। କିନ୍ତୁ ଡାକ୍ତର ଉମାକାନ୍ତ ବେହେରା ଓ ଲକି ରାଉତଙ୍କୁ ମୃତ ଘୋଷଣା କରିଥିବା ବେଳେ ତପନ ଗୁରୁତର ହୋଇ ପ୍ରାଥମିକ ଚିକିତ୍ସିତ ହେଉଥିଲେ ମଧ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଛନ୍ତି। ମୃତ ଓ ଗୁରୁତର ଯୁବକ ମାନେ ଚଣ୍ଡିଖୋଲରୁ ଘରକୁ ଫେରୁଥିବା ବେଳେ ଦୃଘଟଣାର ଶିକାର ହୋଇ ଅକାରଣରେ ଦୁଇ ଜଣଙ୍କର ଜୀବନ ଚାଲିଯାଇଥିଲା। ଖବର ପାଇ ବଡ଼ଚଣା ଥାନାଧିକାରୀ ବଡ଼ଚଣା ଡାକ୍ତରଖାନାରେ ପହଞ୍ଚି ମୃତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରଖି ଅଧିକ ତଦନ୍ତ କରୁଥିବା ଜଣାପଡିଛି। ଏହା ଖୁବ ଶୀଘ୍ର ଦୃଘଟଣା କରି ପଳାୟନ କରିଥିବା ଗାଡ଼ି କୁ ଜବତ୍ କରିବା ସଙ୍ଗେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମଧୁସ୍ମିତା ବେହେରା ମୃତ ଆହତ ପରିବାର ବର୍ଗ ଓ ଘଟଣାସ୍ଥଳରେ ଥିବା ଲୋକମାନଙ୍କୁ ଜଣାଇଛନ୍ତି।

## କୋରାପୁଟରେ ୨୬୭.୮ମିମି ବର୍ଷା ରେକର୍ଡ଼

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି । ଫଳରେ ଜିଲ୍ଲାରେ ୨୬୭.୮ମିମି ବର୍ଷା ହୋଇଥିବା ବେଳେ ଲମତାପୁଟ ବ୍ଲକରେ ସର୍ବାଧିକ ୫୫ମିମି ବର୍ଷା ହୋଇଥିବା ସୂଚନା ରହିଛି । ପଟାଙ୍ଗି ବ୍ଲକରେ ୪୮.୪ମିମି, ବୈପାରିଗୁଡାରେ ୧୮ମିମି, ସେମିଳିଗୁଡାରେ ୩୬ମିମି, ନନ୍ଦପୁରରେ୩୬ମିମି, ଦଶମନ୍ତପୁରରେ ୧୯ମିମି, ନାରାୟଣପାଟଣାରେ ୫.୨ମିମି, ଲକ୍ଷ୍ମୀପୁରରେ ୫.୨ମିମି, କୋରାପୁଟରେ ୨୩.୬ ମିମି , ଜୟପୁରରେ ୬.୪ ମିମି, କୋଟପାଡରେ ୩ମିମି, କୁନ୍ଦୁରାରେ ୪.୨ ମିମି ଓ ବୋରିଗୁମ୍ମାରେ ୩.୪ ମିମି ବର୍ଷା ହୋଇଛି ।

## ‘ସଙ୍କୁଳସ୍ତରୀୟ ମେଧାବୀ ଅଭିନନ୍ଦନ’ କାର୍ଯ୍ୟକ୍ରମ



ରାୟଗଡ଼ା, (ଭାସ୍କର ନ୍ୟୁଜ୍) : ରାୟଗଡ଼ା ଗାୟତ୍ରୀ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ‘ସଙ୍କୁଳ ସ୍ତରୀୟ ମେଧାବୀ ଅଭିନନ୍ଦନ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା ବର୍ଷ ୨୦୨୪-୨୫ ରେ ଦଶମ ଶ୍ରେଣୀରେ ରାୟଗଡ଼ା ସଂକୁଳର ଇ୧ ଓ ଇ୨ ସ୍ଥାନରେ ଥିବା ୧୬ ଜଣ ଶିଶୁଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ମାନନୀୟା ସରସ୍ୱତୀ ରାୟ ଯୋଗ ଦେଇଥିଲେ। ଏଥି ସହିତ ଦକ୍ଷିଣ ସଂଭାଗର ସଭାପତି ମାନନୀୟ ରୂପ ସିଂ ରାଉତ, ଜିଲ୍ଲା ପ୍ରମୁଖ ମାନନୀୟ ନରେନ୍ଦ୍ର କୁମାର ନାୟକ, ସଙ୍କୁଳ ପ୍ରମୁଖ ମାନନୀୟ ରମେଶ ଚନ୍ଦ୍ର ସାହୁ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ମାନନୀୟ ମନୋରଞ୍ଜନ ଦାସ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାନନୀୟ ମାଙ୍ଗିଲାଲ ଜୈନ ଓ ଉପସଭାପତି ମାନନୀୟ ରଘୁନନ୍ଦନ ନନ୍ଦ ମଞ୍ଚାସିନ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥୀଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହୋଦୟ ଅତିଥୀଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ପରେ ମୁଖ୍ୟ ଅତିଥୀ ନିଜ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଇଥିଲେ। ଏହାପରେ ସେଠାରେ ଉପସ୍ଥିତ କୃତୀ ଶିଶୁ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ରାୟଗଡା ଗାୟତ୍ରୀ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସୁଶ୍ରୀ ଅର୍ପିତା ଗିରି ରାୟଗଡ଼ା ଜିଲ୍ଲାରେ ପ୍ରଥମ ଓ କାଶୀପୁର ଶିଶୁମନ୍ଦିରର ଛାତ୍ରୀ ସୁଶ୍ରୀ ପ୍ରଜ୍ଞାଶ୍ରୀ ବଳ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ଏଥିସହିତ ଅନ୍ୟ ଶିଶୁ ମନ୍ଦିର ଗୁଡିକରୁ ଆସିଥିବା ୧୪ ଜଣ ଶିଶୁଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ଧନ୍ୟବାଦ ପ୍ରଦାନ କରି କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ।

# କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ



କୋରାପୁଟ, (ଭାସ୍କର ନ୍ୟୁଜ) : ଜିଲ୍ଲା କଂଗ୍ରେସ ପକ୍ଷରୁ ଜୟପୁରରେ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଜୟପୁର ବିଧାୟକ ତଥା ରାଜ୍ୟ ଉପସଭାପତି ତାରାପ୍ରସାଦ ବାହୀନପତିଙ୍କ ଆହ୍ୱନ ଓ ଜିଲ୍ଲା କଂଗ୍ରେସ ସଭାପତି ଶଶୀଭୂଷଣ ପାତ୍ରଙ୍କ ସଭାପତିତ୍ୱରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, କଂଗ୍ରେସ ପ୍ରଭାରି ଅଜୟ କୁମାର ଲାଲୁ, କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା, ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ରାୟଗଡା ବିଧାୟକ ଆପଲ ସ୍ୱାମୀ କାଡ୍ରାକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହୀନପତି, ନବରଙ୍ଗପୁର ଜିଲ୍ଲା ସଭାପତି ଭୁଜବଳ ମାଝି, ମାଲକାନଗିରି ଜିଲ୍ଲା ସଭାପତି ଗୋବିନ୍ଦ ପାତ୍ର, ଜୟପୁର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ। ପିସିସି ସଭାପତି ଓ ପ୍ରଭାରିଙ୍କୁ ଆମ୍ବାଗୁଡା ଠାରୁ ଏକ ବାଇକ ଶୋଭାଯାତ୍ରା କରି ସ୍ୱାଗତ ପରେ ସହର ପରିକ୍ରମା କରାଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟରୁ ଆମ୍ବେଡକର ଛକରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇଥିଲା। ଜୟପୁର ଦଶହରା ପଡିଆରେ ସମାବେଶ ହୋଇଥିଲା । ପିସିସି ସଭାପତି ଦାସ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ବେକାରୀମାନେ ଚାକିରି ପାଉନଥିବା, ଜମି ଓ ପାଣି ଦେବାକୁ ସରକାର ନିର୍ବାଚନ ଇସ୍ତାହରରେ ପ୍ରତିଶ୍ରୁତି ଦେଇ ଏହାକୁ ପୂରଣ ନକରି ୧ବର୍ଷ ପୂର୍ତ୍ତି ପାଳନ କରୁଥିବା କହିଛନ୍ତି। ଦିନକୁ ଦିନ ନାରୀ ନିର୍ଯ୍ୟାତନା ବଢୁଥିବାରୁ ରାଜ୍ୟ ସରକାର ନୀରବ ରହୁଥିବା, ରାଜ୍ୟରେ ଶିକ୍ଷକ ଓ ଡାକ୍ତର ଅଭାବ ଥିବାବେଳେ ଆଉଟସୋର୍ସିଂରେ କାର୍ଯ୍ୟ ଚାଲିଥିବା କହିଛନ୍ତି। ସେମାନଙ୍କୁ ମଧ୍ୟ ଥଇଥାନ କରାଯାଉ ନାହିଁ । ସୁଭଦ୍ରା. ଆୟୁଷ୍ମାନ ଯୋଜନାରେ ରାଜ୍ୟବାସୀଙ୍କୁ ପ୍ରତରଣା କରାଯାଉଛି । ସମ୍ବିଧାନ ବିପଦରେ ରହିଛି । ଏକତ୍ରିତ ହୋଇ ସମ୍ବିଧାନକୁ ବଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ଆମେରିକାରେ ରାଷ୍ଟ୍ରପତି ଓଡିଶାରେ ନାରୀ ଅସୁରକ୍ଷିତ ବୋଲି ବିବୃତି ଦେବା ସହ ନୋଟିସ ଜାରି କରି ଓଡିଶା ଯିବାକୁ ମନା କରିଥିଲେ । ଏହା ଏକ ଲଜ୍ୟାଜନକ ବୋଲି କଂଗ୍ରେସ କହିଛି। କଂଗ୍ରେସ ସରକାର ଆସିଲେ ମିନି ସୁଇଜରଲାଣ୍ଡ କରିବ ବୋଲି ପ୍ରଭାରି ଅଜୟ ପ୍ରତିଶ୍ରୁତି ଦେଇଥିଲେ। ବିଜେଡି ଓ ଭାଜପା ଗୋଟିଏ ଦଳ ଏବଂ ରାଜ୍ୟରେ ଦୁର୍ନୀତି ଚାଲିଥିବା ବିଧାୟକ ବାହିନୀପତି କହିଛନ୍ତି । ସମାବେଶରେ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ମହିଳା କଂଗ୍ରେସ ସହ ୧୪ବ୍ଲକର ସଭାପତି, କାଉନସିଲର, ଜିଲ୍ଲା ପରିଷଦ ସଭ୍ୟା, ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ୧୨ ହଜାରୁର ଉର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିଲା।



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଆଜିଠାରୁ ଆମ ଦେଶରେ 'ବନ ମହୋତ୍ସବ ସପ୍ତାହ' ଆରମ୍ଭ ହୋଇଛି। ଆମ ଜୀବନରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ସହ ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ୧୯୫୦ ମସିହାରୁ ଜୁଲାଇ ପ୍ରଥମ ସପ୍ତାହରେ 'ବନ ମହୋତ୍ସବ ସପ୍ତାହ' ପାଳନ କରାଯାଇ ଆସୁଛି। ଗଛ ଛାଇ ଯୋଗାଇବା, ମରୁଡ଼ି ପରିସ୍ଥିତି ହ୍ରାସ କରାଇବା, ଅଧିକ ବିକଳ୍ପ ଇନ୍ଧନ ଉତ୍ସ ପହଞ୍ଚାଇବା, ପରିବେଶ ସନ୍ତୁଳନ ଆଣିବା, ଖାଦ୍ୟ ଉତ୍ପାଦନ ବୃଦ୍ଧି ଓ ମୃତ୍ତିକା କ୍ଷୟ ହ୍ରାସ କରାଇବା ଆଦି ଅଗଣିତ ହିତ ସାଧନ କରିଥାଏ। 'ଗ୍ଲୋବାଲ୍ ଫରେଷ୍ଟୱାଚ୍' ସଂଗଠନ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ, ୨୦୧୯-୨୦ରେ ଭାରତରେ ହାରାହାରି ୩,୮୫,୦୦୦ ହେକ୍ଟର ପରିମିତ କ୍ରାନ୍ତିମଣ୍ଡଳୀୟ ଜଙ୍ଗଲ ହ୍ରାସ ପାଇଛି। ଗତ ଏକ ଦଶନ୍ଧି ହେଲା କେବଳ ଗଛକଟା ଯୋଗୁଁ ଦେଶର ଜଙ୍ଗଲ ପରିମାଣ ୧୬ ପ୍ରତିଶତ କମି ଆସିଛି। ତେଣୁ ପୂର୍ବାପେକ୍ଷା ଏବେ ମାନବିକ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲ ଓ ବୃକ୍ଷରାଜି ପ୍ରତି ଅଧିକ ବିପଦ ରହିଥିବାରୁ ବନ ମହୋତ୍ସବ ପାଳନ ଅନେକ ଗୁରୁତ୍ୱ ବହନ କରୁଛି। ବିଶ୍ୱର ତାପମାତ୍ରା ବୃଦ୍ଧି ରୋକିବା ଓ ପ୍ରଦୂଷଣ ହ୍ରାସ ଦିଗରେ ବୃକ୍ଷରୋପଣ ହିଁ ଶ୍ରେଷ୍ଠ ବିକଳ୍ପ ହୋଇଥିବାରୁ ଏହାକୁ ଏକ ମହୋତ୍ସବର ଅଂଶବିଶେଷ କରାଯାଇଛି। ଏହି ସପ୍ତାହରେ ଦେଶର ବିଭିନ୍ନ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ପରିସର ସମେତ ଘରୋଇ ତଥା ସାର୍ବଜନୀନ ଖାଲି ସ୍ଥାନଗୁଡ଼ିକରେ ବୃକ୍ଷ ଲଗାଯିବାକୁ ପ୍ରୋତ୍ସାହିତ କରାଯାଉଛି। ଏହା ସହ ପୁରୀ ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯିବ ବୋଲି ସୂଚନା ମିଳିଛି।

# ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅଫିସ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରତି ବ୍ଲକ ଓ ସହରାଞ୍ଚଳର ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ଓ ବିଚାର କରି ତାର ତୁରନ୍ତ ସମାଧାନ ବ୍ୟବସ୍ଥା କରିବା ନେଇ ପ୍ରତି ବ୍ଲକସ୍ତରରେ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୋମବାର ପୁରୁଷୋତ୍ତମପୁର ବ୍ଲକ ପରିସରରେ ୩୧୮ ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଛି। ସେଥି ମଧ୍ୟରୁ ଅଧିକାଂଶ ଅଭିଯୋଗ ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡରେ ପରିବାରର ସଦସ୍ୟ ସଂଖ୍ୟା ଯୋଗ କରିବା, ବିବାହିତ ଝିଅଙ୍କ ପାଇଁ ଗୋଟିଏ ଜାଗାରୁ କାଟି ସ୍ୱାମୀଙ୍କ ପରିବାରକୁ ସ୍ଥାନାନ୍ତର କରିବା, ବର୍ଷ ବର୍ଷ ଧରି ନୂତନ ରାସନ କାର୍ଡ ଅପେକ୍ଷାର ଅନ୍ତ କରାଇବା, ସୁଭଦ୍ରା ଯୋଜନାରେ ପାଉଥିବା ମହିଳା ମାନଙ୍କୁ ଜିରୋ ଆଇଟି ରିଟର୍ଣ୍ଣ ହିତାଧିକାରୀଙ୍କ କ୍ଷେତ୍ରରେ ପୁର୍ନବିଚାର କରି ସାମିଲ କରାଇବା, ପଞ୍ଚାୟତରେ ଆବାସ ଯୋଜନା ପାଇଁ ବାରମ୍ବାର ଦୌଡୁଥିଲେ ମଧ୍ୟ ଆବାସ ମିଳୁନଥିବା ଅଭିଯୋଗ ସହ ଅଛୁଲି ପଞ୍ଚାୟତରେ ମିନି ଷ୍ଟାଡିୟମ ନିର୍ମାଣ ଓ ଅଛୁଲି ଛକ ଠାରୁ କୋଦଳା ଯିବା ମୁଖ୍ୟ ରାସ୍ତା ଛକ ଠାରୁ ମାତ୍ର ପ୍ରାୟ ୧୦୦ରୁ ଦୁଇ ସହ ମିଟର ରାସ୍ତା ଅତି କଦର୍ଯ୍ୟ ହେତୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଆରଡି ବିଭାଗ ନଶୁଣିବା ଏହିପରି ବିଭିନ୍ନ ଅଭିଯୋଗ କରିବା ପାଇଁ ଶହ ଶହ ଜନସାଧାରଣ ବ୍ଲକ ପରିସରରେ ଭିଡ ଜମାଇ ଅଭିଯୋଗର ଦରଖାସ୍ତ କରିଥିଲେ। ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ପରିଷଦ ସିଡିଡି-ଇଓ ବିଜୟ କୁମାର ବେହେରା, ଆସିଷ୍ଟାଣ୍ଟ କଲେକ୍ଟର (ଅଭିଯୋଗ ପ୍ରକୋଷ୍ଠ) ଦୀପକ କୁମାର ଜେନା, ବିଡ଼ିଓ ଶରତ କୁମାର ପାତ୍ର, ତହସିଲଦାର ବିନୋଦ ବେହେରା, ଏସ୍‌ଡିପିଓ ଡ଼. ଦୀପକ କୁମାର ମିଶ୍ର, ସମସ୍ତ ଅଭିଯୋଗ ସୁଣି ତାହାର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ତିନିଜଣ ଚିକିତ୍ସାଧୀନ କ୍ୟାନସର ରୋଗୀଙ୍କୁ ତିରିଶ ହଜାର, କୋଡ଼ିଏ ହଜାର ଓ ଦଶ ହଜାର ଟଙ୍କା ମୋଟ ଷାଠିଏ ହଜାର ଟଙ୍କା ରେଡ୍‌କ୍ରସ ଫଣ୍ଡରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ସ୍ତରର ସମସ୍ତ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜ ବିଭାଗୀୟ ଅଭିଯୋଗର ଶୁଣାଣି କରିବାରେ ସହାୟତା କରିଥିଲେ।



## ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର, ଅନ୍ଧାରରେ ପିଲାଙ୍କ ଭବିଷ୍ୟତ !

# ୧୫ବର୍ଷ ହେଲାଣି ଗୁହାଳ ଘରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ

କରଞ୍ଜିଆ (ଭାସ୍କର ନ୍ୟୁଜ୍): ଶିକ୍ଷାକୁ ନେଇ ସରକାର ଯୋଜନା ପରେ ଯୋଜନା କରୁଛନ୍ତି କିନ୍ତୁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ବାସ୍ତବ ଚିତ୍ର ଅଲଗା। ଏମିତି କି ଗୁହାଳ ଘରେ ବନ୍ଧା ପଡିଛି ପିଲାଙ୍କ ଭାଗ୍ୟ। ୧୫ ବର୍ଷ ହେଲାଣି ଭଙ୍ଗା ଗୁହାଳ ଘରେ ଚାଳିଆରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ। ବିଭିନ୍ନ ସମୟରେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦାବି କରି ଆସୁଥିଲେ ବି ସମସ୍ୟା ସମାଧାନ ହେବା ବଦଳରେ ଜଟିଳ ହେବାରେ ଲାଗିଛି। ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଥିବା କଥା କହୁଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ବାସ୍ତବ ଚିତ୍ର ଅଲଗା। ଦୀର୍ଘ ୧୫ବର୍ଷ ହେଲାଣି ଭଙ୍ଗା ଚାଳିଆ ତଳେ ଚାଲୁଛି ପ୍ରାଥମିକ ବିଦ୍ୟାଳୟ। ପିଲାମାନେ ଏହି ଭଙ୍ଗା ଗୁହାଳ ଘରେ ତଳେ ବସି ପାଠ ପଢୁଛନ୍ତି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିଆ ଗ୍ରାମପାୟତ ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମର ବାରପୋଟିଆ ସାହିରେ ଏପରି ଘଟଣା ଦେଖିବାକୁ ମିଳୁଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମେ ଆସି ଗାଈ, ବଳଦ ଓ ଛେଳିର ଗୋବର ସଫା କରିଥାଆନ୍ତି। ଆଧୁନିକ ଯୁଗରେ ଡିଜିଟାଲ କ୍ଲାସ ଚାଲିଥିବା ବେଳେ ଏଠାରେ ପାଠ ପଢିବାରେ ରହିଛି ଅନେକ ସମସ୍ୟା। କାରଣ ଦିନ ବେଳେ ବିଦ୍ୟାଳୟ ଚାଲୁଥିବା ବେଳେ ରାତିରେ ସେହି ସ୍ଥାନରେ ବଳଦ, ଛେଳି, କୁକୁର ରହି ଥାଆନ୍ତି। ତା'ର ମଳ ପ୍ରତ୍ୟେକ ଦିନ ସଫା କରିବାକୁ ପଡିଥାଏ। ଯେଉଁ ଠି ପାଠ ପଢିବାରେ ରହିଛି ଅନେକ ସମସ୍ୟା ସେଠାରେ ପିଇବା ପାଣି, ଶୌଚାଳୟ କଥା ପଚାରୁଛି କିଏ। ଜମି ଏବଂ ଅନ୍ୟାନ୍ୟ ସମସ୍ୟା ପାଇଁ ସ୍କୁଲ ଗୃହ ଏଠାରେ ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। ସ୍କୁଲ ସ୍ଥାପନ ସମୟରେ ଚାଲିଥିବା ଚାଳିଆଟି ଏବେ ଭାଙ୍ଗିବାକୁ ବସିଲାଣି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଥିଲାବେଳେ ଏଠାରେ ପାଠ ପଢନ୍ତି ୨୫ ଜଣ ଛାତ୍ରଛାତ୍ରୀ। ଯଦି ବର୍ଷା ହେଲା ସ୍କୁଲ ଛୁଟି। ଅସ୍ଥାୟୀ ଚାଳିଆ ତଳେ ବସି ପାଠ ପଢିବାକୁ ସମ୍ଭବ ହୋଇନଥାଏ। ୫ଟି ଶ୍ରେଣୀ ଥିବା ବେଳେ ଏଠାରେ ୩ଜଣ ଶିକ୍ଷୟିତ୍ରୀ ନିଯୁକ୍ତି ଦିଆଯାଇଛି। ଗତ ୨୦୦୯ ମସିହା ଠାରୁ ଭରାଣ୍ଡିଆ ଗାଁର ବାରପୋଡଟିଆ ସାହିରେ ସରକାରଙ୍କ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟଟି ସ୍ଥାପନ ହୋଇଥିଲା। ସ୍ଥାପନ ହେବା ପରେ ପ୍ରଥମେ ବିଦ୍ୟାଳୟ ପରିସରରେ ଏକ ଗୁହାଳ ଘରେ ପିଲାଙ୍କୁ ପାଠ ପଢା ଯାଉଥିଲା। ପ୍ରତିଷ୍ଠା ହେବାର କିଛି ବର୍ଷ ପରେ ୨୦୧୫/୧୬ ଆର୍ଥିକ ବର୍ଷରେ ସର୍ବ ଶିକ୍ଷା ଅଭିଯାନରେ ଶ୍ରେଣୀ ଗୃହ ପାଇଁ କିଛି ଟଙ୍କାରେ ଏକ ଗୃହ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା। ଜମି ଏବଂ ଅନ୍ୟାନ୍ୟ ସମସ୍ୟା ପାଇଁ ସ୍କୁଲ ଗୃହ ଏଠାରେ ଆଜି ପର୍ଯ୍ୟନ୍ତ ସ୍କୁଲ ଗୃହ ହୋଇ ପାରିନାହିଁ। ବିଦ୍ୟାଳୟର ଗୃହ ନଥିବାରୁ ମଧ୍ୟାହ୍ନ ଭୋଜନ ପାଚିକା ଘରେ ରୋଷେଇ କରି ଆଣି ପିଲାଙ୍କୁ ଖାଇବାକୁ ଦିଆଯାଉଛି। ଏପରି ସମସ୍ୟା ଦେଇ ବିଦ୍ୟାଳୟ ଚାଲୁଥିବା ବେଳେ ଏ ନେଇ କୌଣସି ସରକାରୀ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ରଘୁନାଥ ହାଁସଦାଙ୍କ ସମେତ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓଙ୍କୁ ଦାବିପତ୍ର ଦେବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ବି ସମସ୍ୟାର ସମାଧାନ ହୋଇପାରୁ ନାହିଁ। ତେବେ ଏ ବିଷୟରେ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ ଆପଣଙ୍କ ଠାରୁ ଏହି ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇଲି। ଘଟଣା ସ୍ଥାନକୁ ଯାଇ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବି। ବର୍ଷା ହେଲେ ବିଦ୍ୟାଳୟକୁ ଛୁଟି କରିବାକୁ ପଡେ ଆଗାମୀ ଦିନରେ ବର୍ଷାଦିନେ କିପରି ପାଠ ପଢିବେ ତାହାକୁ ନେଇ ଉଠିଛି ପ୍ରଶ୍ନ।



## ଆସିକାକୁ ଆସୁଛି ବେଆଇନ ଖଇନି

# ପଥଭ୍ରଷ୍ଟ ଯୁବପିଢ଼ି

ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ଆସିକା ଅଞ୍ଚଳ ଏବେ ଚୋରା ଖଇନିର ହବ୍ ପାଲଟିଛି। ପ୍ରତିଦିନ ରାଉରକେଲା ଓ ଛତିଶଗଡ ଅଞ୍ଚଳରୁ ବସ୍ ଯୋଗେ ବିନା ଟ୍ୟାକ୍ସରେ ଲକ୍ଷାଧିକ ଟଙ୍କାର ଖଇନି ଗାଙ୍ଗପୁର ଅଞ୍ଚଳକୁ ଆସିବା ପରେ ଆସିକା, ଶେରଗଡ଼ ଓ କବିସୂର୍ଯ୍ୟନଗରର ଅଞ୍ଚଳକୁ ଚାଲାଣ ହେଉଛି। ଲକ୍ଷାଧିକ ଟଙ୍କାର ବିଭିନ୍ନ କମ୍ପାନୀର ବସ୍ତା ବସ୍ତା ଖଇନିକୁ ସ୍ୱଳ୍ପ ଟଙ୍କାର ବିଲିଂ କରି ବସ୍ ଯୋଗେ



ଆସୁଛି। ଉକ୍ତ ଖଇନି ଭଞ୍ଜନଗର ନିକଟସ୍ଥ ଗୋବରା ଓ ଗାଙ୍ଗପୁର ଠାରେ ଏକ ନିଛାଟିଆ ସ୍ଥାନରେ ଓହ୍ଲାଯାଉଛି। ସେଠାରୁ ଆସିକା କଲେଜଛକକୁ ପିକପ୍ ଓ ଅଟୋ ଯୋଗେ ଲକ୍ଷାଧିକ ଟଙ୍କାର ଖଇନିକୁ ମାତ୍ର ପାଞ୍ଚ ଦଶ ହଜାର ଟଙ୍କାର ବିଲିଂ ହେଉଥିବା ଜଣାପଡିଛି। ଏହି ଖଇନି ମାତ୍ର ୫ ଟଙ୍କାରେ ବିକ୍ରି ହେଉଥିବା ଯୋଗୁଁ ଛୋଟ ଛୋଟ ନାବାଳକ 'ଗବରସିଂ' ଷ୍ଟାଇଲରେ ଖଇନିକୁ ପାପୁଲିରେ ମନ୍ଥନ କରି ପାଟିରେ ଯାକୁଥିବା ଦେଖିବାକୁ ମୁଳୁଛି। ଖଇନି ସେବନ କରିବା ଦ୍ୱାରା କର୍କଟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ବେଆଇନ ଭାବେ ଆସୁଥିବା ଖଇନିକୁ ଲଗାମ ଲଗାଇବାରେ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ ମାରିଛି। ଖଇନି ଓ ଗୁଟଖା ସେବନ କରି ପ୍ରତି ବର୍ଷ ହଜାର ହଜାର ଯୁବକ କର୍କଟ ରୋଗରେ ଆକାନ୍ତ ହେଉଥିବାର ନଜିର ରହିଛି।

# ପାଠାଗାର ଓ ଯୋଗଶିକ୍ଷା କେନ୍ଦ୍ର ପ୍ରତିଷ୍ଠା ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ପାରାଦୀପ (ଭାସ୍କର ନ୍ୟୁଜ୍) : ମାଳିକା ବର୍ଣ୍ଣିତ ପାରାଦୀପର ଉଦୟବଟ ଧାମରେ ଥିବା ଶ୍ରୀ ଜଗନ୍ନାଥ ତତ୍ତ୍ୱ ଆଶ୍ରମ ୧୯୮୮ ରେ ପ୍ରତିଷ୍ଠା କରିଥିଲେ ପଞ୍ଚସଖା ବୈଷ୍ଣବ ପରମ୍ପରାର ଗୁରୁ ଶ୍ରୀ ଭଗବାନ ଦାସ ମହାରାଜ। ଆଶ୍ରମର ପରିଚାଳକ ମାନଙ୍କ ଅନୁରୋଧ ରକ୍ଷା କରି ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗତ ଜୁନ ମାସ ୨୯ ତାରିଖ ଦିନ ଆଶ୍ରମକୁ ପରିଦର୍ଶନ କରି ସମସ୍ତ ଦେବଦେବୀଙ୍କୁ ଦର୍ଶନ କରିବା ସହ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଶ୍ରୀଜଗନ୍ନାଥ ତତ୍ତ୍ୱ ଆଶ୍ରମରେ ରହି ଉଦୟବଟର ସମ୍ପୂର୍ଣ୍ଣ ଉନ୍ନତି ପାଇଁ ଆଲୋଚନା କରିଥିଲେ। ଶ୍ରୀ ଜଗନ୍ନାଥ ତତ୍ତ୍ୱ ଆଶ୍ରମରେ ହେବାକୁ ଥିବା ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର, ପାଠାଗାର ଓ ଯୋଗଶିକ୍ଷା କେନ୍ଦ୍ର ପାଇଁ ମାନ୍ୟବର ମନ୍ତ୍ରୀ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଏହିଭଳି ଉଦାର ଭାବ, ବିନମ୍ରତା ତଥା ସହଯୋଗ ପ୍ରତିଶୃତିକୁ ଭୂୟସୀ ପ୍ରଶଂସା କରିଥିଲେ ଆଲୋଚନାରେ ଉପସ୍ଥିତ ପାରାଦୀପ ଅଞ୍ଚଳର ପ୍ରତିଷ୍ଠିତ ତଥା ଆଧ୍ୟାତ୍ମିକ ବ୍ୟକ୍ତିମାନେ। ବିଶ୍ୱପ୍ରସିଦ୍ଧ ଆଧାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଜୀଙ୍କ ପରମଭକ୍ତ ତଥା ପାରାଦୀପର ପ୍ରମୁଖ ସୁନାମଧନ୍ୟ ଯୋଗଗୁରୁ ଏବଂ ଓଡ଼ିଶାର ସୁପରିଚିତ ଘୋଷକ ତାପସ ରଞ୍ଜନ ପତି ଏହି ଆଶ୍ରମ ପରିସରରେ ହେବାକୁ ଥିବା ପାରାଦୀପର ପ୍ରଥମ ବୃହତ୍ ଯୋଗଶିକ୍ଷା କେନ୍ଦ୍ରକୁ ପରିଚାଳନା କରିବେ ବୋଲି ମାନ୍ୟବର ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ଆଶ୍ରମ ପରିଚାଳନା କମିଟିର ସଭାପତି। ଆଶ୍ରମର ମୁଖ୍ୟ ବାବାଜୀ ଭାବ ସାଗର ଦାସ ଓ ବାବା ଉଦୟନାଥଦାସ ଆଶ୍ରମର ପ୍ରମୁଖ ପରାମର୍ଶଦାତା ବୈଷ୍ଣବ ଚରଣ ପଟ୍ଟନାୟକ, ସଭାପତି ବସନ୍ତ କୁମାର ନାୟକ, ସମ୍ପାଦକ ଚିନ୍ମୟ ଦାସ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ।



# ଦଣ୍ଡାମୁଣ୍ଡ-ଇନ୍ଦୁପୁର ରାସ୍ତା ଉପରେ ଚାଲିଛି ବାଲି ବେପାର

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ତହସିଲ ଅଧିନସ୍ଥ ବାରିମୂଳ ପଂଚାୟତ ଅନ୍ତର୍ଗତ ଦଣ୍ଡାମୁଣ୍ଡ-ଇନ୍ଦୁପୁର ରାସ୍ତାର ନାଗେଶ୍ୱରପୁର, କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖ ରାସ୍ତାକଡ଼ରେ ବେଧଡ଼କ ଭାବେ ବାଲି ଜମା ରଖାଯାଇ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତାର କେନ୍ଦ୍ରାପଡ଼ା ତହସିଲ ଅଧୀନରେ ରହିଥିବା ସ୍ଥାନମାନଙ୍କରୁ ଖଣି ବିଭାଗ ତରଫରୁ ଜମା ହୋଇଥିବା ବାଲିକୁ ପୋଲିସ୍ ଓ ତହସିଲ ପ୍ରଶାସନ ମାଧ୍ୟମରେ ଜବତ କରାଯାଇଥିବା ଦେଖିବାକୁ ମିଳିଛି। ତେବେ ଖଣି ବିଭାଗ ପକ୍ଷରୁ ଏହି ରାସ୍ତାର ଡେରାବିଶ ତହସିଲ ଅଧୀନରେ ରହିଥିବା ବାଲିଗଦା ଗୁଡ଼ିକ କେବେ ଜବତ କରାଯିବ ତାହାକୁ ନେଇ ଅଂଚଳର ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।



## କେନ୍ଦ୍ରାପଡ଼ା ତହସିଲ ପକ୍ଷରୁ ସିଜ୍ ହେଲା ବାଲି

## ଡେରାବିଶ ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କେବେ ?

ସୂଚନାଯୋଗ୍ୟ ଏହି ରାସ୍ତାଟି କେନ୍ଦ୍ରାପଡ଼ାରୁ ଇନ୍ଦୁପୁରକୁ ଏକ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ବ୍ୟକ୍ତି ବିଶେଷ ଘରଦ୍ୱାର କରି ରହିବା ସହ ବ୍ୟବସାୟ ପ୍ରତିଷ୍ଠାନ ମଧ କରିଛନ୍ତି। ବାରିମୂଳ ଠାରେ ଗାନ୍ଧିଙ୍କ ଅବସ୍ଥାନ ସ୍ମୃତିରେ ରହିଥିବା ଗାନ୍ଧିସ୍ମୃତିପୀଠ, ବାରିମୂଳ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଡେରାବିଶ ବ୍ଲକ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଅଛି। ବାଲି ବ୍ୟବସାୟୀମାନେ ଏହି ରାସ୍ତା କଡ଼ରେ ବାଲି ଗଦା କରି ରଖି ଫଳରେ ଏହି ରାସ୍ତା ଦେଇ ଯାଉଥିବା ଛାତ୍ରଛାତ୍ରୀ, ବାଇକ୍ ଆରୋହୀମାନେ ସମାନ୍ୟ ପବନରେ ବାଲି ଉଡ଼ି ସେମାନଙ୍କ ଆଖିରେ ପଶିବା ଫଳରେ ସେମାନେ ନାନଦି କଷ୍ଟ ଭୋଗ କରୁଛନ୍ତି। ତେଣୁ ତୁରନ୍ତ ଏହି ମୁଖ୍ୟ ରାସ୍ତା କଡ଼ରେ ବାଲି ବେପାର ବନ୍ଦ କରାଇବା ପାଇଁ ଅଂଚଳବାସୀ ଦାବି କରିଛନ୍ତି।

## ସରକାରୀ ଯୋଜନାର ସୁଫଳରୁ ବଞ୍ଚିତ ଅନେକେ

# ବଦଳି କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଭିଜିଲାନ୍ସ ତଦନ୍ତ ଦାବି

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକରେ ୭ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବାଲିତୁଠ ପଞ୍ଚାୟତ ଓ ବଳେଇପୁର ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କ ସମୟରେ ହୋଇଥିବ ବିଭିନ୍ନ କାର୍ଯ୍ୟ ତଥା ଢ଼ଳେଇ ରାସ୍ତା, ମିଶନ ଶକ୍ତି ଗୃହ, ଶ୍ମଶାନ ଗୃହ, ଅଙ୍ଗନ ୱାଡ଼ି ଗୃହ, କମ୍ୟୁନିଟ୍ ସେଣ୍ଟର, ଏମ୍‌ଏନ୍‌ଆର୍‌ଇଜିଏସ୍,ଆମ ଗାଁ ଆମ ବିକାଶ, ସ୍କୁଲ ଗୃହ ମରାମତି, ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ପୋଖରୀ ଖୋଳା ଯୋଜନାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି, ଲାଞ୍ଚ କାରବାରକୁ ନେଇ ବଦଳି ହୋଇଥିବା କନିଷ୍ଠ ଯନ୍ତ୍ରୀଙ୍କ ତଦନ୍ତ ଦାବି କରାଯାଇଛି। ବାଲିତୁଠ ପଞ୍ଚାୟତ ଓ ବଳେଇପୁର ପଞ୍ଚାୟତରେ କୋଟି କୋଟି ଟଙ୍କାର କାର୍ଯ୍ୟ କରାଯାଇଥିଲେ ମଧ କାର୍ଯ୍ୟକୁ ନିମ୍ନମାନର କରି ଲକ୍ଷାଧିକ ଟଙ୍କା ହରିଲୁଟ୍ କରିଥିବା ଅଭିଯୋଗ ହୋଇଛି। ଏବେ ସୁଦ୍ଧା ଅଙ୍ଗନବାଡି ଗୃହ ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧପନ୍ତରିଆରେ ଥିବା ଅଭିଯୋଗ ହୋଇଛି। ବଦଳି କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲ ନୀତି ଓ ଲାଞ୍ଚ ଖୋର୍ ମନବୃତି ଯୋଗୁଁ ଯୋଜନାର ସୁଫଳ ଜନସାଧାରଣ ପାଉନଥିବା ଅଭିଯୋଗ ହୋଇଛି। ଉକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଗଲେ କନିଷ୍ଠ ଯନ୍ତ୍ରୀଙ୍କ ଅସଲ ମୁଖା ଖୋଲିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧାରା ହେଉଛି। ଏଥିସହିତ କନିଷ୍ଠ ଯନ୍ତ୍ରୀ ନିଜ ସମ୍ପର୍କୀୟଙ୍କ ନାମରେ ଜମି ଖରଦୀ କରିଥିବାର ଅଭିଯୋଗ ହୋଇଛି। ଏହି ଦୁଇଟି ପଞ୍ଚାୟତରେ ପୂର୍ବରୁ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସମୟରେ ବିଭିନ୍ନ କାର୍ଯ୍ୟର ତଦନ୍ତ କରାଯିବା ପାଇଁ ବିଭାଗୀୟ ଅଧିକାରୀ ଜିଲ୍ଲପାଳ ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଜନ ସାଧାରଣଙ୍କ ତରଫରୁ ଦୃଢ଼ ଦାବି କରାଯାଇଛି। ପ୍ରକାଶ ଥାଉକି କନିଷ୍ଠ ଯନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟ ନିମ୍ନମାନର ସହିତ ଫଲସ୍ ବିଲ୍ ହୋଇଥିବା ସମାଜସେବୀ ରମେଶ ଚନ୍ଦ୍ର ପରିଜା ବିଭିନ୍ନ ଗଣମାଧ୍ୟମରେ ପୂର୍ବରୁ ଅଭିଯୋଗ କରିଥିଲେ।



# ଦଳାଚକଟାରେ ମୃତ ବାସନ୍ତିଙ୍କ ଶେଷକୃତ୍ୟରେ ଯୋଗଦେଲେ ବିଧାୟକ

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ରଥଯାତ୍ରା ପରେ ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଘଟିଥିବା ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାଙ୍ଗ ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ଦିଲ୍ଲୀପ ସାହୁଙ୍କ ପତ୍ନୀ ବାସନ୍ତୀ ସାହୁ ଦଳାଚକଟାରେ ମୃତ୍ୟୁବରଣ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବାବେଳେ ସ୍ଥାନୀୟ ବିଧାୟକ ପ୍ରଦୀପକୁମାର ସାହୁ ସେଠାରେ ପହଞ୍ଚି ଶେଷଦର୍ଶନ କରି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଏହି ଦଳାଚକଟା ଘଟଣାରେ ବାସନ୍ତିଙ୍କ ପୁଅ ଝିଅ ମଧ ଆହତ ହୋଇଥିବାରୁ ସେମାନଙ୍କ ଆଶୁଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଶିକ୍ଷା ସର୍କଲର ସାହାବାଜପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ପଟ୍ଟନାୟକ ଶିକ୍ଷକତାରୁ ଅବସର ନେଇଛନ୍ତି। ଏହି ଅବସର ସମ୍ବର୍ଦ୍ଧନା ସଭାସଭାର ସଭାପତି ଛ ଗାଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ଜେନାଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଏବିଓ ବଳଭଦ୍ର ସାହୁ, ସାମ୍ମାନିତ ଅତିଥି ଏବିଓ ଶୀଧେଶ୍ୱର କରଣ, ମାଲୁଦ ଶିକ୍ଷାସର୍କଲ ସଭାପତି ସାମନ୍ତ ବିମଳ ରଣସିଂହ, ସମ୍ପାଦକ ଦାସରଥୀ ପଡ଼ିଆରୀ, ସିଆରସିସି ବିଭୁତି ଦଳବେହେରା, ସିଆରସିସି ସତ୍ୟବାଦୀ ବିଶ୍ୱାଳ, ପଥରଗଞ୍ଜି ଉନ୍ନିତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ପ୍ରତିମା ସାହୁଙ୍କ ସମେତ ସମସ୍ତ ବିଦ୍ୟାଳୟ କମିଟ ସଭ୍ୟ ଓ ଛାତ୍ରଛାତ୍ରୀ ଯୋଗଥିଲେ। ଅବସରକାଳୀନ ସଭାରେ ସମସ୍ତ ଅତିଥିମାନେ ପ୍ରଥମେ ଜଗନ୍ନାଥଙ୍କ ଫଟୋଚିତ୍ରରେ ଦୀପ ଧୂପ ଓ ପୁଷ୍ପ ମାଲ୍ୟ ଦେବା ପରେ ବିଦ୍ୟାଳୟ ଛାତ୍ରୀମାନେ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ସଂଗୀତ ପରିବେଷଣ କରିଥିଲେ। ପରେ ସମସ୍ତ ଅତିଥି ମାନଙ୍କୁ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇଥିଲେ। ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଦାୟୀ ଶିକ୍ଷକ ତାଙ୍କ ଶିକ୍ଷକ ଜୀବନ ସମ୍ପର୍କରେ ଓ ବିଦ୍ୟାଳୟକୁ ମନେ ପକାଇ ତାଙ୍କ ବାପା, ବଡ଼ବାପା ଓ ଭାଉଜ ଏହି ସ୍କୁଲରେ ଶିକ୍ଷକତା କରିଥିବାରୁ ଏହି ସ୍କୁଲକୁ ନିଜ ପରିବାର ଭାବି କାର୍ଯ୍ୟ କରୁଥିଲେ ବୋଲି କହିଥିଲେ। ଉପସ୍ଥିତ ଶିକ୍ଷକ ମାନେ ତାଙ୍କ ଅଭିଭାଷଣରେ କହିଥିଲେ ମନୋଜ ପଟ୍ଟନାୟକ ଜଣେ ଜଣେ ଆଦର୍ଶ ନୀତି ନିଷ୍ଠ ଶିକ୍ଷକ ଥିଲେ। କର୍ମମୟ ଜୀବନ କାଳରେ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉର୍ନତି ସହ ଶିଶୁମାନଙ୍କ ଭବିଷ୍ୟତ ନିର୍ମାଣ କ୍ଷେତ୍ରରେ ଜଣେ ସଫଳ ମାର୍ଗ ଦର୍ଶକ ଶୃଙ୍ଖଳିତ କର୍ମ ନିଷ୍ଠା ଛାତ୍ର ବତ୍ସଳ ଆଦର୍ଶ ଶିକ୍ଷକ ଥିଲେ।




# ଧୋଇଗଲା ରାସ୍ତା, ୩ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଶିମିଳିପାଳ ଅଭୟାରଣ୍ୟରେ ରାସ୍ତା ଧୋଇ ହୋଇଯିବାରୁ ତିନୋଟି ଗ୍ରାମ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏମିତି ପରିସ୍ଥିତି ଦେଖା ଦେଇଛି ଶିମିଳିପାଳ ଅଭୟାରଣ୍ୟର ମହୁରଭଣ୍ଡାର ନିକଟରେ। କିଛିଦିନ ଧରି ଲଘୁଚାପ ଜନିତ ବର୍ଷା ଯୋଗୁଁ ଏମିତି ପରିସ୍ଥିତି ସୃଷ୍ଟି ହେଇଛି। ଶିମିଳିପାଳ ଅଭୟାରଣ୍ୟର ମହୁରଭଣ୍ଡାର ଠାରେ ଥିବା ମୁଖ୍ୟ ରାସ୍ତା ଧୋଇ ଯିବାରୁ ଯଶିପୁରରୁ ଗୁଡ୍‌ଗୁଡ଼ିଆକୁ ଯୋଗାଯୋଗ ଅବରୋଧ ହେଇଛି। ଯାହାଫଳରେ ଶିମିଳିପାଳ ଅଭୟାରଣ୍ୟର ତିନୋଟି ଗ୍ରାମ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହେଇଛି। ଏହି ଖବର ପାଇ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଘଟଣାସ୍ଥଳ ପରିଦର୍ଶନ କରିବା ସହ ବନକର୍ମଚାରୀଙ୍କୁ ତୁରନ୍ତ ରାସ୍ତା ମରାମତି କରିବାକୁ ନିର୍ଦ୍ଦେଶ ଦେବା ସହ ପାଣି ଘେରରେ ଥିବା ବିଭିନ୍ନ ଗ୍ରାମ ବୁଲି ଦେଖିଥିଲେ।

## ରାଶିଫଳ


**ମଙ୍ଗଳବାର, ୦୧ ଜୁଲାଇ ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ। ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ।




**କର୍କଟ:** ଆଜି ଏକ ସାଧାରଣ ଦିନ ହେବ। ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।



**ସିଂହ:** ଆଜି ମିଶ୍ରିତ ଦିନ ହେବ। ବ୍ୟବସାୟରେ ଲାଭ ହେବ। ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ। ଏକ ଦୁର୍ଘଟଣା ମଧ ହୋଇପାରେ।




**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** ଆଜି ଏକ ସାଧାରଣ ଦିନ ହେବ। କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ:** ଆଜି ଏକ ସାଧାରଣ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ।



**ମକର:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋଷଗୁମୁଡ଼ା, (ଭାସ୍କର ନ୍ୟୁଜ୍): ସ୍ଥିତ ବିଦ୍ୟାର୍ଥୀ ଶିକ୍ଷା ନିକେତନ ଠାରେ ବାର୍ଷିକ ଯୋଜନା ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ୨୦୨୫/୨୬ ଶିକ୍ଷା ବର୍ଷ ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇ ଥିଲା। ଯୋଜନା ଅନ୍ତର୍ଗତ କମ୍ପ୍ୟୁଟର ଏବଂ ପ୍ରୋଜେକ୍ଟ କ୍ଲାସ ସହ ଅନୁଷ୍ଠାନର କର୍ମଚାରୀମାନେ କିଭଳି ଭାବରେ ଘରକୁ ଘର ଯାଇ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନିୟମିତ ଭାବରେ ସ୍କୁଲ ଯିବା ପାଇଁ ଓ ପାଠ ପ୍ରତି ଆଗ୍ରହ କରିବା ଭଳି ବିଷୟ ଉପରେ ଆଲୋଚନା କରିଥିଲେ। ପାଠ ପ୍ରତି ଦୁର୍ବଳ ଥିବା ଛାତ୍ରଛାତ୍ରୀ କିଭଳି ଭାବରେ ଆଗ୍ରହର ସହ ପଢ଼ିବେ ସେ ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଉକ୍ତ ବୈଠକକୁ କୈଳାସ ଚନ୍ଦ୍ର ବାରିକ ଏବଂ ଜ୍ଞାନେଶ୍ୱର୍ ପଣ୍ଡା ପରିଚାଳନା କରିଥିଲେ। ଅନୁଷ୍ଠାନ ର ଅନ୍ୟ କର୍ମଚାରୀ ଯଥା ବିକାଶ ବାରିକ,ଆନନ୍ଦ ତନ୍ତୀ, ଭୂପତି ନାୟକ,ଦିବାକର ସରବୁ,ରାମ ମହାନ୍ତି,ଦୁର୍ଗା ବେରୁଖୁ, ଗାୟତ୍ରୀ ନାୟକ,ସାଗରିକା ପ୍ରଧାନ, ଶିକ୍ଷା ପରିଡ଼ା, ଜ୍ୟୋତି ପଣ୍ଡା,ମାମୁନି ମହାରଣା, ସୁଜାତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନ ପ୍ରମୁଖ ନୂତନ ନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ୩ ନାବାଳିକା ଅପହରଣ ମାମଲା, ୪ ଅଭିଯୁକ୍ତ ଗିରଫ



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ତିନି ନାବାଳିକାଙ୍କୁ ଏକ ଯାଇଲୋ କାର୍ (ଓଡ଼ି-୦୨ ८८୪୦) ରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଆଟିଗାଁ ପଞ୍ଚାୟତର ଗୋଟିବେଡା ଗ୍ରାମରରୁ ଜଣେ ମହିଳା ଓ ତିନିଜଣ ପୁରୁଷ ୨୦ତାରିଖ ଦିନ ତାମିଲନାଡୁ ରାଜ୍ୟର କରୁମଥମପାଟି ନାମକ ଏକ ସ୍ଥାନକୁ ଅପହରଣ କରିନେଇଥିଲେ । ବିଶେଷ ଖବରପାଇ ଗୋଟିବେଡା ଗାଁର ନାବାଳିକା ଝିଅଙ୍କ ସମ୍ପର୍କୀୟ ଭାଇ ରଘୁ ଭତ୍ରା(୩୧) ୨୪ ତାରିଖ ସନ୍ଧ୍ୟା ୬:୩୦ରେ କୋଡ଼ିଙ୍ଗା ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗକୁ ଭିତ୍ତିକରି କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ୧୦୭/ ୨୫ରେ ଧାରା ୧୩୭(୨)/ ୧୪୩(୫)/୩(୫)ବିଏନଏସରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ଉକ୍ତ ତିନି ନାବାଳିକାକୁ ତାମିଲନାଡୁ ରାଜ୍ୟର କରୁମଥମପାଟି ସହରରୁ କୋଡ଼ିଙ୍ଗା ପୋଲିସ ଉଦ୍ଧାର କରିଛନ୍ତି । ତାହା ସହ ସେହି ଅପହରଣ ମାମଲାରେ ନବରଙ୍ଗପୁର ଥାନା ଅନ୍ତର୍ଗତ ପୋକନାଗୁଡା ଗ୍ରାମର ପ୍ରତାପ ହରିଜନ ଓରଫ ସଲମନ(୨୭), କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଗୋଟିବେଡା ଗ୍ରାମର ଖଗପତି ଜାନୀ(୨୦),ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ କାମତା ଗାଁ ର ବିକାଶ ନାୟକ(୩୦) ଓ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଆଟିଗାଁ , ଗୋଟିବେଡା ଗାଁ ର ମିତୁଳା ଜାନୀ ଓରଫ ବୈଦି(୨୩) କୁ ଏକ ହିରୋ ସ୍ପେଣ୍ଡର ବାଇକ(ଓଡ଼ି-୨୪-ଡି-୭୩୩୫)ସହ ୪ଟି ମୋବାଇଲ ସହ ଗିରଫ କରି ନବରଙ୍ଗପୁର କୋର୍ଟଚାଲାଣ କରାଯାଇଛି ବୋଲି କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି ।

# ଜଳିଗଲା ଡିଜେଲ ଟ୍ୟାଙ୍କର

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଥାନା ଅନ୍ତର୍ଗତ ରାମପୁର ଫାଣ୍ଡି ଅଞ୍ଚଳରେ ରାସ୍ତାରେ ଯାଉଥିବା ଏକ ଡିଜେଲ ଟ୍ୟାଙ୍କର ଜଳି ଯାଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ସମଲେଶ୍ୱରୀ କୋଇଲା ଖଣିରେ ଜୟଅମ୍ବେ ରୋଡ ଲାଇନ୍ସ ପ୍ରାଇଭେଟ ଲିମିଟେଡ ନାମକ ଠିକା ସଂସ୍ଥା କାର୍ଯ୍ୟ କରୁଛି । ରବିବାର ସନ୍ଧ୍ୟା ୫ ଟା ୩୦ ମିନିଟ ରେ ସମଲେଶ୍ୱରୀ ରେ ଜୟଅମ୍ବେ ରୋଡ ଲାଇନ୍ସ ଡିଜେଲ ଟେଙ୍କର ସିଜି ୧୩ ବିଏ ८୩୪୭ ଡିଜେଲ ଦେବାପରେ ଲଖନପୁର ଅଭିମୁଖେ ଯାଉଥିଲା । କୁଦୋପାଲି ଗ୍ରାମର ମଶାଣି ନିକଟରେ ରାସ୍ତାରେ ଯାଉଥିବା ଲୋକ ମାନେ ଉକ୍ତ ଡିଜେଲ ଟ୍ୟାଙ୍କରରୁ ଧୂଆଁ ବାହାରୁଥିବା ଦେଖି ଅଟକାଇଥିଲେ । ଡିଜେଲ ଟ୍ୟାଙ୍କର ଅଟକିବା ପରେ ଚାଳକ ତଳକୁ ଓହ୍ଲାଇ ଦେଖିଲା ଗାଡିଟି ଜଳୁଛି । ଡିଜେଲ ଟ୍ୟାଙ୍କରରେ ନିଆଁ ଲିଭାଇବା ପାଇଁ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଚାଳକ ନିଜ ଜୀବନ ବଞ୍ଚାଇବା ପାଇଁ ସେହିସ୍ଥାନ ଛାଡି ଚାଲିଗଲା । ଚାଳକ ସ୍ଥାନୀୟ ଲୋକ ମାନଙ୍କ ସହଯୋଗରେ ଜୟଅମ୍ବେ ରୋଡ ଲାଇନ୍ସ ଓ ନିକଟରେ ଥିବା ରାମପୁର ଫାଣ୍ଡି କୁ ଖବର ଦେଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା ଝାରସୁଗୁଡ଼ା ଦମକଳ କେନ୍ଦ୍ର ଓ ଇବ୍ ଥର୍ମାଲ୍ ଦମକଳ କୁ ଖବର ଦେବା ସହିତ ଘଟଣା ସ୍ଥଳରେ ପହଞ୍ଚିଥିଲେ । ରାସ୍ତା ମଝିରେ ଡିଜେଲ ଟେଙ୍କର ଜଳୁଥିବାରୁ ରାମପୁର ଫାଣ୍ଡି ପକ୍ଷରୁ ଯାତାୟତ ଯାନବାହନ ଚଳାଚଳ ବନ୍ଦ କରାଯାଇଥିଲା । ଝାରସୁଗୁଡ଼ା ଦମକଳ ଗାଡି ଓ ଇବ୍ ଥର୍ମାଲ୍ ଦମକଳ ଗାଡି ପହଞ୍ଚି କେମିକାଲ ଓ ପାଣି ମାଧ୍ୟମରେ ପ୍ରାୟ ତିନି ଘଣ୍ଟା ପରିଶ୍ରମ ପରେ ନିଆଁ ଲିଭାଇବା ରେ ସକ୍ଷମ ହୋଇଥିଲା । ରାତ୍ରି ପ୍ରାୟ ୧୦ ଟା ରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

# ଶ୍ରୀଜୀଉଙ୍କ ମତ୍ସ୍ୟ, କଚ୍ଛପ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ରଥଯାତ୍ରା ପରଦିନ ମାଉସୀ ମା ମନ୍ଦିରରେ ଶ୍ରୀଜୀଉମାନେ ବିଶ୍ରାମ ନେବାପରେ ରବିବାର ଦିନ ବେଶଲାଗି କରାଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥ ମତ୍ସ୍ୟ ଓ ପ୍ରଭୁ ଶ୍ରୀ ବଳରାମ କଚ୍ଛପ ବେଶ ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ମହାପ୍ରଭୁଙ୍କ ଏହି ବେଶ ଦେଖିବାପାଇଁ ମାଉସୀମା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ରହିଥିଲା ।

# ଅଞ୍ଚଳ ମହାବିଦ୍ୟାଳୟରେ ଖୋଲିଲା ପିଜି ପାଠ୍ୟକ୍ରମ

ବରଗଡ଼, (ଭାସ୍କର ନ୍ୟୁଜ୍): ଅଞ୍ଚଳ ମହାବିଦ୍ୟାଳୟ,ପଦ୍ମପୁରରେ ଦୀର୍ଘ ଦୁଇ ବର୍ଷ ପୂର୍ବରୁ ଦଶଟି ବିଭାଗରେ ପିଜି ଖୋଲିବା ପାଇଁ ଉଚ୍ଚ ଶିକ୍ଷା ବିଭାଗକୁ ପ୍ରସ୍ତାବ ଦିଆଯାଇଥିବା ବେଳେ ଓଡ଼ିଆ , ଇଂରାଜୀ, ଅର୍ଥନୀତି, ଇତିହାସ ଓ ରାଜନୀତି ବିଜ୍ଞାନରେ ଏମଏ ରସାୟନ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ରେ ଏମଏସି ଏବଂ ଏମକମ୍ ଚଳିତ ବର୍ଷ ୨୦୨୫-୨୬ ରୁ ନାମ ଲେଖାଇବା ପାଇଁ ଉଚ୍ଚ ଶିକ୍ଷା ବିଭାଗର ଏଚପିସିଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ସମଗ୍ର ପଦ୍ମପୁର ଅଞ୍ଚଳର ଛାତ୍ରଛାତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। କଲେଜର ଅଧକ୍ଷ ପ୍ରଫେସର ଲଳିତ ମୋହନ ପଣ୍ଡାଙ୍କ ସମେତ ଏଡମିନିଷ୍ଟ୍ରେଟିଭ୍ ବର୍ଷାର ପ୍ରାଧ୍ୟାପକ ଖଗେଶ୍ୱର ଦାଶ, ଏକାଡେମିକ୍ ବର୍ଷାର ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ର, ଆଇ.କ୍ୟୁ ଏ.ସି.କୋର୍ଡିନେଟର ନବକୃଷ୍ଣ ମିଶ୍ର ଓ ସମସ୍ତ ପ୍ରଧାପକ,ପ୍ରାଧ୍ୟାପକ, ଅଧାପିକା, ଅଧାପିକା ଓ କର୍ମଚାରୀ ସରକାରଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଚାରାରୋପଣ କଲେ ବିଧାୟକ



ସଇଁତଲା,(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ବେଲଗାଁ, ଶିଷକେଲା, ଘୁନସର, କଅସର,ଡୁଙ୍ଗୁରିପାଲି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମା’ ପାଇଁ ଗଛଟିଏ ଆହ୍ୱାନରେ ଚାରାରୋପଣ କରିଥିଲେ। ଗଛର ଯତ୍ନ ନେବାର ଆବଶ୍ୟକ ରହିଛି ବୋଲି ବିଧାୟକ କହିଥିଲେ। ଚାରାରୋପଣ ବେଳେ ବିଜେପି ନେତା ବିମଳ ଶର୍ମା,ପ୍ରକାଶ ଗହୀର, ନିଧି ରଣା, ଦଳମଡ ସାହୁ, ସୁନୀଲ ଜୈନ,ଦିନେଶ ପଧାନ, ନାରାୟଣ ବଗର୍ତି, ବେଲଗାଁ ଜୋନ ମଣ୍ଡଳ ସଭାପତି କୈଳାସ ରଣା,ରମେଶ ସାହୁ, ମାନୁ ବେହେରା, ନେପାଳ ସାହୁ, ତ୍ରିଲକ୍ଷ ସାହୁ, ମଣ୍ଟୁ ସାହୁ, ଘୁନସର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଭୋଇ,ଲବେନ୍ଦ୍ର ବେହେରା, ବିଜେପି ଯୁବ ସଂଗଠକ ଡୋଳାମଣି ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଲଗାଣ ବର୍ଷାରେ ବେହାଲ ମାଲକାନଗିରି



ମାଲକାନଗିରି, (ଭାସ୍କର ନ୍ୟୁଜ୍): ତିନିଦିନ ଧରି ଲାଗି ରହିଥିବା ପ୍ରବଳ ବର୍ଷାରେ ମାଲକାନଗିରି ଜିଲ୍ଲା ସଦର ସମେତ ବିଭିନ୍ନ ଅଞ୍ଚଳ ବେହାଲ ହୋଇପଡ଼ିଛି। ବିଶେଷ କରି ଶନିବାର ରାତିରେ ପ୍ରବଳ ବର୍ଷା ହେବା ଦ୍ୱାରା ଶୁଖିଯାଇଥିବା ନଦୀ, ନାଳ ଓ ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିଲା। ଶୁଷ୍କ ଜମିରେ ପାଣି ଜମି ଥିବାରୁ ଚାଷ କାମ ଚାଷୀମନେ ଆରମ୍ଭ କରିଥିବା ଜଣାପଡ଼ିଛି । ତଳିଆ ଅଞ୍ଚଳରେ ବର୍ଷା ପାଣିରେ ରାସ୍ତା ଘାଟ ଧୋଇ ହୋଇଯିବା ସହ ସହରରେ ଥିବା ଡ୍ରେନ ଓ ଖାଲଖମା ଗୁଡ଼ିକ ରେ ପାଣି ଜମି କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଯାହା ଦ୍ୱାରା କିଛି ଘଣ୍ଟା ଧରି ଯାନବାହାନ ଯାତାୟାତରେ ବାଧାସୃଷ୍ଟି ମଧ୍ୟ ହୋଇଥିଲା । ମାଲକାନଗିରି ଜିଲ୍ଲାର ୭ ବ୍ଲକରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫୬ ମିଲିମିଟର ବର୍ଷା ହୋଇଥିବା ବେଳେ ମାଲକାନଗିରି ବ୍ଲକ୍‌ରେ ୪୪ ମିଲିମିଟର, ମାଥିଲି ବ୍ଲକ ରେ ୩୬, ଖଇରପୁଟ ବ୍ଲକରେ ୩୦, ଚିତ୍ରକୋଣ୍ଡା ବ୍ଲକରେ ୪୦, କୋରୁକୋଣ୍ଡା ବ୍ଲକ୍‌ରେ ୩୫ ମିଲିମିଟର, କାଲିମେଳା ବ୍ଲକ୍‌ରେ ୩୭ ମିଲିମିଟର ଓ ପଡିଆ ବ୍ଲକ୍‌ରେ ୩୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜିଲ୍ଲାରେ ସର୍ବୋ ମୋଟ ୩୬.୭୩ ପ୍ରତିଶତ ବର୍ଷା। ହୋଇଥିବାର ଜିଲ୍ଲା ଜରୁରିକାଳୀନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

# ଆଡ଼ପ ମଣ୍ଡପରେ ଭଜନ ସମାରୋହ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରେ ଥିବା ଆଡ଼ପ ମଣ୍ଡପରେ ସନ୍ଧ୍ୟା ସମୟରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଭଜନ ସମାରୋହ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ହେଉଛି। ଏହା ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦେଇଛନ୍ତି। ଏହି ଭଜନ ସମାରୋହରେ କିରଣ କୁମାର ମହାପାତ୍ର, ଗାଉଁଟିଆ କମଳ ସିଂ ରାଜପୁତ, ଲୋକେଶ ଜେନା, ସଂଗ୍ରାମ ପରିଡ଼ା, ସୁକଦେବ ମଲିକ , ଅଜୟ କୁମାର ଦାସ,ଙ୍କ ସମେତ ବହୁ ଗାୟକ ଜଗନ୍ନାଥଙ୍କ ଭଜନ ଗାନ କରିବା ଦେଖିବାକୁ ମିଳିଥିଲା। ତାସହ ମନ୍ଦିର କମିଟିର ସମସ୍ତ ସଦସ୍ୟ ତଥା ଗ୍ରାମ ବାସି ଉପସ୍ଥିତ ରହି ସହଯୋଗ କରିଥଲେ।



# ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ବୈଠକ



ତେନ୍ତୁଳିଖୁଣ୍ଟି , (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ କଣ୍ଟାଗାଁ ଠାରେ ଅଖିଳ ଭାରତୀୟ ବିକାଶ ପରିଷଦର ବୈଠକ କଣ୍ଟାଗାଁ ଭତରା ସଭା ଗୃହ ଠାରେ ହୋଇ ଯାଇଛି । ଏହି ବୈଠକ ଅସ୍ଥାୟୀ ସଭାପତି ଜଗନ୍ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନିର୍ବାଚନ ଅଧିକାରୀ ଦାମଦାର ପୂଜାରୀ ଯୋଗ ଦେଇଥିବାବେଳେ ତେନ୍ତୁଳିଖୁଣ୍ଟି ବ୍ଲକର ଚାରିଗୋଟି ଶାଖାର କର୍ମ କର୍ତ୍ତା ସହ ଭତରା ସମାଜ ର ୧୦୦ ରୁ ଉର୍ଦ୍ଧ୍ୱ କର୍ମ କର୍ତ୍ତା ଯୋଗ ଦେଇଥିଲେ । ସମସ୍ତଙ୍କ ଉପସ୍ଥିତି ଓ ସହମତିରେ ବ୍ଲକର ନୂତନ କମିଟି ଗଠନ କରାଯାଇଛି । ନୂତନ ସଭାପତି ଭାବେ ଅଞ୍ଚଳଗୁମା ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ରନ୍ଧାରୀଙ୍କୁ ଚୟନ କରାଯାଇଛି ।ସେହିପରି ବାବୁଲା ନାୟକଙ୍କୁ ଉପସଭାପତି , ସମ୍ପାଦକ ଭାବେ ଶରତ ଚନ୍ଦ୍ର ପୂଜାରୀ,ସହ ସମ୍ପାଦକ ଭାବେ ଦୁଷ୍ମନ୍ତ ନାୟକ ଓ କୋଷାଧକ୍ଷ ଭାବେ ଉମେଶ ଚନ୍ଦ୍ର ନାୟକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇ ଥିଲା ।୧୦ ଜଣଙ୍କୁ ଉପଦେଷ୍ଟା ମଣ୍ଡଳୀ ଭାବେ ଚୟନ କରାଯାଇ ଥିଲା । ଆଗାମୀ ଦିନରେ ସମାଜର କିପରି ସମସ୍ତ କ୍ଷେତ୍ର ରେ ସମସ୍ତଙ୍କ ଉନ୍ନତି ହେବ ଏବଂ ସମାଜର କିପରି ବିକାଶ ହେବା ସହ ସୁଦୃଢ଼ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇ ଥିଲା । ଏଥି ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ସମସ୍ତେ ଏକଜୁଟ ହୋଇ ସମାଜ ପାଇଁ କାମ କରିବାକୁ ସମସ୍ତଙ୍କୁ କୁହାଯାଏ ଥିଲା । ସମାଜରେ କାହାର କିଛି ଅସୁବିଧା ହେଲେ ଏହି ବିକାଶ ପରିଷଦ ଦ୍ୱାରା ସହଯୋଗ କରିବା ନେଇ ଏହି ବୈଠକରେ ଆଲୋଚନା କରାଯାଇ ଥିଲା ।

# ରାସ୍ତା ଶୋଚନୀୟ, ମରାମତି ଦାବି



ଉମରକୋଟ, (ଭାସ୍କର ନ୍ୟୁଜ୍): ବାରମ୍ବାର ଅଭିଯୋଗ ପରେ ମଧ୍ୟ ମରାମତି ହୋଇ ପାରୁନି ବୁର୍ଜା ୟୁଭି-୫ ତାପସ ଘର ଠାରୁ ମନ୍ଦିର ରାସ୍ତା। ବର୍ଷାରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ପ୍ରାୟ ଏକ କିଲମିଟରରୁ ଉର୍ଦ୍ଧ୍ୱ ହେବ ରାସ୍ତା ସାରା ଛୋଟ ବଡ ଖାଲ ଦୃଷ୍ଟି ହୋଇଛି। ସେଥିରେ ଜମା ହୋଇରହୁଛି ବର୍ଷା ପାଣି। କାଦୁଅ ମାଟି ରାସ୍ତା। ପାଦରେ ଚାଲୁ ଚାଲୁ ଗୋଡ଼ ଖସୁଛି। ଯାନବାହାନ ଓ ଆମ୍ବୁଲାନ୍ସ ଯାତାୟାତରେ ସମସ୍ୟା ଦେଖା ଯାଉଛି। ସାଇକେଲ ମୋଟର ସାଇକେଲ ଅଟୋ ଆଦି ରାତ୍ରୀରେ ଯାତାୟାତ କରୁଥିବା ବେଳେ ଖସି ପଡୁଥିବା ବେଳେ ଗୁରୁତର ରୋଗୀ ଗର୍ଭବତୀ ମହିଳା,ସ୍କୁଲ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାରେ ଅସୁବିଧା ହେଉଥିବା ଗ୍ରାମବାସୀ କହୁଛନ୍ତି। ବର୍ଷା ଋତୁ ଜାରି ରହିଥିବା ଗାଁ ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ରାସ୍ତାର ଦୁର୍ଗତି ଲାଗି ଲୋକଙ୍କ ଗମନାଗମନରେ ସମସ୍ୟା ହେଉଛି। ଏପରି ଚିତ୍ର ଦେଖିବାକୁ ମିଳୁଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ର ବୁର୍ଜା ୟୁ,ଭି,୫ ଗ୍ରାମରେ। ତାପସ ଘର ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରାୟ ଏକ କିଲମିଟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଯାତାୟତରେ ଯମଯନ୍ତ୍ରଣା ଭୋଗୁଥିବା କହିଛନ୍ତି ଗ୍ରାମବାସୀ। ଏହି ରାସ୍ତା ଦେଇ ଉମରକୋଟ କିମ୍ବା ରାଇଘର ଯିବା ପାଇଁ ବସଷ୍ଟାଣ୍ଡ ରେ ବସ ଜଗିବାକୁ ପଡେ,। ତେଣୁ ତୁରନ୍ତ ରାସ୍ତା ମରାମତି କରି ଆଗାମୀ ଦିନରେ ଏହି ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ଗ୍ରାମବାସୀ ।

# ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାସ୍ତରୀୟ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଦିବସରେ ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ନୃପ ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ପରିସଂଖ୍ୟାନ ବିଭାଗ ବ୍ରହ୍ମପୁର କୁଳମଣୀ ରାଉତ ଓ ସହକାରୀ ଉପନିର୍ଦ୍ଦେଶକ ପରିସଂଖ୍ୟାନ ବିଭାଗ ଗଜପତି ପ୍ରକାଶ ରାଉତ ଓ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଶାସିତ ମହାବିଦ୍ୟାଳୟ ଅର୍ଥନୈତିକ ଅଧ୍ୟାପକ ସଞ୍ଜୟ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ସାମାଜିକ, ଅର୍ଥନୈତିକ ଢାଞ୍ଚା ଓ ନୂତନ ନୀତି ପ୍ରସ୍ତୁତ କରିବାରେ ପରିସଂଖ୍ୟାନର ମହତ୍ତ୍ୱ ସମ୍ପର୍କରେ ସଚେତନତା ପ୍ରସାର ଆଣିବା ପାଇଁ ପ୍ରତିବର୍ଷ ଜୁନ ୨୯ ତାରିଖକୁ ‘ଜାତୀୟ ପରିସଂଖ୍ୟାନ ଦିବସ’ ପାଳନ କରାଯାଉଛି। ସ୍ୱାଧୀନ ଭାରତର ପ୍ରଥମ ଯୋଜନା ଆୟୋଗର ସଦସ୍ୟ ତଥା ଜାତୀୟ ପରିସଂଖ୍ୟାନ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିସଙ୍କ ସ୍ମୃତିରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇ ଆସୁଛି। ଭାରତୀୟ ପରିସଂଖ୍ୟାନର ଜନକ ଭାବେ ପରିଚିତ ପ୍ରଫେସର ମହାଲାନୋବିସ ପ୍ରଶିକ୍ଷଣରେ ଜଣେ ପଦାର୍ଥ ବିଜ୍ଞାନୀ, ଜଣେ ପରିସଂଖ୍ୟାନ ବିତ୍ ଜଣେ ଯୋଜନା ପ୍ରସ୍ତୁତକାରୀ ଥିଲେ। ଦେଶର ପରିସଂଖ୍ୟାନ ଓ ଅର୍ଥନୈତିକ ଯୋଜନା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ୨୦୦୭ ମସିହାରୁ ତାଙ୍କ ଜନ୍ମ ଦିବସକୁ ପ୍ରତି ବର୍ଷ ଜୁନ୍ ୨୯ ତାରିଖକୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ଜାତୀୟ ପ୍ରଗତିରେ ସରକାରୀ ପରିସଂଖ୍ୟାନର ଭୂମିକାକୁ ଲୋକଲୋଚନକୁ ଆଣିବା ଲାଗି ସେମିନାର, ଆଲୋଚନାଚକ୍ର ଓ ପ୍ରତିଯୋଗିତା ମାନ ଆୟୋଜନ କରାଯାଇଆସୁଛି। ପରିସଂଖ୍ୟାନ ଅଧ୍ୟୟନ କରିବା ଓ ଦୈନନ୍ଦିନ ଜୀବନର ବିଭିନ୍ନ ପ୍ରସଙ୍ଗରେ ତାହାକୁ ପ୍ରୟୋଗ କରିବା ଲାଗି ଏହି ଦିବସ ଯୁବ ପିଢ଼ିକୁ ପ୍ରେରଣା ଯୋଗାଇଥାଏ। ସେହିପରି ଏହି ଦିବସ ପାଳନ ଦ୍ୱାରା ଦେଶର ବିଭିନ୍ନ ଯୋଜନା ଯଥା - କୃଷି ସମ୍ପର୍କିତ ରିପୋର୍ଟିଂ, ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନା, ମୂଲ୍ୟ ନିର୍ଦ୍ଧାରଣ,ଜାତୀୟ ନମୁନା ସର୍ବେକ୍ଷଣ,କୃଷି ଜନଗଣନା ଓ କ୍ଷୁଦ୍ର ଜଳସେଚନ ଗଣନା ଇତ୍ୟାଦି ବିଭାଗର ଦ୍ୱାରା କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ସଞ୍ଜୟ କୁମାର ଦଳେଇ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପରିସଂଖ୍ୟାନ ବିଭାଗ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟ ଜଳ ସମସ୍ୟା ନେଇ ରାସ୍ତା ଅବରୋଧ



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାର ପୁରୁଣା ବସ୍‌ଷ୍ଟାଣ୍ଡରେ ପାନୀୟ ଜଳ ସମସ୍ୟାକୁ ନେଇ ସୋମବାର ରାଜରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। କଲ୍ୟାଣସିଂହପୁର ସଦରର ବଡ଼କୁମ୍ଭାର ସାହି, ପୁରୁଣା ବସ ଷ୍ଟାଣ୍ଡ ଛକ, ମାଳତୀ ସାହିର ଲୋକମାନେ ପ୍ରାୟ ତିନିମାସ ହେବ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। ସେହି ଲୋକମାନେ ନାଗାବଳୀ ନଦୀର ପାଣି ବ୍ୟବହାର କରି ବିଭିନ୍ନ ରୋଗଆକ୍ରାନ୍ତ ହୋଉଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ହେଉଥିବା ଯୋଗୁଁ ନଦୀରେ ଗୋଳିଆ ପାଣି ଆସୁଛି। ତାହାକୁ ଆମେ ବାଧ୍ୟ ହୋଇ ବ୍ୟବହାର କରୁଛୁ। ଡାଇରିଆ, ମ୍ୟାଲେରିଆ, ହଇଜା, କୀଡ୍‌ନୀ ରୋଗ ହୋଇଯିବ ବୋଲି ଭୟଭୀତ ହେଉଛନ୍ତି। ଏହି ବିଷୟକୁ ନେଇ ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ଗୁହାରି କରିବା ସହ ନେତାମାନଙ୍କୁ ଗୁହାରି କରିଥିଲେ ମଧ୍ୟ କେହିହେଲେ ଆମ ଗୁହାରି କେହି ହେଲେ ଶୁଣୁନାହାନ୍ତି। ଯାହା ଫଳରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ରହିଥିବା ଜାଣି ତିନୋଟି ସାହିର ମହିଳା ପୁରୁଷ ଏକତ୍ରିତ ହୋଇ ହାଣ୍ଡି , କୁଣ୍ଡ ବାଲିଟି ଗୁଡିକ ଧରି ମୁଖ୍ୟ ଛକରେ ସକାଳ ୬ରୁ ୧୧ଟା ପ୍ରାୟ ପାଞ୍ଚ ଘଣ୍ଟା ଧରି ରାସ୍ତା ଅବରୋଧ କରି ବସିରହିଥିଲେ। ଆମର ସମସ୍ୟା ସମାଧାନ କରାନଗଲେ ରାସ୍ତାରୁ ହଟିବୁ ନାହିଁ ବୋଲି ମାଝୀଓ୍ୱାଣି ଓ୍ୱାଡକା, ଧାନମଣି କାଶୀ, ଭାନ କାଶୀ, ଚଞ୍ଚଳା କାଡ୍ରାକା, ରାଜେଶ୍ୱରୀ ହୁଇକା ନୀଲାଇ ହୁଇକା, ହିକକା ନିଲାଇ, ଚିନାରୀ ପ୍ରସ୍କା,, ଆଲାଇ କୃଷିକା ପ୍ରମୁଖ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ଜିଲ୍ଲାପାଳ ପାରୁଲ ପଟଓ୍ୱାରୀ, ଉପଜିଲାପାଳ ରମେଶ କୁମାର ଜେନା ଓ ପ୍ରଶାସନିକ ଅଧିକାରୀ ତହସିଲଦାର ରଞ୍ଜନ କୁମାର ମାନସେଠ, ବିଡ଼ିଓ ମନୀଷା ଦାସ ସମେତ ସ୍ଥାନୀୟ ଥାନା ଅଧିକାରୀ ନୀଳକଣ୍ଠ ବେହେରା ମାନେ କିଛି ସମୟ ଧରି ଆଲୋଚନା କରିଥିଲେ। ଉପଜିଲାପାଳ ସାହି ସାହି ବୁଲି ଦେଖିବା ପରେ ତିନିଦିନ ମଧ୍ୟରେ ପାନୀୟ ଜଳ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ବିଶୁଦ୍ଧ ପାନୀୟ ଆବଶ୍ୟକ ରହିଛି ବୋଲି କହିବାରୁ ବର୍ତ୍ତମାନ ଟାଙ୍କି ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ କହି ଯୋଗାଇ ଦିଆଯାଇଛି। ବ୍ଲକରେ ଥିବା ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ନୀଳିମା ପ୍ରିୟଦର୍ଶନୀ ଦାସ ଓ ସହକାରୀ ଯନ୍ତ୍ରୀ ବିଭୁତି ପଣ୍ଡା ବିଷୟରେ ଜିଲ୍ଲା ଅଧିକାରୀଙ୍କୁ ଜଣାଇଥିଲେ।

# ଦୁଇବର୍ଷ ନପୂରୁଣୁ ଭାଙ୍ଗିଲା ପାଚେରୀ




## ପୁଣି ନିର୍ମାଣ ଉଦ୍ୟମ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରମାନଙ୍କ ମଧୁଚନ୍ଦ୍ରିକା ଯୋଗୁଁ କୋଟି କୋଟି ଟଙ୍କା ହରିଲୁଟ ହେଉଛି । ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହୋଇଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପଞ୍ଚାୟତର ବିକାଶ ପାଇଁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଆସୁଛି, ହେଲେ ଉକ୍ତ ଟଙ୍କା ସବୁ ସଠିକ ଜାଗାରେ ବିନିଯୋଗ କରାନଯାଇ ମନଇଚ୍ଛା ଏଠିସେଠି କାମ କରି ବିଲ କରି ଟଙ୍କା ସବୁ ଆତ୍ମସାତ କରାଯାଉଛି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ତାରାଗାଁ ପଞ୍ଚାୟତ ସଦର ମହକୁମାରେ । ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ତାରାଗାଁ ପଞ୍ଚାୟତ ପାଚେରୀ ଦୁଇବର୍ଷ ପୂର୍ବେ ନିର୍ମିତ ହୋଇଥିଲା । ଜେସିବି ଲଗେଇ ସେଇ ପାଚେରୀକୁ ଭାଙ୍ଗି ପୁଣିଥରେ ନୂତନ ପାଚେରୀ କରିବା ପାଇଁ ଉଦ୍ୟମ ଚାଲିଛି । ପଞ୍ଚାୟତରେ ଅନେକ ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ଉପ ସ୍ୱାସ୍ଥ୍ୟକେନ୍ଦ୍ର ସବୁ ଦୟନୀୟ ଅବସ୍ଥାରେ ପଡିରହିଥିବା ବେଳେ ସେସବୁ ଟଙ୍କା ମରାମତି କାର୍ଯ୍ୟରେ ନଲଗେଇ ଭଲ ପାଚେରୀକୁ ଭାଙ୍ଗି ପୁଣିଥରେ ପାଚେରୀ ନିର୍ମାଣ ପଛରେ କଣ ଉଦ୍ଦେଶ୍ୟ ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ଯିଏ ପାଚେରୀ ଭାଙ୍ଗିଛି ସେ ତାର ନିଜସ୍ୱ ଖର୍ଚ୍ଚରେ ପାଚେରୀ ନିର୍ମାଣ କରୁ ବୋଲି ଜନସାଧାରଣ ମତ ରଖିଛନ୍ତି । ସରକାରୀ ଅର୍ଥ ଜନସାଧାରଣ ମାନଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲଗେଇବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।ପଂଚାୟତ ପ୍ରଶାସନ ଠିକାଦାର ଓ ଯନ୍ତ୍ରୀ ଙ୍କ ସହିତ ମଧୁ ଚନ୍ଦ୍ରିକା କରି ପଂଚାୟତକୁ ଆସୁଥିବା ସମସ୍ତ ହରିଲୁଟ କରୁଥିବା ସାଧାରଣରେ ଦାବୀ ହେଉଛି ।ତେଣୁ ବ୍ଲକ ପ୍ରଶାସନ ଏ ବିଷୟକୁ ଗୁରୁତ୍ୱର ନେଇ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କୋଟାଗାଁ ଗ୍ରାମବାସୀ ତଥା ଧନର ହରିଜନ, ବାବୁଲି ଭୂମିଆ, ଅସ୍ତୁ କୋଲାର,ଗୋପି କଳାର, ପଦମ କଳାର, ପରମନ ମାଝୀ, ରଘୁନାଥ ଭତ୍ରା,ବନମାଳୀ ଓଡ଼, ବସମନ କୋଲର ପ୍ରମୁଖ ଦାବି କରିଛନ୍ତି ।

# ଫାର୍ମ ହାଉସରୁ ଘୁଷୁରୀ ଚୋରି

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଥାନା ଜହ୍ନାପଙ୍କ ଗ୍ରାମର ସୁଦର୍ଶନ ବେହେରାଙ୍କ ଫାର୍ମରୁ ଏକ ଧଳା ଘୁଷୁରୀ ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ସୂଚନାମତେ ସୁଦର୍ଶନ ଜହ୍ନପଙ୍କ ଗୋଚର ନିକଟରେ ଏକ ଧଳା ଘୁଷୁରୀ ଫାର୍ମ କରି ୧୧ ଟି ଘୁଷୁରୀ ରଖିଥିଲେ ।ରାତି ୧୨ ଟା ପର୍ଯ୍ୟନ୍ତ ସେ ଫାର୍ମରେ ଥିଲେ। ଏହା ପରେ ଘରକୁ ଆସିଥିଲେ। ସକାଳ ୫ଟାରେ ପୁଣି ଫାର୍ମକୁ ଯାଇଥିଲେ। ସେ ୧୧ ଟି ଘୁଷୁରୀରୁ ଗୋଟିଏ ଘୁଷୁରୀ ନଥିବା ଦେଖିବାକୁ ପାଇଥିଲେ। ଫାର୍ମ ନିକଟରେ ରକ୍ତ ପଡ଼ିଥିବା ଦେଖି ଜହ୍ନାପଙ୍କ ଫାଣ୍ଡି ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବା ଜଣାପଡିଛି। ପ୍ରାଥମିକ ତଦନ୍ତରୁ ସ୍ଥାନୀୟ ଚୋରଙ୍କ ଏଥିରେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ପୋଲିସ ଘଟଣାକୁ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ଏହା ବ୍ୟତୀତ ସପ୍ତାହେ ମଧ୍ୟରେ ତେଲିବନ୍ଧ, ଜହ୍ନାପଙ୍କ ଓ ନାରାୟଣ ନଗରରୁ ୪ଟି ବାଇକ ଓ ଗୋଟିଏ ଟୁଲୁ ପମ୍ପ ଚୋରି ହୋଇଥିବା ଜଣାପଡିଛି। ରାତିରେ ପୋଲିସ ପେଟ୍ରୋଲିଂ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।




କଟକ(ଭାସ୍କର ନ୍ୟୁଜ୍): ଝୋଲା ସାହିରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଅଧିକାରୀ ଡ଼ଃ ଦେବଶ୍ରୀତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ୱାର୍ଡରେ ଥିବା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିବା ସମୟରେ ୨୬ ନମ୍ବର ୱାର୍ଡର କର୍ପୋରେଟର ଗଗନ ଓଝା ୱାର୍ଡର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର କରାଯାଇ ଡାଇରିଆ, ଜଣ୍ଡିସ ଏବଂ ଡେଙ୍ଗୁ ଭଳି ରୋଗ ବିଷୟରେ ଲୋକଙ୍କୁ ସଚେତନତା ବାର୍ତ୍ତା ଦେବାକୁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଶିବିରରେ ସିପିଏମ୍ ନେହା ରାଜପୁତ, ଏପିଏମ୍ ଗୌତମ ସାମଲ, ପିଏଚଏମ୍ ଦେବଦର୍ଶିନୀ ରଥ, ଅମୀୟ ସାମଲ, ବୈଜୟନ୍ତ ଦାସ, ପ୍ରମିଳା ବେହେରା, ସୁନିତା ଦାସ, ଅମର ରାଉତ, ରିନାରାଣୀ ବ୍ରହ୍ମ, ନର୍ମଦାରାଣୀ ବେହେରା, ତାରିଣୀ ପ୍ରସାଦ ପରିଡା, ରୂପାଲି ବିଶ୍ୱାଳ, ରତ୍ନାକର ପ୍ରଧାନ, କାବେରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଖରିଆ ପ୍ୟାକ୍ସ ସମ୍ମୁଖ ମୁଖ୍ୟ ରାସ୍ତାରେ ଚାଷୀଙ୍କ ରାସ୍ତା ଅବରୋଧ

# ଅଟକିଲା ଶହ ଶହ ଗାଡ଼ି, ଯାତାୟାତ ଠପ୍



ବିଞ୍ଝାରପୁର (ଭାସ୍କର ନ୍ୟୁଜ୍) : ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିଛି। ମିଲର ଗାଡି ପଠାଇଲା ନାହିଁ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ଦିଆଯାଇଥିବା ପ୍ରତିଶୃତି ପାଳନ କରିବାକୁ ଭୁଲିଗଲେ ସରକାରୀ ବାବୁ। ଆଜି ଥିଲା ଟୋକନ ଅବଧିର ଶେଷ ଦିବସ । ଟାର୍ଗେଟ ୪ ହଜାର ୨ ଶହ କ୍ୱିଣ୍ଟାଲ ମଧ୍ୟରୁ ମାତ୍ର ୧୩ ଶହ କ୍ୱିଣ୍ଟାଲ ଧାନ ଉଠିଛି। ଅବଶିଷ୍ଟ ୨୯ ଶହ ଧାନ କ୍ୱିଣ୍ଟାଲ ଧାନ ଉଠାଇବାକୁ ମିଲର ଅରାଜ। ଚାଷୀ ଯେତେ ଫୋନ କଲେ ମଧ୍ୟ କେହି ଶୁଣି ନଥିଲେ। ଫଳରେ ଚାଷୀ ତାତିଗଲେ। ଯାଜପୁର ସିଂହପୁର ମୁଖ୍ୟ ରାସ୍ତାର ମାଁସଡା ପଞ୍ଚାୟତ ରସିକ ଛକ ନିକଟରେ ଧାନ ବସ୍ତା ରଖି ଚାଷୀ ରାସ୍ତା ଅବରୋଧ କଲେ। ଅପରାହ୍ନ ଚାରିଟା ଠାରୁ ଚାଷୀ ଆନ୍ଦୋଳନରେ ରାସ୍ତା ଅବରୋଧ କରି ବସିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ କାହାରି ଦେଖା ନଥିଲା। ସନ୍ଧ୍ୟା ୭ଟା ବେଳେ ତହସିଲଦାର, ପଞ୍ଚାୟତ ସମିତି ଅଧ୍ୟକ୍ଷା ଘଟଣା ସ୍ଥଳରେ ପହଞ୍ଚିଥିଲେ। ତହସିଲଦାରଙ୍କୁ ଗୁଡ଼େଇ ତୁଡେଇ ଚାଷୀ ପଚାରିଲେ। ଜିଲ୍ଲାପାଳଙ୍କୁ ରାସ୍ତା ଅବରୋଧ ସଂପର୍କରେ ଅବଗତ କରିବାକୁ ଚାଷୀ ଅନୁରୋଧ କଲେ। ମାତ୍ର ତହସିଲଦାର ସୁନା ପିଲା ଭଳି ଚାଷୀଙ୍କ ରୋଷ, ଗାଳିକୁ ଚୁପ୍ ଚାପ୍ ହଜମ କରିଦେଲେ। ବିଜେପି ସରକାର ଚାଷୀ ବିରୋଧୀ ବୋଲି ଯୁବ ବିଜେଡ଼ି ସଭାପତି ଦିଲ୍ଲୀପ କୁମାର ରାଉଳ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସରକାର ଚାଷୀଙ୍କ ଜୀବନ ଜୀବିକା ସହ ଅଧିକ ଖେଳନ୍ତୁ ନାହିଁ ବୋଲି ଶ୍ରୀ ରାଉଳ କହିବା ସହ ଏପରି ହେଲେ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି ଚେତେଇ ଥିଲେ। ସୂଚନାଯୋଗ୍ୟ, ଖରିଆ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ କପିଳା ଓ ମାଁସଡା ପଞ୍ଚାୟତର ଚାଷୀ ନିର୍ଭର କରନ୍ତି। କପିଳା ପଞ୍ଚାୟତର୫୧ ଜଣ ଚାଷୀ ଟୋକନ ପାଇଥିଲେ। ମୋଟ ୪ ହଜାର ୨ ଶହ କ୍ୱିଣ୍ଟାଲ ଧାନ କିଣା ଯିବା କଥା। ଆଜି ସୁଧା ମାତ୍ର ୧୩ ଶହ କ୍ୱିଣ୍ଟାଲ ଧାନ ଉଠାଣ ହୋଇଛି ବୋଲି ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ସମୀର କୁହନ୍ତି। କୃପାଳୁ ରାଇସ ମୀଲର ଧାନ ଉଠାଇବାକୁ ରୋକ୍ ଠୋକ୍ ମନା କରିଛି। ମାଁସଡା ପଞ୍ଚାୟତରେ ରବି ଧାନ ଫସଲ ହୋଇନଥିଲା। ରାସ୍ତା ଅବରୋଧକୁ ସାଧାରଣ ଲୋକଙ୍କ ସମର୍ଥନ ଚାଷୀଙ୍କ ସପକ୍ଷରେ ବୃଦ୍ଧି ପାଇଛି। ପ୍ରଶାସନ କାଳ ବିଳମ୍ବ ନକରି ଚାଷୀଙ୍କ ସମସ୍ୟାର ସମାଧାନ କରନ୍ତୁ। ରାସ୍ତା ଅବରୋଧ ଯୋଗୁ କୋଲକାତା, ରାଉରକେଲା ଦୂରଗାମୀ ଯାତ୍ରୀ ବାହୀ ବସ ଅଟକି ରହିଛି।

# ବର୍ଷା ସମୟରେ ଜଳବାହିତ ରୋଗ ମୁକାବିଲା ପାଇଁ ସରକାରଙ୍କ ପ୍ରସ୍ତୁତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ଷା ସମୟରେ ଜଳବାହିତ ରୋଗ ଏବଂ ଡାଇରିଆ ଭଳି ସ୍ଥିତି ମୁକାବିଲା କରିବା ପାଇଁ ପ୍ରସ୍ତୁତ ରାଜ୍ୟ ସରକାର । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ନିଆଯାଇଛି ବ୍ୟାପକ ପଦକ୍ଷେପ । ବର୍ତ୍ତମାନ ବର୍ଷା ବଢୁଥିବା କାରଣରୁ ରାଜ୍ୟ ସାରା ଚାଲିଛି ଜଳ ବିଶୋଧନ କାର୍ଯ୍ୟ । ୩୦ ଜିଲ୍ଲାର ନଳକୂପ ଗୁଡ଼ିକୁ ବିଶୋଧନ କରାଯାଇଛି । ୫ ଲକ୍ଷ ୩୦ ହଜାର ନଳକୂପ ବିଶୋଧନ ହୋଇଛି । ମେଗା ପାନୀୟ ଜଳ ପ୍ରକଳ୍ପ ଅଧୀନରେ ଥିବା ଓଭର ହେଡ ଟାଙ୍କି ଗୁଡ଼ିକୁ ମଧ୍ୟ ବିଶୋଧନ କରାଯାଇଛି । ଡିପ ବୋର ୱେଲ୍ ଗୁଡ଼ିକୁ ମଧ୍ୟ ଶୋଧିତ କରାଯାଇଛି । ସଲାଇନ ଜଳ ଅଞ୍ଚଳରେ ଘରୋଇ ଟ୍ୟୁବ ୱେଲ ଗୁଡ଼ିକୁ ମଧ୍ୟ ସାନିଟାଇଜ କରିଛି ବିଭାଗ । ଉପକୂଳବର୍ତ୍ତୀ ସବୁ ଅଞ୍ଚଳରେ ଦ୍ୱିତୀୟ ଥର ଶତ ପ୍ରତିଶତ ନଳକୂପ ବିଶୋଧନ ହୋଇଛି ବୋଲି କହିଛନ୍ତି ମନ୍ତ୍ରୀ । ଯେକୌଣସି ସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସ୍ୱାସ୍ଥ୍ୟ ମନ୍ତ୍ରୀ ମଧ୍ୟ ସବୁ ଅଧିକାରୀ ମାନଙ୍କୁ ସଜାଗ ରହିବାକୁ କହିଛନ୍ତି । ଏହାସହ ଆରଡବ୍ଲୁଏସଏସ, ୱାଟକୋ ବିଭାଗକୁ ମଧ୍ୟ ଯେତେ ଥର ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । ଯେମିତି ପାଣି ଦ୍ୱାରା କୌଣସି ଲୋକ ରୋଗରେ ନପଡ଼ିବା ପାଇଁ ସରକାର କାମ ହାତକୁ ନେଇଛନ୍ତି । ବ୍ଲିଚିଂ ପକାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ରବି ନାଏକ । ବର୍ତ୍ତମାନ ହଇଜା ସ୍ଥିତି ନିୟନ୍ତ୍ରଣରେ ଅଛି । ଯାଜପୁର ଅଞ୍ଚଳରେ ମଧ୍ୟ ପ୍ରଶାସନ ହୋଟେଲ ଗୁଡ଼ିକ ଉପରେ ନଜର ରଖିଛନ୍ତି ।

# ହୁଲ ଦିବସ ଆଦିବାସୀ ସମାଜର ଅଦମ୍ୟ ସାହସ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ହୁଲ ଦିବସ ଅବସରରେ ଆମ ଆଦିବାସୀ ସମାଜର ଅଦମ୍ୟ ସାହସ, ସଂଘର୍ଷ ଏବଂ ତ୍ୟାଗର ପ୍ରତୀକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହୁଲ ଦିବସ ଆମ ଆଦିବାସୀ ସମାଜର ଅଦମ୍ୟ ସାହସ, ସଂଘର୍ଷ ଏବଂ ତ୍ୟାଗର ପ୍ରତୀକ। ଏହି ପବିତ୍ର ଦିନ ଅବସରରେ, ମୁଁ ଅମର ସଂଗ୍ରାମୀମାନଙ୍କୁ ବିନମ୍ର ପ୍ରଣତି ଅର୍ପଣ କରୁଛି । ବ୍ରିଟିଶ ଶାସନର ଅନ୍ୟାୟ ବିରୁଦ୍ଧରେ ଆପଣମାନଙ୍କ ଅସାଧାରଣ ସାହସ ଆମ ସମସ୍ତଙ୍କ ପାଇଁ ସଦା ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।

# ସାଲେପୁର ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି




କଟକ(ଭାସ୍କର ନ୍ୟୁଜ୍): ସାଲେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୭୭ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୩୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୯୧ ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଟକ-ନିଶ୍ଚିନ୍ତକୋଇଲି, ଟାଙ୍ଗୀ-ହରିପୁର ରାସ୍ତାର ସମସ୍ୟା ଓ ଏହାର ସମାଧାନ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନର ତୃତୀୟ ପକ୍ଷ ଅଡିଟ ରିପୋର୍ଟ ତୁରନ୍ତ ଦାଖଲ କରିବା ପାଇଁ ବିଭିନ୍ନ ସଡକ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ରାଜପଥ ଉପରେ ବେଆଇନ ଭାବେ ପାର୍କିଂ କରୁଥିବା ଭାରିଯାନର ଅପସାରଣ ନିମନ୍ତେ ତଥା ଅମାନ୍ୟ କରୁଇଥିବା ଭାରିଯାନ ଗୁଡିକୁ ଜୋରିମାନା ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏହାର ଫୋଟୋ ପ୍ରେରଣ ନିମନ୍ତେ କୁହାଯାଇଥିଲା । ଗୋପାଳପୁର ନିକଟରେ ଦିଗନିର୍ଣ୍ଣୟ ଫଳକ ଗୁଡିକୁ ଅପେକ୍ଷାକୃତ ବଡ ଆକାରର ଲଗାଇବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା । ପେଟାନାଳ ନିକଟ ରାସ୍ତା ଉପରୁ ପରିବା ଓ ମାଛ ବିକ୍ରେତାଙ୍କୁ ଅପସାରଣ କରିବା ନିମନ୍ତେ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ କୋଚିଙ୍ଗ ତଥା ଅନ୍ୟ ଅନୁଷ୍ଠାନମାନଙ୍କରେ ନାବାଳକ ଗାଡି ଚାଳନା ନିଷେଧ ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ କଟକ ଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଭାଗନେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । କେନ୍ଦ୍ରାଞ୍ଚଳ ପରିବହନ ଉପଆୟୁକ୍ତ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ବିରଞ୍ଚି ନାରାୟଣ ଅଧିକାରୀ ବୈଠକ ପରିଚାଳନା କରିଥିଲେ ।

### ବିଧାୟକଙ୍କୁ ଉଚିତ୍ ସମ୍ମାନ

## ଦେଉନାହାନ୍ତି ସରକାରୀ ଅଧିକାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଧାନସଭା ସଦାଚାର କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କିଛି ସରକାରୀ ଅଧିକାରୀ ବିଧାୟକଙ୍କୁ ଉଚିତ ସମ୍ମାନ ଦେଉ ନଥିବା ଏବଂ ଫୋନ ମଧ୍ୟ ଉଠାଉନଥିବା ପ୍ରସଙ୍ଗ ଉଠିଥିବା ବେଳେ ଏ ନେଇ ବିସ୍ତୃତ ଆଲୋଚନା ହୋଇଛି। ଆସନ୍ତା ବୈଠକରେ ସଚିବ ମାନେ ଯୋଗ ଦେବେ ଓ କିପରି ଅଧିକାରୀ ଓ ବିଧାୟକଙ୍କ ଭିତରେ ସମନ୍ୱୟ ରହିବ ସେ ନେଇ ଆଲୋଚନା ହେବ।


**AFFIDAVIT**

By virtue of an affidavit sworn before the Executive Magistrate, Panposh, Rourkela-12, dated: 03.04.2025, I Manimala Patra, Address: At-Kandulichak, Po-Mathuranath, Shriampur, Ps-Jaleswar, Dist- balasore, Odisha, PIN-756032, declare that I have changed my name from Manimala Mallik to Manimala Patra. Henceforth, I shall be known as Manimala Patra for all purposes.

**Sd/- Manimala Patra**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ ଦୁର୍ଦ୍ଦାନ୍ତ...

ଅପେରସନ ଜୋରଦାର କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ସଫଳତା ପାଇଁ କନ୍ଧମାଳ ଜିଲ୍ଲା ଏସପି ହରିଶ ବି. ସି. ଏବଂ ଓଡିଏଫ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

### କେମିକାଲ...

ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ସଂପୂର୍ଣ୍ଣ ଅଟ୍ଟାଳିକାଟି ମଧ୍ୟ ଭୁଶୁଡ଼ି ପଡ଼ିଥିଲା। ଏହି ଘଟଣା ପରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଦାମୋଦର ରାଜନରସିଂହ ଏବଂ ଶ୍ରମମନ୍ତ୍ରୀ ଜି.ବିବେକ ଘଟଣାସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ପ୍ଲାଣ୍ଟ ମଧ୍ୟରେ ଅନ୍ୟ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି।

### ଜଳଛାୟା ପ୍ରକଳ୍ପର...

ନବରଙ୍ଗପୁର ସହର ମଝିଗୁଡ଼ା ଛକ ନିକଟରେ ପଡାଲଗୁଡ଼ାରେ ନିର୍ମାଣାଧୀନ ଘର, ଓ ତାଙ୍କ ସ୍ତ୍ରୀଙ୍କ ନାମରେ ନବରଙ୍ଗପୁର ଜିଲ୍ଲାର ଚୁଟିଆଗୁଡ଼ା ମୌଜାରେ ଥିବା ଦୁଇଟି ଭିନ୍ନ ଭିନ୍ନ ଘରେ ରେଡ୍ କରାଯାଇଛି । ରେଡ ସମୟରେ ନବରଙ୍ଗପୁରରେ ଥିବା ତାଙ୍କର ୪୦ ଏକରର ଏକ ଫାର୍ମ ହାଉସ ଥିବା ଭିଜିଲାନ୍ସ ଜାଣିପାରିଛି। ସେହିପରି ଭବାନୀପାଟଣାରେ ୧୧ ଏକର ଜମି, ନବରଙ୍ଗପୁରରେ ୬ ଏକର ପରମିତ ଏକ ଫାର୍ମ ହାଉସର ମଧ୍ୟ ଭିଜିଲାନ୍ସ ତଲାସୀବେଳେ ଜାଣିପାରିଛି। ଏଥିସହ ଏକ ବେନାମୀ ଚାରିଚକିଆ ଯାନ, ୫୫ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ ଥିବା ମଧ୍ୟ ଭିଜିଲାନ୍ସ ଜାଣିପାରିଛି।

### ମହାପ୍ରସାଦ...

ଭକ୍ତଙ୍କ ଭିଡ ନିୟନ୍ତ୍ରଣ ଏହି ଅଧିକାରୀ କରିବେ । ମହାପ୍ରଭୁଙ୍କ କୃପାରୁ ଅତି ଶୃଙ୍ଖଳାରେ ଦର୍ଶନ ଚାଲିଛି । ସାଧାରଣ ଦର୍ଶନ ସହ ଭକ୍ତ ମାନଙ୍କ ପାଇଁ ଟିକେଟ ଦର୍ଶନ (ପରିମାଣିକ) ବ୍ୟବସ୍ଥା ରହିଛି । ଆମର ପ୍ରଥମିକତା ରହିଛି ଭକ୍ତଙ୍କ ସୁରକ୍ଷା । ଭକ୍ତ ମାନେ ଭଲରେ ଦର୍ଶନ ପାଇଁ ଜଗମୋହନ ଭିତରେ କାଠ ରାମ୍ପ ବ୍ୟବସ୍ଥା ହୋଇଛି । ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା କହିଛନ୍ତି, 'ଆଜି ସକାଳ ୬ ଟା ୪୦ରୁ ଆଡ଼ପ ମଣ୍ଡପ ଦର୍ଶନ ଆରମ୍ଭ ହୋଇଛି । ହଜାର ହଜାର ଭକ୍ତ ଆସି ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି । ଅତି ଶୃଙ୍ଖଳିତ ଭାବରେ ମହାପ୍ରଭୁଙ୍କୁ ଭକ୍ତ ଦର୍ଶନ କରୁଛନ୍ତି । ଟିକେଟ ଦର୍ଶନ ପାଇଁ ତିନୋଟି କାଉଣ୍ଟର ହୋଇଛି । ଫଳରେ ଅଧିକ ଗହଳି ହେବ ନାହିଁ । ନୀତିକୁ ଶୃଙ୍ଖଳିତ କରିବା ପାଇଁ ସବୁ ବ୍ୟବସ୍ଥା ହୋଇଛି । ସେବାୟତ ମାନେ ବହୁତ୍ ସହଯୋଗ କରୁଛନ୍ତି। ଆଡ଼ପ ଅବଢ଼ା ପ୍ରତିଦିନ ଯେଭଳି ସଠିକ୍ ସମୟରେ ଭକ୍ତ ପାଇବେ ସେ ନେଇ ସେବାୟତଙ୍କ ସହ ଆଲୋଚନା ହୋଇଛି । ସବୁ ଭକ୍ତଙ୍କୁ ଗୁରୁତ୍ୱ ଦିଆଯାଉଛି । ବୟସ୍କ ଲୋକମାନଙ୍କ ଯାତାୟାତ ପାଇଁ ମନ୍ଦିର ଭିତରେ ର୍‍ୟାମ୍ପର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

### ଉତ୍ତର ବାଲେଶ୍ୱରରେ...

ସ୍ଥିତି ସଙ୍ଗୀନ ହୋଇଛି। ବାଲେଶ୍ୱର, ଭୋଗରାଇ ଓ ବାଲିଆପାଳ ଅଧିକ ପ୍ରଭାବିତ ହୋଇଛି। ସୁବର୍ଣ୍ଣରେଖା ନଦୀର ଜଳସ୍ତର ବଢିବା ପରେ ଭୋଗରାଇର ୨୨ଟି ଗାଁ ଓ ବାଲିଆପାଳର ୨୫ଟି ଗାଁ ପାଣି ଘେରରେ ଅଛି। ସେହିପରି ଜଳକା ନଦୀରେ ବନ୍ୟା ଆସିବା ଫଳରେ ବସ୍ତା ବ୍ଲକର ୩୦ରୁ ଅଧିକ ଗାଁରେ ପାଣି ପଶିଛି। ହଜାରେରୁ ଅଧିକ ଲୋକଙ୍କୁ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ସେହିପରି ସୁବର୍ଣ୍ଣରେଖା ଫୁଲିବା ଫଳରେ ମୟୂରଭଞ୍ଜର ସାରସକଣା ବ୍ଲକର ନେଦା ଓ ରାସଗୋବିନ୍ଦପୁରର ଟିକାୟତପୁର ପ୍ରଭାବିତ ହୋଇଛି। ଏହି ସ୍ଥାନରେ ୫ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଶିମିଳିପାଳରେ ବର୍ଷା ହେବା ଫଳରେ ଦେଓ ଓ ସଞ୍ଜ ନଦୀରେ ଜଳସ୍ତର ବଢିଛି। ଫଳରେ ଉଦଳା ଓ ରେମୁଣା ରାସ୍ତା ଠପ୍ ହୋଇଯାଇଛି। ଜାମୁଘାଟ ପୋଲ ଉପରେ ପାଣି ଚାଲିଛି। ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ଦେଖି ଏନଡିଆରଏଫ ଟିମ୍ ବାଲେଶ୍ୱର ଓ ମୟୂରଭଞ୍ଜରେ ସଜାଗ ରହିଛନ୍ତି। ୭ରୁ ୮ଟି ଘାଇ ସୃଷ୍ଟି ହୋଇ ମରାମତି କରାଯାଇଛି।

### ବଡ଼ ବନ୍ୟା...

ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁରରେ ପ୍ରବଳ ବର୍ଷା ଆକଳନ କରାଯିବା ସହ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୨ ତାରିଖରେ ସୁନ୍ଦରଗଡ଼ ଓ ଝାରସୁଗୁଡ଼ାକୁ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବାବେଳେ ୩ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ବର୍ଷା ନେଇ ସୂଚନା ମିଳିଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏହା ମଧ୍ୟରେ ଆଉଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବା ଆଶଙ୍କା କରାଯାଉଛି । ଏଭଳି ସ୍ଥିତି ହେଲେ ଉତ୍ତର ଓଡ଼ିଶାରେ ବଡ଼ ବନ୍ୟା ସୃଷ୍ଟି ହେବା ଆକଳନ କରାଯାଉଛି। ଅପରପକ୍ଷରେ ଜଳସେଚନ ବିଭାଗ ପକ୍ଷରୁ ସମସ୍ତ ନଦୀବନ୍ଧ ଓ ଜଳସ୍ତର ଉପରେ ନଜର ରଖାଯାଇଥିବା ଉନ୍ନୟନ କମିଶନର ଅନୁ ଗର୍ଗ ସୂଚନା ଦେଇଛନ୍ତି। ବାଲେଶ୍ୱର ଜିଲ୍ଲାର ବୁଢାବଳଙ୍ଗ ନଦୀରେ ଜଳସ୍ତର ସାମାନ୍ୟ ହ୍ରାସ ପାଇଥିବା ସୂଚନା ଦିଆଯାଇଛି। ଏଠାରେ ବିପଦ ସଂକେତ ସ୍ତର ୭.୨୧ ମିଟର ଥିବାବେଳେ ଏବେ ୬.୩୨ ମିଟରରେ ଜଳ ପ୍ରବାହିତ ହେଉଛି।

### ଅତିରିକ୍ତ କମିଶନରଙ୍କୁ...

ମାରିବା ଘଟଣା ସାମ୍ନାକୁ ଆସିବା ପରେ ବିଏମ୍‌ସି ଅଧିକାରୀ ଓ କର୍ମଚାରୀମାନେ ସୋମବାର ଅପରାହ୍ନରେ ଅପରାଧୀଙ୍କୁ ଗିରଫ କରିବା ଦାବିରେ ବିଏମ୍‌ସି ଅଫିସ ସମ୍ମୁଖରେ ଥିବା ଜନପଥରେ ରାସ୍ତା ଅବରୋଧ କରିଥିଲେ। ଫଳରେ ସାଧାରଣ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସଙ୍କ ସମେତ ବହୁ ବରିଷ୍ଠ ବିଜେଡି ନେତା ଏହି ରାସ୍ତାରୋକରେ ସାମିଲ ହେବା ସହ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟୟ ହୋଇଥିବା ଅଭିଯୋଗ କରିଥିଲେ। ସ୍ଥିତି ଗମ୍ଭୀର ହେବାରୁ ପୋଲିସ ବିଜେଡି ନେତାମାନଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ତେବେ ଏହି ଘଟଣାକୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଘୋର ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ହସ୍ତକ୍ଷେପ କରି ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦେବାକୁ ଦାବି କରିଛନ୍ତି । ଘଟଣା ପଛରେ ଥିବା ରାଜନେତାଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଟୁଇଟ୍ କରି ଏହାକୁ ନିନ୍ଦା କରିଛନ୍ତି। ଭାରତୀୟ ଜନତାପାର୍ଟି କିମ୍ବା ସରକାର ଏପରି କାର୍ଯ୍ୟ ଓ ବିଚାରାଧାର ସହ କୌଣସିରୂପେ ସଂଶ୍ଳିଷ୍ଟ ନୁହନ୍ତି ବା ପ୍ରୋତ୍ସାହନ କରନ୍ତି ନାହିଁ ବୋଲି କହିଛନ୍ତି। ଦୁର୍ବୃତ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଦଳୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସେ ଦାବି କରିଛନ୍ତି । ଶୃଙ୍ଖଳା, ଅନୁଶାସନ ଏବଂ ନିଷ୍ଠାବିନା ସୁଶାସନ କିମ୍ବା ବିକାଶ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଏହି ଘଟଣାରେ ଓଏଏସ୍ ଆସୋସିଏସନ ସଭାପତି ଜ୍ୟୋତି ରଞ୍ଜନ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଦଫାରେ ଦୋଷୀଙ୍କ ବିରୋଧରେ ମୋକଦ୍ଦମା ଦାଏର କରି ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିବା ଉଚିତ୍ ।


**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

IDFC FIRST Bank

**ଆପେଣ୍ଡିକ୍ସ ୫ (ରୁଲ୍ ୮(୧)**
**ପଜେସନ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୨୭.୦୨.୨୦୨୫**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ଶୁଭକର ବାଗ,୨. ଭୂମିସୂତ ବାଗ,** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୫,୧୫,୨୭୭.୪୧/-** (ପାଞ୍ଚଲକ୍ଷ ପନ୍ଦର ହଜାର ଦୁଇଶହ ସତସ୍ତରୀ ଟଙ୍କା ଏବଂ ଏକଚାଳିଶ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୨୬.୦୨.୨୦୨୫** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।

ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୨୬ ଜୁନ୍ ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।

ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୫,୧୫,୨୭୭.୪୧/-** (ପାଞ୍ଚଲକ୍ଷ ପନ୍ଦର ହଜାର ଦୁଇଶହ ସତସ୍ତରୀ ଟଙ୍କା ଏବଂ ଏକଚାଳିଶ ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।

ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।

| ସ୍ଥାବର ସମ୍ପତ୍ତିର ବିବରଣୀ |
| --- |
| ସମସ୍ତ ସମ୍ପତ୍ତିର ଖଣ୍ଡ ଓ ଅଂଶବିଶେଷ: ପ୍ଲଟ ନଂ ୮୦୩, ଏରିଆ ଏକର ୦.୦୮ ଡିସିମିଲ, ଖାତା ନଂ ୩୩୭/୧୦୩, ଅବସ୍ଥିତି ମୌଜା: ରମ୍ଭାସିନ୍ଧୋଲ, ତହସିଲ- ତରଭା, ଜିଲ୍ଲା- ସୋନପୁର, ଓଡ଼ିଶା-୭୬୭୦୧୬, ଏବଂ ବାଉଣ୍ଡାରୀ: ପୂର୍ବ- ଗରିବ ଗଣ୍ଡ, ପଶ୍ଚିମ- ସହଦେବ ବାଗ, ଉତ୍ତର- ରାସ୍ତା ଏବଂ ସହଦେବ ବାଗ, ଦକ୍ଷିଣ- ଗରିବ ଗଣ୍ଡ। |

ତାରିଖ : ୨୬.୦୬.୨୦୨୫
ସ୍ଥାନ : ଓଡ଼ିଶା
ଋଣ ଆକାଉଣ୍ଟ ନଂ - ୧୦୩୬୬୮୪୧୭

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)



**PANCHAYAT SAMITI, PARALAKHEMUNDI(GOSANI), DIST-GAJAPATI (ODISHA) PIN-761210**

i-

AdvNo-02/2025-26 Dt: 26.06.2025

**Tender Call Notice**

Sealed tenders (Percentage rate) are invited for 11 (Eleven) Number of works from the Interested "B"/"C"/"D" Class Contractors registered with the Govt. for execution of civil works under Panchayat Samiti, Paralakhemundi(Gosani), Dist-Gajapati. The details notification is available at official website www.Gajapati.odisha.gov.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, Paralakhemundi(Gosani), Gajapati.. Proposal(s) complete in all respect should reach the undersigned on or before 3.00PM of 10.07.2025 through Regd./Speed Post and the same will be opened on 11.00AM of 11.07.2025. The undersigned reserves the right to reject any or all the tender(s) without assigning any reason thereof.

Sd/-
Block Development Officer,Paralakhemundi(Gosani)
Gajapati

OIPR 19445/11/0001/2526



**Office of the Executive Engineer, Support Services Division,**
**2nd Floor, Dam Safety Building, Secha Sadan, Bhubaneswar – 751001.**
**E-mail :eessdivision@gmail.com.**

A-

QUOTATION CALL NOTICE NO.04/2025-26

Sealed quotations are invited from eligible Firms, Suppliers, and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 08.07.2025, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 01.07.2025 to 3.00 PM of 08.07.2025 on payment of Rs. 100/- (Rupees One Hundred) only

| Sl. No. | Name of Work | Item | Paper Cost (Non Refundable) | Quotation Call Notice No |
| --- | --- | --- | --- | --- |
| 1 | Supply of One no. of Air Conditioner to the Staff Common Room of Jala Sechan Sanskrutika Parisada, in the O/o Engineer-in-Chief, WR, BBSR. | 01 No. | Rs.100.00 | 04(1)/2025-26 |
| 2 | Supply of twelve nos. of Conference Chair and two nos. of Main Chair(make-Featherlite) for the official use in CE, Planning Conference Hall, in the O/o Engineer-in-Chief, WR, BBSR. | 02 Nos. | Rs.100.00 | 04(2)/2025-26 |
| 3 | Supply of two nos. of 8 Port Switch to the room no. 263 & 264 for the official use under CE, ISWI, in the O/o Engineer-in-Chief, WR, BBSR. | 01 No. | Rs.100.00 | 04(3)/2025-26 |

Sd/-
Executive Engineer,
Support Services Division,
Bhubaneswar.

OIPR 32447/11/0023/2526



email: se_nerwkjr@rediffmail.com

O-342

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR

eProcurement Notice for Road Works under PM-JANMAN Batch-I

Identification No. NCB-06 / RWCKJR / 2025-26

No. 2699 // Date: 24.06.2025 //

1. Name of the work :- Construction of road works under PM-JANMAN Batch-I in the District of Keonjhar.
2. No. of work :- 03 (Three) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E., R.W. Circle, Keonjhar | |
| --- | --- | --- | --- | --- | --- | --- |
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-06 / RWCKJR / 2025-26 | Dt.02.07.25 at 11.00 A.M. | Dt.16.07.25 up to 5.00 P.M. | Dt.15.07.25 up to 5.00 P.M. | Dt.17.07.25 at 11.00 A.M. | Will be intimated later |

- Further details can be seen from the website: www.pmgsytenders.gov.in

Sd/-Chief Construction Engineer,
R.W. Circle, Keonjhar.

OIPR 25177/11/0077/2526



**OFFICE OF THE NIMAPARA NOTIFIED AREA COUNCIL**
At/Po/Ps:-Nimapara, Dist.-Puri, Odisha, Pin-752106, e-Mail:-nimapadanac@gmail.com.
Web: www.nimaparanac.in, Phone No :-( 06758- 454167)

C-600

No. 2132 /Date 26.06.2025

**e-Procurement Notice**

Bid Documents consisting of Work Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in .

1. Tender Reference No : NP-NAC-01/2025-26
2. Tender I.D No. : 2025_ORULB_114915_1 to 9
3. Name of the work : Civil Construction works as mentioned in website.
4. No. of work : 09 Nos.
5. Estimated Cost : Rs. 5,05,680.00 to Rs. 82,97,364.00
6. Period of Completion : 30 days to 120 days
7. Date & time of Bidding : Dt.01.07.2025 to Dt.13.07.2025 upto 05.00 P.M.
8. Last date & time for receipt Of bids in the portal : Dt.13.07.2025 upto 05.00 P.M.
9. Bids received online shall be opened on Dt. : Dt.14.07.2025 at 11.00 A.M.
10. Name and address of the Officer inviting Bid : Executive Officer, Nimapara N.A.C.

Further details can be seen from the procurement portal i.e www.tendersodisha.gov.in.

Sd/-Executive Officer
Nimapara N.A.C.

OIPR 13112/11/0028/2526



ପାଟନା: ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ଏବଂ ବିଚକ୍ଷଣ ରାଜନୀତି ସମୀକ୍ଷକ ପ୍ରଶାନ୍ତ କିଶୋର ନିର୍ବାଚନ ପୂର୍ବରୁ ଏକ ବଡ଼ ଘୋଷଣା କରିଛନ୍ତି । ଗୟା ଆୟୋଜିତ ଏକ ରାଲିରେ ପ୍ରଶାନ୍ତ କିଶୋର ବିହାରର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି ଯେ, ଡିସେମ୍ବର ୨୦୨୫ରୁ ୬୦ବର୍ଷରୁ ଅଧିକ ବୟସର ପ୍ରତ୍ୟେକ ପୁରୁଷ ଏବଂ ମହିଳାଙ୍କୁ ମାସିକ ୨୦୦୦ ଟଙ୍କା ପେନସନ ଦିଆଯିବ । ଏହା ବ୍ୟତୀତ ୧୫ ବର୍ଷରୁ କମ୍ ବୟସର ପିଲାମାନେ ମଧ ଘରୋଇ ସ୍କୁଲରେ ମାଗଣା ଶିକ୍ଷା ପାଇବେ। ପ୍ରଶାନ୍ତ କିଶୋର ସୋମବାର ବିହାରର ଗୟାରେ ଏକ ରାଲିକୁ ସମ୍ବୋଧିତ କରିବା ଅବସରରେ ଏହା ଘୋଷଣା କରିଛନ୍ତି । ଚଳିତ ବର୍ଷ ଶେଷରେ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏପରି ସ୍ଥିତିରେ, ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ବିହାରରେ ଜୋରଦାର ପ୍ରଚାର କରୁଛି । ଜୁନ୍ ୨୫ରେ ନିର୍ବାଚନ କମିଶନ ଆଗାମୀ ନିର୍ବାଚନ ପାଇଁ ଜନ ସୁରାଜ ପାର୍ଟିକୁ 'ସ୍କୁଲ ବ୍ୟାଗ୍' ଚିହ୍ନ ଆବଣ୍ଟନ କରିଥିଲେ। ଜନ ସୁରାଜ ଦଳର ସମସ୍ତ ୨୪୩ ପ୍ରାର୍ଥୀ ଏହି ନିର୍ବାଚନ ଚିହ୍ନରେ ନିର୍ବାଚନ ଲଢ଼ିବେ । ପ୍ରଶାନ୍ତ କିଶୋର ଲାଗାତାର ନିର୍ବାଚନ ସଭାରେ ଅଂଶଗ୍ରହଣ କରୁଛନ୍ତି।

# ମାଇଁ ଭାରତ ୨.୦ ପ୍ଲାଟଫର୍ମ ବିକଶିତ କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ




ନୂଆଦିଲ୍ଲୀ: ଦେଶର ଯୁବପିଢ଼ିଙ୍କ ସହିତ ଡିଜିଟାଲ୍ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ସୋମବାର ନୂଆଦିଲ୍ଲୀରେ ମାଇଁ ଭାରତ ୨.୦ ପ୍ଲାଟଫର୍ମର ବିକାଶ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଡିଜିଟାଲ୍ ଇଣ୍ଡିଆ କର୍ପୋରେସନ ସହିତ ଏହି ବୁଝାମଣା ହୋଇଛି। ଅପଗ୍ରେଡ୍ ବା ଉନ୍ନତ ହୋଇଥିବା ଏହି ଜାତୀୟ ଯୁବ ପ୍ଲାଟଫର୍ମ ଦେଶବ୍ୟାପୀ ଯୁବକମାନଙ୍କୁ ସଶକ୍ତ ଏବଂ ସଂଯୋଗ କରିବା ପାଇଁ ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନଗୁଡ଼ିକୁ ବ୍ୟବହାର କରିବ। କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ଏବଂ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଏବଂ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଯୁବବ୍ୟାପାର ବିଭାଗ ଯୁଗ୍ମ ସଚିବ ନିତେଶ କୁମାର ମିଶ୍ର ଏବଂ ଡିଜିଟାଲ୍ ଇଣ୍ଡିଆ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ନନ୍ଦ କୁମାରମ୍ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଜି, ଯେତେବେଳେ ଆମେ ଜୀବନକୁ ପରିବର୍ତ୍ତନ କରୁଥିବା ସାର୍ବଜନୀନ ଡିଜିଟାଲ୍ ପ୍ଲାଟଫର୍ମ ନିର୍ମାଣ କରୁଛୁ, ମାଇଁ ଭାରତ ପଛରେ ଥିବା ବିଚାର ଆମେ ୟୁପିଆଇ, ଡିଜିଲକର କିମ୍ବା କମନ୍ କମ୍ପ୍ୟୁଟ୍ ସୁବିଧା ସହିତ ଯାହା କରିଛୁ ତାହାଠାରୁ ଭିନ୍ନ ନୁହେଁ। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ କହିଛନ୍ତି, ଭାରତର ଜନସଂଖ୍ୟାର ୬୫% ଯୁବକ - ଆମର ସର୍ବୋତ୍ତମ ଶକ୍ତି ଏବଂ ସର୍ବୋତ୍ତମ ସୁଯୋଗ। ବୁଝାମଣାପତ୍ର ସ୍ୱାକ୍ଷର ପରେ, ମାଇଁ ଭାରତ ପ୍ଲାଟଫର୍ମ ଏବେ ମାଇଁ ଭାରତ ୨.୦ ରେ ବିକଶିତ ହେବା ପାଇଁ ଏକ ବ୍ୟାପକ ଅପଗ୍ରେଡ୍ ହେବ। ଯୁବବ୍ୟାପାର ବିଭାଗ ସଚିବ ଡକ୍ଟର ପଲ୍ଲବୀ ଜୈନ କହିଛନ୍ତି, ମାଇଁ ଭାରତ ୨.୦ ସଂସ୍କରଣ ମଧ୍ୟ ଆଧାର, ଡିଜିଲକର, ଭାଷିନୀ ଏବଂ ମାଇଁ ଭଳି ଜାତୀୟ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ସହିତ ସୁଗମ ସମନ୍ୱୟ ପ୍ରଦାନ କରିବ, ଯାହା ଆନ୍ତଃକାର୍ଯ୍ୟକ୍ଷମତା ଏବଂ ଏକୀକୃତ ଉପଭୋକ୍ତା ଅଭିଜ୍ଞତା ସୁନିଶ୍ଚିତ କରିବ। ସେହିପରି ଡିଜିଟାଲ ଇଣ୍ଡିଆ କର୍ପୋରେସନର ସିଇଓ ନନ୍ଦ କୁମାରମ କହିଛନ୍ତି, ମାଇଁ ଭାରତ ୨.୦ ସଂସ୍କରଣ ୨୦୪୭ ସୁଦ୍ଧା ଅମୃତପିଢ଼ିଙ୍କୁ ସଶକ୍ତ କରିବ ଏବଂ ବିକଶିତ ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବ । ପୂର୍ବରୁ ମାଇଁ ଭାରତ ପ୍ଲାଟଫର୍ମର ପ୍ରଥମ ସଂସ୍କରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୧ ଅକ୍ଟୋବର ୨୦୨୩ରେ ଶୁଭାରମ୍ଭ କରିଥିଲେ।

# ବଢ଼ିଲା ରେଳ ଭଡ଼ା




ନୂଆଦିଲ୍ଲୀ : ଜୁଲାଇ ୧ରୁ ବର୍ଦ୍ଧିତ ରେଳଭଡ଼ା ଲାଗୁ ହେବା ନେଇ ରେଳ ମନ୍ତ୍ରାଳୟ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ରିଜର୍ଭେସନ୍ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛି। ଏହି ବିଜ୍ଞପ୍ତି ଅନୁସାରେ ସାଧାରଣ ଶ୍ରେଣୀରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି କରାଯାଇନାହିଁ । ତେବେ ୫୦୧ରୁ ୧୫୦୦ କିଲୋମିଟର ଦୂରତା ପାଇଁ ୫ ଟଙ୍କା ଏବଂ ୨୫୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତା ପାଇଁ ୧୦ ଟଙ୍କା ଏବଂ ୨୫୦୧ ରୁ ୩୦୦୦ କିଲୋମିଟର ଦୂରତା ସ୍ଲାବ୍ ପାଇଁ ୧୫ ଟଙ୍କା ବୃଦ୍ଧି କରାଯାଇଛି। ପ୍ରଥମ ଶ୍ରେଣୀ ପାଇଁ ପ୍ରତି କିଲୋମିଟରରେ ୦.୫ ପଇସା ବୃଦ୍ଧି କରାଯାଇଛି । ଅନ୍ୟପକ୍ଷରେ ଏସି ଚେୟାର କାର, ଏସି-୩ ଟାୟାର /ଏସି-୩ ଟାୟାର ଇକୋନୋମି, ଏସି ୨-ଟାୟାର, ଏବଂ ଏସି ପ୍ରଥମ/ଏକଜୁକୁଟିଭ ଶ୍ରେଣୀ ଲାଗି ପ୍ରତି କିଲୋମିଟରରେ ୦୨ ପଇସା ବୃଦ୍ଧି କରାଯାଇଛି। ଏହି ଭଡ଼ା ସଂଶୋଧନ ରାଜଧାନୀ, ଶତାବ୍ଦୀ, ଦୂରନ୍ତ, ବନ୍ଦେ ଭାରତ, ତେଜସ, ହମସଫର, ଅମୃତ ଭାରତ, ମହାମାନ, ଗତିମାନ, ଅନ୍ତ୍ୟୋଦୟ, ଜନ ଶତାବ୍ଦୀ, ଯୁବା ଏକ୍ସପ୍ରେସ୍, ଏସି ଭିଷ୍ଟାଡୋମ୍ କୋଚ୍, ଅନୁଭୂତି କୋଚ୍ ଏବଂ ସାଧାରଣ ଅଣ-ଉପନଗର ସେବା ଭଳି ପ୍ରିମିୟର ଏବଂ ସ୍ୱତନ୍ତ୍ର ଟ୍ରେନ୍ ସେବା ପାଇଁ ମଧ ପ୍ରଯୁଜ୍ୟ । ତେବେ ରିଜର୍ଭେସନ୍ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛି।

# ଜିଏସ୍‌ଟିକୁ ପୂରିଲା ଆଠ ବର୍ଷ

ନୂଆଦିଲ୍ଲୀ: ଜୁଲାଇ ପହିଲା ୨୦୨୫ରେ ବସ୍ତୁ ଓ ସେବା କର (ଜିଏସଟି) କାର୍ଯ୍ୟକାରୀ ହେବାକୁ ଆଠ ବର୍ଷ ପୂରଣ ହେଉଛି। ଆର୍ଥିକ ଏକୀକରଣ ଉଦ୍ଦେଶ୍ୟ ନେଇ ୨୦୧୭ ଜୁଲାଇ ପହିଲାରେ ଜିଏସଟି ଆଇନ କାର୍ଯ୍ୟକାରୀ ହୋଇଥିଲା। ଏହା ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ଏକକ, ସମନ୍ୱିତ ଏବଂ ସୁବ୍ୟବସ୍ଥିତ କରିଛି । ଏହା ଟିକସ ଅନୁପାଳନକୁ ସହଜ କରିବା ସହିତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ଖର୍ଚ୍ଚ ହ୍ରାସ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଏସଟିକୁ ନୂତନ ଭାରତର ଏକ ଯୁଗାନ୍ତକାରୀ ଆଇନ ଭାବେ ଅଭିହିତ କରିଛନ୍ତି । ନିକଟରେ ଡେଲଏଟ୍ ସଂସ୍ଥାର ଏକ ରିପୋର୍ଟରେ ଜିଏସଟି ବ୍ୟବସ୍ଥାକୁ ଉଚ୍ଚ ପ୍ରଶଂସା କରାଯାଇଛି। ସମୟୋଚିତ ସଂସ୍କାର, ଟିକସଦାତାଙ୍କର ମାର୍ଗଦର୍ଶନ, ଜିଏସଟି ପୋର୍ଟାଲର ସ୍ଥିର ବିକାଶ ପାଇଁ ଏହି ସଂସ୍ଥା ସରକାରଙ୍କୁ ଶ୍ରେୟ ଦେଇଛି । ଜିଏସଟି ଟିକସ ବ୍ୟବସ୍ଥାକୁ ଦୃଢ଼ କରିବା ସହିତ ବ୍ୟବସାୟିକ ସୁଗମତାରେ ସୁଧାର ଆଣିଛି। ରାଜ୍ୟ ଏବଂ କେନ୍ଦ୍ର ପ୍ରଦେଶ ସରକାରଙ୍କ ପ୍ରତିନିଧିତ୍ୱ ସହିତ ଜିଏସଟି ପରିଷଦ ଜିଏସଟି ଟିକସ ଦର ନିର୍ଦ୍ଧାରଣ କରିଥାଏ। ବର୍ତ୍ତମାନ ଦେଶରେ ବିଭିନ୍ନ ବସ୍ତୁ ଓ ସେବା ପାଇଁ ୫, ୧୨, ୧୮ ଏବଂ ୨୮ ପ୍ରତିଶତ ହାରରେ ଜିଏସଟି ଲାଗୁ ହେଉଛି। ଜିଏସଟି ଦ୍ୱାରା 'ଏକ ରାଷ୍ଟ୍ର ଏକ ଟିକସ' ସଂକଳ୍ପ ସାକାର ହୋଇଛି । ବର୍ହିଶୁଳ୍କ, ସେବା ଶୁଳ୍କ, ଭାଟ୍ ଏବଂ ଅନ୍ୟାନ୍ୟ ଜଟିଳ ଶୁଳ୍କ ପରିବର୍ତ୍ତେ ଗୋଟିଏ ଜିଏସଟି ଲାଗୁ ହେଉଛି । ଏବେ ରାଜ୍ୟ ଭିତରେ କାରବାର ପାଇଁ କେନ୍ଦ୍ରୀୟ ଜିଏସଟି ବା ସିଜିଏସଟି ଏବଂ ରାଜ୍ୟ ଜିଏସଟି ବା ଏସଜିଏସଟି ଲାଗୁ ହେଉଛି । ରାଜ୍ୟ - ରାଜ୍ୟ ମଧରେ କାରବାର ପାଇଁ ଏକୀକୃତ ଜିଏସଟି ବା ଆଇଜିଏସଟି ଲାଗୁ ହେଉଛି । ଜିଏସଟି ଟିକସ କ୍ରେଡିଟର ସୁଗମ ପ୍ରବାହ ସୁନିଶ୍ଚିତ କରିଛି । ଜିଏସଟି ବହୁସ୍ତରୀୟ ଟିକସ ବ୍ୟବସ୍ଥାକୁ ଉଚ୍ଛେଦ କରିବା ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ ପାଇଛି। ଜିଏସଟି ସଂଗ୍ରହ ମଧ ପ୍ରତ୍ୟେକ ବର୍ଷ ବଢ଼ିବାରେ ଲାଗିଛି । ୨୦୨୦-୨୧ରେ ୧୧.୩୭ ଲକ୍ଷ କୋଟି ଟଙ୍କା, ଏହାର ପରବର୍ଷ ୧୮.୦୮ ଲକ୍ଷ କୋଟି ଟଙ୍କା, ୨୦୨୨-୨୩ରେ ୧୮.୦୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୩-୨୪ରେ ୨୦.୧୮ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ କରାଯାଇଥିଲା। ଏହା ଅନୁପାଳନ ଏବଂ ଆର୍ଥିକ କାର୍ଯ୍ୟକଳାପରେ ସ୍ଥିର ଅଭିବୃଦ୍ଧିକୁ ଦର୍ଶାଉଛି। ସକ୍ରିୟ କରଦାତାଙ୍କ ସଂଖ୍ୟାରେ ମଧ ତୀବ୍ର ବୃଦ୍ଧି ଘଟିଛି। ୩୦ ଏପ୍ରିଲ ୨୦୨୫ ସୁଦ୍ଧା, ୧.୫୧ କୋଟିରୁ ଅଧିକ ସକ୍ରିୟ ଜିଏସଟି ପଞ୍ଜୀକରଣ ରହିଛି। ଆରମ୍ଭ ହେବାର ଆଠ ବର୍ଷ ପରେ ଜିଏସଟି ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସଂସ୍କାର ମଧ୍ୟରୁ ଅନ୍ୟତମ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛି। ରାଜସ୍ୱ ସଂଗ୍ରହରେ ନିରନ୍ତର ବୃଦ୍ଧି ଏବଂ ଦେଢ଼ କୋଟିରୁ ଅଧିକ ସକ୍ରିୟ କରଦାତାଙ୍କ ବୃଦ୍ଧି ଏହାର ସଫଳତାକୁ ପ୍ରତିଫଳିତ କରୁଛି।

**ଅଲ୍ ଇଣ୍ଡିଆ ଷ୍ଟେଟ୍ ବ୍ୟାଙ୍କ ଅଫିସର୍ସ ଫେଡେରେସନର ତ୍ରିବାର୍ଷିକ ସାଧାରଣ ପରିଷଦ ବୈଠକ**

# ଅରୁଣ କୁମାର ବିଶୋଇ ଓ ରୂପମ ରାୟ ନିର୍ବାଚିତ



ହାଇଦ୍ରାବାଦ: ଅଫିସର୍ ମାନ୍ୟଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଭାବେ, ଅଲ୍ ଇଣ୍ଡିଆ ଷ୍ଟେଟ୍ ବ୍ୟାଙ୍କ ଅଫିସର୍ସ ଫେଡେରେସନ (ଏଆଇଏସ୍‌ବିଓଏଫ୍)ର ୨୯ତମ ତ୍ରିବାର୍ଷିକ ସାଧାରଣ ପରିଷଦ ବୈଠକ ୨୭ ଜୁନରୁ ୨୯ ଜୁନ ୨୦୨୫ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମାନେ ଏକତ୍ରିତ ହୋଇ ଫେଡେରେସନର ନୂତନ ନେତୃତ୍ୱ ଚୟନ କରିଥିଲେ। କମ୍. ଅରୁଣ କୁମାର ବିଶୋଇ ଓ କମ୍. ରୂପମ ରାୟଙ୍କୁ ଅନୁକ୍ରମେ ସଭାପତି ଓ ସାଧାରଣ ସଚିବ ଭାବେ ଏକମତରେ ନିର୍ବାଚିତ କରାଯାଇଛି। ଭୁବନେଶ୍ୱର ସର୍କିଲରୁ କମ୍. ଅମିତାବ ଦାସ ଓ କମ୍. ଏସ୍କେ ଇସ୍ମାଇଲ ମଧ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି। କମ୍. ଅମିତାବ ଦାସଙ୍କୁ ଉପସଭାପତି ଭାବେ ଓ କମ୍. ଏସ୍କେ ଇସ୍ମାଇଲଙ୍କୁ ପ୍ରଶାସନିକ ସଚିବ ଭାବେ ନିର୍ବାଚନ କରାଯାଇଛି। ନୂତନ ନିର୍ବାଚିତ ନେତୃତ୍ୱ ଦଳ ଫେଡେରେସନର ମୂଳ ମୂଲ୍ୟବୋଧକୁ ଅତୁଟ ରଖିବା ଓ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଫିସରମାନଙ୍କ ଅଧିକାର, ସମ୍ମାନ ଓ କଲ୍ୟାଣ ପାଇଁ ନିଜମାନେ ଅତୁଟ ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି।

# ଭାଜପା ଛାଡିଲେ ଟି ରାଜା ସିଂହ



ନୂଆଦିଲ୍ଲୀ: ତେଲଙ୍ଗାନାର ଜଣାଶୁଣା ନେତା ଏବଂ ଗୋଶାମହଲ ବିଧାୟକ ଟି ରାଜା ସିଂହ ଭାରତୀୟ ଜନତା ପାର୍ଟି (ଭାଜପା)ରୁ ଇସ୍ତଫା ଦେଇଛନ୍ତି। ତାଙ୍କର ତେଲଙ୍ଗାନା ପାର୍ଟି ନେତୃତ୍ୱ ସହିତ କିଛି ଦିନ ଧରି ବିବାଦ ଚାଲିଥିଲା। ରାଜ୍ୟ ଭାଜପା ସଭାପତି ପଦ ପାଇଁ ଭାଜପା ହାଇକମାଣ୍ଡ ଏନ ରାମଚନ୍ଦ୍ର ରାଓଙ୍କ ନାମକୁ ସହମତ କରିଛନ୍ତି, ଯାହା ତାଙ୍କୁ କ୍ରୋଧିତ କରିଛି। କୁହାଯାଉଛି ଯେ ଏଥିରେ କ୍ରୋଧିତ ହୋଇ ସେ ରାଜ୍ୟ ସଭାପତି ସଞ୍ଜୟ କୁମାରଙ୍କ ନିକଟକୁ ତାଙ୍କର ଇସ୍ତଫା ପଠାଇଛନ୍ତି। ରାଜା ସିଂହ ଏହି ଇସ୍ତଫାକୁ ଲକ୍ଷ ଲକ୍ଷ କର୍ମୀଙ୍କ ସ୍ୱର ବୋଲି ବର୍ଣ୍ଣନା କରିଛନ୍ତି। ରାଜା ସିଂହ ଭାଜପାର ତେଲଙ୍ଗାନା ରାଜ୍ୟ ସଭାପତି ଜି କିଶନ ରେଡ୍ଡିଙ୍କୁ ଏକ ଚିଠିରେ କହିଛନ୍ତି ଯେ ଏନ ରାମଚନ୍ଦ୍ର ରାଓଙ୍କ ନିଯୁକ୍ତି ଦଳୀୟ କର୍ମୀ ଏବଂ ନେତାଙ୍କ ମଧରେ ଗଭୀର ନିରାଶା ସୃଷ୍ଟି କରିଛି।

# ନୂତନ ଅଡିଟୋରିୟମ୍ ଉଦ୍‌ଘାଟନ କଲେ ଛତିଶଗଡ ମୁଖ୍ୟମନ୍ତ୍ରୀ




ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସା ସୋମବାର ନବ ରାୟପୁରରେ ଅବସ୍ଥିତ ମନ୍ତ୍ରଣାଳୟର ସଚିବ ବ୍ଲକ ମହାନଦୀ ଭବନର ପଞ୍ଚମ ମହଲାରେ ନିର୍ମିତ ନୂତନ ଅଡିଟୋରିୟମ୍ ଉଦଘାଟନ କରିଛନ୍ତି। ମୋଟ ୧୩.୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଭବ୍ୟ ଅଡିଟୋରିୟମ୍ ସମସ୍ତ ଆଧୁନିକ ସୁବିଧାରେ ସଜ୍ଜିତ। ୬୪୫୦ ବର୍ଗଫୁଟ କ୍ଷେତ୍ରରେ ନିର୍ମିତ ଏହି ସମ୍ମିଳନୀ କକ୍ଷରେ ୧୮୫ ଆସନ ବସିବା କ୍ଷମତା ରହିଛି। ଅଡିଟୋରିୟମ୍ ଆଭ୍ୟନ୍ତରୀଣ ବିଦ୍ୟୁତୀକରଣ, ଅଗ୍ନି ନିର୍ବାପନ ବ୍ୟବସ୍ଥା, ଏୟାର କଣ୍ଡିସନିଂ, ଅଡିଓ-ଭିଜୁଆଲ୍ ସିଷ୍ଟମ୍, ଆଭ୍ୟନ୍ତରୀଣ ସାଜସଜ୍ଜା ଏବଂ ଫର୍ଣ୍ଣିଚର ସମେତ ସମସ୍ତ ଆବଶ୍ୟକୀୟ ସୁବିଧା ସହିତ ସଜ୍ଜିତ। ଏହି ଅବସରରେ, ଉପମୁଖ୍ୟମନ୍ତ୍ରୀ ଅରୁଣ ସା ଏବଂ ବିଜୟ ଶର୍ମା, କୃଷି ମନ୍ତ୍ରୀ ରାମବିଚାର ନେତାମ, ଅର୍ଥମନ୍ତ୍ରୀ ଓ.ପି. ଚୌଧୁରୀ, ଖାଦ୍ୟ ମନ୍ତ୍ରୀ ଦୟାଳଦାସ ବାଘେଲ, ଜଙ୍ଗଲ ମନ୍ତ୍ରୀ କେଦାର କଶ୍ୟପ, ଶିକ୍ଷ ମନ୍ତ୍ରୀ ଲଖନଲାଲ ଦେୱାଙ୍ଗନ, ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମ ବିହାରୀ ଜୟସୱାଲ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଲକ୍ଷ୍ମୀ ରାଜୱାଡେ, ରାଜସ୍ୱ ମନ୍ତ୍ରୀ ଟଙ୍କରାମ ବର୍ମା, ମୁଖ୍ୟ ସଚିବ ଅମିତାଭ ଜୈନ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ସଚିବ ମୁକେଶ ବଂଶଲ, ପି. ଦୟାନନ୍ଦ, ଡକ୍ଟର ବାସବରାଜୁ ଏସ., ରାହୁଲ ଭଗତ, ସଚିବ ରଜତ କୁମାର, ଅଙ୍କିତ ଆନନ୍ଦ, ଅଭିନାଶ ଚମ୍ପାୱତ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।






ନୂଆଦିଲ୍ଲୀ: ସରକାର ପାନ୍ କାର୍ଡ ନିୟମରେ ସଂଶୋଧନ କରିଛନ୍ତି । ଜୁଲାଇ ପହିଲାରୁ ପାନ୍ କାର୍ଡ ଲାଗି ଆବେଦନ କରିବାକୁ ହେଲେ ଆଧାର କାର୍ଡ ଅନିବାର୍ଯ୍ୟ । ଯଦି ବ୍ୟକ୍ତି ବିଶେଷଙ୍କ ନିକଟରେ ଆଧାର କାର୍ଡ ନାହିଁ ତେବେ ପାନ୍ ବନାଇ ପାରିବେ ନାହିଁ । ଏହା ଦ୍ୱାରା ଟିକସ ଚୋରୀ ରୋକିବା ଦିଗରେ ସହାୟକ ହେବ । ଯେଉଁ ମାନଙ୍କ ନିକଟରେ ପୂର୍ବରୁ ପାନ୍ କାର୍ଡ ରହିଛି ସେମାନେ ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ନିଜ ପାନ୍ କାର୍ଡକୁ ଆଧାର ସହ ଲିଙ୍କ୍ କରାଇ ନେବାକୁ କୁହାଯାଇଛି। ଯଦି ଏହା ନକରନ୍ତି, ତେବେ ୨୦୨୬ ଜାନୁଆରି ପହିଲାରୁ ପାନ୍ କାର୍ଡ ଅଚଳ ହୋଇଯିବ। ଆୟକର ରିଟର୍ଣ୍ଣ ଭରିବା, ବ୍ୟାଙ୍କ ଖାତା ଖୋଲିବା ଏବଂ ଶେୟାର ବଜାରରେ ନିବେଶ ଭଳି ଆର୍ଥିକ କାର୍ଯ୍ୟକଳାପ ଲାଗି ପାନ୍‌କାର୍ଡ ନିହାତି ଜରୁରି । ଆୟକର ବିଭାଗର ଇ-ପାନ୍ ସେବା ଦ୍ୱାରା ମାତ୍ର କିଛି ମିନିଟରେ ପାନ୍ ହାସଲ କରିପାରିବ।

# ଏମ୍‌ଏସ୍‌ଏମ୍‌ଇ ଓ କୃଷିକ୍ଷେତ୍ରକୁ ୪୩୦୦କୋଟି ଟଙ୍କାର ଋଣ

ନୂଆଦିଲ୍ଲୀ: ବ୍ୟାଙ୍କ ଅଫ୍ ବରୋଦା (ବିଓବି), ଏମ୍‌ଏସ୍‌ଏମ୍‌ଇ ଓ କୃଷିଭଳି ପ୍ରାଥମିକତା କ୍ଷେତ୍ରଉପରେ ଧ୍ୟାନ ଦେଇ ଓଡ଼ିଶାରେ ଅର୍ନ୍ତଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତିବ୍ୟାଙ୍କର ପ୍ରତିବଦ୍ଧତାକୁ ପୁଣି ଥରେ ଦୋହରାଇଛି। ଆର୍ଥିକବର୍ଷ ୨୦୨୪-୨୫ରେ ବ୍ୟାଙ୍କ ଓଡ଼ିଶାରେ ପ୍ରାଥମିକତା କ୍ଷେତ୍ର ଋଣ ଅଧୀନରେ ୫୦୦୦କୋଟି ଟଙ୍କାର ଋଣ ମଞ୍ଜୁର କରିଛି। ଏଥି ମଧ୍ୟରୁ ୪୩୦୦ କୋଟି ଟଙ୍କାରୁ ଅଧିକ ଏମଏସଏମଇଗୁଡ଼ିକୁ ନୂଆ ଋଣ ଭାବରେ ଏବଂ ଚାଷୀମାନଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରୟାସ ରାଜ୍ୟରେ ନିଯୁକ୍ତି ସୃଷ୍ଟି, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ତୃଣମୂଳସ୍ତରରେ ବିକାଶରେ ଯୋଗଦାନ କରିଛି। ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦାର ଭୁବନେଶ୍ୱର ଅଂଚଳମୁଖ୍ୟ କହିଛନ୍ତି ଯେ, 'ଓଡ଼ିଶା ଏକ ଉଦୀୟମାନ ରାଜ୍ୟଯେଉଁଠି ଅପାର ଆର୍ଥିକ ଅଭିବୃଦ୍ଧିର ସମ୍ଭାବନା ରହିଛି। ବ୍ୟାଙ୍କ ଅଫ୍ ବରୋଦାରେ ଆମେ ଦେଶର ପ୍ରଗତିରେ ଏମ୍‌ଏସ୍‌ଏମ୍‌ଇ ଏବଂ ଅନ୍ୟାନ୍ୟ ପ୍ରାଥମିକତା କ୍ଷେତ୍ରରେ ପରିବର୍ତ୍ତନକାରୀ ଭୂମିକାକୁ ସ୍ୱୀକାର କରିଛୁ ଏବଂ ସମଗ୍ର ଓଡ଼ିଶା ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତୀକରଣମୂଳକ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ ଅଛୁ। ବ୍ୟାଙ୍କ ଅଫ୍ ବରୋଦା ସ୍ଥାନୀୟ ଉଦ୍ୟୋଗୀ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଋଣ ଯୋଜନାର ଏକ ବ୍ୟାପକଶୃଙ୍ଖଳା ପ୍ରଦାନ କରେ। ଏହା ବ୍ୟତୀତ ବ୍ୟାଙ୍କ, ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ସ୍ୱନିଧି, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା, ପ୍ରଧାନମନ୍ତ୍ରୀ ସୁଭଦ୍ରାଯୋଜନା ଏବଂ ପ୍ରଧାନମନ୍ତ୍ରୀ ମୁଦ୍ରାଯୋଜନା ଭଳି ଅନେକ ଯୋଜନା ମାଧ୍ୟମରେ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ପ୍ରୟାସକୁ ସମର୍ଥନ କରିଆସିଛି। ବ୍ୟାଙ୍କ ଅଫ୍ ବରୋଦା ଓଡ଼ିଶାରେ ୨୦୨ ଶାଖର ବ୍ୟାପକ ଉପସ୍ଥିତି ରହିଛି। ସମ୍ପ୍ରତି ବ୍ୟାଙ୍କର ଓଡ଼ିଶାରେ ତିନୋଟି ସମ୍ପୂର୍ଣ୍ଣ ମହିଳାଶାଖା ମଧ୍ୟ ଖୋଲିଛି। ସମ୍ପୂର୍ଣ୍ଣ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏହି ଶାଖାଗୁଡ଼ିକ ମହିଳା କର୍ମଚାରୀମାନଙ୍କୁ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଆର୍ଥିକସୁଯୋଗ ପ୍ରଦାନ କରିବା ସହିତ ମହିଳାମାନଙ୍କ ପାଇଁ ଏକ ସହାୟକ ପରିବେଶ ସୃଷ୍ଟିକରିଥାଏ।

# ଭାରତ-ଆମେରିକା ମଧ୍ୟରେ ହେବ ବାଣିଜ୍ୟ ଚୁକ୍ତି !

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସହିତ ବାଣିଜ୍ୟ ଚୁକ୍ତି ବିଷୟରେ ଏକ ବିବୃତ୍ତି ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବାକୁ ଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇଛନ୍ତି । ସେ ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଉପରେ ସରକାରଙ୍କ ମତ ସ୍ପଷ୍ଟ କରିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଭାରତ ନିଶ୍ଚିତ ଭାବରେ ଆମେରିକା ସହିତ ଏକ ଭଲ ଚୁକ୍ତି କରିବାକୁ ଚାହିଁବ, କିନ୍ତୁ ଏଥିପାଇଁ କିଛି ସର୍ତ୍ତ ରହିବ । ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି ଯେ, ଭାରତରେ କୃଷି ଏବଂ ଦୁଗ୍ଧ କ୍ଷେତ୍ର ପାଇଁ କିଛି ସୀମା ରହିଛି । ଏହା ବିଚାର କରିବା ଗୁରୁତ୍ୱପୂର୍ଣ୍ଣ। ସୀତାରମଣଙ୍କୁ ଡୋନାଲ୍ଡ ଟ୍ରମ୍ପଙ୍କ ବକ୍ତବ୍ୟ ବିଷୟରେ ପ୍ରଶ୍ନ କରାଯାଇଥିଲା। ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, 'ହଁ, କାହିଁକି ନୁହେଁ । ଆମେ ଏକ ଭଲ ଚୁକ୍ତି କରିବାକୁ ଚାହୁଁଛୁ।' ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସ୍ଥିତି ୮ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯିବ । ଟ୍ରମ୍ପଙ୍କ ଅନୁଯାୟୀ, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ରାସ୍ତାରେ ଆସୁଥିବା ସମସ୍ତ ପ୍ରତିବନ୍ଧକଗୁଡ଼ିକୁ ଶୀଘ୍ର ଦୂର କରାଯାଇପାରିବ। ଏହି ଚୁକ୍ତିରେ ଆଇଟି, ଉତ୍ପାଦନ ଏବଂ ସେବା ସହିତ ଅଟୋମୋବାଇଲ କ୍ଷେତ୍ର ମଧ ଅନ୍ତର୍ଭୁକ୍ତ ହୋଇପାରେ। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସ୍ଥିତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଖୁବଶୀଘ୍ର ଏକ ଅପଡେଟ୍ ମିଳିପାରେ । ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଭାରତ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ, ସେନେଇ କହିଛନ୍ତି ଅର୍ଥମନ୍ତ୍ରୀ। ଫାଇନାନ୍ସିଆଲ୍ ଏକ୍ସପ୍ରେସକୁ ଦେଇଥିବା ଏକ ସାକ୍ଷାତକାରରେ ସୀତାରମଣ କହିଛନ୍ତି, 'ଆମେ ଯେତେ ଶୀଘ୍ର ଚୁକ୍ତି କରିବୁ, ଆମ ପାଇଁ ସେତେ ଭଲ ହେବ।'

# ୨୧୦ କୋଟିର ଅର୍ଡର ହାସଲ କଲା ସିଆର୍‌ଆଇ ସୋଲାର



ନୂଆଦିଲ୍ଲୀ: ସିଆରଆଇ ସୋଲାର, ମହାରାଷ୍ଟ୍ର ଶକ୍ତି ବିକାଶ ସଂସ୍ଥା (ଏମଇଡିଏ), ହରିୟାଣା ନବୀକରଣୀୟ ଶକ୍ତି ବିକାଶ ସଂସ୍ଥା (ଏଚଏଆରଇଡିଏ) ଏବଂ ପାବ ଶକ୍ତି ବିକାଶ ସଂସ୍ଥା (ପିଇଡିଏ) ଠାରୁ ୬,୮୯୪ ସୋଲାର୍ ପମ୍ପିଂ ପ୍ରଣାଳୀର ଯୋଗାଣ, ସଂସ୍ଥାପନା ଏବଂ କମିଶନିଂ ପାଇଁ ଗୁରୁତ୍ୱପୂର୍ଣ୍ଣ ଅର୍ଡର ପ୍ରାପ୍ତ କରିଛି, ଯାହାର କ୍ରମବର୍ଦ୍ଧିଷ୍ଣୁ ମୂଲ୍ୟ ୨୧୦ କୋଟି ଟଙ୍କା ଅଟେ। ଏହି ପ୍ରତିଷ୍ଠିତ ଅର୍ଡରଗୁଡ଼ିକ ଭାରତର କୃଷି କ୍ଷେତ୍ରଗୁଡ଼ିକରେ ସ୍ଥାୟୀ ଜଳସେଚନ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ଏକ ଏକୀକୃତ ପ୍ରୟାସକୁ ପ୍ରତିନିଧିତ୍ୱ କରେ। ଏହି କାର୍ଯ୍ୟକଳାପ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସେମାନଙ୍କର ନବୀକରଣୀୟ ଶକ୍ତି ଏବଂ କୃଷି ଉତ୍ପାଦକତା ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ସହାୟତା ଦେବାରେ ସିଆରଆଇର ବଢୁଥିବା ଭୂମିକାକୁ ଗୁରୁତ୍ୱାରୋପ କରେ। ପ୍ରକଳ୍ପର ପ୍ରାରମ୍ଭ ସମ୍ବନ୍ଧିତ ସଂସ୍ଥା ସମୟସୀମା ଅନୁସାରେ କରାଯିବ, ଯେଉଁଥିରେ ସିଆରଆଇ ସୋଲାର୍ ସଠିକତା ଏବଂ ଗୁଣବତା ନିଶ୍ଚିତତା ସହିତ ବଡ଼-ଧରଣର ସୌର ଜଳ ପମ୍ପିଂ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଏହାର ବ୍ୟାପକ ବିଶେଷଜ୍ଞତାକୁ ବ୍ୟବହାର କରିବ। ଏହି ମହତ୍ୱପୂର୍ଣ୍ଣ ଉପଲବ୍ଧି ଉପରେ ମତାମତ ଦେଇ, ସିଆରଆଇ ଗ୍ରୁପ୍ର ଅଧ୍ୟକ୍ଷ ଜି. ସୌନ୍ଦରରାଜନ୍ କହିଛନ୍ତି, 'ଏହି ସମନ୍ୱିତ ଉପଲବ୍ଧି ଭାରତର ଗ୍ରାମାଂଚଳ ଏବଂ କୃଷି କ୍ଷେତ୍ରଗୁଡ଼ିକରେ ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ସ୍ଥାୟୀ ଜଳ ପ୍ରବେଶକୁ ସକ୍ଷମ କରିବା ପାଇଁ ସିଆରଆଇର ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି। ସାରା ଭାରତରେ ୧୮୧,୦୦୦ରୁ ଅଧିକ ସୋଲାର୍ ପମ୍ପିଂ ସିଷ୍ଟମ ଏବଂ ଆଇଓଟି-ସକ୍ଷମ ସ୍ମାର୍ଟ ସମାଧାନ କାର୍ଯ୍ୟକ୍ଷମ ହେବା ସହିତ, ସିଆରଆଇ ପମ୍ପସ୍ ଶକ୍ତି-କୁଶଳ ଏବଂ ସ୍ଥାୟୀ ଜଳ ପ୍ରବନ୍ଧନ ସମାଧାନ ଆଡ଼କୁ ଅଗ୍ରସର ହେଉଛି। ଏହି ପଦକ୍ଷେପଗୁଡ଼ିକ ୬,୧୦୦ ମିଲିଅନ୍ କେଡବ୍ଲୁଏଚ ୟୁନିଟରୁ ଅଧିକ ଶକ୍ତି ସଂଚୟ କରିବାରେ ଯୋଗଦାନ ଦେଇଛି ଏବଂ ୪.୮୦ ମିଲିଅନ ଟନରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗମନକୁ ବଂଚାଇବାରେ ସାହାଯ୍ୟ କରିଛି ।

# ବଜାରରେ ପ୍ରବେଶ କଲା ପୋକୋ ଏଫ୍‌୭

ନୂଆଦିଲ୍ଲୀ: ପୋସ୍କୋ ପକ୍ଷରୁ ପୋକେ ଏଫ୍‌୭ ସ୍ମାର୍ଟଫୋନ୍ ବଜାରରେ ପ୍ରବେଶ କରିଛି। ପୋସ୍କୋ ଏଫ୭ରେ ରହିଛି ଏକ ବଡ଼ଧରଣର ୭୫:୫୦ ଏମଏଏଚ ଯୁକ୍ତ ବ୍ୟାଟେରୀ, ଯେଉଁଥରେ ଭାରତର ସବୁଠାରୁ ବଡ଼ ସିଲିକନ କାର୍ବନର ନଳୀକରଣତା ଖଞ୍ଜାଯାଇଛି ଯାହାକି ବ୍ୟଟେରୀ ଶକ୍ତିର ସାନ୍ଦ୍ରତାକୁ ବୃଦ୍ଧି କରିବା ସହିତ ଦୀର୍ଘ ଅବଧିର। ଏଫ୭ ସହିତ ୨୯,୯୯୯ ଟଙ୍କାର ମୂଲ୍ୟକୁ ନେଇ, ପୋସ୍କୋ ପୁନର୍ବାର ସେଟମେଣ୍ଟର ସବୁଠାରୁ ଉତ୍କୃଷ୍ଟ କାର୍ଯ୍ୟ ଦକ୍ଷତାକୁ କେନ୍ଦ୍ରଭୂତ କରିଛି। ପୋଲର ୬.୮୩ ୧.୫କେ ଆମୋଲେଡ୍ ଡିସପ୍ଲେ ସହିତ ୧୨୦ ଏଡ଼ଲେଡ଼ର ସତେଜ ହାର ତଥା ରହିଥିବା ପତଳା ବେବେଲି ଏହାକୁ ସେସମେଣ୍ଟର ସବୁଠାରୁ ବଡ଼ ତଥା ସବୁଠାରୁ ବଡ଼ ନିମଜ୍ଜିତକାରୀ ଡିସପ୍ଲେ, ଗେମିଙ୍ଗ ପାଇଁ ଉତ୍କୃଷ୍ଟ, ପ୍ରସଙ୍ଗ ରହିତ ଏବଂ ସୃଜନଧୀଳତରେ ପରିପୂର୍ଣ କରିପାରିଛି। ଏହି ଶୁଭାରମ୍ଭ ଉପରେ ମନ୍ତବ୍ୟ ପ୍ରଦାନ କରି ହିମାଂଶୁ ଟଣ୍ଡନ, ପୋସ୍କୋ ଇଣ୍ଡିଆ ଦେଶ ମୁଖ୍ୟ କହିଛନ୍ତି, 'ପୋକୋ ଏଫ ସହିତ ଆମେ ଆମ ବ୍ୟବହାରକାରୀମାନଙ୍କ ମଧରେ ସବୁଠାରୁ ଗୁରୁତ୍ୱପୂର୍ଣ ବିଷୟ ଗୁଡିକ ଉପରେ ଧ୍ୟାନ ଦେଇଛି – ଯେପରିକି କଞ୍ଚାମାଲ ତଥା ଏକ ସାଲିସବିହୀନ ଶକ୍ତି । ଏହା କେବଳ ଏକ ବଡ଼ ବ୍ୟାଟେରୀ ଓ ଦ୍ରୁତଶୀଳ ଗଳିଟର କ୍ଷମତାକୁ ନୁହେଁ ଏହା ସର୍କୀରେ ଆମର ବ୍ୟବହାରକାରୀ ମାନଙ୍କୁ ସବୁ ପ୍ରକାର ସୁବିଧ ହେଇଥାଏ ଯେପରିକି -ଫୁଟସିର କାର୍ଯ୍ୟଦକ୍ଷତା, ମଜବୁତ ଗଠନ ପ୍ରଣାଳୀ, ସ୍ଥାୟିତ୍ୱ ଏବଂ ନିମଜିତକାରୀ ଦୃଶ୍ୟମାନ - ସାନ କି ଏକ ପତଳ, ସୁନ୍ଦର ପ୍ୟାକେଟରେ ଉପଲବ୍ଧ । ଏଫରେ ରହିଛି କାର୍ଯ୍ୟକ୍ଷେକାର ସମସ୍ତ ଗୁଣ ଯାହାଟି ଭାରତ ନିର୍ବିଶେଷ ନମନରେ ଅପେକ୍ଷ କରି ଏଫ୭ର ସ୍ଥିତିକୁ ଯାହା ଅଧୁକ ଆକର୍ଷିତ କରିଛି। ଭାରତର ସର୍ବବୃହତ୍ ବ୍ୟାଟେରୀ – ୭୫୫୦ ଏମଏଡ଼ପୁଳ ସିଲିକନ କାର୍କଟପୁର ବ୍ୟାଟେରୀ ପ୍ଲାଗସିପ ସାଳକନ କ୍ଷମତା।ଭାରତର ସବୁଠାରୁ ପତଳା ୭୫୫୦ ଏମଏଚ ବ୍ୟାଟେରୀଯୁକ୍ତ ଫୋନ – ଯାହା କେବଳ ୭.୯୯ ଏମଏମ ପତଳାଯୁକ୍ତ ଆଇପି, ଆଇପି୬୮ ଏବଂ ଆଇରି୬୯ ସ୍ଥାୟୀ ସୁରକ୍ଷା ସହିତ।

# ୨୪ ଘଣ୍ଟିଆ ହେଲ୍‌ପଲାଇନ ଆରମ୍ଭ କଲା ଓବେନ୍ ଇଲେକ୍ଟ୍ରିକ୍



ନୂଆଦିଲ୍ଲୀ: ଓବେନ ଇଲେକ୍ଟ୍ରିକ ୨୪ ଘଂଟିଆ କଷ୍ଟମର ସପୋର୍ଟ ହେଲପଲାଇନ ଆରମ୍ଭ କରି ଇଭି ମାଲିକାନା ଅନୁଭବ ଅତୁଳନୀୟ କରିବା ସହିତ ନିଜର ପ୍ରତିବଦ୍ଧତା ସୁଦୃଢ଼ କରିଛି। ଏହି ପଦକ୍ଷେପ ଓବେନର ପ୍ରତିକ୍ରିୟାଶୀଳ, ସ୍ୱଚ୍ଛ ଏବଂ ବ୍ୟକ୍ତିଗତ ବିକ୍ରୟ ପରବର୍ତ୍ତୀ ସହାୟତା ଉପରେ ଧ୍ୟାନକୁ ରେଖାଙ୍କିତ କରେ, ଯାହା ଇଭି ମାଲିକମାନଙ୍କ ମଧ୍ୟରେ ଦୀର୍ଘକାଳୀନ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ହେଲପଲାଇନ ଦିନରାତି ପ୍ରକୃତ ସମୟରେ ବିଶେଷଜ୍ଞ ଏବଂ ସହାନୁଭୂତିପୂର୍ଣ୍ଣ ସହାୟତା ପ୍ରଦାନ କରିଥାଏ । ଗତ ତିନିମାସରେ, ସମସ୍ତ ସର୍ଭିସ କେସ୍‌ଗୁଡ଼ିକର ୯୦% ୭୨ଘଂଟା ମଧ୍ୟରେ ସମାଧାନ ହୋଇଛି। ଏହାର ମାଲିକାନା ଉଚ୍ଚ-କ୍ଷମତା ସମ୍ପନ୍ନ ଲିଥିୟମ୍ ଆଇରନ୍ ଫସଫେଟ୍ (ଏଲଇପି) ବ୍ୟାଟେରୀ, ମୋଟର, ଯାନବାହନ ନିୟନ୍ତ୍ରଣ ୟୁନିଟ୍ (ଭିସିୟୁ), ଏବଂ ଚାର୍ଜର ଭଳି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ କମ୍ପାନୀ ଦ୍ୱାରା ଡିଜାଇନ୍ ଏବଂ ନିର୍ମିତ। ଏହି ସମନ୍ୱୟ ଦ୍ରୁତ ସମସ୍ୟା ସମାଧାନ ଏବଂ ଅଧିକ ସ୍ୱଚ୍ଛତାକୁ ସକ୍ଷମ କରେ, ଯେଉଁଥିରେ ବ୍ୟାପକ ୱାରେଂଟି କଭରେଜ୍ ଅନ୍ତର୍ଭୁକ୍ତ। ପ୍ରତି ଓବେନ ଇଲେକ୍ଟ୍ରିକ ଗ୍ରାହକଙ୍କ ପାଇଁ ଜଣେ ସମର୍ପିତ ରିଲେସନସିପ ମ୍ୟାନେଜର ନିଯୁକ୍ତ ରହିଥାନ୍ତି। ଏହି ବ୍ୟକ୍ତିଗତ ସେବା ଓବେନ କେୟାର' ନେଟୱର୍କ ମାଧ୍ୟମରେ ପ୍ରଦାନ କରାଯାଇଥାଏ, ଯେଉଁଥିରେ ପ୍ଲାଟିନମ୍-ପ୍ରମାଣିତ ଟେକ୍ନିସିଆନ ରହିଥାନ୍ତି, ଯେଉଁମାନେ ବିଶେଷଜ୍ଞ ହେବା ସହିତ ଚିହ୍ନଟ, ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ଉଚ୍ଚମାନର ପ୍ରଶିକ୍ଷଣ ଲାଭ କରିଥାନ୍ତି। ଗାଡି ଚାଲୁଥିବା ବେଳେ ସହାୟତା ପାଇଁ ଓବେନ ଏକ ତ୍ରିସ୍ତରୀୟ ରାସ୍ତାକଡ଼ ସହାୟତା (ଆରଏସଏ) ନେଟୱର୍କ ସ୍ଥାପନା କରିଛି, ଏଥିରେ ନିଜର ଫ୍ଲିଟ୍ ପ୍ରମୁଖ ଆରଏସଏ ପ୍ରଦାନକାରୀ ଏବଂ ହାଇପର ଲୋକାଲ ପାର୍ଟନର ରହିଥାନ୍ତି। ଏହାଦ୍ୱାରା ଦୂରଦୂରାନ୍ତରେ ମଧ ଦ୍ୱରିତ ସେବା ସୁନିଶ୍ଚିତ କରାଯାଉଛି। ଏହାର ନିଜ ଦ୍ୱାରା ପ୍ରସ୍ତୁତ ଏଲ୍‌ଏଏଫ୍‌ପି ବ୍ୟାଟେରୀ, ଉପରେ ୮ବର୍ଷ/୮୦,୦୦୦ ପର୍ଯ୍ୟନ୍ତ ୱାରେଂଟି ରହିଛି। ଏ ସମ୍ପର୍କରେ ଓବେନ ଇଲେକ୍ଟ୍ରିକର ପ୍ରତିଷ୍ଠାତା ସିଇଓ ମଧୁମିତା ଅଗ୍ରୱାଲ କହିଛନ୍ତି, 'ଆମର ୨୪ ଘଂଟିଆ ଗ୍ରାହକ ସେବା ହେଲପଲାଇନ ଏବଂ ଏକୀକୃତ ଓବେନ କେୟାର ସେବାକେନ୍ଦ୍ର ଆମର ଏହି ସଂକଳ୍ପକୁ ଦର୍ଶାଉଛି ଯେ, ଆମେ ଦ୍ୱରିତ, ପାରଦର୍ଶୀ ଏବଂ ବ୍ୟକ୍ତିଗତ ସହାୟତା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ। ଆମର ବିଶ୍ୱାସ ଏହି ଦୃଷ୍ଟିକୋଣ କେବଳ ଯେ ସମସ୍ୟାର ଶୀଘ୍ର ସମାଧାନ କରିଥାଏ ତାହା ନୁହେଁ ବରଂ ଇଲେକ୍ଟ୍ରିକ ମୋବିଲିଟିରେ ଦୀର୍ଘକାଳୀନ ଆତ୍ମବିଶ୍ୱାସ ଏବଂ ଆନୁଗତ୍ୟ ମଧ ବଢ଼ାଇଥାଏ।'

# ଏଚ୍‌ଡିଏଫସି ଲାଇଫ ପକ୍ଷରୁ ନୂଆ କ୍ୟାମ୍ପେନର ଶୁଭାରମ୍ଭ

ନୂଆଦିଲ୍ଲୀ: ଏଚ୍‌ଡିଏଫସି ଲାଇଫ ଏହାର ନୂଆ କ୍ୟାମ୍ପେନର ଶୁଭାରମ୍ଭ କରିଛି । ଯେଉଁଥିରେ 'ଆପଣଙ୍କ ପରିବାରର ଭବିଷ୍ୟତ ପାଇଁ ଯୋଜନା କରିବା ସହିତ ଆଜିକୁ ଉପଭୋଗ କରନ୍ତୁ' ବାର୍ତ୍ତା ସହ କମ୍ପାନୀ ପଶ୍ଚିମବଙ୍ଗ ଓ ଓଡିଶାର ଦର୍ଶକଙ୍କ ନିକଟରେ ପହଂଚିଛି। ଏହି ବିଜ୍ଞାପନ ଫିଲ୍ମରେ ପଶ୍ଚିମବଙ୍ଗର ଲୋକପ୍ରିୟ ଅଭିନେତା ଅବିର ଚାଟାର୍ଜୀ ଅଭିନୟ କରିଛନ୍ତି। ଦକ୍ଷିଣ ଭାରତ ପରେ ଏଚ୍‌ଡିଏଫସି ଏବେ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡିକ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତି ନେଇଛି। ପରିବାରର ଲକ୍ଷ୍ୟ ଓ ଆକାଂକ୍ଷା ନିଶ୍ଚିତ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ସଠିକ ସମୟରେ ଆର୍ଥିକ ଯୋଜନା ପ୍ରସ୍ତୁତ କରି ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେବ। ବିଜ୍ଞାପନ ଫିଲ୍ମରେ ମୁଖ୍ୟ ନାୟକ ନିଜ ପିଲାଦିନର ସ୍ମୃତି ସମ୍ପର୍କରେ କହିବା ସମୟରେ ଏହି ବାର୍ତାକୁ ପ୍ରକାଶ କରିଛନ୍ତି। କ୍ୟାମ୍ପେନ ସମ୍ପର୍କରେ ଏଚ୍‌ଡିଏଫସି ଲାଇଫର ମାର୍କେଟିଂ ବିଭାଗର ମୁଖ୍ୟ ପ୍ରିତିକା ଶାହ କହିଛନ୍ତି, 'ଆମର ପୂର୍ବର ଦକ୍ଷିଣ-କେନ୍ଦ୍ରିତ ପ୍ରୟାସଗୁଡିକୁ ମିଳିଥିବା ସକାରାତ୍ମକ ପ୍ରତିକ୍ରିୟା ଆମକୁ ଏହି ପଦ୍ଧତିକୁ ଭାରତର ଅନ୍ୟ ଅଂଶଗୁଡିକୁ ନେବା ପାଇଁ ପ୍ରୋତ୍ସାହିତ କରିଥିଲା। ଅବିର ଚାଟର୍ଜୀଙ୍କ ଅଭିନୀତ ଆମର ପ୍ରଥମ ପୂର୍ବାଂଚଳ-କେନ୍ଦ୍ରିତ କ୍ୟାମ୍ପେନକୁ ପଶ୍ଚିମବଙ୍ଗ ଓ ଓଡିଶାର ଦର୍ଶକଙ୍କ ପାଇଁ ଆରମ୍ଭ କରାଯାଇଛି। ଆମେ ବିଶ୍ୱାସ କରୁଛୁ ଯେ, ଆମର କ୍ୟାମ୍ପେନ ସହିତ ଆମେ ଆର୍ଥିକ ସ୍ୱାଧୀନତା ଦିଗରେ ଅଧିକରୁ ଅଧିକ ଲୋକଙ୍କୁ ସଂଯୋଗ ଓ ଅନୁପ୍ରାଣିତ କରିବାକୁ ସକ୍ଷମ ହେବୁ।' ସେହିଭଳି ଏହାବ୍ୟତୀତ ଲିଓ-ସାଉଥ ଏସିଆର ଚିଫ୍ କ୍ରିଏଟିଭ ଅଫିସର ବିକ୍ରମ ପାଣ୍ଡେ କହିଛନ୍ତି, 'ପଶ୍ଚିମବଙ୍ଗ ଓ ଓଡିଶା ଭଳି ପ୍ରମୁଖ ପୂର୍ବାଂଚଳ ରାଜ୍ୟଗୁଡିକ ସହିତ ଆମର ପ୍ରଥମ ବାର୍ତା ପାଇଁ ଆମେ ଏକ ବିଶ୍ୱସନୀୟ ସ୍ୱର ସହ ଆଗକୁ ବଢିବାକୁ ଚାହୁଁଥିଲୁ, ଯିଏ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ଯୋଜନା ଦିଗରେ ପରିବର୍ତନ ପାଇଁ ଜଣେ ଉତ୍‌ପ୍ରେରକ ହୋଇପାରିବେ। ଆମେ ଲୋକପ୍ରିୟ ଅଭିନେତା ଅବିର ଚାଟାର୍ଜୀଙ୍କ ସ୍ୱର ଓ ଯାତ୍ରା ମାଧ୍ୟମରେ ଏହି ବାର୍ତାକୁ ଜୀବନ୍ତ କରିଛୁ। ଏହି କ୍ୟାମ୍ପେନ ମାଧ୍ୟମରେ ଆମେ ଦର୍ଶକଙ୍କ ଧ୍ୟାନ ଆକର୍ଷିତ କରିବା ଏବଂ ସେମାନଙ୍କୁ ନିଜ ପରିବାରର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଗତିଶୀଳ କରିବା ପାଇଁ ଆଶା ରଖିଛୁ।'



ଲୋଓ୍ୱା: ସମ୍ମାନଜନକ ୟୁଏସ୍ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଲଳନା ତନ୍ୱୀ ଶର୍ମା ଜୟଯାତ୍ରା ଜାରି ରଖି ଫାଇନାଲ୍ ସ୍ଥାନ ପକ୍କା କରିଛନ୍ତି। ସେହିଭଳି ପୁରୁଷ ଏକକରେ ଆୟୁଷ ସେଟ୍ଟୀ ଐତିହାସିକ ସଫଳତା ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ରବିବାର ୧୬ବର୍ଷୀୟା ତନ୍ୱୀ ମହିଳା ଏକକ ସେମିଫାଇନାଲ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ୟୁକ୍ରେନ୍‌ର ପୋଲିନା ବୁରୋଭାଙ୍କୁ ମାତ୍ର ୩୪ ମିନିଟ୍‌ରେ ୨୧-୧୪, ୨୧-୧୬ରେ ହରାଇଥିଲେ। ଏଥିସହ ତନ୍ୱୀ ଏହି ୟୁକ୍ରେନ୍ ଖେଳାଳିଙ୍କ ବିପକ୍ଷରେ ଦ୍ୱିତୀୟ ବିଜୟ ଅର୍ଜନ କରିବା ସହ ବିଶ୍ୱ ଟୁର ଇଭେଣ୍ଟର ଫାଇନାଲ୍ ପହଞ୍ଚିବାରେ ସବୁଠୁ କନିଷ୍ଠ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। ଫାଇନାଲ୍‌ରେ ସେ ଶୀର୍ଷ ମାନ୍ୟତାପ୍ରାପ୍ତ ଆମେରିକାର ବିଓ୍ୱେନ୍ ଝାଙ୍ଗଙ୍କୁ ଭେଟିବେ। ପୁରୁଷ ଏକକରେ ଚତୁର୍ଥ ମାନ୍ୟତାପ୍ରାପ୍ତ ଆୟୁଷ କଡ଼ା ସଂଘର୍ଷ ପରେ ୨୧-୨୩, ୨୧-୧୫, ୨୧-୧୪ରେ ବିଶ୍ୱର ୬ ନମ୍ବର ଚାଇନିଜ୍ ତାଇପେର ଚୌଉ ତିନ ଚେନ୍‌ଙ୍କୁ ପରାସ୍ତ କରିଥିଲେ। ଫାଇନାଲ୍‌ରେ ଆୟୁଷ ତୃତୀୟ ମାନ୍ୟତାପ୍ରାପ୍ତ କାନାଡ଼ାର ବ୍ରାଏନ ୟଙ୍ଗଙ୍କୁ ଭେଟିବେ। ୟଙ୍ଗ ୨୧-୧୦, ୨୧-୧୨ରେ ଚାଇନିଜ୍ ତାଇପେର ଲିଆଓ ୪ୁଓ-ଫୁଙ୍କୁ ପରାସ୍ତ ହରାଇଥିଲେ।

## ‘କ୍ୟାପଟେନ୍ କୁଲ୍’ ଟ୍ରେଡମାର୍କ ପାଇଁ ଧୋନୀଙ୍କ ଆବେଦନ



**ଧୋନୀଙ୍କ ବଡ଼ ନିଷ୍ପତ୍ତି**

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ତାଙ୍କର ଲୋକପ୍ରିୟ ନାମ ‘କ୍ୟାପଟେନ କୁଲ’କୁ ଟ୍ରେଡମାର୍କ କରିବା ପାଇଁ ଆବେଦନ କରିଛନ୍ତି। ଟ୍ରେଡ ମାର୍କ ରେଜିଷ୍ଟ୍ରୀ ପୋର୍ଟାଲ ଅନୁସାରେ, ଏହି ଆବେଦନ ଜୁନ ୫ ତାରିଖରେ ଦାଖଲ ହୋଇଥିବା ବେଳେ ଜୁନ ୧୬ରେ ଏହା ଅଫିସିଆଲ ଟ୍ରେଡମାର୍କ ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି। ଆବେଦନର ସ୍ଥିତି ‘ଗ୍ରହଣ ଓ ବିଜ୍ଞାପିତ’ ରହିଛି। ଏହି ଟ୍ରେଡମାର୍କ କ୍ରୀଡ଼ା ତାଲିମ, କ୍ରୀଡ଼ା ତାଲିମ ସୁବିଧା, କୋଚିଂ ଓ ସେବା ଶ୍ରେଣୀ ଅଧୀନରେ ନିବନ୍ଧିତ ହେବ। ଧୋନୀଙ୍କଠାରୁ ଏ ସମ୍ପର୍କରେ ତୁରନ୍ତ କୌଣସି ମନ୍ତବ୍ୟ ମିଳି ନାହିଁ। ଉଲ୍ଲେଖଯୋଗ୍ୟ, ପ୍ରଭା ସ୍କିଲ ସ୍ପୋର୍ଟସ (ଓପିସି) ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ପୂର୍ବରୁ ଏହି ଲୋକପ୍ରିୟ ନାମ ପାଇଁ ଟ୍ରେଡମାର୍କ ଆବେଦନ କରିଥିଲା, କିନ୍ତୁ ତାହାର ସ୍ଥିତି ‘ସଂଶୋଧନ ଦାଖଲ’ ରହିଛି। ଚଳିତ ମାସ ଆରମ୍ଭରେ ଧୋନୀଙ୍କୁ ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ ଓ ଦକ୍ଷିଣ ଆଫ୍ରିକାର ହାସିମ ଆମଲାଙ୍କ ସହ ୨୦୨୫ ପାଇଁ ଆଇସିସି ହଲ୍ ଅଫ ଫେମରେ ସାମିଲ କରାଯାଇଛି। ଆଇସିସି ଧୋନୀଙ୍କୁ ତାଙ୍କର ଶାନ୍ତ ମନୋଭାବ, ଅସାଧାରଣ ନେତୃତ୍ୱ ଓ କ୍ରୀଡ଼ାରେ ଦୀର୍ଘସ୍ଥାୟୀ ଯୋଗଦାନ ପାଇଁ ପ୍ରଶଂସା କରିଛି। ସେ କେବଳ ସଂଖ୍ୟାରେ ନୁହେଁ, ବରଂ ସ୍ଥିରତା, ଫିଟନେସ ଓ କ୍ଷୁରଧାର କୌଶଳ ଦ୍ୱାରା କ୍ରିକେଟ ଜଗତରେ ଏକ ଅମାପ ଛାପ ଛାଡ଼ିଛନ୍ତି। ପୂର୍ବରୁ ଏ ଭଳି ଏକ ନାମର ଟ୍ରେଡମାର୍କ ରହିଥିବାରୁ ଧୋନୀଙ୍କୁ ଅସୁବିଧାରେ ପକାଇ ପାରେ ବୋଲି ଅନୁମାନ କରାଯାଉଛି। ଭାରତର ଏକମାତ୍ର ଅଧିନାୟକ ଭାବେ ଧୋନୀ ୩ଟି ଆଇସିସି ଟ୍ରଫି ଜିତଛନ୍ତି। ଧୋନୀଙ୍କ ଓକିଲ ମାନସୀ ଅଗ୍ରୱାଲ୍ ଏହା ଉପରେ ସୂଚନା ଦେଇ କହିଛନ୍ତି, ଏହି ମାମଲା ଦର୍ଶାଉଛି ଯେ ବ୍ୟକ୍ତିଗତ ବ୍ରାଣ୍ଡିଂ ଓ ପରିଚୟ ସହ ଜଡ଼ିତ ବିଶିଷ୍ଟତା କିପରି ଆଇନତଃ କାମ କରେ । ଧୋନୀଙ୍କ କ୍ୟାପଟ୍ଟେନ କୁଲ୍ ଟ୍ରେଡମାର୍କକୁ ପ୍ରଥମେ ଟ୍ରେଡମାର୍କ ଆକ୍ଟର ଧାରା ୧୧(୧) ଅଧିନରେ ଆପତ୍ତି ମିଳିଥିଲା । ଏହାର କାରଣ ଥିଲା, ଏହି ନାଁରେ ପୂର୍ବରୁ ଗୋଟିଏ ଟ୍ରେଡ୍‌ମାର୍କ ପଞ୍ଜିକୃତ ଅଛି ଓ ନୂଆ ଟ୍ରେଡ୍‌ମାର୍କ ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିପାରେ । କିନ୍ତୁ ଧୋନୀ ଯୁକ୍ତି ରଖିଥିଲେ ଯେ କ୍ୟାପଟ୍ଟେନ କୁଲ୍ ନାଁ ଧୋନୀଙ୍କ ସହ ଗତ ଅନେକ ବର୍ଷ ଜଡ଼ିତ ରହିଛି । ମିଡିଆ, ପ୍ରଶଂସକ ଓ ଲୋକେ ଏହାକୁ ବହୁ ମାତ୍ରାରେ ସ୍ୱୀକୃତି ବି ଦେଇଛନ୍ତି ।

**ଏଏଫ୍‌ସି ମହିଳା ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟ**

## ଭାରତର ବିଜୟଧାରା ଜାରି



ଚିଆଙ୍ଗମାଇ (ଥାଇଲାଣ୍ଡ): ଭାରତୀୟ ମହିଳା ଫୁଟ୍‌ବଲ୍ ଦଳ ଚଳିତ ଏଏଫ୍‌ସି ମହିଳା ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟରେ ବିଜୟ ଧାରା ଜାରି ରଖିଛି। ମଙ୍ଗୋଲିଆକୁ ୧୩-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ରବିବାର ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଟିମର ଲିଷ୍ଟେକୁ ୪-୦ ଗୋଲ୍‌ରେ ମାତ୍ ଦେଇଛି। ଚିଆଙ୍ଗମାଇ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମନୀଷା କଲ୍ୟାଣ ଦୁଇଟି ଏବଂ ଅଞ୍ଜୁ ତମାଙ୍ଗ ଓ ଲିଣ୍ଡା କମ୍ ଗୋଟିଏ ଲେଖାଏଁ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ତୁଲାଇ ଥିଲେ। ମନୀଷାଙ୍କ ଗୋଲ୍‌ରେ ଭାରତ ପ୍ରଥମାର୍ଦ୍ଧକୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦ୍ୱିତୀୟାର୍ଦ୍ଧରେ ଅଞ୍ଜୁ, ମନୀଷା ଓ ଲିଣ୍ଡା ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ଏହି ବିଜୟ ସହ ୫ଦଳୀୟ ଗ୍ରୁପ୍-‘ବି’ରେ ଭାରତ ୨ରୁ ୨ ଜିତି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିଛି। ଭାରତ ପରବର୍ତ୍ତୀ ମ୍ୟାଚ୍ ଜୁଲାଇ ୨ରେ ଇରାକ ଏବଂ ୫ରେ ଥାଇଲାଣ୍ଡକୁ ଭେଟିବ। ଗ୍ରୁପ୍ ଶୀର୍ଷ ଦଳ ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ମହିଳା ଏସୀୟ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

## ରଗ୍‌ବି ପ୍ରିମିୟର ଲିଗ୍: ଚେନ୍ନାଇ ବୁଲ୍ସ ଚାମ୍ପିଅନ୍



ମୁମ୍ବାଇ: ରଗ୍‌ବି ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣରେ ଚେନ୍ନାଇ ବୁଲ୍ସ ଚାମ୍ପିଅନ୍ ହୋଇଛି। ରବିବାର ସ୍ଥାନୀୟ ଅନ୍ଧେରିସ୍ଥିତ ଶାହାଜି ରାଜେ ଭୋସାଲେ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଇଥିବା ଫାଇନାଲ୍‌ରେ ଚେନ୍ନାଇ ଦଳ ଏକପାଖିଆ ଭାବେ ୪୧-୦ ପଏଣ୍ଟରେ ଦିଲ୍ଲୀ ରେଡ୍‌ଜକୁ ମାତ୍ ଦେଇଥିଲା। ଆରମ୍ଭରୁ ଆଧିପତ୍ୟ ବିସ୍ତାର କରିଥିବା ଚେନ୍ନାଇ ପ୍ରଥମ କ୍ୱାର୍ଟରରେ ୧୨, ଦ୍ୱିତୀୟରେ ୧୨, ତୃତୀୟରେ ୭ ଏବଂ ଶେଷ କ୍ୱାର୍ଟରରେ ୧୦ ପଏଣ୍ଟ୍ ପାଇଥିଲା ବେଳେ ଦିଲ୍ଲୀ ପଏଣ୍ଟ୍ ସୁଯୋଗ ଦେଇ ନଥିଲା। ଏହା ପୂର୍ବରୁ ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ହାଇଦ୍ରାବାଦ ହିରୋଜ୍ ୧୭-୧୨ରେ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍‌ସକୁ ହରାଇ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲା। ଏହି ୬ ଦଳିଆ ପ୍ରତିଯୋଗିତାରେ ଓଡ଼ିଶା ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ପଞ୍ଚମ ସ୍ଥାନରେ ରହିଥିଲା।

## ଏସିଆ କପ୍ : ଖୁବଶୀଘ୍ର ଘୋଷଣା ହେବ କାର୍ଯ୍ୟସୂଚୀ !



ନୂଆଦିଲ୍ଲୀ: ଏସିଆ କପ୍‌କୁ ନେଇ ଜାରି ରହିଥିବା ଅନିଶ୍ଚିତତା ଏବେ ଧୀରେ ଧୀରେ ଆଶାରେ ପରିଣତ ହେବାରେ ଲାଗିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁ ଟୁର୍ଣ୍ଣାମେଣ୍ଟ ଉପରେ ସଂକଟର ଯେଉଁ କଳା ବାଦଲ ଥିଲା, ତାହା ଏବେ ହଟୁଥିବା ନଜର ଆସୁଛି। ଆୟୋଜନକୁ ନେଇ ସକାରାତ୍ମକ ସଂକେତ ମିଳୁଛି। ବର୍ତ୍ତମାନ ସୁଦ୍ଧା କୌଣସି ଔପଚାରିକ ଘୋଷଣା ହୋଇ ନାହିଁ, କିନ୍ତୁ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏସିଆ କ୍ରିକେଟ୍ ପରିଷଦ ଆଗାମୀ ସପ୍ତାହରେ କୌଣସି ଆନୁଷ୍ଠାନିକ ଘୋଷଣା କରିପାରେ। କ୍ରିକବଜ୍ ରିପୋର୍ଟ ଅନୁସାରେ, ଏସିଆ କପ୍ ୨୦୨୫ ପାଇଁ ଜୁଲାଇ ପ୍ରଥମ ସପ୍ତାହରେ ଘୋଷଣା ହୋଇପାରେ। ଯଦି ସବୁ କିଛି ଯୋଜନା ଅନୁସାରେ ହୁଏ, ତେବେ ଟି-୨୦ ଫର୍ମାଟରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଅର୍ଥାତ୍ ସେପ୍ଟେମ୍ବର ୧୦ରୁ ଆରମ୍ଭ ହୋଇପାରେ। ଏଥର ଛଅ ଟିମ୍-ଭାରତ, ପାକିସ୍ତାନ, ଆଫଗାନିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଓ ୟୁଏଇ ଅଂଶଗ୍ରହଣ କରିବେ। ୟୁଏଇ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ହେବା ପାଇଁ ସବୁଠୁ ଆଗରେ ରହିଛି । ତେବେ ହାଇବ୍ରିଡ୍ ମଡେଲ ଉପରେ ବି ଚର୍ଚ୍ଚା ହେଉଛି। ଯେଉଁଥିରେ କିଛି ମ୍ୟାଚ୍ ଅଲଗା ଅଲଗା ଦେଶରେ ଖେଳାଯାଇପାରେ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତକୁ ଆୟୋଜକ ଦେଶ ଘୋଷଣା କରାଯାଇଛି, କିନ୍ତୁ ଏସିସି ପୂର୍ବରୁ ସ୍ଥିର କରିସାରିଛି ଯେ ଭାରତ କିମ୍ବା ପାକିସ୍ତାନ ଆୟୋଜକ ହେଲେ, ଟୁର୍ଣ୍ଣାମେଣ୍ଟକୁ ନ୍ୟୁଟ୍ରଲ୍ ଭେନ୍ୟୁରେ କରାଯିବ। ଭାରତ-ପାକିସ୍ତାନ ମୁକାବିଲା କ୍ରିକେଟ୍ ଜଗତରେ ସବୁଠୁ ଅଧିକ ରାଜସ୍ୱ ଦେଇଥାଏ। ତେବେ ବିସିସିଆଇର ଏହା ଉପରେ ନିର୍ଭରତା କମ, କିନ୍ତୁ ଆଇସିସି, ଏସିସି ଓ ଅନ୍ୟ ସଦସ୍ୟ ବୋର୍ଡଙ୍କ ପାଇଁ ରାଜସ୍ୱ ଗୁରୁତ୍ୱପୂର୍ଣ୍ଣ।

**ସଭାପତି ଓ ସମ୍ପାଦକଙ୍କ ସ୍ପଷ୍ଟୀକରଣ**

## ଡିସିଏ ବିରୁଦ୍ଧରେ ଅଭିଯୋଗ ଭିତ୍ତିହୀନ



ଆଳି (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଧୋୟା ଅଞ୍ଚଳର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟମାନଙ୍କୁ ନେଇ ଗଢି ଉଠିଥିବା ଧୋୟା କ୍ରିକେଟ ଆସୋସିଏସନ (ଡିସିଏ)ରେ ଅନିୟମିତତା ହୋଇଥିବା ନେଇ କିଛି ପୁରାତନ ସଦସ୍ୟ ୨ ଦିନ ତଳେ ଆଳି ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ ଆଣିଥିଲେ। ସେମାନଙ୍କ ଅଭିଯୋଗକୁ ଭିତ୍ତିକରି ଆଜି ଡିସିଏର ସଭାପତି ପ୍ରକାଶ କୁମାର ମିଶ୍ରଙ୍କ ସମ୍ପାଦକ ସୁନୀଲ ପରିଡାଙ୍କ ସହ ଅନ୍ୟ ବରିଷ୍ଠ ସଦସ୍ୟ ମାନେ ମିଶି ଆଳି ଗୋବିନ୍ଦପୁରୁ ସ୍ଥିତ ରାଜା ପ୍ୟାଲେସ ମଣ୍ଡପଠାରେ ଏକ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଡିସିଏର ସଭାପତି ଓ ସମ୍ପାଦକ ସ୍ପଷ୍ଟୀକରଣ ଦେଇଥିଲେ ଯେ ଟ୍ରଷ୍ଟ ଓ ସଦସ୍ୟମାନଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ମନଗଢା। ସୂଚନା ଅନୁଯାଇ ଡିସିଏ ଏକ କ୍ରିକେଟ ଆସୋସିଏସନ ୨୦୨୦ ମସିହାରେ ସାମୁହିକ ଭାବେ ଆରମ୍ଭ ହୋଇଥିବା ବେଳେ ୨୦୨୨ ମସିହା ମଇ ମାସ ୩୧ ତାରିଖରେ ଏହାର ଏକ ଶାଖା ହେଉଛି ଧୋୟା ସୋସିଆଲ ଓ ଆଲଫାର ଆସୋସିଏସନ (ଡିଏସଡବ୍ଲୁଏ) ନାମରେ ଟ୍ରଷ୍ଟ ଭାବେ ପଞ୍ଜିକୃତ ହୋଇଥିଲା। ଟ୍ରଷ୍ଟ ଆରମ୍ଭରୁ ନିଜ ଅଞ୍ଚଳରେ ଥିବା ଅସହାୟମାନଙ୍କୁ ସହଯୋଗର ହାତ ବଢ଼ାଇ ଆସୁଛି। ହୋଇଥିବା ଅଭିଯୋଗ ଅନୁସାରେ ସଦସ୍ୟ ମାନଙ୍କ ଠାରୁ ଆଦାୟ ହେଉଥିବା ଟଙ୍କାର ସମସ୍ତ ବିବରଣୀ ହିସାବ କରାଯାଇ ପ୍ରତ୍ୟକ ମାସ ଶେଷରେ ଟ୍ରଷ୍ଟର ଗ୍ରୁପରେ ସମ୍ପୂର୍ଣ୍ଣ ଆୟ ବ୍ୟୟ ବିବରଣୀ ପ୍ରଦାନ କରାଯାଇଥାଏ। ସମ୍ପାଦକଙ୍କ ମନ୍ତବ୍ୟ ଅନୁସାରେ ଯେଉଁ ଦିନ ଟ୍ରଷ୍ଟର ଆକାଉଣ୍ଟରୁ ଟଙ୍କା ଉଠାଯାଏ ସେହି ଦିନ ଅସହାୟ ଲୋକକୁ ସହାୟତା ଦିଆଯାଇଥାଏ। ଆଜି ପର୍ଯ୍ୟନ୍ତ କୌଣସି ସଦସ୍ୟଙ୍କ ହାତରେ କ୍ୟାସ ଇନ ହ୍ୟାଣ୍ଡ ନାମରେ ୬୦ହଜାର ରୁ ୮୦ ହଜାର ଟଙ୍କା ରଖାଯାଇନାହିଁ। ଯେଉଁ ଟଙ୍କା ରଖାଯାଏ ତାହା ଟ୍ରଷ୍ଟର କୋର କମିଟିଙ୍କ ଅନୁମତି କ୍ରମେ ଜରୁରୀ କାଳୀନ କାର୍ଯ୍ୟ ସମ୍ପାଦନ ନିମନ୍ତେ ରଖାଯାଇଥାଏ। ଏହି ଟ୍ରଷ୍ଟ ରାଜନୈତିକ ଉପରେ ରହି ଲୋକଙ୍କ ସେବାରେ ସର୍ବଦା ସମର୍ପିତ। ଯେଉଁମାନେ ଅଡିଟ ପାଇଁ ଅଭିଯୋଗ ଆଣିଥିଲେ ସେମାନେ ଜାଣନ୍ତି ନାହିଁ ସରକାରଙ୍କ ନିୟମ ଅନୁଯାଇ ୨ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଥିଲେ ତାହା ଅଡିଟ ଯୋଗ୍ୟ ଅଟେ। ୨୦୨୪ - ୨୫ ଆର୍ଥିକ ବର୍ଷରେ ଏହା ଅଡିଟ ପାଇଁ ଯୋଗ୍ୟ ହୋଇଥିବା ବେଳେ ଅଡିଟ ପାଇଁ ସମସ୍ତ ଦସ୍ତାବିଜ ଚାଟାଡ଼ ଆକାଉଟାଣ୍ଟକୁ ଦିଆଯାଇଛି। ଏହି ସଂସ୍ଥାକୁ ବଦନାମ କରିବା ପାଇଁ ଜଣେ ସଦସ୍ୟ ଚେଷ୍ଟା କରିବାରୁ ତାଙ୍କୁ ନିଲମ୍ବିତ କରାଯାଇଛି। ବାକି ସଦସ୍ୟମାନେ ସଂସ୍ଥାକୁ ନ ଜଣାଇ ନିଜ ଇଚ୍ଛାରେ ବାହାରି ଯାଇଛନ୍ତି। ଟ୍ରଷ୍ଟର ସଦସ୍ୟମାନଙ୍କ ସର୍ବସହମତି କ୍ରମେ ସୁନୀଲ ପରିଡାଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ଜଣେ ସରକାରୀ କର୍ମଚାରୀ ଟ୍ରଷ୍ଟରେ କାର୍ଯ୍ୟକରିବା ପାଇଁ ନିୟମ ଥିବା ବେଳେ ତାଙ୍କ ନାମରେ ଯେଉଁ ଅଭିଯୋଗ ଆସିଛି ତାହା ମଧ୍ୟ ଭିତ୍ତିହୀନ। ସୁନୀଲ ପରିଡାଙ୍କ ନାଁରେ ଯେଉଁ ଅଭିଯୋଗ ଆସିଥିଲା ଯେ ସେ ନିଜ ନାମରେ ଟ୍ରଷ୍ଟ ପଞ୍ଜିକୃତ କରାଇଛି। କିନ୍ତୁ ଘଟଣାରୁ ଜଣାପଡେ ସୁନୀଲ ପରିଡା ଉକ୍ତ ଟ୍ରଷ୍ଟର ସମ୍ପାଦକ ରହିଛନ୍ତି। ଏହା ସତ୍ୟ କିନ୍ତୁ ସୁନିଲ ପରିଡାଙ୍କୁ ଟ୍ରଷ୍ଟ ମେମ୍ବର ମାନଙ୍କ ଦ୍ୱାରା ସମ୍ପାଦକ ଭାବେ ଚୟନ କରାଯାଇଛି। ଶେଷରେ ଟ୍ରଷ୍ଟର ସଦସ୍ୟ ମାନେ କହିଛନ୍ତି ଯେଉଁମାନେ ଟ୍ରଷ୍ଟକୁ ବଦନାମ କରିବାକୁ ସାମ୍ବାଦିକ ସମ୍ମିଳନୀ କରି ହୀନ ଚକ୍ରାନ୍ତ କରିଛନ୍ତି ସେମାନେ ବର୍ତ୍ତମାନ ଟ୍ରଷ୍ଟର ସଦସ୍ୟ ନୁହଁନ୍ତି।

## ନବମ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ




ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ହଲ ଠାରେ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ଅନୁକୁଲ୍ୟରେ ତିନି ଦିନ ଧରି ଚାଲିଥିବା ନବମ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ ଉଦଯାପିତ ହୋଇଯାଇଛି । ଏହି ଚାମ୍ପିଅନସିପରେ ୧୧ ବର୍ଷ ବୟସରୁ ୫୫ ବର୍ଷ ବୟସରେ ୧୮ ଗୋଟି ବିଭିନ୍ନ ବର୍ଗର ପ୍ରତିଯୋଗିତା ହୋଇଥିଲା। ୧୧ବର୍ଷ(ପୁଅ) ସିଙ୍ଗଲରେ ଆରୀନ ପୃଷ୍ଟି, ୧୩ ବର୍ଷ ପୁଅ ବର୍ଗରେ ପୀୟୁଷ ବେହେରା, ୧୫ବର୍ଷ ବର୍ଗରେ ପୀୟୁଷ ବେହେରା, ୧୩ବର୍ଷ ଝିଅ ବର୍ଗରେ ଲିକିତା, ୧୫ ବର୍ଷ ପୁଅ ଡବଲ୍‌ସ୍ ବର୍ଗରେ ଅନୁରାଗ ଓ ସାଥୀ, ୧୭ ବର୍ଷ ଝିଅ ବର୍ଗରେ ଶ୍ନେହାଶ୍ରୀ, ୧୭ବର୍ଷ ପୁଅ ବର୍ଗରେ ମୟଙ୍କ ପଟ୍ଟନାୟକ, ୧୯ ବର୍ଷ ପୁଅ ବର୍ଗରେ କୁମାର ଆଦିତ୍ୟ ଏବଂ ୧୯ ବର୍ଷ ଡବଲ୍‌ସ୍‌ରେ ସୋହେଲ ଖାଁ ଓ ସନ୍ଦୀପ ସାମନ୍ତ ଚାମ୍ପିଅନ ହୋଇଛନ୍ତି । ସେହିପରି ସିନିୟର୍ ବର୍ଗରେ ସିଙ୍ଗଲରେ ମୟଙ୍କ ପଟ୍ଟନାୟକ ଏବଂ ଡବଲ୍‌ସ୍‌ରେ ଆକାଶ ଏବଂ ଗିରିଜା ଚାମ୍ପିଅନ ହୋଇଛନ୍ତି। ସିନିୟର୍ ଝିଅ ବର୍ଗରେ ଆୟେଶା ସିଂ ଏବଂ ମିକ୍ସ ଡବଲ୍‌ସରେ ସତ୍ୟ ଓ ଆୟେଷା ଚାମ୍ପିଅନ ହୋଇଛନ୍ତି । ଧର୍ମେନ୍ଦ୍ର ମହାପାତ୍ର ଏବଂ କରୁଣାକର ବେହେରା ଉଭୟ ୩୫+ ଏବଂ ୪୦+ ରେ ଡବଲ୍‌ସ୍ ଚାମ୍ପିଅନ ହୋଇଛନ୍ତି । ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଯୁବରାଜ ଅମର ଜ୍ୟୋତି ସିଂଦେଓ, ଜାଭିୟର ଏଜୁକେସନ୍ ଫାଉଣ୍ଡେସନ୍‌ର ଚେୟାରମେନ କୁଳଦୀପ ରଥ ଏବଂ ସରୋଜ ମହାନ୍ତି ଉପସ୍ଥିତ ରହି କୃତି ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ । ଆସୋସିଏସନ୍ ତରଫରୁ ସଭାପତି ଦୀପକ ଦଳେଇ, କାର୍ଯକାରୀ ସଭାପତି ଅମିତ୍ ଶତପଥୀ, ସମ୍ପାଦକ ଟଙ୍କଧର ବେହେରା, ରଶ୍ମି ପ୍ରକାଶ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ, ସୁଭାଂଶୁ ଦଳେଇ, ପ୍ରଦୀପ ମିଶ୍ର, ସଦାନନ୍ଦ ମାଦେଲି, ପ୍ରମୋଦ ସିଂ, ସ୍ୱଦେଶ ସିଂ, ସୂର୍ଯ୍ୟକାନ୍ତ ଏବଂ ପ୍ରିୟବ୍ରତ ଉପସ୍ଥିତ ରହି ପରିଚାଳନ କରିଥିଲେ।

**ASIRVAD MICRO FINANCE LTD**

CIN U65923TN2007PLC064550
9th and 10th Floor, No 9, Club House Road, Anna Salai,
Chennai 600 002. Tamil Nadu.
Tel:044-42124493

**ସୁନା ନିଲାମ ସୂଚନା**

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.07.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବାକିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ

ବନ୍ଧକ ସୂଚୀ :

ଓଡ଼ିଶା ବାଲିଆପାଳ – ଜିଏଲ୍ 325210700004084, 4089, 4107, 4112, 4134, 4148, 4150, 4151, 325210730020464, 2152, 2154, 2169, 2302, 2303, 2304, 2321, 2323, 2409, ବସ୍ତା – ଜିଏଲ୍ 325380700004962, 4967, 4988, 5007, 5053, 5058, 5067, 5087, 325380730040761, 0838, 0885, 0910, 0911, 0958, 1030, 1031, 1159, 1176, 1177, 1181, 1211, 1235, 1236, 1237, 1238, 1239, 1240, 1258, 1273, 1291, 1292, 1293, 1294, 1360, 1376, 1382, 1414, 1415, 1437, ବେଟନୋଟି – ଜିଏଲ୍ 328020700003385, 328020730026959, 7088, 7101, 7330, ବୋଇଣ୍ଡା – ଜିଏଲ୍ 329050700002191, 2207, 2214, 329050730007031, 7049, 7295, 7415, 7439, ଚମ୍ପୁଆ – ଜିଏଲ୍ 3243, 3247, 3253, 3264, 3280, 326000730017261, 7265, 7266, 7452, 7511, 7662, 7805, 7821, ଛେନାପଦି – ଜିଏଲ୍ 325490700005349, 5379, 5421, 5422, 5429, 5445, 5450, 5454, 5457, 325490730062638, 2639, 2957, 3029, 3382, 3383, 3386, 3615, 3685, 3755, ଛେଣ୍ଡିପଦା – ଜିଏଲ୍ 325270700003055, 3056, 3085, 3134, 3136, 3144, 325270730042487, 2488, 2489, 3367, 3368, 3446, 3447, 3449, 3984, ଦେବଗଡ଼ – ଜିଏଲ୍ 325990700003966, 3970, 3980, 3984, 3991, 3994, 4004, 4012, 4016, 4017, 4029, 4044, 4060, 4061, 4068, 325990730014681, 4682, 4685, 4686, 4687, 4688, 4689, 4845, 4993, 4995, 5065, 5066, 5165, 5166, 5179, 5180, 5189, 5207, 5221, 5235, 5273, 5307, 5328, 5377, 5449, ଢେଙ୍କାନାଳ – ଜିଏଲ୍ 327830700003468, 3473, 3477, 3498, 3502, 3510, 3514, 3524, 3539, 3545, 3562, 3563, 3568, 3573, 3574, 3578, 3599, ଡୁଙ୍ଗୁରିପାଲି – ଜିଏଲ୍ 325580730024559, ଗୋପାଳପୁର – ଜିଏଲ୍ 329040700003096, 329040700003107, 3135, 3157, 3180, 3191, 3195, 3203, 3209, 329040730014106, 4108, 4125, 4126, 4127, 4128, 4331, 4408, 4409, 4410, ଝୁମ୍ପୁରା – ଜିଏଲ୍ 341800700001394, 4619, 4912, 5117, 5118, ଖଇରା – ଜିଏଲ୍ 325220700002952, 2974, 325220730042720, 2778, 2795, 2802, ଖୁଣ୍ଟା – ଜିଏଲ୍ 325390700002773, 2807, 2829, 325390730011617, 1743, କୋସଳା – ଜିଏଲ୍ 325600700003441, 3451, 3459, 325600730033983, 4299, 4454, 4455, 4477, 4568, 4569, ମାର୍କୋଣା – ଜିଏଲ୍ 325620700002406, 2428, 2445, 2456, 2458, 2484, 2490, 325620730014245, 4396, 4522, ରସୋଲ – ଜିଏଲ୍ 325930700002551, 325930730012001, ସୋହେଲା – ଜିଏଲ୍ 328960700003120, ସୋନପୁର – ଜିଏଲ୍ 325240700004057, 4147, 325240730023434, 3435, 3884, 4321, ଥାନାଛକ – ଜିଏଲ୍ 328280700002748, 2766, 2857, 328280730033826, 3921, 4052, 43 ମଉଜା – ଜିଏଲ୍ 325550700003395, 3400, 3418, 3425, 3436, 3438, 325550730010225, ଅସ୍ତରଙ୍ଗ – ଜିଏଲ୍ 325090700003357, 3403, 325090730072145, 2377, 2414, ଆଳି – ଜିଏଲ୍ 325300730045218, 5260, 5261, ବେଗୁନିଆପଡ଼ା – ଜିଏଲ୍ 328290700001954, 2176, 2193, 2215, 2405, 2406, 2407, 2410, 2411, 328290730014002, 4095, 328290780000011, ଚନ୍ଦନପୁର – ଜିଏଲ୍ 325920700004028, 4092, 4095, 4104, 4126, 4137, 325920730050513, 0802, 0803, 1219, 1221, 1223, ଚାନ୍ଦୋଳ – ଜିଏଲ୍ 325800700003849, 325800730034000, 4001, 4134, 4135, 4136, 4137, 4138, ଦିଗପହଣ୍ଡି – ଜିଏଲ୍ 327560700003575, 3628, 3643, ଗଁଦିଆ – ଜିଏଲ୍ 325910700003474, 3479, 3495, 3543, 3544, 3546, 3549, 325910730040730, 8685, 325910750000023, ଗୋପ – ଜିଏଲ୍ 325030700008156, 8169, 8227, 8243, 8295, 8319, 8320, 8354, 8389, 325030730077039, 8504, 8682, 8683, 8836, 9104, 9384, 9984, 0035, 0138, ହିଞ୍ଜିଳିକାଟୁ – ଜିଏଲ୍ 327720700002520, ହୁମା – ଜିଏଲ୍ 325980730025639, 5640, 5692, ଜାରକା – ଜିଏଲ୍ 325370700003173, 325370730020047, 0262, କାକଟପୁର – ଜିଏଲ୍ 325180700005969, 5973, 325180730017599, 7694, 7726, 7729, 7855, 7882, 7915, 7916, ମାଲୁଦ – ଜିଏଲ୍ 328270700004491, 4492, 4537, 4540, 4551, 4564, 4582, 4599, 328270730079945, 0989, 1946, ମଙ୍ଗଳପୁର – ଜିଏଲ୍ 325000700007464, 7473, 7493, 7502, 7510, 7511, 7518, 7524, 7534, 7549, 7561, 7564, 7574, 7592, 7602, 7613, 7615, 7625, 7627, 325000730040055, 0330, 0331, 0489, 0598, 0600, 0602, 0604, 0606, 0624, 0639, 0640, 0736, 0739, 1009, 1018, ନରସିଂହପୁର – ଜିଏଲ୍ 328970700002579, 2605, 2645, 2648, 9217, ନିରାକାରପୁର – ଜିଏଲ୍ 325680700006538, 6552, 6565, 6571, 6572, 6580, 6587, 6615, 6618, 6636, 6655, 6668, 6675, 6677, 6736, 6737, 6748, 6750, 6753, 8057, 325680730095768, 6039, 6347, 6523, 6524, 6525, 6526, 6905, 6907, 6955, 7293, 7394, 7395, ନୂଆପାଟଣା – ଜିଏଲ୍ 328140700003403, 3429, ରାଜନଗର – ଜିଏଲ୍ 325140700008318, 8325, 8394, 8398, 325140730071171, 2293, 2366, ରମ୍ଭା – ଜିଏଲ୍ 326580700003786, 3796, 3798, 3801, 3811, 3813, 3816, 3824, 3835, 3836, 3853, 3863, 3890, 3899, ସିଂହପୁର – ଜିଏଲ୍ 327730700005957, 327730730031528, 1747, ତିହିଡ଼ା – ଜିଏଲ୍ 325010700006866, 6877, 6908, 6917, 6932, 325010730036456,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 9542500664 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ଆଶିରୱାଡ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍ ।



ଉପକାରୀ ମେଥି । ଏହାକୁ ରୋଷଇରେ ବ୍ୟବହାର କରାଯାଏ । ତାହା ସହିତ କେଶର ଘନତ୍ୱ ବଢାଇବା ପାଇଁ ମଧ ବ୍ୟବହାର କରାଯାଏ । କିନ୍ତୁ ଏହା ଔଷଧ ଭଳି ମଧ କାମ କରେ । ତେବେ ଚାଲନ୍ତୁ ଜାଣିବା ମେଥି ଦାନା ପାଣି ପିଇଲେ ଶରୀର ଉପରେ କ'ଣ ପ୍ରଭାବ ପଡ଼େ ଏବଂ ଏହାକୁ ପିଇବାର ସଠିକ ଉପାୟ । ମେଥିରେ ଅନେକ ନ୍ୟୁଟ୍ରିଏଣ୍ଟସ ଭରି ରହିଥାଏ । ଏହାକୁ ପ୍ରତ୍ୟେକ ଦିନ ଖାଇବା ଯୋଗୁ ବ୍ୟକ୍ତିର ପିତ୍ତ,ବାତ, କଫ ଏବଂ ଥଣ୍ଡାଜନିତ ସମସ୍ୟା ଆଦି ଦୂର ହୋଇଥାଏ। ମେଥି ଦାନା ପାଣି ଆପଣଙ୍କ ଅନ୍ତନଳୀ ପାଇଁ ବହୁତ ଲାଭଦାୟକ ପ୍ରମାଣିତ ହୋଇପାରେ। ଆପଣ କ'ଣ ପେଟ ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି ? ଯଦି ହଁ, ତେବେ ଆପଣଙ୍କୁ ମେଥି ଦାନା ପାଣିକୁ ଆପଣଙ୍କ ଦୈନନ୍ଦିନ ଡାଏଟରେ ଏକ ଅଂଶ କରିବା ଉଚିତ। ମେଥି ଦାନା ପାଣିରେ ମିଳୁଥିବା ତତ୍ତ୍ୱ ଆପଣଙ୍କ ହାର୍ଟକୁ ମଧ ସୁସ୍ଥ ରଖିବାରେ ସାହାଯ୍ୟ କରେ । ପ୍ରତିଦିନ ମେଥି ପାଣି ପିଇଲେ ଆପଣଙ୍କ ଓଜନ ହ୍ରାସ କରିବା ସହିତ ବ୍ଲଡ ସୁଗାର ଲେବଲକୁ ମଧ ନିୟନ୍ତ୍ରଣ କରେ । ମେଥିଦାନା ପାଣଇ କେବଳ ଆପଣଙ୍କ ସ୍କିନ ପାଇଁ ନୁହେଁ ବରଂ ଆପଣଙ୍କ କେଶ ପାଇଁ ମଧ ବହୁତ ଲାଭଦାୟକ ପ୍ରମଣିତ ହୋଇପାରେ । ଏହା ହୃଦଘାତ ଏବଂ ଏସିଡିଟି ଭଳି ସମସ୍ୟା ପାଇଁ ଭଲ ବୋଲି କୁହାଯାଏ । ମେଥିରେ ମିଳୁଥିବା ସୈପୋନିନ୍ ଶରୀରର ଚର୍ବିଯୁକ୍ତ ଖାଦ୍ୟରୁ କୋଲେଷ୍ଟ୍ରଲ୍ର ଅବଶୋଷଣକୁ ହ୍ରାସ କରିବାରେ ସାହାଯ୍ୟ କରେ ।




# ପୁଣି ରୁପେଲି ପରଦାକୁ ଫେରୁଛନ୍ତି ଆକାଶ

ଓଲିଉଡର ସୁପରହିଟ୍ ହିରୋ ଆକାଶ ଦାସ ନାୟକ ଯାଜପୁରର କୋରେଇ ଆସନରୁ ବିଧାୟକ ଭାବେ ନିର୍ବାଚିତ ହେବା ପରେ ସିନେମାରେ ଆଉ ବିଶେଷ ଦେଖିବାକୁ ମିଳୁନାହାନ୍ତି। କିନ୍ତୁ ଆକାଶଙ୍କ ପ୍ରଶଂସକଙ୍କ ପାଇଁ ଗୋଟିଏ ଖୁସି ଖବର ଯେ, ବେଶ୍ କିଛି ଦିନର ବିରତି ପରେ ରୁପେଲି ପରଦାକୁ ଫେରୁଛନ୍ତି ଆକାଶ। ଆକାଶଙ୍କ ଅପ୍‌କମିଂ ଫିଲ୍ମର ନାଁ ରହିଛି 'ଜୟହିନ୍ଦ୍' । ସୁଟିଂ ଶେଷ ହେବା ପରେ ବର୍ତ୍ତମାନ ଏ ଫିଲ୍ମର ପୋଷ୍ଟ ପ୍ରଡକ୍ସନ କାମ ଚାଲିଛି। ଖୁବ୍ ଶୀଘ୍ର ଫିଲ୍ମଟି ସିନେମାଘରକୁ ଆସିବ । ଶୁଭଶ୍ରୀ ଫିଲ୍ମସ୍ ବ୍ୟାନରରେ ନିର୍ମାଣାଧୀନ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତୁ ଶୁଭଶ୍ରୀ ମଙ୍ଗରାଜ। ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ତ୍ରିପାଠୀ । ଅଙ୍କିତ, ଅନନ୍ୟା, ଅନୁ ଚୌଧୁରୀ, କେକେ ଓ ରାଜା ଫିଲ୍ମର ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। ଫିଲ୍ମର କାହାଣୀ ମୌଳିକ ଓ ବର୍ତ୍ତମାନ ସମୟର ଘଟଣା ଉପରେ ଆଧାରିତ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, 'କଳିଙ୍ଗ ପୁତ୍ର'ରୁ ଓଲିଉଡରେ ଅଭିନୟ ଯାତ୍ରା ଆରମ୍ଭ କରିଥିବା ଆକାଶ 'ସତ୍ୟମେବ ଜୟତେ', 'ଶତ୍ରୁ ସଂହାର', 'ଶୁଭ ବିବାହ', 'ଆଲୋ ମୋର କଣ୍ଢେଇ', 'ଶପଥ', 'ଧର୍ମ', 'ହରି ଓମ୍ ହରି', 'ଅଗସ୍ତ୍ୟ' ଓ 'ଜଷ୍ଟ ମୋହବତ୍' ସିନେମାରେ ଅଭିନୟ କରିଛନ୍ତି । ଶେଷଥର ପାଇଁ ସେ 'ମହାବାହୁ' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲେ ।



# ଗୁଜୁରାତି ଖାଇଲେ ମିଳେ ଫାଇଦା

*ଆପଣ ପ୍ରାୟତଃ ଗୁଜୁରାତିକୁ ଏକ ମସଲା ଭାବରେ ବିଚାର କରିଥିବେ ଯାହା ମିଠା, ଚା କିମ୍ବା ବିରିୟାନୀର ସ୍ୱାଦ ବଢ଼ାଏ । କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହି ଛୋଟ ଜିନିଷ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ଆୟୁର୍ବେଦିକ ଚମତ୍କାରଠାରୁ କମ୍ ନୁହେଁ? ପ୍ରତିଦିନ କେବଳ ଗୋଟିଏ କିମ୍ବା ଦୁଇଟି ଗୁଜୁରାତି ଖାଇବା, ତାହା ମଧ ଖାଲି ପେଟରେ ଖାଇବା ଦ୍ୱାରା ଆପଣଙ୍କ ଶରୀରକୁ ଏପରି ଲାଭ ମିଳିପାରେ, ଯାହା ଆପଣ କ୍ୱଚିତ୍ ଭାବିଥିବେ। ବିଶେଷକରି ଯଦି ଆପଣ ଏହାକୁ ସାତ ଦିନ ପର୍ଯ୍ୟନ୍ତ ଲଗାତାର ଖାଇବେ, ତେବେ ଏହାର ପ୍ରଭାବ ଆପଣଙ୍କ ପାଚନ, ମୁଖ ଦୁର୍ଗନ୍ଧ, ରକ୍ତଚାପ ଏବଂ ତ୍ୱଚାର ଚମକ ଉପରେ ମଧ ଦେଖାଯିବା ଆରମ୍ଭ କରିବ।*

***ପାଚନ ପ୍ରଣାଳୀ ମଜବୁତ ହେବ:*** ଗୁଜୁରାତିରେ ଫାଇବର ଏବଂ ଆବଶ୍ୟକୀୟ ତେଲ ମିଳିଥାଏ, ଯାହା ଆପଣଙ୍କ ପାଚନକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାକୁ ୭ ଦିନ ପର୍ଯ୍ୟନ୍ତ ସେବନ କରିବା ଦ୍ୱାରା ଗ୍ୟାସ୍, ବଦହଜମୀ ଏବଂ ଏସିଡିଟି ସମସ୍ୟାରୁ ବହୁତ ମୁକ୍ତି ମିଳିଥାଏ।

***ଦୁର୍ଗନ୍ଧରୁ ମୁକ୍ତି:*** ଯଦି ଆପଣଙ୍କର ପାଟି ଦୁର୍ଗନ୍ଧ ସମସ୍ୟା ରହିଛି, ତେବେ ସବୁଜ ଗୁଜୁରାତି ଏକ ପ୍ରାକୃତିକ ପାଟି ସତେଜକାରୀ ଭାବରେ କାମ କରେ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ତତ୍ତ୍ୱ ପାଟିରେ ଥିବା ବ୍ୟାକ୍ଟେରିଆକୁ ଦୂର କରି ନିଶ୍ୱାସକୁ ସତେଜ କରିଥାଏ।


***ରକ୍ତଚାପ ନିୟନ୍ତ୍ରଣ କରେ:*** ଗୁଜୁରାତିରେ ପ୍ରଚୁର ପରିମାଣରେ ପୋଟାସିୟମ୍ ଥାଏ, ଯାହା ଶରୀରରେ ସୋଡିୟମ୍ ସ୍ତରକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ। ପ୍ରତିଦିନ ଗୁଜୁରାତି ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ।

***ଚର୍ମକୁ ପ୍ରାକୃତିକ ଚମକ ପ୍ରଦାନ କରେ:*** ଗୁଜୁରାତିରେ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ ଯାହା ଚର୍ମରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଏହାକୁ ସାତ ଦିନ ପର୍ଯ୍ୟନ୍ତ ନିରନ୍ତର ସେବନ କରିବା ଦ୍ୱାରା ଚର୍ମରେ ଏକ ପ୍ରାକୃତିକ ଚମକ ଆସିଥାଏ ଏବଂ ବ୍ରଣ ଭଳି ସମସ୍ୟା ହ୍ରାସ ପାଇଥାଏ।

***ହୃଦୟକୁ ସୁସ୍ଥ ରଖେ***

ହୃଦୟ ପାଇଁ ମଧ ଗୁଜୁରାତି ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା କୋଲେଷ୍ଟ୍ରଲକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ ଏବଂ ରକ୍ତ ସଞ୍ଚାଳନକୁ ଉନ୍ନତ କରେ।

## ସାପ ଲଗାଉଛି ସାମ୍ପୁ



ସାପ ଲଗାଇଲା ସାମ୍ପୁ । ଜଣେ ବ୍ୟକ୍ତି ସାପଟିକୁ ସାମ୍ପୁ ଲଗାଇ ଗାଧୋଇ ଦେବାର ଭିଡ଼ିଓ ଭାଇରାଲ ହୋଇଛି । ସାମାଜିକ ଗଣମାଧମରେ ଭାଇରାଲ ହେଉଥିବା ଏହି ଭିଡ଼ିଓଟିକୁ ଟିକେ ଭଲ ଭାବରେ ଦେଖନ୍ତୁ। ବ୍ୟକ୍ତି ଜଣକ ନିଜ ଘରେ ରଖିଥିବା ଏକ ସାପଟିକୁ କେତେ ଯତ୍ନର ସହିତ ସାମ୍ପୁ ଲଗାଇ ଦେଉଛନ୍ତି । ଏହାପରେ ତାକୁ ପିଲାଟିଏ ଭଳି ଗାଧୋଇ ଦେଉଛନ୍ତି । ଏହି ଭିଡ଼ିଓକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହିତ ଏଭଳି କରିବା କଣ ଆବଶ୍ୟକ ବୋଲି ପ୍ରଶ୍ନ କରିଛନ୍ତି।

# ଭଲ ଆୟ କରୁଛି ଅମୀରଙ୍କ 'ସୀତାରେ ଜମିନ୍ ପର'




ତିନି ବର୍ଷ ପରେ ବଡ଼ ପରଦାରେ ଅମୀର ଖାନଙ୍କ ପ୍ରତ୍ୟାବର୍ତ୍ତନ ସଫଳ ହୋଇଛି। ନିକଟରେ ମୁକ୍ତିଲାଭ କରିଥିବା ଫିଲ୍ମ 'ସୀତାରେ ଜମିନ୍ ପର' ଥିଏଟରରେ ରାଜ୍ କରିଛି। ବକ୍ସ ଅଫିସରେ ଫିଲ୍ମ ଉପରେ ଟଙ୍କା ବର୍ଷା ହେଉଛି ଏବଂ ଫିଲ୍ମଟି ପ୍ରତିଦିନ ରେକର୍ଡ ଭାଙ୍ଗି ରୋଜଗାର କରୁଛି। 'ସୀତାରେ ଜମିନ୍ ପର' କେବଳ ଭାରତରେ ନୁହେଁ ବରଂ ବିଶ୍ୱବ୍ୟାପୀ ବକ୍ସ ଅଫିସରେ ମଧ ରେକର୍ଡ ସୃଷ୍ଟି କରୁଛି। ୯ ଦିନର କଲେକ୍ସନ ସହିତ, ଆମିର ଖାନଙ୍କ କମେଡି ଏବଂ ଭାବପ୍ରବଣ ଫିଲ୍ମଟି ହିଟ୍ ହୋଇଛି ଏବଂ ଏହା ଚଳିତ ବର୍ଷ ମୁକ୍ତିଲାଭ କରିଥିବା ଅକ୍ଷୟ କୁମାରଙ୍କ ଫିଲ୍ମ 'ସ୍କାଏ ଫୋର୍ସ'ର ରେକର୍ଡ ଭାଙ୍ଗି ଦେଇଛି। ସାକାନିଲ୍କର ରିପୋର୍ଟ ଅନୁଯାୟୀ, 'ସୀତାରେ ଜମିନ୍ ପର'୯ ଦିନରେ ବିଶ୍ୱବ୍ୟାପୀ ବକ୍ସ ଅଫିସରେ ୧୬୫.୫୦ କୋଟି ଟଙ୍କା ରୋଜଗାର କରିଛି। ଏହା ସହିତ, ଆମିର ଖାନଙ୍କ ଫିଲ୍ମ ଏହି ବର୍ଷ ମୁକ୍ତିଲାଭ କରିଥିବା 'ସ୍କାଏ ଫୋର୍ସ'ର ବିଶ୍ୱବ୍ୟାପୀ କଲେକ୍ସନକୁ ପଛରେ ପକାଇ ଦେଇଛି। ଅକ୍ଷୟ କୁମାରଙ୍କ ଏହି ଫିଲ୍ମ ବିଶ୍ୱବ୍ୟାପୀ ୧୫୫.୪ କୋଟି ଟଙ୍କା ବ୍ୟବସାୟ କରିଥିଲା। ଏବେ 'ସୀତାରେ ଜମିନ୍ ପର' ଏହି ସଂଖ୍ୟା ଅତିକ୍ରମ କରି ୨୦୨୫ ବର୍ଷର ୫ମ ସର୍ବାଧିକ ଆୟକାରୀ ଫିଲ୍ମ ପାଲଟିଛି। 'ସୀତାରେ ଜମିନ୍ ପର' ପୂର୍ବରୁ, ଆମିର ଖାନଙ୍କ ଶେଷ ହିଟ୍ ଫିଲ୍ମ 'ସିକ୍ରେଟ୍ ସୁପରଷ୍ଟାର' ଥିଲା। ଏହି ଫିଲ୍ମ ୨୦୧୭ରେ ମୁକ୍ତିଲାଭ କରିଥିଲା ଯାହା ବିଶ୍ୱବ୍ୟାପୀ ୯୦୦ କୋଟିରୁ ଅଧିକ ସଂଗ୍ରହ କରିଥିଲା। ଏହା ପରେ, ଆମିର ଖାନଙ୍କ 'ଠଗ୍ସ ଅଫ୍ ହିନ୍ଦୁସ୍ତାନ' ୨୦୧୮ରେ ମୁକ୍ତିଲାଭ କରିଥିଲାଯାହା ବିଫଳ ପ୍ରମାଣିତ ହୋଇଥିଲା। ୨୦୨୨ ମସିହାରେ ଆମିର 'ଲାଲ ସିଂହ ଚଡ୍ଡା'ରେ ଅଭିନୟ କରିଥିଲେ, କିନ୍ତୁ ଏହି ଫିଲ୍ମଟି ମଧ ଫ୍ଲପ୍ ହୋଇଥିଲା। ଏପରି ପରିସ୍ଥିତିରେ, ଆମିର ୮ ବର୍ଷ ଧରି ଏକ ହିଟ୍ ପାଇଁ ଅପେକ୍ଷା କରିଥିଲେ ଏବଂ 'ସୀତାରେ ଜମିନ୍ ପର' ତାଙ୍କ ଆଶା ପୂରଣ କରିଛି। ୯୦ କୋଟି ବଜେଟରେ ନିର୍ମିତ ଏହି ଫିଲ୍ମଟି ସାରା ବିଶ୍ୱରେ ବହୁତ ରୋଜଗାର କରିଥିବା ବେଳେ, ଭାରତରେ ମଧ ଏହା ୧୦୦ କୋଟି ଟଙ୍କା ଅତିକ୍ରମ କରିଛି।



# 'ସଲାକାର'ରେ ଗୁଇନ୍ଦାଗିରି କରିବେ ମୌନୀ



ବଲିଉଡ୍ ଅଭିନେତ୍ରୀ ମୌନୀ ରାୟ 'ଭୂତନୀ' ପରେ ପୁଣି ଦମ୍‌ଦାର ଅନ୍ଦାଜରେ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ତାଙ୍କୁ ଖୁବ୍ ଶୀଘ୍ର ଏକ ସ୍ପାଏ ଥ୍ରିଲର ଫିଲ୍ମ 'ସଲାକାର'ରେ ଦେଖିବାକୁ ମିଳିବ । ସେଥିରେ ସେ ଗୁଇନ୍ଦାଗିରି କରୁଥିବା ନଜର ଆସିବେ । ଫିଲ୍ମଟି ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ଜୀବନ ଓ କ୍ୟାରିୟର ଉପରେ କେନ୍ଦ୍ରିତ ହେବ । ନିର୍ଦ୍ଦେଶନାରେ ରହିବେ ଫାରୁକ୍ କବୀର । ଯଦିଓ ନିର୍ମାତାମାନେ ଫିଲ୍ମର ମୁଖ୍ୟ କଳାକାରଙ୍କ ନାମ ସଂପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା କରିନାହାନ୍ତି ତେବେ ମୌନି ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଆସିବେ ବୋଲି ଜଣାପଡ଼ିଛି। ସ୍ୱାଧୀନତା ଦିବସରେ ଫିଲ୍ମଟି ଜିଓ ହଟଷ୍ଟାରରେ ରିଲିଜ୍ ହେବ । ମୌନି ରାୟ ୨୦୦୬ର ଟିଭି ଶୋ' 'କ୍ୟୁଁକି ଶାଶ୍ ଭି କଭି ବହୁ ଥି'ରୁ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ । ଟିଭି ଶୋ' 'ନାଗିନ୍' ଯୋଗୁ ତାଙ୍କୁ ବହୁ ଲୋକପ୍ରିୟତା ମିଳିଥିଲା । ପରେ ସେ କିଛି ଫିଲ୍ମରେ ନଜର ଆସିଥିଲେ । 'ସଲାକାର' ବ୍ୟତୀତ ତାଙ୍କୁ ଆଗକୁ 'ହେି ଜବାନି ତୋ ଇସ୍କ ହୋନା ହୈ'ରେ ଦେଖିବାକୁ ମିଳିବ ।

Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



କଣାସ, (ଭାସ୍କର ନ୍ୟୁଜ): କଣାସ ଠାରେ ଅବସ୍ଥାପିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଉମ୍ୟରୁଧର ଛୁଆଲସିଂହ ଏବଂ ମୁଖ୍ୟ କିରାନୀ ପ୍ରଶାନ୍ତ କୁମାର ପ୍ରଧାନଙ୍କ ବିଦାୟକାଳିନ ସମ୍ବର୍ଦ୍ଧନା ସଭା ଆଜି ବିଦ୍ୟାଳୟ ପରିସରେ ଅଧ୍ୟାପିକା ସଂଜ୍ଞୁ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହିବା ସହିତ ନିମନ୍ତ୍ରିତ ଅତିଥିଭାବେ ପୂର୍ବତନ ଅଧକ୍ଷ ସୁନିଲୀ କୁମାର ମିଶ୍ର, ପୂର୍ବତନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା ଯୋଗଦେଇ ଭାବବିହୋଳ ଭାଷଣ ସହ ଉଭୟ ଅଧକ୍ଷ ଓ ମୁଖ୍ୟ କିରାନୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ନିରଂଜନ ସ୍ୱାଇଁ ତାଙ୍କ ଅଭିଭାଷଣରେ ଶ୍ରୀଛୁଆଲସିଂହଙ୍କ ସାହାସିକ ପଦକ୍ଷପଗୁଡିକ ଉପରେ ଆଲୋକପାତ କରିଥିଲେ। ଯେଉଁ ଗୁଣ ଅନୁସ୍ୱର ଅନେକ କ୍ଲିଷ୍ଟ ସମସ୍ୟା ସହଜରେ ସମାଧାନ କରିବାର ସହାୟକ ହୋଇଥିଲା। ତାଙ୍କ ଅଧିନାୟକତ୍ୱରେ କର୍ମଚାରୀ ଓ ଅଧ୍ୟାପକ ନିରାପଦ ମଣୁଥିଲେ। ଅଧ୍ୟାପକ ଅକ୍ଷୟ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ପଲାଇ, ପ୍ରମୋଦ କୁମାର ହୋତା, ଗଦାଧର ଶତପଥୀ, ସସ୍ମିତା ହାତୀ, ବିପିନୀ ବିହାରୀ ବାରିକ, ସେମାନଙ୍କ ସାରଗର୍ଭକ ଭାବବିହୋଳ ଭାଷଣ ମାଧ୍ୟମରେ ଏକ ଗମ୍ଭିର ପରିସ୍ଥିତି ସୃଷ୍ଟି କରିପାରିଥିଲା। ପରିଶେଷରେ ଅଧ୍ୟାପକ ପ୍ରଭାଷ କୁମାର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରୁଟିପୂର୍ଣ୍ଣ ନିର୍ମାଣ ପାଇଁ ସର୍ଭିସ ରୋଡ଼ରେ ଦୁଇଫୁଟ ପାଣି



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୨୦ର ବାଲିଆଗୋଡା ଅଣ୍ଡରପାସ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ରାସ୍ତା ନିର୍ମାଣରେ ତ୍ରୁଟି ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇନପାରି ରାସ୍ତାରେ ଜମି ରହୁଛି। ଅସରାଏ ବର୍ଷା ହେଲେ ପାଣି ଜମି ରହୁଛି। ରାସ୍ତା ନିର୍ମାଣର ୩ବର୍ଷ ପରେ ଅଣ୍ଡରପାସ ନିକଟରେ ଏକ ଡ୍ରେନ ନିର୍ମାଣ ହୋଇଥିଲେ ହେଁ ଅଣ୍ଡରପାସ ତଳେ ଜମି ରହୁଥିବା ପାଣି ସେଠାରେ ଯାଉନାହିଁ। ଫଳରେ ଉକ୍ତ ରାସ୍ତାରେ ଯାତାୟତ କରୁଥିବା ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନର ଏହି ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଲୋକ ଦାବି କରିଆସୁଥିଲେ ହେଁ ଆଜିପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇପାରୁ ନାହିଁ। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଅଣ୍ଡରପାସ ନିର୍ମାଣ ହେବା ପରେ ଏଠାରେ ବର୍ଷା ଜଳ ନିଷ୍କାସନରେ ସମସ୍ୟା ଦେଖାଦେଇଛି। ଏହି ରାସ୍ତା କେନ୍ଦୁଝର ସହରକୁ ସଂଯୋଗ କରୁଥିବାବେଳେ ବାଲିଆଗୁଡା, ଜନାର୍ଦ୍ଦନପୁର, ଧିପଦା, ରାଇସୁଆଁ ଆଦି ଗ୍ରାମର ଲୋକ ଯିବାଆସିବା କରୁଥିବାବେଳେ ରାସ୍ତାରେ ଏତେ ପାଣି ଜମି ରହୁଥିବାରୁ ସେମାନେ ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ରୋଗୀ, ବୃଦ୍ଧବୃଦ୍ଧାମାନେ ଏହି ରାସ୍ତା ଦେଇ ଯିବାଆସିବା କରିବାକୁ ଭୟ କରୁଛନ୍ତି। ଏପରିକି ପାଣି ଭିତରେ ଗାଡି ଚଳାଇ ଯିବାବେଳେ ଗାଡି ବନ୍ଦ ହୋଇଯାଉଛି। ଫଳରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଯଦି ଏହି ରାସ୍ତାରେ ଜମୁଥିବା ପାଣି ନିଷ୍କାସନ ପାଇଁ କୌଣସି ସ୍ଥାୟୀ ପ୍ରତିକାର କରା ନଯାଏ ତେବେ ବର୍ଷାଦିନରେ ଏହି ରାସ୍ତାରେ ଯିବାଆସିବା କରିବା ଏକପ୍ରକାର ଅସମ୍ଭବ ହୋଇପଡୁଛି। ଜାତୀୟ ରାଜପଥ ୨୦ର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ଅବହେଳା କାରଣରୁ ଲୋକ ସମସ୍ୟାରେ ପଡୁଛନ୍ତି। ଡ୍ରେନରେ ପାଣି ଜମି ରହିଥିବାବେଳେ ନିଷ୍କାସନ ହୋଇପାରୁ ନାହିଁ। ବାଲିଆଗୋଡା ନିକଟରେ ବହୁ ଲୋକ ଡ୍ରେନ ଉପରେ ମାଟି ପକାଇ ଡ୍ରେନ ଅବରୋଧ କରିଛନ୍ତି। ବର୍ଷାଦିନ ପୂର୍ବରୁ ଏହାର ସଫେଇ କାର୍ଯ୍ୟ କରାଯାଇ ନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଜାତୀୟ ରାଜପଥ ପ୍ରାଧିକରଣର ଦାୟିତ୍ୱହିନତା କାରଣରୁ ଏଭଳି ଅବସ୍ଥା ହୋଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଦାବି ହୋଇଛି।

# ଚିକିତ୍ସା ନୁହେଁ, ସୁସ୍ଥ ଜୀବନ ବଞ୍ଚିବା ଶିଖାଇଥିବା ଡାକ୍ତରଙ୍କୁ ସଲାମ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଡାକ୍ତର ମାନେ ସବୁ ସମୟରେ ଆମଙ୍କୁସୁସ୍ଥ ରହିବା ପାଇଁ ଉପଯୁକ୍ତ ପରାମର୍ଶ ଦେଇଥାନ୍ତି। ଡାକ୍ତର କେତେବେଳେ ଆମକୁ ହସହସ ମୁହଁରେ ତ କେବେ ସମସ୍ୟାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପରାମର୍ଶ ଦେଇଥାନ୍ତି, କିନ୍ତୁ ଆମ ସ୍ୱାସ୍ଥ୍ୟ ପାଇଁ ସେ ସର୍ବଦା ଯତ୍ନଶୀଳ। ସମୟ ସହିତ, ସେମାନଙ୍କ ଦେଇଥିବା ପରାମର୍ଶ ଆମର ଦୈନନ୍ଦିନ ଅଭ୍ୟାସର ଏକ ଅଂଶ ପାଲଟିଯାଏ। ଏହି ଡାକ୍ତର ଦିବସରେ, ଆସନ୍ତୁ ସେହି ଡାକ୍ତରମାନଙ୍କୁ ଧନ୍ୟବାଦ ଦେବା ଯେଉଁମାନେ ଆମକୁ କେବଳ ଔଷଧ ନୁହେଁ ଆମକୁ ବଞ୍ଚିବାର ଉତ୍ତମ ଉପାୟ ଦେଇଛନ୍ତି। ଡାକ୍ତରମାନେ କେବଳ ଆମକୁ ସୁସ୍ଥ କରନ୍ତି ନାହିଁ; ସେମାନେ ଆମକୁ ସୁସ୍ଥ ରହିବା ପ୍ରଣାଳୀ ମଧ୍ୟ ଶିଖାଇଥାନ୍ତି। ଡାକ୍ତରମାନେ ଆମକୁ ପ୍ରଥମେ ପାଟିର ଯତ୍ନ ନେବା ପାଇଁ ପରାମର୍ଶ ଦିଅନ୍ତି। କାରଣ ମୁଖ ସ୍ୱାସ୍ଥ୍ୟ କେବଳ ଦାନ୍ତ ପର୍ଯ୍ୟନ୍ତ ସୀମିତ ନୁହେଁ, ଏହା ହୃଦୟ, ରୋଗ ପ୍ରତିରୋଧକ ଶକ୍ତି ଏବଂ ସମଗ୍ର ଶରୀରର ସ୍ୱାସ୍ଥ୍ୟ ସହିତ ଜଡିତ। ପ୍ରକୃତରେ, ଆଜିକାଲି ଡାକ୍ତରମାନେ ବିଶ୍ୱାସ କରନ୍ତି ଯେ ଅଧିକାଂଶ ପ୍ରମୁଖ ରୋଗର ପ୍ରଥମ ଲକ୍ଷଣ ପ୍ରାୟତଃ ପାଟିରେ ଦେଖାଯାଏ। ଦିନରେ ଦୁଇଥର ଦାନ୍ତ ଘଷିବା ସହଜ ମନେହୁଏ, କିନ୍ତୁ ଏହା ସ୍ୱାସ୍ଥ୍ୟ ସମସ୍ୟାକୁ ରୋକିବାର ସର୍ବୋତ୍ତମ ଉପାୟ ମଧ୍ୟରୁ ଗୋଟିଏ। ଡାକ୍ତରମାନେ ଟୁଥପେଷ୍ଟ ବ୍ୟବହାର କରିବାକୁ ପରାମର୍ଶ ଦିଅନ୍ତି ଯାହା ନିରାପଦ ଏବଂ ପ୍ରଭାବଶାଳୀ। ଏପରି କ୍ଷେତ୍ରରେ ଲବଙ୍ଗ, ଗୋଲମରିଚ ଏବଂ ଶୁଣ୍ଠି ଭଳି ପାରମ୍ପରିକ ଆୟୁର୍ବେଦିକ ଉପାଦାନରେ ତିଆରି, "ଡାବର ରେଡ୍ ପେଷ୍ଟ"ଅଟେ ସର୍ବୋତ୍ତମ ପସନ୍ଦ। ଏହି ଟୁଥପେଷ୍ଟ କେବଳ ପ୍ରାକୃତିକ ନୁହେଁ ବରଂ ବୈଜ୍ଞାନିକ ଉପାୟରେ ପରୀକ୍ଷିତ ଏବଂ ଭାରତୀୟ ଦନ୍ତ ସଂଘ (ଆଇଡିଏ) ଦ୍ୱାରା ଅନୁମୋଦିତ। ତେଣୁ, ପ୍ରତ୍ୟେକ ଥର ବ୍ରଶ୍ କରିବା ସମୟରେ ମନେରଖନ୍ତୁ, କେବଳ ଦାନ୍ତ ସଫା କରୁନାହାଁନ୍ତି, ଆପଣ ଡାକ୍ତରଙ୍କ ଦ୍ୱାରା ପ୍ରଦତ୍ତ ସବୁଠାରୁ ବିଶ୍ୱସ୍ତ ପରାମର୍ଶଗୁଡ଼ିକ ମଧ୍ୟରୁ ଗୋଟିଏକୁ ଅନୁସରଣ କରୁଛନ୍ତି। ସମସ୍ୟା ଆରମ୍ଭ ହେବା ପୂର୍ବରୁ ଆପଣ ପ୍ରଥମେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। କେବଳ ଆମେ ଅସୁସ୍ଥ ଥିବା ସମୟରେ ଆମର ଚିକିତ୍ସା କରିବା ପାଇଁ ନୁହେଁ, ବରଂ ପ୍ରତିଦିନ ସୁସ୍ଥ ରଖିବା ପାଇଁ ଏକ ଉତ୍ତମ ଅଭ୍ୟାସ ପାଳନ ଦିଗରେ ଆମକୁ ପ୍ରେରଣା ଯୋଗାଉଥିବାରୁ ଏହି ଡାକ୍ତର ଦିବସରେ, ଆସନ୍ତୁ ସେମାନଙ୍କୁ ସମ୍ମାନ ଜଣାଇବା ସହିତ ଧନ୍ୟବାଦ ଜ୍ଞାପନ କରିବା।

## ଅହମ୍ମଦିଆ ମୁସଲିମ ସଂଗଠନ ତରଫରୁ ବିଶ୍ୱ ଶାନ୍ତି ବାର୍ତ୍ତା ପ୍ରଦାନ

ବୋଲଗଡ, (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ମାଣିକାଗୋଡ଼ାରେ ଅହମ୍ମଦିଆ ମୁସଲିମ ସଂଗଠନ ପକ୍ଷରୁ ସୋମବାର ଦିନ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଧର୍ମ ଗୁରୁ ମୌଲାନା ଜାଫର ଅଲ୍ଲୀ ଖାଁ ଯୋଗଦେଇ ସବୁ ଧର୍ମରୁ ଉର୍ଦ୍ଧ୍ୱରେ ମାନବିକତା ଧର୍ମ ବୋଲି ଅଭିଭାଷଣରେ ମତ ରଖିଥିଲେ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ସମସ୍ତ ଧର୍ମର ବୁଦ୍ଧିଜୀବୀମାନେ ପ୍ରଚେଷ୍ଟା ଜାରି ରଖିଲେ, ଏକ ସୁସ୍ଥ ମାନସିକତା ସମାଜରେ, ବିକଶିତ ବିଶ୍ୱ ଗଢ଼ାଯାଇପାରିବ। ଶିକ୍ଷାବିତ୍ ଇଂ.କର୍ପୁର ସାହୁ ଉକ୍ତ ବୈଠକରେ ଯୋଗ ଦେଇ, ଭାଇଚାରା ହିଁ ମାନବ ଧର୍ମର ପରମ ଉଦ୍ଦେଶ୍ୟ ହେବା ଉଚିତ ବୋଲି ମତ ରଖିଥିଲେ। ମିର୍ଜା ଫିରୋଜ ଅଲ୍ଲୀ ବେଗ ଦେଶଗୁଡିକ ଅସହିଷ୍ଣୁ ହୋଇ ପରସ୍ପର ଯୁଦ୍ଧରେ ଲିପ୍ତ ରହୁଥିବାରୁ ଆଲ୍ଲାଙ୍କ ସୁନ୍ଦର ସୃଷ୍ଟି ଧ୍ୱଂସର ତାଣ୍ଡବଲୀଳା ଦେଖୁଛି ବୋଲି କହିଥିଲେ। ଶତାଧିକ ମୁସଲିମ ବୁଦ୍ଧିଜୀବୀ ଉକ୍ତ ଆଲୋଚନାରେ ଭାଗ ନେଇ, ସମସ୍ତେ ଶାନ୍ତି, ମୈତ୍ରୀ ଓ ପ୍ରେମର ବାର୍ତ୍ତା ବାଣ୍ଟିଲେ, ବିଶ୍ୱବାସୀ ଖୁସି ଓ ଆନନ୍ଦରେ ଜୀବନ ଅତିବାହିତ କରିପାରିବେ। ଅବଦୁଲ ରଉଫ ଖାଁ କହିଥିଲେ ସବୁ ଧର୍ମ ମଧ୍ୟରେ ବିଶ୍ୱାସ ଓ ସମନ୍ୱୟ ରହିଲେ ରକ୍ତପାତ ଓ ଯୁଦ୍ଧ ବିଭୀଷିକାର ଆଶଙ୍କା ରହିବ ନାହିଁ। ସମସ୍ତ ଅହମ୍ମଦିଆ ମୁସଲିମ ଭାଇମାନେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ବିଶ୍ୱ ନେତୃତ୍ୱ ନେଉଥିବା ନେତା ମାନଙ୍କୁ ନିବେଦନ କଲେ। ପରିଶେଷରେ ମିର୍ଜା ଅଖତର ଅଲ୍ଲୀ ବେଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୀଡ଼ିତଙ୍କ ନିକଟରେ ପହଞ୍ଚିଲା ଅନୁସୂଚୀତ ଜାତି ଓ ଜନଜାତି ଅଧିକାର ମଞ୍ଚ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମରେ ଦଳିତ ବର୍ଗର ଦୁଇଜଣଙ୍କୁ ଅମାନୁଷିକ ଆକ୍ରମଣ ଓ ଜାତିଆଣ ନିର୍ଯାତନାର ଶିକାର ହୋଇଥିବା ଦଳିତ ସମ୍ପ୍ରଦାୟର ଦୁଇଜଣ ନିରୀହ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଛି ଓଡ଼ିଶାର ଅନୁସୂଚୀତ ଜାତି ଓ ଜନଜାତି ଅଧିକାର ମଞ୍ଚ। ପ୍ରକାଶ ଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାରେ ଅଧିକାଂଶ ସମୟରେ ବିଭିନ୍ନ ଜାତିଆଣ ପ୍ରସଙ୍ଗରେ ସଂଘବଦ୍ଧ ଭାବେ ସାମାଜିକ ବାସନ୍ଦ କରିବା, ମରଣାନ୍ତକ ଆକ୍ରମଣ କରିବା, ସର୍ବ-ସାଧାରଣରେ ଦଳିତଙ୍କୁ ଅପମାନ କରିବା, ଆର୍ଥିକ ଜୋରିମାନା ଆଦାୟ କରିବା ଆଦି ଜଘନ୍ୟ ଘଟଣାମାନ ନିୟମିତ ଭାବେ ଘଟିଚାଲିଛି। ଜୁନ୍ ୨୨ ତାରିଖ ଧରାକୋଟ ବ୍ଲକ ଓ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମରେ ସିଙ୍ଗିପୁର ଗ୍ରାମର ଦଳିତବର୍ଗର ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ ସହ ଅଧାଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଳାଇ ଘାସ ଖୁଆଇ, ନର୍ଦ୍ଦମା ପାଣି ପିଆଇବା ଭଳି ଘଟଣା ଘଟିଛି। ସୂଚନା ଯେ, ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକ ଝିଅକୁ ଉପହାର ସ୍ୱରୂପ ଦେବା ପାଇଁ ହରିପୁର ଗ୍ରାମରୁ ତିନୋଟି ଗାଈ ଧରି ନିଜ ଗ୍ରାମକୁ ଯାଉଥିଲେ। ରାସ୍ତାରେ ଖାରିଗୁମ୍ମା ଗ୍ରାମରେ କିଛି ଅସାମାଜିକ ବ୍ୟକ୍ତି ସେମାନଙ୍କୁ ଅଟକାଇ ଦାଦାବଟି ୩୦ ହଜାର ଟଙ୍କା ମାଗିଥିଲେ। ବୁଲୁ ଓ ବାବୁଲା ମନା କରିବାରୁ ଗୋଚାଲାଣ କଥା କହି ଗାଁ'ରେ ଅନ୍ୟମାନଙ୍କୁ ଉତ୍ତେଜିତ କରି ସର୍ବ-ସାଧାରଣରେ ବୁଲୁ ଓ ବାବୁଲାଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ଓ ଅମାନୁଷିକ ନିର୍ଯାତନା ଦେଇଥିଲେ। ଏହି ଜଘନ୍ୟ କାଣ୍ଡର ଶିକାର ହୋଇଥିବା ଉକ୍ତ ଦୁଇଜଣ ଦଳିତ ବର୍ଗର ବ୍ୟକ୍ତିଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହେବାସହ ସେମାନଙ୍କ ପରିବାରର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ରାଷ୍ଟ୍ରୀୟ ବ୍ୟବସ୍ଥା ଉପରେ ସେମାନଙ୍କ ବିଶ୍ୱାସର ହାନି ଘଟିଛି। ଦେଶ ସ୍ୱାଧିନତାର ୭୮ବର୍ଷ ପରେ ବି ମଣିଷକୁ ମଣିଷ ଭଳି ନ ଦେଖିବା ଏହା ଭାରତବର୍ଷର ସମ୍ବିଧାନ ଓ ସର୍ବବୃହତ ଗଣତନ୍ତ୍ର ପ୍ରତି ଅପମାନ। ଏଣୁ ଏହି ଜଘନ୍ୟ ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡ ବିଧାନ କରିବା ସହ ବୁଲୁ ନାୟକ ଓ ବାବୁଲା ନାୟକଙ୍କ ପରିବାରର ସୁରକ୍ଷା ବ୍ୟବସ୍ଥା କରାଯିବା ଦାବି ନେଇ ଗତ ୨୩ ତାରିଖରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକଙ୍କୁ ମଞ୍ଚ ସାକ୍ଷାତ କରିଥିଲା। ଆଜି ଅନୁସୂଚିତ ଜାତି ଓ ଜନଜାତି ଅଧିକାର ମଞ୍ଚ, ଓଡିଶାର ନେତୃତ୍ୱରେ ସିଙ୍ଗିପୁର ଗ୍ରାମର ପୀଡ଼ିତ ବାବୁଲା ନାୟକ ଓ ବୁଲୁ ନାୟକଙ୍କୁ ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ତଥା ଆଇନଜୀବୀ ଅବନୀ ଗୟା, ଗଗନ ଚନ୍ଦ୍ର ମଲ୍ଲିକ, ଅଲ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭାର ଜିଲ୍ଲା ଆବାହକ ନିରାକାର ନାୟକ, ଜିଲ୍ଲା କମିଟି କୈଳାସ ମଳିକ, ରଞ୍ଜନ ଶବର, ଲଡ୍ଡୁ ଶବର ଅଭିମନ୍ୟୁ ନାଇକ ପ୍ରମୁଖ ସାମିଲ ହୋଇ ଉଭୟ ପୀଡ଼ିତ ବ୍ୟକ୍ତିଙ୍କୁ ଧୈର୍ଯ୍ୟ ଓ ସାହସ ଦେବା ସହ ଉଭୟଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ। ପୀଡ଼ିତଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଏହି ଲଢେଇ ଜାରି ରହିବ ବୋଲି ମଞ୍ଚ ଆବାହକ ନିରାକାର ନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଖୁଣ୍ଟିଂ ମନ୍ଦିର ସମ୍ମୁଖରେ ଛିନ୍ତାଇ, ପଚାଶ ହଜାର ଲୁଟ୍

କରଞ୍ଜିଆ, (ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ଖୁଣ୍ଟିଂରେ ଦିନ ଦ୍ୱିପହରରେ ମନ୍ଦିର ସମ୍ମୁଖରୁ ଛିନ୍ନତାଇ ହୋଇଛି। ଦିନ ପ୍ରାୟ ୧.୧୫ମିନିଟ ସମୟରେ ଖୁଣ୍ଟିଂ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଟଙ୍କା ଉଠାଇ ଫେରିଲା ସମୟରେ ଦୁଇଜଣ କଳା ପୋଲସର ବାଇକରେ ଆସି ମହିଳାମାନଙ୍କ ଠାରୁ ଟଙ୍କା ବ୍ୟାଗ ଲୁଟି ନେଇଛନ୍ତି। ଯାହାଫଳରେ ଏବେ ଶୁକ୍ରୁଳି ବ୍ଲକରେ ଆତଙ୍କ ଖେଳିଯାଇଛି। ମହିଳାଙ୍କ ଠାରୁ ୫୦ ହଜାର ଲୁଟି ନେଇଥିବା ସୂଚନା ମିଳିଛି। ଏନେଇ ରରୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପଙ୍କଜିନି ନାଏକ। ସଂଘ ସହାୟକ ଗୋଷ୍ଠୀ ପାଇଁ ତିନିଜଣ ମହିଳା ଟଙ୍କା ଉଠେଇ ଫେରିଲା ସମୟରେ ଛିନ୍ନତାଇ ହେଇଥିଲା। ଏନେଇ ରରୁଆ ଥାନା ପକ୍ଷରୁ ତଦନ୍ତ ଆରମ୍ଭ କରିବା ସହିତ ସିସିଟିଭି ଫୁଟେଜ ଯାଞ୍ଚ କରୁଛି ପୋଲିସ। ସୂଚନା ଥାଉକି ଚଳିତ ମାସ ୧୪ ତାରିଖ ଦିନ ଖୁଣ୍ଟିଂରେ ସତ୍ୟବ୍ରତ ସାହୁ ନାମକ ଜଣେ ଯୁବକଠାରୁ ମୋବାଇଲ ଚୋରି ହେଇଥିଲା। ୧୫ତାରିଖରେ ରରୁଆ ଥାନାରେ ଲିଖିତ ଅଭିଯୋଗ କଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବର ସାହୁ ସୂଚନା ଦେଇଛନ୍ତି।

## ଖାରିଆ ସରପଞ୍ଚଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ପଞ୍ଚାୟତ ସମିତି ଅନ୍ତର୍ଗତ ଖାରିଆ ସରପଞ୍ଚ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ଖାରିଆ ପଞ୍ଚାୟତର ଟେକ୍ନିକାଲ ହାଇସ୍କୁଲର ଛାତ୍ରମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଶୌଚାଳୟ ଏବଂ ଏକ ପାନୀୟଜଳ ଫିଲଟରକୁ ଉଦଘାଟନ କଲେ ସରପଞ୍ଚ ଜୟନ୍ତୀ ସାହୁ। ଆସିକାର ସର୍ବପୁରାତନ ଟେକ୍ନିକାଲ ହାଇସ୍କୁଲରେ ୪୨୮ ଜଣ ଛାତ୍ରଛାତ୍ରୀ ଚଳିତ ଶିକ୍ଷାବର୍ଷରେ ଅଧ୍ୟୟନରତ ଅଛନ୍ତି। ଛାତ୍ରମାନଙ୍କ ନିମନ୍ତେ ଶୌଚାଳୟର ଅଭାବକୁ ବିଚାରକରି ଗତ ୨୦୨୩-୨୪ ଶିକ୍ଷାବର୍ଷରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ମିଳିଥିବା ୨ ଲକ୍ଷ ୧୦ଟଙ୍କା ବ୍ୟୟରେ ବିଦ୍ୟାଳୟ ମଧ୍ୟରେ ଶୌଚାଳୟ ନିର୍ମାଣ ହୋଇଥିଲା। ସେହିଭଳି ଖାରିଆ ସରପଞ୍ଚ ନିଜସ୍ୱ ହାତ ପାଣ୍ଠିରୁ ଏହି ବିଦ୍ୟାଳୟକୁ ଏକ ବିଶୁଦ୍ଧ ପାନୀୟ ଜଳ ମେସିନ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ମହାପାତ୍ର, ଶିକ୍ଷକ କୈଳାସ ଚନ୍ଦ୍ର ଗୌଡ଼ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ।

## ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନରେ କେନ୍ଦୁଝର ଜିଲ୍ଲା ଆଗୁଆ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସୋମବାର ଦିନ କେନ୍ଦୁଝର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବିଭାଗୀୟ ଅଧିକାରୀ,ପ୍ରତିଷ୍ଠାନ ଅଧିକାରୀ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସମସ୍ତ



କର୍ମଚାରୀଙ୍କ ଉପସ୍ଥିତିରେ ତେଲକୋଇ ବ୍ଲକ ଅଧିନସ୍ଥ ଛାମୁଣ୍ଡା ଜି.ପି. ହାଇସ୍କୁଲର ସଂସ୍କୃତ ଶିକ୍ଷକ ସୁରେନ୍ଦ୍ର ନାଥ ସାହୁଙ୍କୁ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଅବସରପ୍ରାପ୍ତ ଶିକ୍ଷକଙ୍କ ଉତ୍ତୋରୋତ୍ତର ଉନ୍ନତି କାମନା କରିବା ସହିତ ଭବିଷ୍ୟତ ଜୀବନ ସୁଖ, ଶାନ୍ତିରେ କଟିବା ନିମନ୍ତେ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ନବରଙ୍ଗପୁର ବିଧାୟକଙ୍କ ଅମ୍ଳାଭଟା ପଞ୍ଚାୟତ ଗସ୍ତ

ତେନ୍ତୁଳଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ତେନ୍ତୁଳଖୁଣ୍ଟି ବ୍ଲକ ଅମ୍ଳାଭଟା ଗ୍ରାମ ପଞ୍ଚାୟତର ସାଧାରଣ ବଣ୍ଟନ ବେଳେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝୀ ପହଞ୍ଚି ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଉ ଥିବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଚାଉଳ ହିତାଧିକାରୀଙ୍କୁ ଠିକ ରେ ମିଳୁଛି କି ନାହିଁ ଏବଂ ଓଜନ ଅନୁସାରେ ସମସ୍ତେ ଠିକ ଭାବେ ନେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା ରେ ଦିଆ ଯାଉଥିବା ସାମଗ୍ରୀ ଠିକଭାବେ ଦେବା ସହ ବର୍ଷା ଯୋଗୁଁ ହିତାଧିକାରୀ ଆସୁବିଧାର ସମ୍ମୁଖିନ ହେଉଥିବାରୁ ପାଲ ଟାଣିବାର ବ୍ୟବସ୍ଥା କରିବାକୁ ଯୋଗାଣ ସହାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହିଗସ୍ତ ସମୟରେ ବ୍ଲକ ଅଧ୍ୟକ୍ଷ ନିଳେନ୍ଦ୍ରୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜୁରୀ ବିଷୋୟୀ, ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ, ଅମ୍ଳାଭୋଟା ସରପଞ୍ଚ, ସମିତି ସଭ୍ୟ ଏବଂ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରାବଣ ଜଳାଭିଷେକ ପାଇଁ ପ୍ରସ୍ତୁତି ବୈଠକ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଆସନ୍ତା ଜୁଲାଇ ୧୪ ତାରିଖରୁ ଆରମ୍ଭ ହେଉଥିବା ଶ୍ରାବଣ ଜଳାଭିଷେକ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଅଧକ୍ଷତା କରିଥିଲେ। ଦୁଇବର୍ଷ ତଳୁ ମନ୍ଦିର ଓ ମୁଖଶାଳାର ଜଏଣ୍ଟ ମୁହଁରୁ ବର୍ଷା ପାଣି ଭିତରେ ପଡି ଭକ୍ତଙ୍କ ଭକ୍ତିୟ ଭାବନାରେ ଆଘାତ ପହଞ୍ଚାଇବା ଏବଂ ପୂଜକଙ୍କ ସେବାକାର୍ଯ୍ୟରେ ସମସ୍ୟା ସୃଷ୍ଟି କରୁଥିବା ସମ୍ପର୍କରେ ସେବାୟତ ଆଲୋକ ପଣ୍ଡା ଉପଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ। ଉପଜିଲ୍ଲାପାଳ ତରାଇ ଏଥିରେ ଉଦବେଗ ପ୍ରକାଶ କରିବା ସହ ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ରଘୁନାଥପୁର ବିଡିଓଙ୍କ ତତ୍ତ୍ୱାବଧାନରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏହାକୁ ତଦାରଖ କରିବା ପାଇଁ ବୈଠକ ସ୍ଥଳରୁ ଫୋନ ଯୋଗେ ବିଡିଓଙ୍କୁ ଅବଗତ କରିଥିଲେ। ସେହିପରି ରେଲଷ୍ଟେସନରୁ ପୀଠକୁ ସଂଯୋଗ କରୁଥିବା ରାସ୍ତା ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡିଛି। ଉକ୍ତ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି ଭକ୍ତଙ୍କ ଯାତାୟାତକୁ ସୁଗମ କରିବା ପାଇଁ ବିଡିଓଙ୍କୁ କହିଥିଲେ। ବୋଲବମ ବେଳେ ମାନସିକ ରୋଷେଇ ବନ୍ଦ ରହିବା, ଶୃଙ୍ଖଳିତ ଜଳାଭିଷେକ ପାଇଁ ବ୍ୟାରିକେଡ଼ ବ୍ୟବସ୍ଥା, ସୂଚନାକେନ୍ଦ୍ର, ଅସ୍ଥାୟୀ ଶୌଚାଳୟ, ରଘୁନାଥପୁର ଆରଡବ୍ଲୁଏସ୍ଏସ୍ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟଜଳ ଓ ଟ୍ୟାଙ୍କର ବ୍ୟବସ୍ଥା, ଆରଡି ବିଭାଗ ପକ୍ଷରୁ ଚତୁର୍ପାର୍ଶ୍ୱରୁ ପୀଠକୁ ଆସିବାକୁ ଥିବା ରାସ୍ତାଘାଟ ସଫେଇ, ବିଦ୍ୟୁତ୍ ବିଭାଗ ପକ୍ଷରୁ ରାସ୍ତାଘାଟ, ବେଢ଼ା ଭିତର ଓଉ ଚତୁର୍ପାର୍ଶ୍ୱ ଆଲୋକିକରଣ କରାଯିବା ଓ ଭକ୍ତଙ୍କ ପାଇଁ ବିଶ୍ରାମକକ୍ଷ ଓ ଫାଷ୍ଟେଡ ବ୍ୟବସ୍ଥା କରିବା ପାଇଁ ଆଲୋଚନା ହୋଇଥିଲା। ପୌରପାଳିକା ବିଭାଗପକ୍ଷରୁ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଓ ଡଷ୍ଟବିନ ଦାଇତ୍ୱ, ବେଢା ପରିସର ପରିଷ୍କାର ପାଇଁ କର୍ମଚାରୀ ଦେବା ଏବଂ ତିର୍ତ୍ତୋଲ ଅଗ୍ନିଶମ ବିଭାଗ ପକ୍ଷରୁ ଭକ୍ତଙ୍କ ପାଇଁ ଜରୁରୀକାଳୀନ ସେବା ଓ ଦୈବୀ ଦୁର୍ଘଟଣା ନିୟନ୍ତ୍ରଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ଟ୍ରାଫିକ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଜଳାଭିଷେକ ପାଇଁ ତିର୍ତ୍ତୋଲ ଥାନା ପୋଲିସ ସେବା ଯୋଗାଇଦେବାକୁ କୁହାଯାଇଥିଲା। ସର୍ବପରେ ସେଚ୍ଛାସେବି ଅନୁଷ୍ଠାନମାନେ ଉପସ୍ଥିତ ରହି ନିରନ୍ତର ସେବା ଯୋଗାଇଦେବାକୁ ଉପଜିଲ୍ଲାପାଳ ତରାଇ ପରାମର୍ଶ ରଖିଥିଲେ। ଏଥିରେ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, ଜଇପୁର ସ୍ୱାସ୍ଥ୍ୟକେନ୍ଦ୍ର ଡ଼ା ବିଶ୍ୱକସେନ ଖୁଣ୍ଟିଆ, ଆଇଆଇସି ପ୍ରଦୀପ୍ତ କୁମାର ସେଠୀ, ଅଗ୍ନିଶମ ଅଧିକାରୀ ସୁବାଷ ଚନ୍ଦ୍ର ଭୋଳ, ଯନ୍ତ୍ରୀ ମନୋରଞ୍ଜନ ଦେହୁରୀ ଓ ପୌରପାଳିକା ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ରାତ୍ର ୧୦ ଟା ୩୦ରେ ପ୍ରଭୁଙ୍କ ପହୁଡ ପଡି ମଧ୍ୟରାତ୍ର ୧ ଟାରେ ଖୋଲାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇ ଥିଲା। ଏଥିରେ ଗ୍ରାମ୍ୟ କମିଟି ପକ୍ଷରୁ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, ପୂଜକ ଦିଲୀପ କୁମାର ପଣ୍ଡା, ସୁଦର୍ଶନ ଦାଶ, ରମେଶ ଚନ୍ଦ୍ର ପଣ୍ଡା, ଗୋଲେଖବିହାରି ଦାଶ, ଉପଦେଷ୍ଟା କମିଟି ବିଜୟ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, ପ୍ରମୋଦ ମହାନ୍ତି, ଶୁଶାନ୍ତ ଦାଶ,ସୁରେନ୍ଦ୍ରନାଥ ସ୍ୱାଇଁଙ୍କ ସହ ଗ୍ରାମବାସୀ ଓ ସେଚ୍ଛାସେବିମାନେ ଉପସ୍ଥିତ ଥିଲେ।

# ମଦ ବିରୋଧି ଆନ୍ଦୋଳନ ପାଇଁ ଅଣ୍ଟା ଭିଡିଲେ ପାଟୁଳି ଯୁବଗୋଷ୍ଠୀ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପାଟୁଳି ଗ୍ରାମରେ ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଗ୍ରାମର ଯୁବଗୋଷ୍ଠୀ ଅଣ୍ଟା ଭିଡିଥିବା ଜଣାଯାଇଛି। ଏଥିପାଇଁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଭରତ ଚନ୍ଦ୍ର ସାମଲ, ସୁବାସ କାଣ୍ଡି, ମନୋଜ କୁମାର ଜେନା, ମୋହନ ରାଉତ, ପିତାମ୍ବର ଦେ, ଜୟନ୍ତୀ ନନ୍ଦି, ରାଜେନ୍ଦ୍ର ପାଲ, ପ୍ରଶାନ୍ତ ଜେନା ପ୍ରମୁଖ ଶତାଧିକ ବ୍ୟକ୍ତି ରବିବାର ବୈଠକରେ ମିଳିତ ହୋଇ ଦିନକୁଦିନ ଗ୍ରାମରେ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ବଢି ଚାଲିଥିବା ବିଷୟରେ ଆଲୋଚନା କରିଥିଲେ। ଗ୍ରାମର ଅଧଡଜନେ ଚୋରା ମଦ ବେପାରୀ ଗଳି କନ୍ଦିରେ ବୃହତ ରେଫ୍ରିଜିରେଟରରେ ଚୋରା ମଦ ରଖି ଅବାଧରେ ବିକ୍ରି କରୁଛନ୍ତି। ଉଭୟ ପୁଲିସ ଓ ଅବକାରୀ ବିଭାଗ କର୍ମଚାରୀମାନେ ନାମକୁ ମାତ୍ର କେତେବେଳେ କେମିତି ଜଣେ ଅଧେ ଚୋରା ମଦ ବେପାରୀକୁ ଧରି ନେଇ ତା'ପରଦିନ ଛାଡି ଦେଉଛନ୍ତି। କୁଆଡେ ଉପରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ଯାଇ ଚୋରା ମଦ ବେପାରୀଙ୍କ ସହ ସଲାସୁତରାରେ ନାମକୁ ମାତ୍ର ଓ ଲୋକ ଦେଖାଣିଆ ଭାବେ ଧରପଗଡ ହେଉଛି। ପୋଲିସ ଓ ଅବକାରୀ କର୍ମଚାରୀଙ୍କ ସହ ଚୋରା ମଦ ବେପାରୀଙ୍କ ମାସିକ ବଟି ସ୍ଥିର ହୋଇଥିବାରୁ ମଦ ବେପାର ସୁରକ୍ଷିତ ରହିଛି। ଏପରି ସ୍ଥଳେ ଚୋରା ମଦ ବେପାର କମିବା ବଦଳରେ ଦିନକୁଦିନ ବଢିଚାଲିଛି। ଏଥିଯୋଗୁଁ ଗ୍ରାମରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଛୋଟ ପିଲାମାନେ ମଦ କବଳରେ ପଡି ବରବାଦ ହେଉଛନ୍ତି। ବହୁ ପରିବାର ଉଜୁଡି ଯାଉଥିବାରୁ ଗ୍ରାମ ମଧ୍ୟସ୍ଥଳିରେ ବୈଠକ କରି ଏହାର ପ୍ରତିକାର କରିବେ ବୋଲି ସଂକଳ୍ପ ଗ୍ରହଣ କରିଥିଲେ। ଚୋରା ମଦ ବେପାରୀଙ୍କୁ ପୁଲିସ ଓ ଅବକାରୀ ବିଭାଗ ସହଯୋଗକୁ ଭ୍ରୂକ୍ଷେପ ନକରି ଯୁବକମାନେ ସୋମବାର ପୂର୍ବାହ୍ନରେ ପୁର୍ନବାର ବୈଠକ କରି ସ୍ଥାନୀୟ ପୁଲିସ, ଅବକାରୀ ବିଭାଗ, ତହସିଲଦାର ଓ ଜିଲ୍ଲାପାଳଙ୍କୁ ଏଥିନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ପ୍ରଶାସନ ଏହି ଅନୁରୋଧକୁ କାର୍ଯ୍ୟକାରୀ ନକଲେ ଥାନା, ତହସିଲ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି।

# ତିହିଡ଼ିରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ମଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ନୀଳମଣି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୩୦ଟି ଅଭିଯୋଗର ଶୁଣାଣି କରାଯାଇ ଥିଲା। ଶିବିରରେ ୧୨୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଶିବିର ପରେ ଜିଲାପାଳ ୯ଟି ଅଭିଯୋଗର ବ୍ୟକ୍ତିଗତ ଶୁଣାଣି କରିଥିଲେ। ଏହି ଶିବିରରେ ବାହାବଳପୁର ଗ୍ରାମର ଦିବ୍ୟାଙ୍ଗ ବେଣୁଧର ଦାସଙ୍କୁ ଶ୍ରବଣଯନ୍ତ୍ର ଓ ନରେନ୍ଦ୍ରପୁର ଗ୍ରାମର ପ୍ରଶାନ୍ତ ପଣ୍ଡାଙ୍କୁ ବସ୍ ପାସ୍ ବଣ୍ଟନ କରାଯାଇ ଥିଲା। ଶିବିରରେ ଜିଲ୍ଲାପାଳ ଦିଲୀପ ରାଉତରାୟ, ଏସପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧୀର କୁମାର ନାୟକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବିଡିଓ ନିରଂଜନ ବାରିକ ପ୍ରମୁଖ ଯୋଗ ଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ସୟା-ମାଟିଆସାହି ରାସ୍ତାର ଦୂରବସ୍ଥାନେଇ ରବିନ୍ଦ୍ର ପଣ୍ଡା, ଗଣେଶ ମଲିକଙ୍କ ନେତୃତ୍ୱରେ ବହୁ ଅଞ୍ଚଳବାସୀ ରାସ୍ତା ନିର୍ମାଣ ପାଇଁ ଶିବିରରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ କାନନ ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାହାପୁର ମହାକୁଡ଼ସାହି ଓ ପତିସାହି ଗ୍ରାମ ରାସ୍ତାରେ ଦୀର୍ଘଦିନ ହେବ ପାଣି ଜମି ରହୁଥିବାରୁ ଗ୍ରାମବାସୀ ଓ ସ୍କୁଲ ପିଲାଙ୍କର ଯାତାୟତ କରିବାରେ ସୃଷ୍ଟି ହେଉଥିବା ନେଇ ଗ୍ରାମର ସୁଦର୍ଶନ ମହାକୁଡ଼, ବିଜୟ ମହାକୁଡ଼ ପ୍ରମୁଖଙ୍କ ସହିତ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିଲାପାଳ ତଦନ୍ତ କରି ପଦକ୍ଷେପ ନେବାକୁ ତହସିଲଦାର ଆଚାର୍ଯ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହରସିଂପୁର ପଞ୍ଚାୟତ ଅଧୀନ ପାଡ଼ୀସାହିକୁ ରାସ୍ତା ନଥିବା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ ଅଭିଯୋଗ କରିଥିଲେ। ଖାଙ୍କିନାଳରୁ ମିର୍ଜାପୁର ମୌଜାର ଚାଷଜମିକୁ ଜଳ ସେଚନ ହୋଇ ନପାରିବା ନେଇ ସୀତାକାନ୍ତ ନାୟକ, କେଶବ ବେହେରା, ହରିଶ୍ଚନ୍ଦ୍ର ନାୟକ, ନିର୍ମଳ ବେହେରା, ତପୁନୁ ପାଣି ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ଦାବି କରିଥିଲେ। ପୂର୍ବରୁ ଜିଲାପାଳଙ୍କ ନିର୍ଦ୍ଦେଶକୁ ଭଦ୍ରକ ସାଳନ୍ଦୀ ଡିଭିଜନ ଏସଡିଓ ଅବହେଳା କରିବା ସହିତ ଅଭିଯୋଗ ଶୁଣାଣି ଶିବିରରେ ଅନୁପସ୍ଥିତି ଥିବା ଜିଲ୍ଲାପାଳ ରାଉତରାୟଙ୍କ ଦୃଷ୍ଟିକୁ ଆସିବା ପରେ ତାଙ୍କୁ କୈଫିୟତ ତଲବ କରିବାକୁ ଡେପୁଟି କଲେକ୍ଟର ଜ୍ଞାନରଂଜନ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସନ୍ଥପୁରା ଗ୍ରାମର ରାଜେନ୍ଦ୍ର ପଣ୍ଡା ନାମକ ଜଣେ ଭିନ୍ନକ୍ଷମଙ୍କୁ ଅନ୍ତ୍ୟୋଦୟ ଚାଉଳ ମିଳୁ ନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ଜିଲ୍ଲାପାଳ ରାଉତରାୟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଭତ୍ତା, ରାଶନକାର୍ଡ଼, ରାସ୍ତା ନିର୍ମାଣ, ଆବାସ ଯୋଜନା ଇତ୍ୟାଦି ଉପରେ ଅଭିଯୋଗ ହୋଇଥିଲା। ଏହି ଶିବିରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଲୋକନାଥ ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ହୃଷିକେଶ ବେହେରା, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର, ଜିଲ୍ଲା ଜଳ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜି ଦେବହରି ପ୍ରଧାନ, ଡ୍ରେନେଜ ବିଭାଗ ଏସଡିଓ ସସ୍ମିତ ଶିଅଳ, ଜିଲ୍ଲା କୃଷି ଅଧିକାରୀ ଦ୍ୱିଜବର ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥି, କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ, ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମାନସୀ ମହାପାତ୍ର ଓ ମଧୁସ୍ମିତା ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କୃତିବାସ ମହାପାତ୍ର, କୃଷି ଅଧିକାରୀ ଅମର ପ୍ରସାଦ ସାହୁ, ବିଦ୍ୟୁତ ବିଭାଗ ଏସଡିଓ ଭାଗିରଥି ପଣ୍ଡା, ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି, ଯୋଗାଣ ନିରୀକ୍ଷକ ପ୍ରୀତେଶ କୁମାର ସାମଲ, ପ୍ରାଣୀ ଚିକିତ୍ସାଧିକାରୀ ନିରାକାର ଜେନା, ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତୀୟ ଅଧିକାରୀ ବିପ୍ଳବ ରଂଜନ ପତି, ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଜୀବିକା ମିଶନ ବିପିଏମ ରଶ୍ମିତା ନାୟକ, ଏପିଓ କାମିନୀଲତା ଓଝା, ସିଡିପିଓ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ବରିଷ୍ଠ ରାଜସ୍ୱ ଅଧିକାରୀ ନିତ୍ୟାନନ୍ଦ ନାୟକ, ଏବିଡିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଜିପିଇଓ ପ୍ଲାବନ ପଣ୍ଡା, ମଙ୍ଗଳ ଅଧିକାରୀ ସୌମ୍ୟା ସୁଚରିତା ମହାନ୍ତି, ସେକ୍ସନ ଅଫିସର ରୁନାସୁନା, ବିଏଲସି ସ୍ନିଗ୍ଧା ନାୟକ, ବିପିସ କୌଶିକ ଗିରି, ଡିଇଓ ସେବାଶିଷ ମହାନ୍ତି, ସିପି ମୌସୁମୀ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରତିଭା କଲେଜରୁ ଛାତ୍ର ନିଖୋଜ ମାମଲା

# ମାନବ ଅଧିକାର କମିଶନଙ୍କୁ ହସ୍ତକ୍ଷେପ ପାଇଁ ଚିଠି

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ତଥା କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧର ଶୁଭମ ସ୍ୱାଇଁ (୧୭) ନିଖୋଜ ଘଟଣା ଭିନ୍ନ ମୋଡ଼ ନେଇଛି। ରେଳ ଧାରଣାରୁ ଉଦ୍ଧାର ମୃତଦେହ ଶୁଭମର ବୋଲି ତାଙ୍କ ପରିବାର ବର୍ଗ ଚିହ୍ନଟ କରି ଶବ ନେଇଛନ୍ତି, ଛାତ୍ରଙ୍କ ମୃତ୍ୟୁ ନେଇ ଯିଏ ସମ୍ପୃକ୍ତ ଓ ଅବହେଳା ପାଇଁ ଦାୟି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କ ମାମୁଁ ସନ୍ଦୀପ କୁମାର ସ୍ୱାଇଁଙ୍କ ପକ୍ଷରୁ ଓଡିଶା ମାନବ ଅଧିକାର କମିଶନ ଅଧକ୍ଷଙ୍କୁ ଚିଠି ଲେଖି ଏଥିରେ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି। ଉକ୍ତ କଲେଜରେ ସିସିଟିଭି, ସୁରକ୍ଷାକର୍ମୀ ଓ ପାଚେରୀ ନାହିଁ ଏଥିସହ ଅତି ନିକଟରେ ଏନଏଚ-୧୬ ଓ ରେଳଧାରଣା ରହିଥିବା ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଆହୁରି ସେ ଗଣମାଧ୍ୟମକୁ କହିଛନ୍ତି ଯେ ଶୁଭମକୁ ହତ୍ୟା କରାଯାଇଛି କିମ୍ବା ଆତ୍ମହତ୍ୟା ପାଇଁ ତାଙ୍କୁ ବାଧ୍ୟ କରାଯାଇଛି। ଗଞ୍ଜାମ ଜିଲ୍ଲାପାଳଙ୍କୁ ଭିଡିଓ କଲ ମାଧ୍ୟମରେ ମୃତ ଛାତ୍ରଙ୍କ ପରିବାରବର୍ଗ କଥା ହୋଇ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି, ସୂଚନାଯୋଗ୍ୟ ବୁଧବାର କଲେଜରୁ ଶୁଭମ ନିଖୋଜ ହୋଇଥିଲେ ଏବଂ ଉକ୍ତ ରାତିରେ କଲେଜ ନିକଟ ରେଳ ଧାରଣାରୁ ଜଣଙ୍କ ମୃତଦେହ ମିଳିଥିଲା ପୂର୍ବରୁ ଜବତ ମୃତଦେହ ପୁଅର ନାହିଁ ବୋଲି କହିଥିବାରୁ ବ୍ରହ୍ମପୁର ଜିଆରପି ଥାନା ପକ୍ଷରୁ ରେଳ ଧାରଣାରୁ ଉଦ୍ଧାର ମୃତଦେହ ଛାତ୍ରଙ୍କ ବାପା ସୁଶାନ୍ତ ସ୍ୱାଇଁ ଓ ମା ସ୍ନେହଲତା ସ୍ୱାଇଁଙ୍କ ରକ୍ତ ନମୁନାକୁ ଡିଏନଏ ଟେଷ୍ଟ ପାଇଁ ଭୁବନେଶ୍ୱରର ରସୁଲଗଡ ସ୍ଥିତ ରାଜ୍ୟ ଫରେନସିକ ସାଇନ୍ସ ଲ୍ୟାବରୋଟ୍ରିକୁ ପଠାଇଥିଲା ଡିଏନଏ ରିପୋର୍ଟକୁ ଅପେକ୍ଷା କରାଯାଇଛି।



କଣ୍ଟାପଡା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ତହସିଲ ଅଧିନସ୍ତ ପାଟ ସୁନ୍ଦରପୁର ପଞ୍ଚାୟତ ବଡ଼ ପାଟ ସୁନ୍ଦରପୁର ଗ୍ରାମ ନଈକୂଳ ସାହି ଦଣ୍ଡା ରାସ୍ତାରୁ ମୂଲ୍ୟବାନ ଚାଖୁଣ୍ଡା ଗଛକୁ ସେହି ଅଞ୍ଚଳର ଶ୍ରୀଧର ସେନାପତି କୂଳ ବ୍ରାହ୍ମଣ ସାଇଲୋର ହାପୁନ ଭୋଇଙ୍କୁ ବିକ୍ରି କରି ଦେଇଛନ୍ତି। ସୋମବାର ଦିନ ହାପୁନ ଗଛ କାଟିଲା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ହାପୁନକୁ ନେଇ ଅଞ୍ଚଳବାସୀ ଅଭିଯୋଗ କରିବା ପରେ ଆରଆଇ ଘଟଣାସ୍ଥଳରେ ପହଁଚି ଗଛ ନ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ସୂଚନା ଥାଉ କି କଣ୍ଟାପଡା ତହସିଲ ଅଞ୍ଚଳରେ ଲୋକମାନଙ୍କୁ ଧରି ହାପୁନା ଭୋଇ କିଛି ପଇସା ଦେଇ ମୂଲ୍ୟବାନ ଗଛ ଗୁଡିକ କାଟି ନେଉଥିବା ଅଭିଯୋଗ ହୋଇଛି। କିନ୍ତୁ ପ୍ରଶାସନ ପକ୍ଷରୁ ହାପୁନ ବିରୁଦ୍ଧରେ କୋଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ସେ ବାରମ୍ବାର ସରକାରୀ ଜାଗାରୁ ମୂଲ୍ୟବାନ ଗଛ ଗୁଡିକ କାଟି ନେଉଛି। ହାପୁନା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ହୁଲମାହାଁ ଦିବସ ପାଳିତ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ଅନ୍ତର୍ଗତ ସାରିଆ ଗ୍ରାମରେ ସାର୍ନା ଗାଦେଲ ସେମଲେଦ ଓ ସାରାୱନା ସଂଗୀତ ଏକାଡେମୀ ତରଫରୁ ସାରିଆ ଗ୍ରାମ ମାଝୀବାବା ରାମଦୟାଲ ମାରାଣ୍ଡିଙ୍କ ସଭାପତିତ୍ୱରେ ହୁଲମାହାଁ ଦିବସ ପାଳିତ ହୋଇଅଛି। ଆଦିବାସୀ ନରନାରୀ ତଥା ସାରାୱନା ସଂଗୀତ ଏକାଡେମୀରୁ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ସଭାପତି ମାରାଣ୍ଡି ବକ୍ତବ୍ୟରେ ଭାରତର ମହାନ ଯୋଦ୍ଧା ସ୍ୱାଧୀନତା ସଂଗ୍ରାମୀ ସିଧୁ ମୁର୍ମୁ, କାହ୍ନୁ ମୁର୍ମୁ, ଚାନ୍ଦ, ଭାଇରୋ, ଫୁଲ, ଝାନ ମୁର୍ମୁ ତଥା ଅନ୍ୟମାନେ ୧୮୫୫ ମସିହାରେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିଥିଲେ ଏବଂ ମା' ମାଟିକୁ ରକ୍ଷା ପାଇଁ ନିଜେ ସହୀଦ ହୋଇଯାଇ ଥିଲେ କିନ୍ତୁ ଇଂରେଜ ଆଗରେ ହାର ମାନି ନଥିଲେ, ତେଣୁ ତାଙ୍କ ସ୍ମରଣ ଉଦ୍ଦ୍ୟେଶରେ ହୁଲ ମାହାଁ ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ସୂର୍ଯ୍ୟାନନ୍ଦ ସୋରେନ, ଅଲିଚିକି ଶିକ୍ଷକ ହିକିମ କିସ୍କୁ, ୱାର୍ଡ ମେମ୍ବର ବାସ୍ନୀ ମାର୍ଣ୍ଡି, ଶିକ୍ଷୟିତ୍ରୀ ବାଙ୍କୀ ସୋରେନ, ମାଲହ ମୁର୍ମୁ, ରାଣୀବତୀ ବେଶ୍ରା ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଅନନ୍ତ ବେଶ୍ରା ସମସ୍ତଙ୍କୁ ଦେଇ ସଭାସାଙ୍ଗ କରିଥିଲେ।

## କାର ଧକ୍କାରେ ଅଟୋ ଚୁର୍‌ମାର୍



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ୧୮ନମ୍ବର ଜାତୀୟରାଜପଥ କାଠପାଳ ୱିମିଂମିଲ ଠାରେ ଆଜି ଅପରାହ୍ନରେ ଘଟିଯାଇଥିବା ଦୁର୍ଘଟଣାରେ ବ୍ୟାଟେରୀ ଚାଳିତ ଅଟେ ଚୁରମାର ହୋଇଯାଇଥିବା ବେଳେ ଚାଳକ ଜଣକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାରୁ ପ୍ରକାଶ କାରଯୋଗେ ଝାଡଖଣ୍ଡ ରାଜ୍ୟର ରାଞ୍ଚି ଅଞ୍ଚଳର ଯୁବକ ଓ ଯୁବତୀମାନେ ପୁରୀ ରଥଯାତ୍ରାରୁ ରାଞ୍ଚି ଅଭିମୁଖେ ଯାଉଥିବା ବେଳେ ଅଟୋଚାଳକ ଜଣକ ନିଜର ବ୍ୟାଟେରୀ ଚାଳିତ ଅଟେ ରାସ୍ତା ପାର୍ଶ୍ୱରେ ରଖି ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ କୌଣସି କାରଣରୁ ଦୃତଗାମୀ କାର ଉପରୁ ନିଜର ନିୟନ୍ତ୍ରଣ ହରାଇ ବସିବାରୁ ଭାରସାମ୍ୟ ହରାଇ କାରଟି ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଅଟୋକୁ ଧକ୍କାଦେଇ ଜଙ୍ଗଲ ଭିତରକୁ ପଶିଯାଇଥିଲା। କାର ଭିତରେ ଥିବା ଯୁବକ ଓ ଯୁବତୀମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବା ଦୁର୍ଘଟଣାଗ୍ରସ୍ତ ବ୍ୟାଟେରୀ ଚାଳିତ ଅଟୋ ସମେତ କାରକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## କେବେ ନୂଆ ରୂପ ନେବ ସରକାରୀ ବସ୍‌ଷ୍ଟାଣ୍ଡ

# ମୌଳିକ ସୁବିଧାରୁ ବଞ୍ଚିତ ଜନସାଧାରଣ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ସଦର ମହକୁମାଠାରେ ଥିବା ସରକାରୀ ବସଷ୍ଟାଣ୍ଡ କେବେ ନୂଆ ରୂପ ନେବ ତାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ଦୀର୍ଘବର୍ଷ ଧରି ଏହି ବସଷ୍ଟାଣ୍ଡଟି କେନ୍ଦୁଝର ସହର ମଧ୍ୟରେ ଯାଇଥିବା ମୁଖ୍ୟ ରାସ୍ତା କଡରେ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ ଏକରରୁ ଉର୍ଦ୍ଧ୍ୱର ମୂଲ୍ୟବାନ ଜମିରେ ନିର୍ମାଣ କରାଯାଇଥିଲା। ମାତ୍ର ଏହି ବସଷ୍ଟାଣ୍ଡର ଲକ୍ଷ୍ୟ ଆଭିମୁଖ୍ୟ ଭିନ୍ନ ପ୍ରକାରର ଥିଲେ ସୁଦ୍ଧା କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ ଯୋଗୁଁ ଏହା ଯାତ୍ରୀ ପରିବହନ କ୍ଷେତ୍ରରେ ଯେଉଁଭଳି କାର୍ଯ୍ୟ କରିବା କଥା ତାହା କରିବାରେ ବିଫଳ ହୋଇଥିବାରୁ ଯାତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ବର୍ଗର ଲୋକଙ୍କପାଇଁ ଅସନ୍ତୋଷର କାରଣ ହୋଇଛି। ଦୀର୍ଘଦିନ ତଳେ ଏହି କୋଟି କୋଟି ଟଙ୍କାର ସ୍ଥାନକୁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ହାତରେ ଟେକି ଦିଆଯାଇଥିଲା। ଗୋଟିଏ ପଟେ ବର୍ତ୍ତମାନ ଏହି ବସଷ୍ଟାଣ୍ଡ ମଧ୍ୟରେ ୧୩ ଖଣ୍ଡ ବସ୍ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଯାଆସ କରୁଥିବାବେଳେ ବସଷ୍ଟାଣ୍ଡର କେତେକ ସ୍ଥାନକୁ ମଧ୍ୟ ବ୍ୟବସାୟୀମାନଙ୍କ ହାତରେ ଛାଡିଦେଇ ଭିନ୍ନ ପ୍ରକାରର ବ୍ୟବସାୟ ଓଏସ୍‌ଆର୍ଟିସି କରୁଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ମୁଣ୍ଡ ଟେକିବାରେ ଲାଗିଛି। ସରକାରୀ ବସଷ୍ଟାଣ୍ଡ ଭାବେ ବ୍ୟବହାର ହେଉଥିବା ଏହି ସ୍ଥାନଟି ଯାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ହୋଇପଡିଥିବା ବେଳେ କେତେକ ଫାଙ୍କା ସ୍ଥାନ ଗୁଳ୍ମଲଟାରେ ଭର୍ତ୍ତି ହୋଇ ଘଂଚ ଜଙ୍ଗଲର ଭ୍ରମ ସୃଷ୍ଟି କରିଛି। ଗୋଟିଏ ପଟେ ସରକାରୀ ବସଷ୍ଟାଣ୍ଡ ପାଇଁ ନିର୍ଦ୍ଧାରିତ ଥିବା ସ୍ଥାନ ଓଏସ୍‌ଆର୍ଟିସି ରକ୍ଷଣାବେକ୍ଷଣ କରିବାରେ ବିଫଳ ହୋଇଛି। କେନ୍ଦୁଝର ସଦର ମହକୁମାରେ ଥିବା ସରକାରୀ ବସଷ୍ଟାଣ୍ଡରେ ଆନୁସଙ୍ଗିକ ସୁବିଧା ନଥିବାରୁ ଯାତ୍ରୀମାନେ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଏହି ଜୋନରୁ ଲକ୍ଷାଧିକ ଟଙ୍କା ରାଜସ୍ୱ ପାଉଥିବା ବେଳେ ଏହି ବସଷ୍ଟାଣ୍ଡର ଉନ୍ନତିକରଣ ପ୍ରତି ଦୃଷ୍ଟି ନଦେବା ଦୁଃଖ ତଥା ପରିତାପର ବିଷୟ ବୋଲି ଆଲୋଚନା ହେଉଛି। କେନ୍ଦୁଝର ସହର ମୁଖ୍ୟସ୍ଥଳରେ ଥିବା କେନ୍ଦୁଝର ସରକାରୀ ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କ ସୁବିଧା ପାଇଁ ବିଶ୍ରାମଗାର ଏବଂ ଶୌଚାଳୟ ନଥିବାବେଳେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ ପୁରୁଣା ଭଙ୍ଗା ଘର ଓ ଦୁର୍ଗନ୍ଧମୟ ସ୍ଥାନକୁ ସହରର ବସଷ୍ଟାଣ୍ଡ କୁହାଯାଉଛି। ତଥାପି ନାକରେ ହାତଦେଇ ମହିଳା ପୁରୁଷ ଯାତ୍ରୀମାନେ ବସିବାକୁ ଜାଗା ନପାଇ ବାଧ ହୋଇ ସେଠାରେ ବସକୁ ଅପେକ୍ଷା କରୁଛନ୍ତି। ୫ବର୍ଷ ତଳେ ବସଯାତ୍ରୀ ଯେତିକି ଥିଲେ ଏବେ ତାର ୫ଗୁଣ ବଢିଯାଇଛି। ଘରୋଇ ବସ, ଯାତ୍ରୀବାହୀ ଗାଡି ସଂଖ୍ୟା ବଢିବା ସହିତ ସରକାରୀ ବସରେ ମଧ୍ୟ ଯାତ୍ରୀଙ୍କ ସଂଖ୍ୟା ବଢୁଛି। କିନ୍ତୁ କିଛି ବି ପରିବର୍ତ୍ତନ ହେଉନାହିଁ କେନ୍ଦୁଝର ସରକାରୀ ବସଷ୍ଟାଣ୍ଡର। ସେହି ପୁରୁଣା ଦଦରା ଟିଣଘର ଥିବା ଏବ ଅବ୍ୟବସ୍ଥିତ ସ୍ଥାନକୁ ଏବେ ବି ସରକାରୀ ବସଷ୍ଟାଣ୍ଡ କୁହାଯାଉଛି। ସେଠାରେ ବସ ଆସି ରହୁଛି, ସେହିଠାରୁ ଗନ୍ତବ୍ୟସ୍ଥଳକୁ ଯାଉଥିବା ବେଳେ ଯାତ୍ରୀମାନେ ସେଠାରେ ଖରା,ବର୍ଷା ଓ ଶୀତରେ ଅପେକ୍ଷା କରି ରହୁଛନ୍ତି। ବସ ଗୁଡିକ ରହଣୀ ପାଇଁ ସେଡ୍ ବ୍ୟବସ୍ଥା ନଥିବାରୁ ଖରା ଓ ବର୍ଷାରେ ପଡି ରହି ନଷ୍ଟ ହେବାରେ ଲାଗିଛି। ଯାତ୍ରୀ ପ୍ରତୀକ୍ଷାଳୟ ନଥିବାବେଳେ ଖୋଲା ଆକାଶତଳେ ସମୟ ବିତିଯାଉଛି। ବସଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ ଯାହା ମୌଳିକ ସୁବିଧା ଯୋଗାଇ ଦେବା କଥା ସେସବୁ କେନ୍ଦୁଝର ସରକାରୀ ବସଷ୍ଟାଣ୍ଡରେ ଉପଲବ୍ଧ ନଥିବା ଦୃଷ୍ଟିଗୋଚର ହୋଇଛି। ଯଦି ଜୋରରେ ଖରା କି ବର୍ଷା ହେଉଛି ତେବେ ଯାତ୍ରୀମାନଙ୍କ ପାଇଁ ପାଖ ଦୋକାନ କି ଆଉ କୋଉଠି ଆଶ୍ରୟ ନେଇଯିବା ପରେ ଆଉ କିଛି ଅସୁବିଧା ନାହିଁ। ଆଜିକୁ ୩୫ବର୍ଷ ତଳେ ବସଷ୍ଟାଣ୍ଡର ଯେଉଁ ଅବସ୍ଥା ଥିଲା ଆଜି ପର୍ଯ୍ୟନ୍ତ ସେହି ଅବସ୍ଥାରେ ଥିବା ଦେଖାଯାଉଛି। ପୁରୁଣାକାଳିଆ ବସଷ୍ଟାଣ୍ଡର ଟିଣଘରର ଅବସ୍ଥା ଶୋଚନୀୟ ହୋଇପଡିଛି। ବସଷ୍ଟାଣ୍ଡକୁ ଆସୁଥିବା ମହିଳା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଓଏସ୍‌ଆର୍ଟିସି ଏଥିପ୍ରତି କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ବସଷ୍ଟାଣ୍ଡର ପାଚେରୀକୁ ଲାଗି ଥିବା ବଡ ଜାଗାରେ ଅଳିଆ ଆବର୍ଜନା ପଡି ରହିବା ସହିତ ସେଠାରେ ଲୋକମାନେ ପରିସ୍ରା କରୁଛନ୍ତି। ଯେଉଁ ଯାତ୍ରୀମାନେ ବସରେ ଯିବା ପାଇଁ ଆସୁଛନ୍ତି, ସେହି ଜାଗାରେ ଘଡିଏ ଠିଆ ହେବା ଅସମ୍ଭବ ହୋଇପଡୁଛି। ଏହି ବସଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମଗାର, ପରିସ୍ରାଗାର ନଥିବାବେଳେ ପିଇବା ପାଣିର ବ୍ୟବସ୍ଥା ନାହିଁ। ସର୍ବୋପରି ବସଷ୍ଟାଣ୍ଡରେ ବର୍ସନିମ୍ନ ଯାହା ସୁବିଧା ରହିବା କଥା ତାହା ନାହିଁ। ତେଣୁ ସବୁବେଳେ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। କର୍ତ୍ତୃପକ୍ଷ ଏହିସବୁ ସମସ୍ୟା ସମ୍ପର୍କରେ ଅବଗତ ହୋଇ ମଧ୍ୟ କୌଣସି ପଦକ୍ଷେପ ନେଉନାହାଁନ୍ତି। ଦୀର୍ଘବର୍ଷ ଧରି ଜନସାଧାରଣ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକ ମୌଳିକ ସୁବିଧା ନଥିବାରୁ ବସ ସେବା ଯୋଗାଇ ଦେବାର ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ଏଠାରେ ପୂରଣ ହୋଇପାରୁନାହିଁ। ବର୍ତ୍ତମାନ କେନ୍ଦୁଝର ସରକାରୀ ବସଷ୍ଟାଣ୍ଡରୁ ଅଳ୍ପ କେତେକ ବସ୍ ଚଳାଚଳ କରୁଥିବାବେଳେ ଅନ୍ୟ ସରକାରୀ ବସଗୁଡିକ ଏବେ ବନ୍ଦ ହୋଇଯାଇଥିବା ଜଣାପଡିଛି। ଯାତ୍ରୀସେବା ଯୋଗାଇ ଦେବାରେ ଅବ୍ୟବସ୍ଥା ଓ ଦାୟିତ୍ୱହୀନତା ପାଇଁ ସରକାରୀ ବସ୍ ସେବାରୁ ସାଧାରଣ ଲୋକେ ମୁହଁ ଫେରାଇବାକୁ ବସିଲେଣି ବୋଲି ଆଲୋଚନା ହେଉଛି। ତେବେ କେନ୍ଦୁଝର ସରକାରୀ ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କୁ ଆନୁସଙ୍ଗିକ ସୁବିଧା ଯୋଗାଇ ଦେବାକୁ ଯାତ୍ରୀ ମହଲରୁ ମତପ୍ରକାଶ ପାଇଛି। ବସର ରକ୍ଷଣାବେକ୍ଷଣ, ପୁରୁଣା ଟାୟର ପରିବର୍ତ୍ତନ, ବସଷ୍ଟାଣ୍ଡର ଉନ୍ନତିକରଣ ହେଉ ନଥିବା ବେଳେ ନିକଟରେ ଡ୍ରାଇଭର ଏବଂ କଣ୍ଡକ୍ଟର ମାନଙ୍କର ଦକ୍ଷତା ବିକାଶ ପାଇଁ ବିଭାଗ ଦ୍ୱାରା ତାଲିମ କାର୍ଯ୍ୟକ୍ରମ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦିଆଯାଇ ଏହି ତାଲିମ କାହା ସ୍ୱାର୍ଥରେ କରାଯାଉଛି ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ ପ୍ରଶ୍ନ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ୮ ଜଣଙ୍କ ଠାରୁ ମୋବାଇଲ ଲୁଟ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ଥାନା ଅଧୀନ ୧୬ ନଂ ଜାତୀୟ ରାଜପଥରେ ରବିବାର ରାତି ୮ରୁ ୧୦ଟା ମଧ୍ୟରେ ଲୁଟେରାମାନେ ତାମ୍ପରା ଠାରୁ ଉଜ୍ଜଳେଶ୍ୱରୀ ମନ୍ଦିର ମଧ୍ୟରେ ଜାତୀୟ ରାଜପଥ ମଧ୍ୟରେ ବିଭିନ୍ନ ଛକରେ ୮ ଜଣଙ୍କ ଠାରୁ ମୋବାଇଲ ଫୋନ ଛଡାଇ ନେଇ ଚମ୍ପଟ ମାରିଛନ୍ତି। ବିଭିନ୍ନ ଛକଗୁଡିକର ରାସ୍ତାପାର୍ଶ୍ୱରେ ମୋବାଇଲରେ କଥା ହେଉଥିବା ଲୋକେ ଏହି ଟାର୍ଗେଟର ଶିକାର ହୋଇଥିଲେ। ପାଲିଆ ଛତ୍ରପୁରର ରାମଚନ୍ଦ୍ର ବେହେରା, ହୋଣ୍ଡା ସୋରୁମ ନିକଟରେ ଆଶିଷ କୁମାର ଆଚାର୍ଯ୍ୟଙ୍କ ମଧ୍ୟ ମୋବାଇଲକୁ ଦୁଇଟି ଦୁଇ ଚକିଆ ଗାଡ଼ିରେ ଆସି ଦୁର୍ବୃତ୍ତମାନେ ଛଡାଇ ନେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଲୁଟର ଶୀକର ହୋଇଥିବା ବ୍ୟକ୍ତିମାନେ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି।

## ଟିକରପଡା ଗାଁ'ରେ ଜଙ୍ଗଲି ହାତୀଙ୍କ ଉତ୍ପାତ

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତରେ ହାତି ଆତଙ୍କ ଦେଖିବାକୁ ମିଳିଛି। ଗତକାଲି ବିଳମ୍ବିତ ରାତ୍ରରେ ହାତି ପଲ ଟିକରପଡା ଗାଁ'ରେ ପସି ଝୁମୁରା କୁଟୁରୁକା, ସଦନ ପ୍ରପେକାର ଘର ଭାଙ୍ଗି ଚୁରମାର କରିଥିବା ଦେଖିବାକୁ ମିଳିଛି। ସଦନ ପ୍ରେପକା କହିବା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଦସରୁ ପନ୍ଦରଟି ହାତି ଗାଁ'କୁ ଆସିଥିଲେ। ହାତି ଦେଖି ପାଖ ଗାଁ'କୁ ଦଉଡି ପଳାଇଥିଲେ ଦୁଇଟି ପରିବାର। ସକାଳୁ ଆସି ଦେଖିଲାବେଳକୁ ଘରର ସମସ୍ତ ଜିନିଷପତ୍ର ଧାନ, ଚାଉଳ, ମାଣ୍ଡିଆ, ଖୁସଲା, ନଷ୍ଟ କରିଥିବା କହିଛନ୍ତି ଝୁମୁରା କୁଟୁରୁକା, ଲକ୍ଷ୍ମୀ କୁଟୁରକା, ସଦନ ପ୍ରପେକା, ବାସନ୍ତି ପ୍ରେପେକା। ବନ ବିଭାଗକୁ ହାତି ଘଉଡ଼ାଇବା ପାଇଁ ଅବଗତ କରାଯାଇଥିଲା। କିନ୍ତୁ ବନବିଭାଗ କୌଣସି ପଦକ୍ଷେପ ନେଇ ନଥିବା ଅଭିଯୋଗ କରିଛନ୍ତି ଗାଁ'ଲୋକେ। ଏହି ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ନିଜେ କଷ୍ଟ କରି ସଂଗ୍ରହ କରି ରଖିଥିବା ବର୍ଷସାରାର ଖାଦ୍ୟ, ଆସବାବପତ୍ର ହାତୀପଲ ସବୁ ନଷ୍ଟ କରିଦେଇଥିବାରୁ କ'ଣ ଖାଇବେ କେମିତି ବଞ୍ଚିବେ ତାକୁ ନେଇ ଚିନ୍ତାରେ ଏହି ପରବାର। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ହାଇଥିବା ପରିବାରଙ୍କ ପ୍ରତି ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଅଭିଯୋଗ କରୁଛନ୍ତି।

## ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା



କଣାସ, (ଭାସ୍କର ନ୍ୟୁଜ୍): କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ଯୁଝାରସିଂହଙ୍କ ଅବସରକାଳିନ ସମ୍ବର୍ଦ୍ଧନା ସଭା ଆଜି କଣାସ ଥାନା ପରିସରରେ ପିପିଲି ଏସ୍.ଡି.ପି.ଓ ଦେବାଶିଷୀ ମିଶ୍ରଙ୍କ ଅଧ୍ୟକ୍ଷାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମାଜସେବୀ ହାଡିବନ୍ଧୁ ପାଢ଼ୀ, କଣାସ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ସୁଶିଲକାନ୍ତ ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଡେଲାଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଘନଶ୍ୟାମ ବାରିକ, ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ସାମ୍ବାଦିକ ଶ୍ରୀକାନ୍ତ ପଟ୍ଟଯୋଷୀ ଅତିଥି ଭାବେ ଯୋଗଦେଇ ଯୁଝାର ସିଂହ ମାତ୍ର ୭ମାସ କଣାସ ଥାନାରେ ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗଦେଇ ପ୍ରତ୍ୟେକ ଗ୍ରାମର ପ୍ରତି ପରିବାରର ପ୍ରତେକ ଲୋକଙ୍କ ମନକୁ କିଣିନେଇଥିବା ଅତୀଥିମାନେ ସୂଚନା ଦେବାସହ ତାଙ୍କ ସହକର୍ମୀ ଏସ୍.ଆଇ ଦେବୀପ୍ରସାଦ ଲେଙ୍କା, ଏ.ଏସ୍.ଆଇ ପ୍ରଦୀପ କୁମାର ଯୁଝାର ସିଂହ ତାଙ୍କ ଅଧିକାରୀଙ୍କ ସମ୍ପର୍କରେ କହୁଥିବା ସମୟରେ କାନ୍ଦି ପକାଇଥିଲେ। ଏହି ସଭାରେ ଗଡସାନପୁଟ, ଗଡବଡପୁଟ, ତ୍ରିଲୋଚନ ପୁର, ପାଣ୍ଡିଆକେରା, ବିଜିପୁର, ସରପଞ୍ଚ ପ୍ରତିନିଧି ମାନେ ଯୋଗଦେଇଥିବା ବେଳେ ବଡାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ, ବଡାସ ଗ୍ରାମ୍ୟ କମିଟି ସଭାପତି ସୁବଧ ଦାସ, ନୀଳାସେବା ପ୍ରତିଷ୍ଠାନ କୃଷ୍ଣଚନ୍ଦ୍ର ନିଶଙ୍କ ଉପସ୍ଥିତ ରହି ଯୁଝାରସିଂହଙ୍କ ଲୋକପ୍ରିୟତା ସଂପର୍କରେ ସୂଚନା ଦେବାସହ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାଲିଘାଇ ଛକ, କଣାସ କୁଞ୍ଜେଶ୍ୱରୀ ବଜାର, ଗୋଲା ବଜାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ୪ଜଣ ଗୃହରକ୍ଷୀ ନିକଟରେ ଅବସର ନେଇଥିବାରୁ ଆଇଆଇସି ଯୁଝାର ସିଂହ ସେମାନଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାଜ ସେବୀ ହରିହର ଭୋଳ ମଞ୍ଚ ପରିଚାଳନା କରିଥିଲେ।

## ରାଜ୍ୟ ମୁକ୍ତ ବିଦ୍ୟାଳୟ ଦଶମ ଶ୍ରେଣୀ ସାପ୍ଲିମେଣ୍ଟ୍ରି ପରୀକ୍ଷା ଆରମ୍ଭ

ଆସିକା, (ଭାସ୍କର ନ୍ୟୁଜ୍): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଚଳିତ ବର୍ଷର ଦଶମଶ୍ରେଣୀ ପରୀକ୍ଷା ସୋମବାର ଆରମ୍ଭ ହୋଇ ଯାଇଛି। ଆସିକା ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟିତ୍ରୀ ତଥା ପରୀକ୍ଷା ଅଧିକ୍ଷକ ମିନତୀ ପାତ୍ରଙ୍କ ନେତୃତ୍ୱରେ ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ର ପରୀକ୍ଷା ନିରୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ଆସିକା ବ୍ଲକର ମୋଟ ୨୧୩ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ପାଠପଢି ପରୀକ୍ଷା ଦେବା ଫର୍ମପୂରଣ କରି ପରୀକ୍ଷା ଦେବାକୁ ସୁନିଶ୍ଚିତ କରିଥିଲେ। କିନ୍ତୁ ସୋମବାର ପରୀକ୍ଷାର ଆରମ୍ଭ ଦିନ ହୋଇଥିବାରୁ ମୋଟ ୨୦୭ ଜଣ ପରୀକ୍ଷା ଦେଇଥିଲେ। ମାତ୍ର ୦୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ପୋଲିସ କର୍ମଚାରୀ ନିୟୋଜିତ ରହିଥିଲେ। ଏହି ପରୀକ୍ଷାକୁ ବାଳିକା ଉଚ୍ଚବିଦ୍ୟାଳୟ ରବାଣିଶ୍ରୀ ପଣ୍ଡା, ନମିତା ପାଣି, ଲକ୍ଷ୍ମୀ ଦାସ, ଇନ୍ଦିରା ଦାସ, ପ୍ରଶାନ୍ତ କୁମାର ପାଣି, ପଦ୍ମାବତୀ ଦୋରା, ପି. ରୋଜା, ସୁଶ୍ରୀ ପ୍ରିୟମ୍ବଦା ସମେତ ବାହାର ବିଦ୍ୟାଳୟର ୦୮ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଏହି ପରୀକ୍ଷା ସୋମବାର ଠାରୁ ଆରମ୍ଭ ହୋଇ ଜୁଲାଇ ୧୦ରେ ଶେଷ ହେବ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ସୋମବାର ଦିନ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ମମତା ରାଣୀ ସାହୁଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୭ବର୍ଷର କାର୍ଯ୍ୟ କାଳରେ ବିରାମ ଲାଗିଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟି ଅବସର ଗ୍ରହଣ କରୁଥିବା ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ମମତା ରାଣୀ ସାହୁ, ଅବସରପ୍ରାପ୍ତ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ନିରୂପମା ସିହ୍ନା, ଅବସରପ୍ରାପ୍ତ ଭାରପ୍ରାପ୍ତ ଅଧ୍ୟକ୍ଷ ଉମେଶ କୁମାର ଅଗ୍ରୱାଲଙ୍କୁ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟି ମଞ୍ଚାସୀନ ହେବା ପାଇଁ ଅନୁରୋଧ ରଖିଥିଲେ। ପ୍ରଭୂଙ୍କ ଘୋଷ ଯାତ୍ରା ଅବସରରେ ପ୍ରଭୂ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପଦୀପ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଥିଲା। ଏହି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ଛାତ୍ରୀ ମାନେ ଉପସ୍ଥିତ ରହିଥିଲେ। ଅବସର ଗ୍ରହଣ କରୁଥିବା ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ମମତା ରାଣୀ ସାହୁ ଓ ଅବସର ଗ୍ରହଣ କରିଥିବା ତର୍କଶାସ୍ତ୍ର ବିଭାଗର ପ୍ରଧ୍ୟାପକ ପ୍ରସନ୍ନ କୁମାର ସାହୁ ଉପସ୍ଥିତ ଥିବା ଛାତ୍ରୀମାନଙ୍କୁ ମିଷ୍ଟାନ୍ନ ଓ ପେନ ବର୍ଣ୍ଟନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ମମତା ରାଣୀ ସାହୁଙ୍କୁ ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରାଯାଇଥିଲା। ଶେଷରେ ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଅର୍ଚ୍ଚନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାକୁ ସଫଳ କରିବା ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ତଥା ଛାତ୍ରୀମାନେ ସହଯୋଗ କରିଥିଲେ।

## ଆଦିକବିଙ୍କ ସ୍ମୃତିସ୍ତମ୍ଭ ପୁନଃରୁଦ୍ଧାର ପାଇଁ ଦାବି

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଆଦିକବି ସାରଳା ଦାସଙ୍କ ସ୍ମୃତି ସ୍ତମ୍ଭ ଭାଙ୍ଗିବା ନେଇ ଜଗତସିଂହପୁର ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ଏହାକୁ ନେଇ ଜଗତସିଂହପୁର ସାରସ୍ୱତ ପରିଷଦ, ପୁରୁଣାଗଡ଼ ସ୍ଥିତ ପ୍ରଫୁଲ ପାଠାଗାର ଓ ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ, ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସ୍ମୃତି ପରିଷଦ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ ୧୯୪୮ ମସିହା ଫେବୃଆରୀ ୧୭ ତାରିଖରେ ଡ଼ଃ ହରେକୃଷ୍ଣ ମହତାବଙ୍କ ଦ୍ୱାରା ଆଦିକବିଙ୍କର ଏହି ସ୍ମୃତି ସ୍ତମ୍ଭ ସ୍ଥାପନ କରାଯାଇଥିଲା। କ୍ଷୋଭର କଥା ଶୁକ୍ରବାର ରାତିରେ ମନ୍ଦିରର ସୌନ୍ଦର୍ଯ୍ୟକରଣ କାମ କରୁଥିବା ସଂସ୍ଥା ଏହାକୁ ଭାଙ୍ଗି ଦେଇଛି। ଏହାକୁ ନେଇ ଜଗତସିଂହପୁର ସାରସ୍ୱତ ପରିଷଦର ଅଧ୍ୟକ୍ଷ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ସାମ୍ବାଦିକ ତପନ ରାଉତରାୟ, ପ୍ରଫୁଲ ପାଠାଗାରର ସଭାପତି ରବିନ୍ଦ୍ରନାଥ ତ୍ରିପାଠୀ, ସମ୍ପାଦକ ସୁରେନ୍ଦ୍ର କୁମାର ରାୟ, ଉପସଭାପତି ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଉପଦେଷ୍ଟା ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ସଞ୍ଜୟ ସମାନ୍ତସିଂହାର ପ୍ରମୁଖ ଏଭଳି ଘଟଣାର ଦୃଢ଼ ନିନ୍ଦା କରିବା ସହିତ ସ୍ମୃତିସ୍ତମ୍ଭର ଅବିଳମ୍ବେ ପୁନଃରୁଦ୍ଧାର କରିବା ନିମନ୍ତେ ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକୁ ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ, ସାହିତ୍ୟ ପ୍ରେମୀ ଓ ଜନସାଧାରଣ ନାପସନ୍ଦ କରିଛନ୍ତି।

## ବାଡ଼ ବସାଇବାକୁ କେନ୍ଦ୍ର କରି ଆକ୍ରମଣ, ୪ ଆହତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ବୋଡ଼କ ପଞ୍ଚାୟତ ଅଧୀନ ଓରାଳି ଗ୍ରାମରେ ବାଡ଼ ବସାଇବାକୁ କେନ୍ଦ୍ର କରି ଗୋଟିଏ ପରିବାରର ୪ଜଣଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅକ୍ରମଣରେ ୪ଜଣ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି। ଓରାଳି ଗ୍ରାମର ଗାୟତ୍ରୀ ବେହେରାଙ୍କ ଅଭିଯୋଗରୁ ଜଣାଯାଇଛି ଯେ, ରବିବାର ପୂର୍ବାହ୍ନରେ ତାଙ୍କ ଶ୍ୱଶୁର ଶୁକୁରା ପାତ୍ର ତାଙ୍କ ପୁରୁଣା ବାଡ଼ରେ ବାଉଁଶ ପୋତି ବାଡ଼ ବସାଉଥିଲେ। ଏହି ସମୟରେ ଅପରପକ୍ଷର ସୁନିତା ବେହେରା ଏବଂ ଜୟନ୍ତୀ ବେହେରା ଗାଳିଗୁଲଜ କରି ବାଡ଼କୁ ଭାଙ୍ଗି ଦେଇଥିଲେ। ପରେ ଅପରାହ୍ନରେ ଅପରପକ୍ଷର ଦୁର୍ଯୋଧନ ବେହେରା ଗାୟତ୍ରୀଙ୍କ ସ୍ୱାମୀ ତପନ ପାତ୍ରଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ଶାଶୁ କୁନ୍ତଳା ପାତ୍ର, ଶଶୁର ଶୁକୁରା ଏବଂ ତାଙ୍କୁ ଅପରପକ୍ଷମାନେ ମଧ୍ୟ ମାଡ଼ ମାରିଥିଲେ। ଏଥିରେ ଗାୟତ୍ରୀ ବେହେରା, ଶୁକୁରା ପାତ୍ର, ତପନ ପାତ୍ର, କୁନ୍ତଳା ପାତ୍ର ଆହତ ହୋଇ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଗାୟତ୍ରୀ ଏବଂ କୁନ୍ତଳାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ମାଓ ସଂଗଠନ ମିଲିସିଆ ସଦସ୍ୟ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆଇଇଡି ବିସ୍ଫୋରଣରେ ଗ୍ରାମୀଣଙ୍କ ମୃତ୍ୟୁ ମାମଲାରେ ମିଲିସିଆ ମାଓବାଦୀକୁ ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡର ନରାୟଣପୁର ଜିଲ୍ଲାର କୋହକାମେଟା ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ କୁତୁଲ ଏରିଆ କମିଟି ମାଓ ସଂଗଠନର ଜଣେ ମିଲିସିଆ ସଦସ୍ୟକୁ ଘେରାବନ୍ଦୀ କରି ପଚାରାଉଚାରା କରିବା ପରେ ଗିରଫ କରିଛନ୍ତି। ଗିରଫ ମାଓବାଦୀ ତିନିବର୍ଷ ହେବ ମାଓ ସଂଗଠନରେ ସକ୍ରିୟ ରହି ମାଓ ସଂଗଠନ ପାଇଁ କାର୍ଯ୍ୟ କରିଆସୁଥିଲା। ଯଦା ଏବଂ ମାରକୁଡ଼ ଗ୍ରାମ ନିକଟରେ ଥିବା ପାହାଡ଼କୁ ଯିବା ମାର୍ଗରେ ଆଇଇଡି ଖଞ୍ଜି ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ବିସ୍ଫୋରଣ କରିଥିଲା ଯେଉଁଥିରେ ଜଣେ ଗ୍ରାମବାସୀଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ଜଣେ ଆହତ ହୋଇଥିଲେ। ଉକ୍ତ ମାଓ ସଂଗଠନର ମିଲିସିଆ ସଦସ୍ୟକୁ ପୁଲିସ ଗିରଫ କରି କୋର୍ଟ ଚଲାଣ କରିଥିବା ଜଣାପଡିଛି।

## ଖ୍ରୀଷ୍ଟିଆନଙ୍କୁ ଆକ୍ରମଣ ନେଇ ଆଲୋଚନା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଟାପାକା ପଞ୍ଚାୟତ କତାମାଟେରୁ ଠାରେ ଗତ ୨୧ ତାରିଖ ଦିନ ଖ୍ରୀଷ୍ଟୟାନ ସମ୍ପ୍ରଦାୟ ଲୋକଙ୍କୁ ଆକ୍ରମଣ କରିଥିଲେ ସେଠାକାର ସ୍ଥାନୀୟ ଆଦିବାସି। ଏହି ଆକ୍ରମଣରେ ୭ ଜଣଙ୍କୁ ଗଭୀର ମାଡ଼ ହୋଇଥିଲା। ଆକ୍ରମଣ ଘଟଣାକୁ ନେଇ ଜିଲ୍ଲା ଖ୍ରୀଷ୍ଟୟାନ ମଞ୍ଚ ଓ ପାଳକ ସଂଘ ପକ୍ଷରୁ ମାଲକାନଗିରି ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ପରେପରେ ଏସପି ଓ ଡିଆଇଜିଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆ ଯାଇ ନଥିଲା। ତେଣୁ ଡିଏନକେ ବିବିଗୁଡା ଠାରେ ଖ୍ରୀଷ୍ଟୟାନ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମାଲକାନଗିରି ପୋଲିସ ପ୍ରାଥମିକ ଏତଲା ପଞ୍ଜିକୃତ କରି ଚୁପଚାପ ବସି ପଡ଼ିଥିବାରୁ ପୋଲିସର ଏହି ନିଷ୍କ୍ରିୟତାକୁ ବିରୋଧ କରି ଜିଲ୍ଲା ଖ୍ରୀଷ୍ଟିଆନ ମୋର୍ଚ୍ଚା ତରଫରୁ ବୈଠକରେ ଏକ ସ୍ୱରରେ ନିଷ୍ପତି ଗ୍ରହଣ କରାଗଲା କି, ଆସନ୍ତା ଜୁଲାଇ ୨ ତାରିଖ ଦିନ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ପୋଡଶି ଆନ୍ଧ୍ର, ଛତିଶଗଡ଼ି ରାଜ୍ୟର ଏବଂ ପଡୋଶୀ ଜିଲ୍ଲା କୋରାପୁଟ ଏବଂ ନବରଙ୍ଗପୁରର ଖ୍ରୀଷ୍ଟିଆନ ମଞ୍ଚଙ୍କ ସମର୍ଥନରେ ମାଲକାନଗିରି ବସଷ୍ଟାଣ୍ଡ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ରାଲିର ଆୟୋଜନ କରାଯିବ। ରାଲିପରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଏହୀ ବୈଠକରେ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ବିଜୟ ପୁସୁରୁ, ସାମୁଏଲ୍ ଗୋରଡା, ନକୁଳ ପଡା ସେଠି, ରାଜେଶ ପାତ୍ର ଲିମା, ଜିତେନ୍ଦ୍ର ଖୋସଲା ଏବଂ ଆଇନଜୀବୀ ମହାନନ୍ଦିଆଙ୍କ ଉପସ୍ଥିତିରେ ଜିଲ୍ଲା ପୋଲିସର ଏହି ଭଳିଆ ପାତରଅନ୍ତର ନୀତିକୁ ତୀବ୍ର ବିରୋଧ କରିଥିଲେ।

## ରାସ୍ତାରେ ଫସିଲା ଆମ୍ବୁଲାନ୍ସ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ଗନ୍ଧିଗୁଡା-କାରକାଗୁଡା ଗ୍ରାମର ମଧ୍ୟ ଭାଗରେ ଗର୍ଭବତୀ ମହିଳାକୁ ଆଣିବାକୁ ଯିବା ବାଟରେ ଫସିଗଲା ଆମ୍ବୁଲାନ୍ସ। କାରକାଗୁଡା ଗ୍ରାମର ଜଣେ ଗର୍ଭବତୀ ମହିଳା ଗର୍ଭଯନ୍ତ୍ରଣା ପାଉଥିବା ବେଳେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସଟି କୁଡୁମୁଲୁଗୁମ୍ମାରୁ ବାହାରି ହାତୀଆମ୍ ରାସ୍ତା ହୋଇ କାରକାଗୁଡା ଯିବା ବାଟରେ ରାସ୍ତାର ଅବସ୍ଥା ଏତେ ପରିମାଣରେ ଖରାପ ଥିଲା କି ଆମ୍ବୁଲାନ୍ସଟି ସକାଳ ୭ଟାରୁ ବାହାରି ୧୧ଟା ପର୍ଯ୍ୟନ୍ତ ରୋଗୀ ପାଖରେ ପହଞ୍ଚି ପାରି ନଥିଲା। ଠିକାଦାରଙ୍କ ଅବହେଳା ଓ ମାନମୁଖୀ କାର୍ଯ୍ୟ ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳ ବାସି। ଶେଷରେ ଆମ୍ବୁଲାନ୍ସ ଡ୍ରାଇଭର ଆଶା ଦିଦିଙ୍କୁ ଯୋଗାଯୋଗ କରିବା ପରେ ଆଶା ଦିଦି ଉକ୍ତ ଗ୍ରାମର କିଛି ଲୋକଙ୍କ ସହ ଯୋଗାଯୋଗ କରିବା ପରେ ଗନ୍ଧୀଗୁଡା ଗ୍ରାମର ଏକ ଟ୍ରାକ୍ଟରକୁ ଆଣି ଦଉଡି ସାହାଯ୍ୟରେ ବାନ୍ଧି ଆମ୍ବୁଲାନ୍ସକୁ କାଦ ମଧ୍ୟରୁ ବାହାର କରାଯାଇ ଥିଲା। ଆମ୍ବୁଲାନ୍ସ ପହଞ୍ଚିବା ବେଳକୁ ମହିଳା ଜଣକ ପ୍ରସବ କରିସାରିଥିଲେ। ପରେ ମହିଳା ଓ ଶିଶୁର ଚିକିତ୍ସା ପାଇଁ ନାକାମାମୁଡ଼ି ରାସ୍ତାହୋଇ ଗୁମ୍ମା ମେଡିକାଲକୁ ଅପରାହ୍ନ ୨ଟାରେ ପହଞ୍ଚି ଥିଲା ଆମ୍ବୁଲାନ୍ସ। ଉକ୍ତ ରାସ୍ତା ଦେଇ ୨୦ ଗ୍ରାମବାସୀ ଯିବା ଆସିବା କରୁଥିବା ବେଳେ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ବର୍ଷା ଋତୁ ଆସିବା ପୂର୍ବରୁ ରାସ୍ତା କାମ ସାରିବା ପରିବର୍ତ୍ତେ ମାନମୁଖୀ କାର୍ଯ୍ୟ କରୁଛନ୍ତି ଠିକାଦାର ଓ ବିଭାଗୀୟ ଅଧିକାରୀ ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସି।

## ରାଜ୍ୟ ଯୁବ ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତା ଚୟନ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ରାଜସୁନାଖଳା ନିକଟ କୋଟଗଡ଼ ସ୍ଥିତ ଅନନ୍ତ ଉଦାସୀନ ଆଶ୍ରମ ଠାରେ ରାଜ୍ୟ ଯୁବ ପ୍ରତିଷ୍ଠାନର କାର୍ଯ୍ୟକାରିଣୀ ବୈଠକ ଅବସରରେ ନୂତନ କର୍ମକର୍ତ୍ତା ମନୋନୟନ ସହ ସାମ୍ବାଦିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଶାନ୍ତନୁ କୁମାର ସାହୁଙ୍କ ଆବାହକତ୍ୱରେ ଉଭୟ ବୋଲଗଡ଼ ଓ ରଣପୁର ବ୍ଲକ ଗ୍ରାମାଞ୍ଚଳ ଲୋକଙ୍କ ସାମାଜିକ ଉତ୍‌ଥାନ ଓ ବିଭିନ୍ନ ସମସ୍ୟା ସମାଧାନ କରିବା ଲକ୍ଷ୍ୟରେ ଗଠିତ ଏହି ସଂଗଠନ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ସଚେତନତା ପାଇଁ ପ୍ରୟାସ କ୍ରମରେ ବିଭିନ୍ନସ୍ଥାନରେ ସ୍ୱାସ୍ଥ୍ୟଶିବିର ଆୟୋଜନ, ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ, କ୍ରୀଡା ସମୃଦ୍ଧି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ଆଦିର ଆୟୋଜନ କରିବ ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ଓ ମାନବିକ ଅଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରିବ। ଏହି ସଂଗଠନରେ ସମାଜସେବା ପାଇଁ ଇଚ୍ଛୁକ ସମସ୍ତ ବର୍ଗର ଲୋକ ଯୋଗ ଦେଇପାରିବେ। ସ୍ଥାନୀୟ ଅଞ୍ଚଳରେ ପୁସ୍ତକ ମେଳା, ଲୋକଉତ୍ସବ ଆଦି ଆୟୋଜନ କରିବା ସହ ବୋଲଗଡକୁ ଏନଏସି ସହ କୋର୍ଟ ପ୍ରତିଷ୍ଠା ଏବଂ ରଣପୁରକୁ ଏନଏସି, ସବଡ଼ିଭିଜନ ମାନ୍ୟତା ସହ ଅତିରିକ୍ତ ଜିଲ୍ଲା କୋର୍ଟ, ଚାନ୍ଦପୁର ହସ୍ପିଟାଲକୁ ମେଡିକାଲ କଲେଜ କରିବା ପ୍ରମୁଖ ଦାବି ହାସଲ ପାଇଁ କାର୍ଯ୍ୟ କରିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଗଠନର ନୂତନ କମିଟି ଗଠିତ ହୋଇଥିଲା। ସଭାପତି ଭାବେ ବଲ୍ଲଭ ପ୍ରଧାନ, ଉପସଭାପତି ଅଶୋକ ପ୍ରଧାନ ଓ ନିରଞ୍ଜନ ସେଠୀ, ସମ୍ପାଦକ ରାଜୀବ ଲୋଚନ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକ, ଯୁଗ୍ମ ସମ୍ପାଦକ ସନ୍ଦୀପ ମହାପାତ୍ର, ସହ ସମ୍ପାଦକ ସଞ୍ଜୟ କୁମାର ଦୋରା, ଗଣମାଧ୍ୟମ ସମ୍ପାଦକ ଭାବେ ରାକେଶ ପାଢ଼ୀଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମାନସ ମହାରଣା, ରବୀନ୍ଦ୍ର ବେହେରା, କବୀନ୍ଦ୍ର ବେହେରା, ବିନୋଦ ସାହୁ, ପଦ୍ମଚରଣ ସାହୁ, ସଞ୍ଜୟ ବାରିକ, ଅବଦୁଲଖଲିକ ଖାନ, ସୁଶାନ୍ତ ପ୍ରଧାନ, ବିପିନ ମହାପାତ୍ର, ସନ୍ତୋଷ ମହାନ୍ତି, ସହଦେବ ସାହୁ ଏବଂ ମୁଖ୍ୟ ଉପଦେଷ୍ଟା ଭାବରେ ପୁରୀ ସାଂସଦଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ପ୍ରଫୁଲ୍ଲ ନାୟକ, ତ୍ରିନାଥ ବିଶ୍ୱାଳ, ରବୀନ୍ଦ୍ର ସାହୁ, ଧନେଶ୍ୱର ମଲ୍ଲିକ, ଦେବବ୍ରତ ହୋତା ପ୍ରମୁଖ କାର୍ଯ୍ୟଭାର ଗ୍ରହଣ କରିଥିଲେ।



# ଆମ କଳାହାଣ୍ଡି





## ଗୃହ ଅଭାବରୁ କ୍ଲବରେ ଚାଲିଛି ପାଠପଢ଼ା



ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ କର୍ମେଗାଁ ପଞ୍ଚାୟତ ଅଧିନ ସୁରପଦର (ନୂଆପଡା) ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଅତି ଶୋଚନୀୟ ଅବସ୍ଥାରେ ଥିବାବେଳେ ଛାତରୁ ସିମେଣ୍ଟ୍ ଖଣ୍ଡ ଝଡି ପଡୁଥିବା ସହ ଛାତ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ବର୍ତ୍ତମାନ ଗାଁର ଏକ କ୍ଲବ୍ ଘରେ ପାଠପଢା ହେଉଥିବାରୁ ସମସ୍ୟାର ସମାଧାନ ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଗ୍ରାମବାସୀ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦରଖାସ୍ତ ମାଧ୍ୟମରେ ଅବଗତ କରାଇଥିବା ପରିଚାଳନା କମିଟିର ସଭାପତି ରଜନୀକାନ୍ତ ରେଡ୍ଡୀ କହିଛନ୍ତି। ସୂଚନାଯୋଗ୍ୟ ୧୯୬୧ ସାଲରେ ନିର୍ମାଣ ହୋଇଥିବା ଉକ୍ତ ବିଦ୍ୟାଳୟର ଅବସ୍ଥା ଅତି ଶୋଚନୀୟ ଅବସ୍ଥାରେ ଥିବାବେଳେ ଛାତରୁ ପାଣି ଓ ସିମେଣ୍ଟ୍ ଖଣ୍ଡ ଝଡ଼ି ପଡୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଉକ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମହେନ୍ଦ୍ର ଶବର ଓ ସହ ଶିକ୍ଷକ ଅମିତ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୫ଜଣ ଛାତ୍ର ଛାତ୍ରୀଙ୍କୁ ଗୋଟିଏ କୋଠରୀ ଭିତରେ ପାଠ ପଢାଉଛନ୍ତି। ଏଣୁ ଏହାର ସମାଧାନ ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଜନୀକାନ୍ତ ରେଡ୍ଡୀଙ୍କ ସମେତ ଗ୍ରାମବାସୀ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦରଖାସ୍ତ ମାଧ୍ୟମରେ ଅବଗତ କରାଇଥିଲେ। ଏ ସମ୍ପର୍କରେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀଙ୍କୁ ପଚାରିବାରୁ ନୂତନ ଗୃହ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଟେଣ୍ଡର ସମସ୍ୟା ଯୋଗୁଁ ବିଳମ୍ବ ହେଉଥିବା କହିଛନ୍ତି। ଏଣୁ ଏହାର ଶିଘ୍ର ସମାଧାନ ପାଇଁ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅବହେଳିତ ଗ୍ରାମ୍ୟ ସଡ଼କ: ବର୍ଷା ହେଲେ ଗାଁକୁ ଯାତାୟତ ଠପ୍



ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲାବ୍ଲକ୍ ଟକର୍ଲା ଗ୍ରାମ ପଞ୍ଚାୟତ ଅଧିନ ବଣ ପାହାଡ଼ ଘେରା କୁନ୍ଦେଇଝରନ୍ ଗାଁକୁ ଯିବାପାଇଁ କୌଣସି ରାସ୍ତା ନଥିବାରୁ ଗାଁରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଦେଶ ସ୍ୱାଧୀନ ହେବାର ଦୀର୍ଘ ୭୮ବର୍ଷ ପରେ ମଧ୍ୟ ଗମନା ଗମନ କରିବା ପାଇଁ ରାସ୍ତା ନାହିଁ, କେବଳ ପାଦଚଲା ରାସ୍ତାରେ ଲୋକେ ଯାତାୟତ କରୁଥିବା ବେଳେ ବର୍ଷାଦିନେ ଭୋଗୁଛନ୍ତି ଯମ ଯନ୍ତ୍ରଣା। ଅତି ବିପଦ ସଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାର ଦୂରାବସ୍ଥା ସମ୍ପର୍କରେ ସୂଚନା ପାଇ ଗ୍ରାଉଣ୍ଡ ଜିରୋରେ ପହଞ୍ଚିବା ପରେ ରାସ୍ତାର ଅବସ୍ଥା ଦେଖିବାକୁ ମିଳିଥିଲା। ସେଠାରେ ବିଜେପି ରୂପ୍ରା ମଣ୍ଡଳ ସଭାପତି ଗୁଣନିଧି ସାହୁ ମଧ୍ୟ ଉପସ୍ଥିତ ଥିଲେ। ରାସ୍ତାର ଦୁରାବସ୍ଥା ଓ ଚିକିତ୍ସା ସମସ୍ୟା ସମ୍ପର୍କରେ ଅବଗତ କରାଇବା ପାଇଁ ମହିଳା ଓ ସ୍ଥାନୀୟ ଲୋକେ ପହଞ୍ଚି ଥିଲେ। ସେଠାରେ ସେମାନେ ରାସ୍ତାର ଅବସ୍ଥା ଦେଖାଇବା ସଙ୍ଗେ ତାଙ୍କର ଦୁଃଖ ପ୍ରକାଶ କରିବା ସହିତ ରାସ୍ତା ନଥିବାରୁ ପୁଅ ଓ ଝିଅ ବାହାଘର ପାଇଁ ସମସ୍ୟା ସୃଷ୍ଟି ହେଉଛି ବୋଲି କହିଥିଲେ। ସେହିପରି ଯଦି କିଏ ଅସୁସ୍ଥ ଅନୁଭବ କରନ୍ତି, ତାହେଲେ ଚିକିତ୍ସା ନିମନ୍ତେ ବହୁତ ଅସୁବିଧାର ସମ୍ମୁଖିନ ହେଉଥିବା କହିଛନ୍ତି, ଗାଁକୁ ଆମ୍ବୁଲାନ୍ସ ଆସୁନଥିବାରୁ ପ୍ରାୟ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ରୋଗୀକୁ ଖଟିଆରେ ବୋହି ନେବାକୁ ପଡିଥାଏ ବୋଲି କହିଛନ୍ତି। ବର୍ତ୍ତମାନ ଗାଁରେ ଚାରିଜଣ ଗର୍ଭବତୀ ମହିଳା ଥିବାବେଳେ ଆସନ୍ତା ମାସରେ ପ୍ରସବ ତାରିଖ ଥିବାରୁ ରାସ୍ତା ସମସ୍ୟାକୁ ନେଇ ସେହି ପରିବାର ଚିନ୍ତା ପ୍ରକଟ କରୁଛନ୍ତି। ଉକ୍ତ ଗ୍ରାମର ଦୁଇଟି ପଡାରେ ୩୨ଟି ପରିବାରର ପ୍ରାୟ ୨୫୦ ଲୋକେ ବସବାସ କରୁଥିବା ବେଳେ ପ୍ରାୟ ସମସ୍ତେ ଚାଷବାସ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ସେହିପରି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବାରୁ ପିଲାଛୁଆ ମାନଙ୍କ ପାଠ ପଢ଼ାରେ ମଧ୍ୟ ବ୍ୟାଘାତ ହେଉଥିବା ଗ୍ରାମର ବରିଷ୍ଠ ଭଦ୍ରବ୍ୟକ୍ତି ଅନନ୍ତ ସାହୁ, ପଦ୍ମାଳୟା ଛତର ତଥା ଭାନୁମତୀ ଦେଇ ଓ ଗ୍ରାମବାସୀ ପ୍ରମୁଖ କହିଛନ୍ତି। ଏବାବଦରେ ଟକର୍ଲା ସରପଞ୍ଚ ରାମଚନ୍ଦ୍ର ସାହୁଙ୍କ ମତାମତ ନେବାରୁ ମନରେଗା ଯୋଜନାରେ ଉକ୍ତ ରାସ୍ତାର ଉନ୍ନତିକରଣ ନିମନ୍ତେ ଶ୍ରମିକ ମିଳୁନଥିବାରୁ ରାସ୍ତା ନିର୍ମାଣ ହୋଇପାରୁ ନାହିଁ ବୋଲି ମତପ୍ରକାଶ କରିଥିଲେ। ସେହିପରି ନର୍ଲା ବିଡିଓ ତଥା ପଞ୍ଚାୟତ ସମିତି ଅଧକ୍ଷଙ୍କୁ ରାସ୍ତା ସମସ୍ୟା ଉପରେ ଅବଗତ କରାଇଥିବା ସରପଞ୍ଚ ଶ୍ରୀ ସାହୁ କହିଛନ୍ତି। ତେବେ ଉକ୍ତ ରାସ୍ତାର ସମସ୍ୟା ଉପରେ ଜିଲ୍ଲା ପ୍ରଶାସନ ତଥା ବର୍ତ୍ତମାନର ନୂତନ ସରକାର ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି ହେଉଛି, ସେହିପରି ଉକ୍ତ ଅଞ୍ଚଳବାସୀ ସମସ୍ତ ପ୍ରକାର ମୌଳିକ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ଦୁଃଖ ଜଣାଇବା ପାଇଁ ପ୍ରକାଶ କରିଛନ୍ତି।

## ଗାଈଗୋରୁଙ୍କୁ ଧରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧିନସ୍ଥ କସ୍ତୁପଡା ଗ୍ରାମ ପଞ୍ଚାୟତସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଗୋଚର ଓ ଜଳଚର ଜମି ଉଚ୍ଛେଦ ପାଇଁ ଚାଷୀମାନେ ଗାଈଗୋରୁ ରଖି ସୋମବାର ସକାଳ ୮ଟାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଗଣଧାରଣା ଦେଇଛନ୍ତି। ଏହି ଗ୍ରାମ ପଞ୍ଚାୟତର ସୁକୁନାଭଟା ଗ୍ରାମର ଲଳିତ ଭୋଇ, ଗିରିଧାରୀ ମାଝୀ, ସୁନିଲ ଭୋଇ, ଡମ୍ବରୁ ଧର ନାଗ, ଶ୍ୟାମ ସୁନ୍ଦର ଭୋଇଙ୍କ ସମେତ ୩୦ ଜଣ ଚାଷୀଙ୍କ ପାୟ ଦେଢ଼ ଶହରୁ ଊର୍ଦ୍ଧ୍ୱ ଗାଈଗୋରୁଙ୍କୁ ଚରାଇବାରେ ଘୋର ଅସୁବିଧା ହେଉଥିଲା। ବର୍ତ୍ତମାନ ସମଗ୍ର ଅଞ୍ଚଳରେ ଲଗାଣ ମୌସୁମୀ ବର୍ଷା ହେଉଛି। ଗାଈଗୋରୁ ଚାରିବା ପାଇଁ ଜାଗା ନ ଥିବାରୁ ଚାଷୀମାନେ ଜିଲ୍ଲାପାଳ, କେସିଙ୍ଗା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ନିର୍ଦ୍ଦେଶକ୍ରମେ ଗତ ୪ ମାସ ତଳେ କେସିଙ୍ଗା ତହସିଲଦାରଙ୍କ ଆଦେଶ ମତେ ସୁକୁନାଭଟା ଗ୍ରାମରେ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ଡିମାରକେସନ କରି ୫୨.୩୩ ଏକ ଗୋଚର ଓ ୪୦ ଏକର ଜଳଚର ଜମି ଚିହ୍ନଟ କରି ଜବର ଦଖଲକାରୀଙ୍କଠାରୁ ଉଚ୍ଛେଦ କରି ଗ୍ରାମବାସୀଙ୍କୁ ଗାଈଗୋରୁ ଚରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରଶାସନର ଆଦେଶକୁ ଜବରଦଖଲକାରୀମାନେ ଅବମାନନା କରୁଛନ୍ତି। ତେବେ ଆସନ୍ତା ନଭେମ୍ବର ଓ ଡିସେମ୍ବର ମାସରେ ଯେଉଁମାନେ ଜବରଦଖଲ କରି ଚାଷ କରୁଥିବେ। ସେମାନଙ୍କ ନାମରେ ନୋଟିସ ଦେଇ କେସ କରାଯିବ ବୋଲି ପୂର୍ବତନ ରାଜସ୍ୱ ନିରୀକ୍ଷକ ଡିଙ୍ଗର ପୁଟେଲ ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ନୂତନ ଭାବେ ଯୋଗଦେଇଥିଲା କସ୍ତୁପଡା ରାଜସ୍ୱ ନିରୀକ୍ଷକ କୌଶଲ୍ୟା ବାଗଙ୍କୁ ପଚାରିବାରୁ ମୁଁ ନୂତନ ଭାବେ ଯୋଗଦେଇଛି କିଛି ଜାଣି ନାହିଁ। ତହସିଲଦାର ସହ ଆଲୋଚନାକରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ମାଉସୀ ଘରେ ମହାପ୍ରଭୁ ଶ୍ରୀଜଗନ୍ନାଥ



ନର୍ଲା, (ଭାସ୍କର ନ୍ୟୁଜ୍) : ଜଗନ୍ନାଥଙ୍କ ମହିମା ସାରା ବିଶ୍ୱରେ ବିକ୍ଷାତ, ସେଥିପାଇଁ ଆଷାଢ଼ ମାସ ଶୁକ୍ଳ ପକ୍ଷର ଦ୍ୱିତୀୟା ତିଥି ଆସିଲେ ସାରା ବିଶ୍ୱର କୋଣ ଅନୁକୋଣରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲାର ନର୍ଲା ସହରରେ ମଧ୍ୟ ଦୀର୍ଘ ୨୦ ବର୍ଷ ହେଲା ବିଶ୍ୱ ନିଅନ୍ତାଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଆଖ ପାଖ ଅଞ୍ଚଳରେ ଏହି ରଥଯାତ୍ରା କେବଳ ଗୋଟିଏ ଦିନ ଅନୁଷ୍ଠିତ ହେଉଥିବା ବେଳେ ନର୍ଲା ସହରରେ ହେଉଥିବା ରଥଯାତ୍ରା ଦୁଇ ଦିନ ଧରି ଅନୁଷ୍ଠିତ ହୁଏ। ସେଥିପାଇଁ ପ୍ରଥମ ଦିନ ଅପେକ୍ଷା ଦ୍ୱିତୀୟ ଦିନରେ ପ୍ରବଳ ଜନ ସମାଗମ ହୋଇଥାଏ। ଯାତ୍ରାରେ ଭିଡ଼ ଯୋଗୁଁ ବେପାରୀ ମାନେ ମଧ୍ୟ ଭଲ ଦୁଇ ପଇସା ଲାଭ ପାଇଥାନ୍ତି। ଚଳିତ ବର୍ଷ ପ୍ରଥମ ଦିନ ସଂନ୍ଧ୍ୟା ୫ଟା ସମୟରେ ପହଣ୍ଡି କାର୍ଯ୍ୟକ୍ରମ ପରେ ରଥ ଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିଲା। ଗଜପତି ଭାବେ ମନ୍ମଥ ପୁଝାରୀ ଛେରା ପହରା କରି ଥିବା ବେଳେ ଚୁଳମଣି ଗୋଉଡିଆ, ସୁଶାନ୍ତ ଚାନ୍ଦ୍, ସଞ୍ଜୟ ପଣ୍ଡା, ପ୍ରଶାନ୍ତ ପଣ୍ଡା, ସୁରେନ୍ଦ୍ର କୁମାର୍ ଚାନ୍ଦ୍ ପ୍ରମୁଖ ସହଯୋଗ କରିଥିଲେ। ହଜାର ହଜାର୍ ଶ୍ରଦ୍ଧାଳୁ ଠାକୁରଙ୍କୁ ରଥରେ ବସାଇ ମାଉସୀ ଘର ଅଭିମୁଖେ ବାହାରି ଥିଲେ, ସଂନ୍ଧ୍ୟା ହେବାରୁ ଡାକ ବଙ୍ଗଳା ପାଖରେ ରାତ୍ରି ରହଣି ସହିତ ଭଜନ କୀର୍ତ୍ତନ ଶହ ଠାକୁରଙ୍କ ପୂଜା ଅର୍ଚ୍ଚନା କରା ଯାଇଥିଲା। ଦ୍ୱିତୀୟ ଦିନ ସଂନ୍ଧ୍ୟା ୫ ଟା ସମୟରେ ପୁନଃ ରଥ ଟଣା ହୋଇ ମାଉସୀ ଘରେ ପହଞ୍ଚିଥିଲେ ତିନି ଠାକୁର ।

## ବଡ଼ଧାରପୁର ଆଞ୍ଚଳିକ ଯାଦବ ସମିତି ଗଠିତ

ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲା ବ୍ଲକ ଯାଦବ ସମିତି ଅଧିନରେ ବଡ଼ଧାରପୁର ଆଞ୍ଚଳିକ ଯାଦବ ସମିତି ପୁନଃର୍ଗଠିତ ହୋଇଛି। ଟିକ୍ରାପଡା ଶିବ ମନ୍ଦିର ପ୍ରାଙ୍ଗଣରେ ଏନେଇ ଆୟୋଜିତ ବୈଠକରେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ବଡଧାରପୁର ଆଞ୍ଚଳିକ ଯାଦବ ସମିତିର ସଭାପତି ଭାବେ ଗିରିଧାରୀ ଗଉଡ଼, ସମ୍ପାଦକ ସନ୍ତୋଷ ଭାଟି, କୋଷାଧ୍ୟକ୍ଷ ବଳରାମ ଗଉଡ଼, ଉପସଭାପତି ମାନଗୋବିନ୍ଦ ବିଶି, ସହ ସମ୍ପାଦକ ବିକାଶ ବାଗ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଏଥିସହ ଗ୍ରାମ୍ୟ କମିଟି ସବୁ ମଧ୍ୟ ଗଠିତ ହୋଇଥିଲା। (୧) କୋଚେଇଜୋର ଗ୍ରାମ୍ୟ ଯାଦବ କମିଟି ସଭାପତି ବିସିକେଶନ ଭାଟି, ସମ୍ପାଦକ ଭଗବାନ ଗଉଡ଼, ଉପସଭାପତି କର୍ପୁର ଗଉଡ଼, ସହ ସମ୍ପାଦକ କୃଷ୍ଣ ଗଉଡ଼, (୨) ଧୂରକୁଟି ଗ୍ରାମ୍ୟ ଯାଦବ କମିଟି ସଭାପତି ଟଙ୍କ ଗଉଡ଼, ସମ୍ପାଦକ ରଘୁନାଥ ଗହିର, ଉପସଭାପତି ନୀଳ ବାଗ, ସହ ସମ୍ପାଦକ ତ୍ରିନାଥ ଗଉଡ଼, (୩) ବଡ଼ଧାରପୁର ଗ୍ରାମ୍ୟ ଯାଦବ କମିଟି ସଭାପତି ଗୋବିନ୍ଦ ପୋଡ଼, ସମ୍ପାଦକ ଧରଣୀ ନାଗ, ଉପସଭାପତି ସୁଶାନ୍ତ ଥପା, (୪) ଟିକ୍ରାପଡ଼ା ଗ୍ରାମ୍ୟ ଯାଦବ କମିଟି ସଭାପତି ପ୍ରହ୍ଲାଦ ଗଉଡ଼, ସମ୍ପାଦକ ଯୁଗେଶ୍ୱର ବାଗ, ଉପସଭାପତି ହୀରାଧର ବାଗ, ସହ ସମ୍ପାଦକ କଳଧର ଗଉଡ଼, (୫) ରାତୁଲ ଗ୍ରାମ୍ୟ ଯାଦବ କମିଟି ସଭାପତି ଈଶ୍ୱର ଗଉଡ଼, ସମ୍ପାଦକ ହେମରାଜ ଗହିର, ଉପସଭାପତି ଟିକେରାମ ଗଉଡ଼, ସହ ସମ୍ପାଦକ ହର ବାଗଙ୍କ ନାମ ବିଦ୍ଧିବଦ୍ଧ ଭାବେ ଘୋଷିତ ହୋଇଥିଲା। ଗ୍ରାମ୍ୟ କମିଟି ସମୁହର ମତାମତ ଅନୁସାରେ ଆଞ୍ଚଳିକ ଯାଦବ ସମିତି ଗଠିତ ହୋଇଥିଲା।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କୋକସରା ଖଣ୍ଡର ବୈଠକ



କୋକସରା, (ଭାସ୍କର ନ୍ୟୁଜ୍) : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷ ଉପଲକ୍ଷେ କୋକସରା ବ୍ଲକ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ କୋକସରା ଖଣ୍ଡର ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଖଣ୍ଡ କାର୍ଯ୍ୟବାହ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଉଦ୍ଦେଶ୍ୟ କଥନ କରିଥିଲେ। ଜିଲ୍ଲା ସହ ବୌଦ୍ଧିକ ପ୍ରମୁଖ ପ୍ରିୟବ୍ରତ ପଣ୍ଡା ସଂଘ ଶତାବ୍ଦୀର କାର୍ଯ୍ୟକ୍ରମ ବିଷୟରେ ବୁଝାଇ ଥିଲେ। ବୈଠକରେ ଖଣ୍ଡ ବୌଦ୍ଧିକ ପ୍ରମୁଖ ଉତ୍ତମ ପଣ୍ଡା, ଶାରୀରିକ ପ୍ରମୁଖ ଭୋଳାନାଥ ଗହୀର, ସେବା ପ୍ରମୁଖ ପର୍ଶୁରାମ ଦୁର୍ଗା, ପନଙ୍ଗ ପଟ୍ଟନାୟକ ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ଲକ୍ଷ୍ମୀଧର ପୂଝାରୀ, ବଜରଙ୍ଗ ଦଳ ପ୍ରମୁଖ କିଶନ ପଟ୍ଟନାୟକ, ସଞ୍ଚ ପ୍ରମୁଖ ସୁରେନ୍ଦ୍ର ରାଉତ ସମେତ କୋକସରା ଖଣ୍ଡର ମୋଟ ୩୪ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନୀଳାମ୍ବର ପୂଝାରୀ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବୋଡ଼େନ ଚମ୍ପିଆନ୍




ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ ବ୍ଲକ ତରାପୁର ପଞ୍ଚାୟତ ଇଚ୍ଛାପୁର ବିର୍ସାମୁଣ୍ଡା ଖେଳ ପଡିଆ ଠାରେ ମାଁ ଦଣ୍ଡପଟିଆଣି କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ନୀଳାମ୍ବର ପୁଝାରୀ ମେମୋରିଆଲ ନକ୍ ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳ ସହ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳ ବଙ୍କାପଲା ଓ ବୋଡ଼େନ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଙ୍କାପଲା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୫ ରନ୍ ସଂଗ୍ରହ କରିଥିଲା।ଜବାବରେ ବୋଡ଼େନ ଟିମ୍ ବିଜୟ ଲକ୍ଷ୍ୟ ହାସଲ ନେଇ ୧୧.୫ ଓଭରରେ ୩ ୱିକେଟ୍ ହରାଇ ଟୁର୍ଣ୍ଣାମେଣ୍ଟର ବିଜୟୀ ହୋଇଥିଲା। ସତ୍ୟାନନ୍ଦ ଚଲାନ ଓ ବନମାଳୀ ନାଏକ ଅମ୍ପାୟାର ଭାବେ ରହି ଖେଳ ପରିଚାଳନା କରିଥିଲେ। ସ୍କୋର ବୋର୍ଡରେ ଲୋକେଶ ଦଳପତି ରହିଥିବା ବେଳେ ରୁକଚନ ମାଝୀ ଓ ଦେବେନ୍ଦ୍ର ପୁଝାରୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଶିଷ ପଣ୍ଡା, ବିଭୁତି ପୁଝାରୀ, ବସନ୍ତ ପଣ୍ଡା, ଗୁପ୍ତେଶ୍ୱର ପୁଝାରୀ, ପ୍ରକାଶ ପୁଝାରୀ, ମହେନ୍ଦ୍ର ପୁଝାରୀ, ୱାର୍ଡସଭ୍ୟା ଗୁଣମତି ଦଳପତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସିନ ରହିଥିଲେ। ଅତିଥି ମାନଙ୍କ ଦ୍ୱାରା ଉଭୟ ବିଜେତା ଓ ଉପବିଜେତା ଟିମ୍‌କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମା' ଦଣ୍ଡପଟିଆଣି କ୍ରିକେଟ କ୍ଲବ୍‌ର ରୁନୁ, ପୁରୁନ, ଚତୁର୍ଭୁଜ, ଦେବ, ଜଗବନ୍ଧୁ, ରଞ୍ଜନ, ସନ୍ତୋଷ, ଶିବା, ଶିବ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସମସ୍ତେ ନିସ୍ତବ୍ଧ, ଭାବ ବିହ୍ୱଳ। ସତେ ଯେମିତି ହରାଇ ବସିଛନ୍ତି ଆପଣା ହୃଦୟରେ ବସା ବାନ୍ଧିଥିବା ମଣିଷକୁ। ଦୀର୍ଘ ୫-୬ବର୍ଷର ନିବିଡ଼ତା ପରେ ବିଚ୍ଛେଦ ସମସ୍ତଙ୍କୁ ମର୍ମାହତ କରିଛି। ଜଣେ ସରକାରୀ କର୍ମଚାରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସର କାଳୀନ ସଭା ଏକଦମ୍ ଦୁଃଖପୂର୍ଣ୍ଣ ଥିଲା। ଧର୍ମଗଡ଼ ବ୍ଲକ ପର୍ଲା ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀଙ୍କ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଖୁଦ ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି-ସହକାରୀ ପ୍ରଧାନ ଶିକ୍ଷକ ନବ କିଶୋର ସୁନାରୀ, ହୃଷିକେଶ ସାହୁ, ହେତୁରାମ ମେହେର, ସରୋଜ କୁମାର ଦାସ, ସୁଶାନ୍ତ ଦାସ, ବ୍ରିଜଲାଲ ନାଏକ, ସାମ୍ବାଦିକ ସୁବାସ ବାଗ, ଲକ୍ଷ ଜ୍ୟୋତି ଜାଲ, ମାର୍କଣ୍ଡ ବାଗ, ଧନୁର୍ଦ୍ଧର ଅଦା, ବିରଞ୍ଚି ନାରାୟଣ ପଟ୍ଟଯୋଶୀ, ସଞ୍ଜୟ ଖରସେଲ ଓ ରଘୁମଣି ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଅବସର କାଳୀନ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ, ନିଜ ଅଭିଭାଷଣରେ ପର୍ଲା ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ମୋ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିବ। ବିଶେଷ କରି ଛାତ୍ରଛାତ୍ରୀଙ୍କ ସ୍ନେହ ଶ୍ରଦ୍ଧା ଓ ଭକ୍ତି ମୋତେ ସଦା ମନେ ପଡିବ। ବିଶେଷ ଭାବେ ମୋ ପରିବାରର ଏକ ଅଂଶ ଭାବେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ବିତେଇ ଥିବା ଦିନ, ସମନ୍ୱତା ଓ ନିଷ୍ଠା ସହ ନିର୍ଦ୍ଦେଶ ପାଳନ ଏକ ସ୍ମୃତି ହୋଇ ରହିବ। ଯେ କୌଣସି ମୁହୂର୍ତ୍ତରେ ଛାତ୍ରଛାତ୍ରୀ ମୋ ସହାୟତା ନେଇ ପାରିବେ -ଶିକ୍ଷା କେବଳ ଚାକିରୀ ପାଇଁ ଅଧ୍ୟୟନ କରିବା ନୁହଁ, ଚରିତ୍ର ଗଠନ, ଆଉ ଗୋଟେ ଭଲ ନାଗରିକ ଭାବେ ନିଜକୁ ସମର୍ପିତ କରି ଦେଶ ରାଜ୍ୟ ଜିଲ୍ଲାକୁ ଏକ ଉନ୍ନୟନ ଦିଗରେ ଆଗେଇ ନେବା ମୂଳ ଲକ୍ଷ ହେବା ଆବଶ୍ୟକ ବୋଲି କହିଥିଲେ। ସଭା କାର୍ଯ୍ୟକୁ ତେଜେଶ୍ୱର ସାହୁ ପରିଚାଳନା କରିଥିବା ବେଳେ ନବ କିଶୋର ସୁନାରୀ ପ୍ରମୁଖ ଦାୟିତ୍ୱ ଲିଭାଇ ଥିଲେ। ସେ ଭଳି ଶିକ୍ଷକ ଅର୍ଜୁନ ଗୋପାଳ ଧନ୍ୟବାଦ ଅର୍ପଣ କରିବା ସହ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଶ୍ରୀମତୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଦେବା ସହ ଉପହାର ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରୁଦ୍ର ମାଧବ ନାଏକ, ବିରେନ୍ଦ୍ର ସୁନାନୀ, ଦିବ୍ୟ ଭାରତୀ ନାଏକ, ପ୍ରତିଭା ପରିଡା, ଜ୍ୟୋତିର୍ମୟୀ ସାହୁ, ଶୁଭଲକ୍ଷ୍ମୀ ସାହୁ, ମୁକ୍ତିକାନ୍ତ ମିଶ୍ର, ତୁଷାର ରଞ୍ଜନ ନାଏକ, ସରଦା ଦାସ, ବିକାଶ ଦାସ, ପ୍ରିୟ ବ୍ରତ ବେହେରା, ପ୍ରବୀଣ ଦାସ, ଭାଗିରଥି ପଟେଲ, ଗୁଣମତି ଶବର ପ୍ରମୁଖ ସହଯୋଗ କରିଥିଲେ।

## କୋଶଲା ମାଳୀ ସମାଜର ସମ୍ବର୍ଦ୍ଧନା ସଭା




ଧର୍ମଗଡ଼, (ଭାସ୍କର ନ୍ୟୁଜ): କୋଶଲା ମାଳୀ (ପଟେଲ) ସମାଜର ଏକ ସାଧାରଣ ସଭା ତରାପୁର କୋଶଲା ମାଳୀ ସମାଜ ଭବନ ଠାରେ ସମାଜର ସଭାପତି ସମ୍ପତି ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲା କୋଶଲା ମାଳୀ ସମାଜ ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବରେ ନୂଆପଡ଼ା ଜିଲ୍ଲା ସମ୍ପାଦକ ପୁଣ୍ଡରୀ ପଟେଲ, ମୁଖ୍ୟ ବକ୍ତା ଭାବରେ ପୂର୍ବତନ କଳାହାଣ୍ଡି ଜିଲ୍ଲା ସଭାପତି ଘନଶ୍ୟାମ ପଟେଲ ସମ୍ମାନିତ ଅତିଥି ଭାବରେ ଉପସଭାପତି ଧର୍ମୁ ପଟେଲ, ସମ୍ପାଦକ ପବିତ୍ର ପଟେଲ, ସହ ସମ୍ପାଦକ ଜୟହରି ପଟେଲ, କୋଷାଧ୍ୟକ୍ଷ ପ୍ରଦୀପ ପଟେଲ, ଦୁଲ୍ଲଭ ପଟେଲ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଜିଲ୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ଥିବା କୃତି ଛାତ୍ର ଛାତ୍ରୀଙ୍କୁ କୋଶଲା ମାଳୀ (ପଟେଲ) ସମାଜ ତରଫରୁ ମାନ ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ବରିଷ୍ଠ ସମାଜ ସେବୀ ଭାବରେ ଟଙ୍କଧର ପଟେଲ, ବନବିହାରୀ ନାଏକ, ମସ୍ତରାମ ପଟେଲ, ଗଣେଶ ରାମ ନାଏକ ଏବଂ ସମାଜର କଳାକାର ସମ୍ମାନରେ ବିଦ୍ୟାଧର ପଟେଲ, ଚିନ୍ତାମଣି ପଟେଲ, ସଦାନନ୍ଦ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା, ସଫଳ ପରିବା ଚାଷୀ ଭାବରେ ତେଜରାମ ପଟେଲ, ମେଘନାଥ ପଟେଲ, ସୁଦର୍ଶନ ପଟେଲଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପଟେଲ ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ରାଶିଫଳ


ମଙ୍ଗଳବାର, ୦୧ ଜୁଲାଇ ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ। ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ।



**କର୍କଟ:** ଆଜି ଏକ ସାଧାରଣ ଦିନ ହେବ। ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।




**ସିଂହ:** ଆଜି ମିଶ୍ରିତ ଦିନ ହେବ। ବ୍ୟବସାୟରେ ଲାଭ ହେବ। ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ। ଏକ ଦୁର୍ଘଟଣା ମଧ୍ୟ ହୋଇପାରେ।




**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** ଆଜି ଏକ ସାଧାରଣ ଦିନ ହେବ। କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ:** ଆଜି ଏକ ସାଧାରଣ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ।



**ମକର:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯